

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-298 ◆SUNDAY ◆26 APRIL 2026 ◆PAGE-12+4 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୯୮ ◆ରବିବାର ◆୨୬ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨+୪ (ସିନ୍ଦୂରା) ◆ଟ.୭.୦୦


# ଆଇପିଏଲରେ ରନ୍ ବର୍ଷା

## ୫ ମହାରଥୀ-୫୨୯ ରନ୍ | ୪୯ ଚୌକା | ୩୩ ଛକା



■ ନୂଆଦିଲ୍ଲୀ, ୨୫।୪ (ଏଜେନ୍ସି): ସ୍ଥାନୀୟ ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଶନିବାର ଦିଲ୍ଲୀ କ୍ୟାପିଟାଲ୍ସ ଓ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ରନ୍ ବର୍ଷା ହୋଇଛି। ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ ୨ ୱିକେଟରେ ୨୬୪ ରନ୍ କରିଥିଲା। ଜବାବରେ ପଞ୍ଜାବ ୭ଟି ବଲ୍ ଓ ୬ଟି ୱିକେଟ ବାକିଥାଇ ଏହି ମ୍ୟାଚ୍‌କୁ ଜିତିନେଇଥିଲା। ଫଳରେ ଆଇପିଏଲରେ ସର୍ବକାଳୀନ ସର୍ବାଧିକ ରନ୍ ଚେଜ୍‌ରେ ପଞ୍ଜାବ ନିଜ ନାମରେ ଥିବା ରେକର୍ଡ ଭାଙ୍ଗି ଦେଇଛି। ଏଠାରେ ଉଭୟ ଦଳ ୬ଟି ୱିକେଟ ହରାଇ ୫୨୯ ରନ୍ ସଂଗ୍ରହ କରିଛନ୍ତି। ଗୋଟିଏ ମ୍ୟାଚ୍‌ରେ ହାରାହାରି ରନ୍ ସଂଗ୍ରହରେ ଏହା ଦ୍ୱିତୀୟ ଓ ଚଳିତବର୍ଷ ସର୍ବାଧିକ। ସେହିପରି ଏଠାରେ ମୋଟ ୮୨ଟି ବାଉଣ୍ଡାରୀ ହୋଇଛି, ଯାହା ଆଇପିଏଲ୍‌ରେ ସର୍ବାଧିକ। ଏଥିରେ ୪୯ଟି ଚୌକା ଓ ୩୩ଟି ଛକା ରହିଛି। ଦିଲ୍ଲୀର ଲୋକେଶ ରାହୁଲ ପ୍ରଥମ ଭାରତୀୟ ଖେଳାଳି ଭାବେ ୧୫୨ ରନ୍ କରି ଆଇପିଏଲ୍‌ରେ ରେକର୍ଡ କରିଛନ୍ତି। ସେ ୬୭ଟି ବଲ୍ ଖେଳି ୧୬ ଚୌକା ଓ ୯ ଛକା ମାରିଥିଲେ। ନୀତୀଶ ରାଣା ୪୪ବଲ୍‌ରୁ ୧୧ ଚୌକା ଓ ୪ ଛକା ସହ ୯୧ ରନ୍ କରିଥିଲେ। ରେକର୍ଡ ରନ୍ ଚେଜ୍ କରିଥିବା ପଞ୍ଜାବ ପକ୍ଷରୁ ପ୍ରଭସିମରନ ସିଂହ ୨୬ବଲ୍‌ରେ ୯ ଚୌକା ଓ ୫ଛକା ସହ ୭୬ ଓ ପ୍ରିୟାଂଶ ଆର୍ଯ୍ୟ ୪୧ବଲ୍‌ରେ ୨ ଚୌକା ଓ ୫ଛକା ସହ ୪୩ ରନ୍ ଯୋଗଦାନ ଦେଇଥିଲେ। ଅପରାଜିତ ରହିଥିବା ଶ୍ରେୟସ ଆୟର ୩୬ବଲ୍‌ରେ ୩ ଚୌକା ଓ ୭ ଛକା ସହ ୭୧ ରନ କରିଥିଲେ।

# ଇସଲାମାବାଦରେ ହାଇଡ୍ରାମା

## ଆମେରିକା ପ୍ରତିନିଧି ଦଳ ପହଞ୍ଚିବା ପୂର୍ବରୁ ପାକିସ୍ତାନ ଛାଡ଼ିଲେ ଇରାନ ପ୍ରତିନିଧି ଦଳ

### ଆମେରିକା ସହ ସିଧା କଥା ହେବାକୁ ମନାକଲା ଇରାନ

■ ଇସଲାମାବାଦ, ୨୫।୪ (ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଲାଗି ରହିଥିବା ଉତ୍ତେଜନା ମଧ୍ୟରେ ଆଜି ପାକିସ୍ତାନ ରାଜଧାନୀ ଇସଲାମାବାଦରେ ହାଇଡ୍ରାମା ଦେଖିବାକୁ ମିଳିଛି। ଯୁଦ୍ଧବିରତି ପରେ ଇସଲାମାବାଦରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଗତକାଲି ରାତିରେ ଇରାନ ପ୍ରତିନିଧି ଦଳ ଆସି ପହଞ୍ଚିଥିଲେ। ତେବେ ଆମେରିକାର ପ୍ରତିନିଧି ଦଳ ଆଜି ଏଠାରେ ଆସି ପହଞ୍ଚିବା ପୂର୍ବରୁ ଇରାନ ପ୍ରତିନିଧି ଦଳ ପାକିସ୍ତାନ ଛାଡ଼ି ଓମାନ ଗସ୍ତ କରିଛନ୍ତି। ହର୍ମୁଜ ସଙ୍କଟ ଏବଂ ଆମେରିକାର ଅବାସ୍ତବ ସର୍ତ୍ତରେ କ୍ଷୁବ୍ଧ ଇରାନ ପ୍ରତିନିଧି ନିଜର ଉଦବେଗ ପାକିସ୍ତାନକୁ ଜଣାଇବା ସହିତ ଆମେରିକା ସହିତ ସିଧା କଥା ହେବାକୁ ମନା କରିଦେଇଛନ୍ତି। ଫଳରେ ଦୁଇ ଦେଶ ମଧ୍ୟରେ ପ୍ରତ୍ୟକ୍ଷ କଥାବାର୍ତ୍ତାକୁ ନେଇ ଅଚଳାବସ୍ଥା ଜାରି ରହିଛି।

ଇରାନର ବୈଦେଶିକ ମନ୍ତ୍ରୀ ଅବାସ ସୟଦ ଅବାସ ଅରାଗଚି ଏକ ଉଚ୍ଚସ୍ତରୀୟ ପ୍ରତିନୀଧି ଦଳ ସହିତ ଗତକାଲି ରାତିରେ ଇସଲାମାବାଦ ପହଞ୍ଚିଥିଲେ। ଇରାନ ଓ ଆମେରିକା ମଧ୍ୟରେ ମଧ୍ୟସ୍ଥତା କରୁଥିବା ପାକିସ୍ତାନର ପ୍ରଧାନମନ୍ତ୍ରୀ ସେହବାଜ ସରିଫ, ବୈଦେଶିକ ମନ୍ତ୍ରୀ ଇଶାକ ଦାର ଏବଂ ସେନା ଅଧ୍ୟକ୍ଷ ଅସୀମ ମୁନିରଙ୍କ ସହିତ ଇରାନୀ ପ୍ରତିନିଧି ଦଳ ଆଜି ଦିନ ତମାମ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା କରିଥିଲେ। ଆଜି ସନ୍ଧ୍ୟା ବେଳେ ଇସଲାମାବାଦ ଛାଡ଼ି ଇରାନର ଏହି ପ୍ରତିନିଧି ଦଳ ଓମାନ ଯାଇଛନ୍ତି। ସେଠାରୁ ସେମାନେ ମସ୍କୋ ଯିବେ ବୋଲି ଜଣାପଡ଼ିଛି। ଯିବା ପୂର୍ବରୁ ଇରାନର ବୈଦେଶିକ ମନ୍ତ୍ରୀ କହିଲେ ଯେ ଯାହା କହିବା କଥା ତାହା ଇସଲାମାବାଦକୁ ଜଣାଇ ଦିଆଯାଇଛି। ଯୁଦ୍ଧ ସମାପ୍ତି ପାଇଁ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଯେଉଁ ଅବାସ୍ତବ ଯୁକ୍ତି ରଖିଛନ୍ତି, ତାହା ଗ୍ରହଣୀୟ ନୁହେଁ। ଆମେରିକା ନୌସେନା ହର୍ମୁଜ ପ୍ରଣାଳୀକୁ ଅବରୋଧ କରି ସମଗ୍ର ଅଞ୍ଚଳକୁ ଅଶାନ୍ତ କରି ରଖିଛି। ଏହା ଇରାନ ପାଇଁ ଆଦୌ ଗ୍ରହଣୀୟ ନୁହେଁ। ୟୁରାନିୟମ ସମୃଦ୍ଧୀକରଣ କାର୍ଯ୍ୟକ୍ରମରୁ ଇରାନ ହଟିବ ନାହିଁ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି।

ଅନ୍ୟପକ୍ଷରେ ଇରାନ ସହିତ ଉଚ୍ଚସ୍ତରୀୟ ଶାନ୍ତି ଆଲୋଚନା ପାଇଁ ରାଷ୍ଟ୍ରପତି ଟ୍ରମ୍ପ ତାଙ୍କର ବିଶ୍ୱସ୍ତ ସହଯୋଗୀ ଷ୍ଟିଭ୍ ୱିଟକଫ୍ ଏବଂ ଜ୍ୱାଇଁ ଜାରେଡ୍ କୁଶନର୍‌ଙ୍କୁ ପାକିସ୍ତାନ ପଠାଇଛନ୍ତି। ସେମାନେ ଯେକୌଣସି ମୁହୂର୍ତ୍ତରେ ଇସଲାମାବାଦରେ ଆସି ପହଞ୍ଚିବେ। ପ୍ରତିନିଧି ଦଳ ପଠାଇବା ପରେ ଟ୍ରମ୍ପ କହିଛନ୍ତି ଯେ ଆମେରିକାର ▶ପୃଷ୍ଠା-୭

## ମୌସୁମୀକୁ ବଳ ଦେବ ଲା-ନିନା ଓ ମହାସାଗରୀୟ ସ୍ଥିତି

# ଦେଶରେ ଅଧିକ ବର୍ଷିବ; ଓଡ଼ିଶାରେ ସ୍ୱାଭାବିକ

■ ଭୁବନେଶ୍ୱର, ୨୫।୪ (ସମିସ): ଚଳିତଥର ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଶୀଘ୍ର ଆସିବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଉଛି। ଚଳିତ ମୌସୁମୀରେ ବର୍ଷାର ପରିମାଣକୁ ନେଇ ପାଣିପାଗ ବିଜ୍ଞାନୀ ମହଲରେ ବିଭିନ୍ନ ମତପ୍ରକାଶ ପାଉଥିବା ବେଳେ ଏନେଇ ଗୁରୁତ୍ୱପୂର୍ଣ୍ଣ ସୂଚନା ରଖିଛନ୍ତି ବରିଷ୍ଠ ପାଣିପାଗ ବିଶେଷଜ୍ଞ ଡ. ସୁରେନ୍ଦ୍ରନାଥ ପଶୁପାଳକ। ବିଶ୍ୱସ୍ତରୀୟ ପାଣିପାଗ ମଡେଲଗୁଡ଼ିକର ସଦ୍ୟତମ ଆକଳନ ଅନୁଯାୟୀ ଓଡ଼ିଶା ପାଇଁ ପୂର୍ବରୁ କରାଯାଇଥିବା ସ୍ୱାଭାବିକ ବର୍ଷାର ପୂର୍ବାନୁମାନ ବର୍ତ୍ତମାନର ପରିସ୍ଥିତି ସହ ସମ୍ପୂର୍ଣ୍ଣ ମେଳ ଖାଉଛି। ଭାରତ ପାଇଁ ମୌସୁମୀ 'ସ୍ୱାଭାବିକଠାରୁ ଅଧିକ' ରହିବାକୁ ଥିବାବେଳେ ଓଡ଼ିଶାରେ ଏହା ସ୍ୱାଭାବିକ ରହିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।



ଚଳିତଥର ଏଲ୍-ନିନୋ ଶୀଘ୍ର ଶେଷ ହେବାର ପ୍ରମୁଖ କାରଣ 'ସବ୍‌ସରଫେସ୍ କୁଲିଂ' ବୋଲି ଡ. ପଶୁପାଳକ କହିଛନ୍ତି। ସମୁଦ୍ରର ଗଭୀରରେ ଥିବା ଥଣ୍ଡା ଜଳର ସ୍ରୋତ ଦ୍ରୁତ ଗତିରେ ଉପରିଭାଗକୁ ଆସୁଥିବାରୁ ଏଲ୍ ନିନୋ ପ୍ରଶମିତ ହୋଇ ଲା-ନିନା ପାଇଁ ପଥ ପରିଷ୍କାର କରୁଛି। ସେହିପରି ଭାରତ ମହାସାଗରରେ ବର୍ତ୍ତମାନ 'ନ୍ୟୁଟ୍ରାଲ' ସ୍ଥିତି ରହିଛି। କିନ୍ତୁ ଅଗଷ୍ଟ-ସେପ୍ଟେମ୍ବର ବେଳକୁ ଏହା ଯୁକ୍ତାତ୍ମକ ହେବାର ସଂକେତ ମିଳୁଛି, ଯାହା ଓଡ଼ିଶାରେ ମୌସୁମୀର ଦ୍ୱିତୀୟାର୍ଦ୍ଧକୁ ଅଧିକ ଶକ୍ତିଶାଳୀ କରିବ। ଡ. ପଶୁପାଳକଙ୍କ ଆକଳନ ଅନୁଯାୟୀ ଆସନ୍ତା ମୌସୁମୀରେ ସମଗ୍ର ଭାରତ ପାଇଁ ମୋଟ ବର୍ଷାର ପରିମାଣ ଏଲପିଏ(ଦୀର୍ଘ ଅବଧି ହାରାହାରି)ର ୧୦୪ ପ୍ରତିଶତ ରହିବାକୁ ଥିବାବେଳେ ଓଡ଼ିଶା ପାଇଁ ଏହା ସ୍ୱାଭାବିକ ରହିବାର ସମ୍ଭାବନା ଅଛି। ଜୁନ୍‌ରେ ସମଗ୍ର ଭାରତରେ ୯୬ ପ୍ରତିଶତ ବର୍ଷା ହେବାର ସମ୍ଭାବନା ▶ପୃଷ୍ଠା-୭




# ର୍‍ୟାଗିଂରେ ଲାଗୁନି ଲଗାମ

## ଚଳିତ ବର୍ଷ ୟୁଜିସିରେ ୨୮ ମାମଲା

■ ଭୁବନେଶ୍ୱର, ୨୫।୪ (ସମିସ): ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନରେ ର୍‍ୟାଗିଂ କମିବାର ନା ନେଉନି। ବ୍ୟାପକ ସଚେତନତା ସତ୍ତ୍ୱେ ଏହା ଏକ ବ୍ୟାଧି ପରି ମାଡ଼ି ବସିଛି। ଚଳିତ ସପ୍ତାହରେ ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ଜଣେ କନିଷ୍ଠ ଛାତ୍ରଙ୍କୁ ୪ଜଣ ବରିଷ୍ଠ ଛାତ୍ର ର୍‍ୟାଗିଂ କରି ଦଣ୍ଡିତ ହେବା ପରେ ରାଜ୍ୟରେ ର୍‍ୟାଗିଂ ଘଟଣା ପୁଣି ତାଜା ହୋଇଛି। ରାଜ୍ୟରେ ସର୍ବାଧିକ ର୍‍ୟାଗିଂ ଅଭିଯୋଗ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି)ରୁ ଆସୁଥିବାବେଳେ ଏମ୍‌କେସିଜି ଓ ଭିସୁଟ୍‌ରୁ ଅଭିଯୋଗ ସଂଖ୍ୟା ମଧ୍ୟ ଉଦ୍‌ବେଗଜନକ ରହିଛି।

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ତଥ୍ୟ ଅନୁଯାୟୀ, ଚଳିତବର୍ଷ ଏବେଯାଏଁ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ପ୍ରାୟ ୨୮ଟି ଅଭିଯୋଗ ଆସିଛି। ମାତ୍ର ୪ ମାସ ମଧ୍ୟରେ ୟୁଜିସି ପାଖରେ

### ବିପିୟୁଟି ଓ ଭିସୁଟ୍‌ରେ ସ୍ଥିତି ଉଦ୍‌ବେଗଜନକ

### ଶିକ୍ଷାନୁଷ୍ଠାନରେ ପାଳନ ହେଉନି ର୍‍ୟାଗିଂ ନିବାରଣ ନିୟମ

୨୮ ଅଭିଯୋଗ ସହ କଲେଜର ର୍‍ୟାଗିଂ କମିଟି ନିକଟରେ ମଧ୍ୟ ବହୁ ଅଭିଯୋଗ ହୋଇଛି। ଏହାରି ମଧ୍ୟରେ ଗତ ଫେବୃଆରୀ ମାସରେ ଭିସୁଟ୍‌ର ଜଣେ ଛାତ୍ରଙ୍କୁ ର୍‍ୟାଗିଂ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ଅର୍ଥାତ୍ ୪ ମାସରେ ଭିସୁଟ୍‌ରେ ୨ଟି ମାମଲା ପଦାକୁ ଆସିଲାଣି। ଅନୁରୂପ ଭାବେ ୨୦୨୫ରେ ମୋଟ୍ ୫୪ଟି ର୍‍ୟାଗିଂ ଅଭିଯୋଗ ହୋଇଥିବାବେଳେ ୨୦୨୪ ମସିହାରେ ମୋଟ ୬୭ଟି ର୍‍ୟାଗିଂ ମାମଲା ୟୁଜିସି ପାଖରେ ପଞ୍ଜିକୃତ ହୋଇଛି। କେବଳ ୨୦୨୪ ରେ ଭିସୁଟ୍‌ରୁ ୫ଟି ଅଭିଯୋଗ ହୋଇଥିବାବେଳେ ରାଗିଂ ମାମଲାରେ ବିପିୟୁଟି ଶିର୍ଷରେ ରହିଛି।

ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରି ର୍‍ୟାଗିଂ ରୋକିବା ପାଇଁ ସୁପ୍ରିମକୋର୍ଟ ୨୦୦୭ ମସିହାରେ ରାୟ ଦେଇଛନ୍ତି। ▶ପୃଷ୍ଠା-୭






## ଅସହ୍ୟ ହେଲା ଋଣଚାପ

# ଝୁଲିପଡ଼ିଲେ ଦମ୍ପତି

### ୪ଦିନ ତଳେ ଝିଅ ବାହାଘର କରିଥିଲେ

### ବାହାଘର ପାଇଁ ଲୋକଙ୍କଠାରୁ କରଜ କରିଥିଲେ

■ଧରାକୋଟ/ବେଲଗୁଣ୍ଠା, ୨୫।୪ (ସମିସ): ଋଣଭାର ସହିନପାରି ଏକାଠି ଜୀବନ ହାରିଲେ ଦମ୍ପତି। ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ୍‌ର ଝାଡ଼ବନ୍ଧ ପଞ୍ଚାୟତ ତଥା ଗାଙ୍ଗପୁର ଥାନା ଅନ୍ତର୍ଗତ କଳାସୂତା ଗ୍ରାମରେ ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତ ଦମ୍ପତି ହେଲେ, ଗାଁର ସୀମାଞ୍ଚଳ ବିଷୋୟୀ (୬୬) ଓ ତାଙ୍କ ପତ୍ନୀ ନମିତା ବିଷୋୟୀ (୬୧)। ବେକରେ ରଶି ଲଗାଇ ଦୁହେଁ ଆତ୍ମହତ୍ୟା କରିଥିବା ଜଣାଯାଇଛି। ଗାଙ୍ଗପୁର ଥାନା ଅଧିକାରୀ ବନବିହାରୀ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଧରାକୋଟ ଅତିରିକ୍ତ ତହସିଲଦାର ଗଣେଶ ଦଳାଇଙ୍କ ଉପସ୍ଥିତିରେ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନାନୁଯାୟୀ, ବିଷୋୟୀ ଦମ୍ପତିଙ୍କ ପାଞ୍ଚ ▶ପୃଷ୍ଠା-୭



# ପୃଥିବୀ ପାଇଁ ବିପଦର ଘଣ୍ଟି: ତରଳୁଛି ଆଣ୍ଟାର୍କଟିକାର ବରଫ

ନୂଆଦିଲ୍ଲୀ, ୨୫।୪(ଏଜେନ୍ସି): ପୃଥିବୀର 'ହିମ କବଚ' କୁହାଯାଉଥିବା ଆଣ୍ଟାର୍କଟିକା ଏବେ ଏକ ବଡ଼ ସଙ୍କଟର ସମ୍ମୁଖୀନ। ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି ଯେ, ଆଣ୍ଟାର୍କଟିକାର କେତେକ ଅଞ୍ଚଳ ଏକ ବିପଜ୍ଜନକ ସୀମା ବା 'ଟିପିଂ ପଏଣ୍ଟ' ଅତିକ୍ରମ କରିସାରିଛି। ଏହାର ଅର୍ଥ ହେଉଛି, ଭବିଷ୍ୟତରେ ଜଳବାୟୁ ପରିବର୍ତ୍ତନ ରୋକିବାକୁ ଯେତେ ପଦକ୍ଷେପ ନେଲେ ମଧ୍ୟ, ଏହି ବରଫ ତରଳିବା ପ୍ରକ୍ରିୟାକୁ ଆଉ ରୋକାଯାଇପାରିବ ନାହିଁ। ସବୁଠାରୁ ଅଧିକ ବିପଦ ପଶ୍ଚିମ ଆଣ୍ଟାର୍କଟିକା ଆଇସ୍ ସିଟ୍ ଉପରେ ରହିଛି। ପୋଟ୍ସଡାମ୍ ଇନଷ୍ଟିଚ୍ୟୁଟ୍ ଫର୍ କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚ ଅନୁଯାୟୀ, ଯଦି ପୃଥିବୀର ତାପମାତ୍ରା ପ୍ରାକ୍-ଶିଳ୍ପାୟନ ସ୍ତରଠାରୁ ୧.୮ ସେଣ୍ଟି ରୁ ଅଧିକ ବଢେ, ତେବେ ବରଫ ସ୍ତରର ଅପୂରଣୀୟ କ୍ଷତି ଅନିବାର୍ଯ୍ୟ ହୋଇପଡ଼ିବ। ବୈଜ୍ଞାନିକଙ୍କ ମତରେ ଏହା ଏଭଳି ଏକ ପ୍ରକ୍ରିୟା ଯେଉଁଥିରେ ତାପମାତ୍ରା ସ୍ଥିର ରହିଲେ ମଧ୍ୟ ବରଫ ତରଳିବା ବନ୍ଦ ହୁଏନାହିଁ। ଏଥିପାଇଁ ଏହାକୁ 'ପଏଣ୍ଟ ଅଫ୍ ନୋ ରିଟର୍ଣ୍ଣ' କୁହାଯାଉଛି।

କେବଳ ବାୟୁମଣ୍ଡଳର ଉଷ୍ମତା ନୁହେଁ, ବରଂ ସମୁଦ୍ରର ଗରମ ପାଣି ମଧ୍ୟ ଏଥିପାଇଁ ଦାୟୀ। ସାମୁଦ୍ରିକ ଉଷ୍ମତା ଯେମିତି ଆମୁଣ୍ଡସେନ୍ ସାଗରର ଗରମ ପାଣି ବରଫସ୍ତର ତଳେ ପ୍ରବାହିତ ହୋଇ ସେଗୁଡ଼ିକୁ ଶୀଘ୍ର ତରଳାଉଛି। ପୁଣି ଭୌଗୋଳିକ ସ୍ଥିତିକୁ ମଧ୍ୟ ଏକ ବଡ଼ କାରଣ ବୋଲି ବିବେଚନା କରାଯାଉଛି। ପଶ୍ଚିମ ଆଣ୍ଟାର୍କଟିକାର ଅଧିକାଂଶ ବରଫ ସ୍ତର ସମୁଦ୍ର ପଉନରୁ ତଳେ ରହିଛି। ଥରେ ତରଳିବା ଆରମ୍ଭ ହେଲେ ଏହା ସିଧାସଳଖ ଗରମ ପାଣି ସଂସ୍ପର୍ଶରେ ଆସି ଶୀଘ୍ର ନଷ୍ଟ ହୋଇଯାଏ। ଏହି ସଙ୍କଟ କେବଳ ଆଣ୍ଟାର୍କଟିକାରେ ସୀମିତ ରହିବ ନାହିଁ। ଯଦି ପଶ୍ଚିମ ଆଣ୍ଟାର୍କଟିକାର ବରଫ ସମ୍ପୂର୍ଣ୍ଣ ତରଳିଯାଏ, ତେବେ ବିଶ୍ୱରେ ସମୁଦ୍ରର ଜଳସ୍ତର ପ୍ରାୟ ୪ ମିଟର ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଏହାଦ୍ୱାରା ପୃଥିବୀର ମାନଚିତ୍ର ବଦଳିଯିବ ଏବଂ ଅନେକ ଉପକୂଳବର୍ତ୍ତୀ ସହର ଓ ଗୋଷ୍ଠୀ ଜଳମଗ୍ନ ହୋଇଯିବେ। ଜଣେ ବୈଜ୍ଞାନିକଙ୍କ କହିବା ଅନୁଯାୟୀ, ଏକ ବରଫ ସ୍ତର ତିଆରି ହେବା ପାଇଁ ହଜାର ହଜାର ବର୍ଷ ଲାଗେ, କିନ୍ତୁ ଏହା ତରଳିବା ପାଇଁ ମାତ୍ର କେଇ ଦଶନ୍ଧି ଯଥେଷ୍ଟ। ଯଦିଓ ଅନେକ କ୍ଷତି ହୋଇସାରିଛି, ତଥାପି ପୃଥିବୀର ଜଳବାୟୁ ଏବଂ ମାନବଜାତିର ରକ୍ଷା ପାଇଁ ଏବେ ମଧ୍ୟ ତାପମାତ୍ରା ନିୟନ୍ତ୍ରଣ କରିବା ଏକମାତ୍ର ବିକଳ୍ପ। ଆଣ୍ଟାର୍କଟିକାର ଭାଗ୍ୟ ଉପରେ ହିଁ ପୃଥିବୀର ଉପକୂଳବର୍ତ୍ତୀ ଅଞ୍ଚଳ ଏବଂ ସମଗ୍ର ମାନବ ସମାଜର ଭବିଷ୍ୟତ ନିର୍ଭର କରେ।



# ହର୍ମୁଜ ଅବରୋଧ ହଟାଅ; ନଚେତ...



ତେହେରାନ/ଆଙ୍କାରା, ୨୫।୪(ଏଜେନ୍ସି): ହର୍ମୁଜକୁ ନେଇ ଇରାନ ଓ ଆମେରିକା ମଧ୍ୟରେ ଉତ୍ତେଜନା ଏବେ ବି ଜାରି ରହିଛି। ଯୁଦ୍ଧବିରତି ସତ୍ତ୍ୱେ ଆମେରିକାର ନୌସେନା ହର୍ମୁଜକୁ ଅବରୋଧ କରି ରଖିଥିବାରୁ ବିରକ୍ତି ପ୍ରକାଶ କରିଛି ଇରାନ। ଇରାନ ପକ୍ଷରୁ ଆଜି ଧମକ ଦିଆଯାଇଛି ଯେ ଆମେରିକା ସାମରିକ ଅବରୋଧ ଜାରି ରଖିଲେ ଇରାନ ଏହାର କଡ଼ା ଜବାବ ଦେବାକୁ ପ୍ରସ୍ତୁତ ରହିଛି। ଏହା କେବଳ ଆମେରିକା ନୁହେଁ, ସମଗ୍ର ଉପସାଗରୀୟ ରାଷ୍ଟ୍ର ପାଇଁ କ୍ଷତିକାରକ ହେବ। ହର୍ମୁଜ ଅବରୋଧ ତୁରନ୍ତ ନହଟାଇଲେ ଇରାନ ଆକ୍ରମଣ କରିବ ବୋଲି ସେନା ପକ୍ଷରୁ ପରୋକ୍ଷ ଧମକ ଦିଆଯାଇଛି। ଇସଲାମାବାଦରେ ଦୁଇ ଦେଶ ମଧ୍ୟରେ କଥାବାର୍ତ୍ତା ଚାଲିଥିବା ବେଳେ ଇରାନର ଏଭଳି ଧମକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛି।

ଅନ୍ୟପକ୍ଷରେ ଇରାନ ଏବଂ ଆମେରିକା ମଧ୍ୟରେ ଏକ ସମ୍ଭାବ୍ୟ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେବା ପରେ ହର୍ମୁଜ୍ ପ୍ରଣାଳୀରୁ ସାମୁଦ୍ରିକ ମାଇନ୍ ହଟାଇବା କାର୍ଯ୍ୟରେ ତୁର୍କୀ ଅଂଶଗ୍ରହଣ କରିପାରେ ବୋଲି ତୁର୍କୀ ବୈଦେଶିକ ମନ୍ତ୍ରୀ ହାକାନ ଫିଦାନ ପ୍ରକାଶ କରିଛନ୍ତି। ଶୁକ୍ରବାର ଲଣ୍ଡନଠାରେ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ଫିଦାନ କହିଛନ୍ତି ଯେ, ଏହି ସାମୁଦ୍ରିକ ପଥକୁ ମାଇନ୍ ମୁକ୍ତ କରିବା ପ୍ରୟାସକୁ ତୁର୍କୀ ଏକ ମାନବିକ କର୍ତ୍ତବ୍ୟ ଭାବରେ ଦେଖୁଛି। ଫିଦାନଙ୍କ ସୂଚନା ଅନୁଯାୟୀ, ଇରାନ-ଆମେରିକା ମଧ୍ୟରେ ଚୁକ୍ତିନାମା ପରେ ବିଭିନ୍ନ ଦେଶର ବିଶେଷଜ୍ଞମାନଙ୍କୁ ନେଇ ଏକ ବୈଷୟିକ ଦଳ ଗଠନ କରାଯିବାର ଯୋଜନା ରହିଛି। ଏହି ଦଳ ହର୍ମୁଜ୍ ପ୍ରଣାଳୀରେ ମାଇନ୍ ସଫେଇ କାର୍ଯ୍ୟ ସମ୍ପାଦନ କରିବେ। ତୁର୍କୀ ଏହି ଅନ୍ତର୍ଜାତୀୟ ବୈଷୟିକ ଦଳର ଅଂଶବିଶେଷ ହେବାକୁ ପ୍ରସ୍ତୁତ ଏବଂ ଏହି କାର୍ଯ୍ୟରେ ସାମିଲ ହେବା ପାଇଁ ଦେଶର କୌଣସି ଆପତ୍ତି ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ତେବେ ଏହି ସହଯୋଗ ପାଇଁ ତୁର୍କୀ କିଛି ସର୍ତ୍ତ ମଧ୍ୟ ରଖିଛି। ଯଦି ଏହି ବୈଷୟିକ ଦଳ କିମ୍ବା ଏଥିରେ ସାମିଲ ଥିବା ଦେଶମାନେ ଭବିଷ୍ୟତରେ କୌଣସି ନୂତନ ସଂଘର୍ଷର ପକ୍ଷ ହୁଅନ୍ତି, ତେବେ ତୁର୍କୀ ନିଜର ସ୍ଥିତିର ପୁନଃ ସମୀକ୍ଷା କରିବ ବୋଲି ଫିଦାନ ସ୍ପଷ୍ଟ କରିଛନ୍ତି।

# ଚାବାହାର ବନ୍ଦରର ଅଂଶଧନ ଇରାନକୁ ହସ୍ତାନ୍ତର କରିପାରେ ଭାରତ

ନୂଆଦିଲ୍ଲୀ, ୨୫।୪(ଏଜେନ୍ସି): ଭାରତ-ଇରାନର ସମ୍ପର୍କର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖଣ୍ଟ ଚାବାହାର ବନ୍ଦରକୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଆମେରିକାର କଟକଣାରୁ ବର୍ତ୍ତିବା ପାଇଁ ଭାରତ ଏହି ବନ୍ଦରରେ ଥିବା ନିଜର କାର୍ଯ୍ୟକାରୀ ଅଂଶଧନକୁ ଏକ ଇରାନୀ କମ୍ପାନୀକୁ ଅସ୍ଥାୟୀ ଭାବେ ହସ୍ତାନ୍ତର କରିପାରେ ବୋଲି ସୂଚନା ମିଳିଛି। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଆମେରିକା ଦ୍ୱାରା ଜାରି କରାଯାଇଥିବା କଟକଣା କୋହଳ ଅବଧି ଚଳିତ ମାସରେ ଶେଷ ହେବାକୁ ଯାଉଛି। ଏପରି ସ୍ଥିତିରେ ବନ୍ଦରର କାର୍ଯ୍ୟକୁ ନିରନ୍ତର ରଖିବା ପାଇଁ ଭାରତ ଏଭଳି ପଦକ୍ଷେପ ନେଇପାରେ ବୋଲି କୁହାଯାଇଛି। ଭାରତ ଏହି ପ୍ରକଳ୍ପରେ ପ୍ରାୟ ୧୨୦ ମିଲିୟନ ଡଲାର ପ୍ରାୟ ୧୧୦୦ କୋଟି ଟଙ୍କା ନିବେଶ କରିଛି। ଭାରତ ସରକାର ବର୍ତ୍ତମାନ ଏହି ପ୍ରସଙ୍ଗରେ ଆମେରିକା ଏବଂ ଇରାନ ଉଭୟଙ୍କ ସହ ପୃଥକ ଭାବେ ଆଲୋଚନା କରୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ନଭେମ୍ବର ୨୦୨୫ରେ ଆମେରିକା ଭାରତକୁ ୬ ମାସ ପାଇଁ କଟକଣାରୁ ରିହାତି ଦେଇଥିଲା, ଯାହାର ସମୟସୀମା ଏବେ ସମାପ୍ତ ହେଉଛି। ଏହି ଅସ୍ଥାୟୀ ହସ୍ତାନ୍ତର ପ୍ରକ୍ରିୟା ମାଧ୍ୟମରେ ଭାରତ ନିଜର ସ୍ୱାର୍ଥ ରକ୍ଷା କରିବା ସହ ଆମେରିକାର କଠୋର ଆଭିମୁଖ୍ୟ ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ଚାହୁଁଛି। ପାକିସ୍ତାନକୁ ବାଦ୍ ଦେଇ ଆଫଗାନିସ୍ତାନ ସହ ସଂଯୋଗ ପାଇଁ ଚାବାହାର ବନ୍ଦର ଗୁରୁତ୍ୱପୂର୍ଣ୍ଣ। ଏହି ବନ୍ଦର ମାଧ୍ୟମରେ ଭାରତ ପାକିସ୍ତାନ ଉପରେ ନିର୍ଭର ନକରି ସିଧାସଳଖ ଆଫଗାନିସ୍ତାନ ଏବଂ ମଧ୍ୟ ଏସିଆର ଦେଶଗୁଡ଼ିକ ସହ ବାଣିଜ୍ୟିକ କାରବାର କରିପାରିବ। ପାକିସ୍ତାନର ଗ୍ୱାଦର ବନ୍ଦରରେ ଚୀନର ନିବେଶକୁ କାଉଣ୍ଟର କରିବା ପାଇଁ ଚାବାହାର ହେଉଛି ଭାରତର ଏକ ଶକ୍ତିଶାଳୀ ରଣନୈତିକ ବିକଳ୍ପ। ଭାରତ ଏହି ବନ୍ଦର ପାଇଁ ବିପୁଳ ପାଣ୍ଠି ଯୋଗାଇ ଦେଇଛି, ଯାହାର ସୁରକ୍ଷା ପାଇଁ ଏହାର କାର୍ଯ୍ୟକ୍ଷମ ରହିବା ଜରୁରୀ। ଚାବାହାର ବନ୍ଦର ନେଇ ଭାରତର ପ୍ରୟାସ ୨୦୦୩ରେ ବାଜପେୟୀ ସରକାରଙ୍କ ସମୟରୁ ଆରମ୍ଭ ହୋଇଥିଲା। ୨୦୧୩ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଏଥିପାଇଁ ୮୦୦ କୋଟି ଟଙ୍କାର ନିବେଶ ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ୨୦୧୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇରାନ ଏବଂ ଆଫଗାନିସ୍ତାନ ସହ ମିଶି ଏହି ଚୁକ୍ତିକୁ ଆଗକୁ ବଢ଼ାଇଥିଲେ। ଏଥିରେ ଟର୍ମିନାଲ ପାଇଁ ୭୦୦ କୋଟି ଏବଂ ବନ୍ଦର ବିକାଶ ପାଇଁ ୧୨୫୦ କୋଟି ଟଙ୍କାର ଋଣ ସହାୟତା ଅନ୍ତର୍ଭୁକ୍ତ ଥିଲା।

ରିପୋର୍ଟ ଅନୁଯାୟୀ, ଭାରତ ସମ୍ପୂର୍ଣ୍ଣ ଭାବେ ଏହି ପ୍ରକଳ୍ପରୁ ଓହରି ଯିବାକୁ ନିଷ୍ପତ୍ତି ନେଇ ନାହିଁ। ଭବିଷ୍ୟତରେ ଏହି ବନ୍ଦରକୁ ରେଳପଥ ସହ ଯୋଡ଼ିବାର ମଧ୍ୟ ଯୋଜନା ରହିଛି। ଫଳରେ ଆଫଗାନିସ୍ତାନ ପର୍ଯ୍ୟନ୍ତ ଭାରତ ପହଞ୍ଚି ପାରିବା ସହ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ସୁଦୃଢ଼ କରିହେବ। ଏହି ବନ୍ଦର ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ବାର୍ଷିକ ୮୨ ନିୟୁତ ଟନ ବ୍ୟବସାୟିକ ପରିବହନ ସମ୍ଭବ ହୋଇପାରିବ।

## 'ନିତି ଆୟୋଗ' ପୁନର୍ଗଠିତ

ନୂଆଦିଲ୍ଲୀ, ୨୫।୪(ଏଜେନ୍ସି): କେନ୍ଦ୍ର ସରକାର ଦେଶର ସର୍ବୋଚ୍ଚ ନୀତି ନିର୍ଦ୍ଧାରକ ସଂସ୍ଥା 'ନିତି ଆୟୋଗ'ର ପୁନର୍ଗଠନ କରିଛନ୍ତି। ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ଭାରତ ସରକାରଙ୍କ ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅଶୋକ କୁମାର ଲାହିରିଙ୍କୁ ନିତି ଆୟୋଗର ଉପାଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ଶ୍ରୀ ଲାହିରି ୧୫ତମ ଅର୍ଥ କମିଶନର ଜଣେ ସଦସ୍ୟ ଥିଲେ ଏବଂ ବର୍ତ୍ତମାନ ପଶ୍ଚିମବଙ୍ଗର ଜଣେ ବିଧାୟକ ଅଛନ୍ତି। ନିଯୁକ୍ତି ପରେ ଶନିବାର ସେ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂତନ ସଦସ୍ୟମାନଙ୍କୁ ଶୁଭକାମନା ଜଣାଇବା ସହ ଆୟୋଗର ଭବିଷ୍ୟତର ରଣନୀତି ସମ୍ପର୍କରେ ସୂଚନା ଦେଇଛନ୍ତି। ଏହା ସହିତ ସରକାର ୫ ଜଣ ପୂର୍ଣ୍ଣକାଳୀନ ସଦସ୍ୟଙ୍କ ନାମ ଘୋଷଣା କରିଛନ୍ତି। ଏହି ସଦସ୍ୟମାନେ ହେଲେ, ପୂର୍ବତନ କ୍ୟାବିନେଟ ସଚିବ ରାଜୀବ ଗୌବା, ବିଶିଷ୍ଟ ଅର୍ଥନୀତିଜ୍ଞ ପ୍ରଫେସର କେ.ଭି. ରାଜୁ, ବୈଜ୍ଞାନିକ ପ୍ରଫେସର ଗୋବର୍ଦ୍ଧନ ଦାସ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ସଚିବ ପ୍ରଫେସର ଅଭୟ କରନ୍ଦିକର, ଏମ୍ସର ନିର୍ଦ୍ଦେଶକ ଡଃ ଏମ. ଶ୍ରୀନିବାସ।

## ଦୁଇ ମାସ ପରେ ଇରାନରୁ ବିମାନ ସେବା ଆରମ୍ଭ

ତେହେରାନ, ୨୫।୪(ଏଜେନ୍ସି): ପ୍ରାୟ ଦୁଇ ମାସର ବ୍ୟବଧାନ ପରେ ଇରାନ ଏହାର ତେହେରାନ ସ୍ଥିତ ଇମାମ ଖୋମେନି ଅନ୍ତର୍ଜାତୀୟ ବିମାନବନ୍ଦରରୁ ପୁଣିଥରେ ବାଣିଜ୍ୟିକ ବିମାନ ସେବା ଆରମ୍ଭ କରିଛି। ଆମେରିକା ଏବଂ ଇସ୍ରାଏଲ ସହିତ ଯୁଦ୍ଧ ଆରମ୍ଭ ହେବା ପରେ ପ୍ରଥମ କରି ଶନିବାର ଇସ୍ତାନବୁଲ, ମସ୍କାଟ ଏବଂ ମଦିନା ଅଭିମୁଖେ ବିମାନଗୁଡ଼ିକ ଯାତ୍ରା ଆରମ୍ଭ କରିଛନ୍ତି। ଆମେରିକା ସମର୍ଥିତ ଏକ ଅସ୍ଥାୟୀ ଯୁଦ୍ଧ ବିରତି ମଧ୍ୟରେ ଏହି ବିମାନ ଚଳାଚଳ ପୁନଃ ଚାଲୁ କରାଯାଇଛି। ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଗଚି ବର୍ତ୍ତମାନ ପାକିସ୍ତାନ ଗସ୍ତରେ ଅଛନ୍ତି। ସେଠାରେ ସେ ଶାନ୍ତି ପ୍ରତିଷ୍ଠା ପାଇଁ ପାକିସ୍ତାନର ଶୀର୍ଷ ସାମରିକ ଓ ରାଜନୈତିକ ନେତୃତ୍ୱଙ୍କ ସହ ଆଲୋଚନା କରୁଛନ୍ତି। ହ୍ୱାଇଟ୍ ହାଉସର ସୂଚନା ଅନୁଯାୟୀ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କର ବିଶେଷ ଦୂତ ଷ୍ଟିଭ୍ ୱିଟକଫ ଏବଂ ଜାରେଡ୍ କୁଶନରଙ୍କୁ ମଧ୍ୟ ପାକିସ୍ତାନ ପଠାଇବାକୁ ସ୍ଥିର କରିଛନ୍ତି, ଯାହାଫଳରେ ଇରାନ ସହିତ ପରୋକ୍ଷ ଭାବେ ଆଲୋଚନା କରି ଯୁଦ୍ଧ ବିରତିକୁ ସ୍ଥାୟୀ କରାଯାଇପାରିବ।

# 'ଶୀଷ ମହଲ-୨'କୁ ନେଇ ଦିଲ୍ଲୀ ରାଜନୀତି ସରଗରମ

ନୂଆଦିଲ୍ଲୀ, ୨୫।୪(ଏଜେନ୍ସି): ଆମ୍ ଆଦମୀ ପାର୍ଟି (ଆପ୍) ଆବାହକ ଅରବିନ୍ଦ କେଜ୍ରିୱାଲଙ୍କ ନୂଆ ସରକାରୀ ବାସଭବନକୁ ନେଇ ବିଜେପି ଏବଂ ଆପ୍ ମଧ୍ୟରେ ରାଜନୈତିକ ବିବାଦ ସୃଷ୍ଟି ହୋଇଛି। କେଜ୍ରିୱାଲ ତାଙ୍କର ନୂତନ ବାସଭବନ ୯୫ ଲୋଧି ଇଷ୍ଟେଟ୍‌କୁ ସ୍ଥାନାନ୍ତରିତ ହେବାର ମାତ୍ର ଦିନକ ପରେ ବିଜେପି ଏହାକୁ 'ଶୀଷ ମହଲ ୨' ବୋଲି ଅଭିହିତ କରିଛି। ବିଜେପି ନେତା ତଥା ଦିଲ୍ଲୀ ମନ୍ତ୍ରୀ ପ୍ରବେଶ ବର୍ମା ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ କେଜରିୱାଲଙ୍କ ନୂଆ ବଙ୍ଗଳାର କିଛି ଫଟୋ ଏବଂ ନକ୍ସା ଜାରି କରିଛନ୍ତି। ବର୍ମା ଅଭିଯୋଗ କରିଛନ୍ତି ଯେ ଏହି ବାସଭବନ ଅତି ଉଚ୍ଚମାନର ଏବଂ ବିଳାସପୂର୍ଣ୍ଣ ହୋଇଛି। ଏଥିରେ ବିଭିନ୍ନ ସୁବିଧା ସୁଯୋଗ ପାଇଁ ବିପୁଳ ପାଣ୍ଠି ବ୍ୟବହାର କରାଯାଇଛି। ତାଙ୍କ କହିବା ଅନୁଯାୟୀ, ସାଧାରଣତଃ ସରକାର ନେତାମାନଙ୍କ ବଙ୍ଗଳା ପାଇଁ ଏତେ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରନ୍ତି ନାହିଁ। କେଜରିୱାଲଙ୍କୁ ଦିଲ୍ଲୀର 'ରହମାନ ଡକାୟତ' ବୋଲି କହି କଟାକ୍ଷ କରିଛନ୍ତି। ଏହାସହ ଏହି ବିଳାସପୂର୍ଣ୍ଣ ସାମଗ୍ରୀ ପାଇଁ ଅର୍ଥ କେଉଁଠାରୁ ଆସିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ବର୍ମା ଆହୁରି ମଧ୍ୟ ଦାବି କରିଛନ୍ତି ଯେ କେଜରିୱାଲ ନିଜର ସରଳ ଜୀବନଶୈଳୀର ଭାବମୂର୍ତ୍ତିକୁ ସମ୍ପୂର୍ଣ୍ଣ ପରିତ୍ୟାଗ କରି ଏବେ ଅତ୍ୟନ୍ତ ବିଳାସପୂର୍ଣ୍ଣ ଜୀବନ ବିତାଉଛନ୍ତି। ସେପଟେ ଏହି ଅଭିଯୋଗକୁ ଆପ୍ ପ୍ରତ୍ୟାଖ୍ୟାନ କରିଛି। ଆପ୍ ନେତ୍ରୀ ଅତିଶୀ ବିଜେପି ଦ୍ୱାରା ଜାରି କରାଯାଇଥିବା ଫଟୋଗୁଡ଼ିକୁ ନକଲି ବୋଲି କହିଛନ୍ତି। ଏହି ଚିତ୍ରଗୁଡ଼ିକୁ ସୋସିଆଲ ମିଡିଆ ସାଇଟ୍‌ରୁ ଡାଉନଲୋଡ୍ କରାଯାଇଛି ବୋଲି ସେ କହିଛନ୍ତି। ଅତିଶୀ ବିଜେପି ଉପରେ ପାଲଟା ଆକ୍ରମଣ କରିଛନ୍ତି। ଯଦି ବିଜେପିକୁ ପ୍ରକୃତରେ ତୁଳନା କରିବାର ଅଛି, ତେବେ ଦିଲ୍ଲୀ ଉପରାଜ୍ୟପାଳ ଏବଂ ବିଜେପି ନେତା ରେଖା ଗୁପ୍ତା ନିଜ ନିଜ ଘରର ଦ୍ୱାର ଜନସାଧାରଣଙ୍କ ପାଇଁ ଖୋଲିଦିଅନ୍ତୁ, ଯାହାଦ୍ୱାରା ଲୋକେ ନିଜେ ନିଷ୍ପତ୍ତି ନେଇପାରିବେ କାହାର ଘର ଅଧିକ ବିଳାସପୂର୍ଣ୍ଣ ବୋଲି ସେ କହିଛନ୍ତି।

ଏହା ପୂର୍ବରୁ ସିଭିଲ୍ ଲାଇନ୍ସ ସ୍ଥିତ କେଜରିୱାଲଙ୍କର ସରକାରୀ ବାସଭବନର ନବୀକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ନେଇ ବିଜେପି ଅଭିଯୋଗ କରିଥିଲା। ସେହି ସମୟରେ ମଧ୍ୟ ବିଜେପି ଏହାକୁ ଶୀଷ ମହଲ ବୋଲି କହିଥିଲା। ଏପରିକି ଏହି ପ୍ରସଙ୍ଗକୁ ବିଜେପି ନିର୍ବାଚନୀ ପ୍ରଚାରରେ ଏକ ମୁଖ୍ୟ ଅସ୍ତ୍ର ଭାବେ ବ୍ୟବହାର କରିଥିଲା।



# ୨୪ ଘଣ୍ଟାରେ ୧୫ ଲକ୍ଷ ଫଲୋଅର୍ସ ହରାଇଲେ ରାଘବ ଚଢ଼ା

ନୂଆଦିଲ୍ଲୀ, ୨୫।୪(ଏଜେନ୍ସି): ଆମ୍ ଆଦମୀ ପାର୍ଟି (ଆପ୍) ଛାଡି ବିଜେପିରେ ସାମିଲ ହେବା ପରେ ରାଜ୍ୟସଭା ସାଂସଦ ରାଘବ ଚଢ଼ାଙ୍କ ଲୋକପ୍ରିୟତାରେ ଦ୍ରୁତ ହ୍ରାସ ପରିଲକ୍ଷିତ ହୋଇଛି। ବିଶେଷ କରି ଯୁବପିଢ଼ି ବା ଜେନ ଜେଡ ମଧ୍ୟରେ ତାଙ୍କ ପ୍ରତି ଥିବା ଅସନ୍ତୋଷ ସ୍ପଷ୍ଟ ଦେଖାଦେଇଛି। ମାତ୍ର ୨୪ ଘଣ୍ଟା ମଧ୍ୟରେ ସେ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରୁ ପ୍ରାୟ ୧୫ ଲକ୍ଷ ଫଲୋଅର୍ସଙ୍କୁ ହରାଇଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ୩୭ ବର୍ଷୀୟ ଏହି ସାଂସଦଙ୍କର ୧୪.୬ ନିୟୁତ ଫଲୋଅର୍ସ। କିନ୍ତୁ ଶନିବାର ଅପରାହ୍ନ ସୁଦ୍ଧା ଏହି ସଂଖ୍ୟା ହ୍ରାସ ପାଇ ୧୩.୧ ନିୟୁତରେ ପହଞ୍ଚିଛି। ରାଜନୈତିକ ବିଶ୍ଳେଷଜ୍ଞଙ୍କ ମତରେ, ଏହି ଅନଫଲୋ ଅଭିଯାନ ମୁଖ୍ୟତଃ ଯୁବପିଢ଼ିଙ୍କ ଦ୍ୱାରା ପରିଚାଳିତ ହେଉଛି। ରାଘବ ଚଢ଼ା ପୂର୍ବରୁ ଯୁବପିଢ଼ିଙ୍କ ସହ ଜଡିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଯଥା- ପିତୃତ୍ୱ ଛୁଟି, ଟେଲିକମ୍ ଡାଟା ସୀମା ଏବଂ ଗିଗ୍ ୱାର୍କର୍ସଙ୍କ ଅଧିକାର ଭଳି ବିଷୟ ସଂସଦରେ ଉଠାଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଏପରିକି ସେ ଦିନକ ପାଇଁ ଜଣେ ଡେଲିଭରି ପାର୍ଟନର ଭାବେ କାମ କରି ସାଧାରଣ ଶ୍ରମିକଙ୍କ ସମସ୍ୟା ବୁଝିବାକୁ ଚେଷ୍ଟା କରିଥିଲେ। କିନ୍ତୁ ବିଜେପିରେ ସାମିଲ ହେବା ପରେ ତାଙ୍କର ଏହି ଭାବମୂର୍ତ୍ତି ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୋସିଆଲ ମିଡିଆରେ ବର୍ତ୍ତମାନ 'ଅନଫଲୋ ରାଘବ ଚଢ଼ା' ହ୍ୟାସଟ୍ୟାଗ୍ ଟ୍ରେଣ୍ଡ କରୁଛି। ସେ ବିଜେପିରେ ଯୋଗଦେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବିଜେପି ବିରୋଧରେ ଥିବା ନିଜର ସମସ୍ତ ପୁରୁଣା ପୋଷ୍ଟଗୁଡିକୁ ଡିଲିଟ୍ କରିଦେଇଥିବା ଅନେକ କହିଛନ୍ତି। ସେହିପରି ପ୍ରସିଦ୍ଧ ପର୍ବତାରୋହୀ ରୋହତାଶ ଖିଲେରୀ ମଧ୍ୟ ତାଙ୍କୁ ଅନଫଲୋ କରିଥିବା ଜଣାପଡ଼ିଛି।

### ହରଭଜନଙ୍କ ଘରେ କଳା ବୋଳିଲେ ଆପ୍ କର୍ମୀ

ଭାରତୀୟ କ୍ରିକେଟର ତଥା ରାଜ୍ୟସଭା ସାଂସଦ ହରଭଜନ ସିଂହ ଆପ୍ ଛାଡି ବିଜେପିରେ ସାମିଲ ହେବା ପରେ ପଞ୍ଜାବ ରାଜନୀତିରେ ଝଡ଼ ସୃଷ୍ଟି ହୋଇଛି। ଶନିବାର ଜଳନ୍ଧର ସ୍ଥିତ ତାଙ୍କ ବାସଭବନ ବାହାରେ ଆପ୍ କର୍ମକର୍ତ୍ତାମାନେ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରି ନିଜ ଅସନ୍ତୋଷ ଜାହିର କରିଛନ୍ତି। ବିକ୍ଷୋଭ ସମୟରେ ଉତ୍ତ୍ୟକ୍ତ କର୍ମୀମାନେ ହରଭଜନଙ୍କ ବାସଭବନ କାନ୍ଥରେ କଳା ରଙ୍ଗରେ ଗଦ୍ଦାର ବା ବିଶ୍ୱାସଘାତକ ବୋଲି ଲେଖିଥିବା ଦେଖିବାକୁ ମିଳିଛି। ଉଲ୍ଲେଖଯୋଗ୍ୟ, ହରଭଜନଙ୍କ ସମେତ ଆଉ ୬ ଜଣ ଆପ୍ ସାଂସଦ ଦଳ ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି। ଏହି ଘଟଣାକୁ ନେଇ ଦଳୀୟ କର୍ମକର୍ତ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆଜି ପ୍ରଦର୍ଶନକାରୀମାନେ କଳା ପଟି ବାନ୍ଧି ଏକ ନିଆରା ଶୈଳୀରେ ହରଭଜନଙ୍କ ଏହି ପଦକ୍ଷେପକୁ ବିରୋଧ କରିଥିଲେ। ତେବେ ବିକ୍ଷୋଭ ସମୟରେ ହରଭଜନ ସିଂହ ଘରେ ଉପସ୍ଥିତ ନଥିଲେ ବୋଲି ଜଣାପଡ଼ିଛି।




## ମଣିପୁରରେ ଥମୁନି ହିଂସା
### ପୁଲିସ-ବିକ୍ଷୋଭକାରୀ ମୁହାଁମୁହିଁ

ଇମ୍ଫାଲ, ୨୫।୪(ଏଜେନ୍ସି): ମଣିପୁରର ରାଜଧାନୀ ଇମ୍ଫାଲରେ ଶନିବାର ଏକ ବୃହତ ବିକ୍ଷୋଭ ରାଲି ଅନୁଷ୍ଠିତ ହେବା ସମୟରେ ପରିସ୍ଥିତି ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଛି। କୋଅର୍ଡିନେଟିଂ କମିଟି ଅନ୍ ମଣିପୁର ଇଣ୍ଟିଗ୍ରିଟି ପକ୍ଷରୁ ଆୟୋଜିତ ଏହି ରାଲି ସମୟରେ ବିକ୍ଷୋଭକାରୀ ଏବଂ ସୁରକ୍ଷା ବଳଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଫଳରେ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ପକ୍ଷରୁ ଲୁହବୁହା ଗ୍ୟାସ ପ୍ରୟୋଗ କରାଯାଇଛି। ଶନିବାର ଅପରାହ୍ଣ ପ୍ରାୟ ୧ଟା ସମୟରେ ଉପତ୍ୟକା ଜିଲ୍ଲାଗୁଡ଼ିକର ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟାରେ ଲୋକ ଏକତ୍ରିତ ହୋଇ ଏହି ରାଲି ଆରମ୍ଭ କରିଥିଲେ। ପ୍ରଦର୍ଶନକାରୀମାନେ ମୁଖ୍ୟମନ୍ତ୍ରୀ ୟୁମ୍ନାମ ଖେମଚାନ୍ଦ ସିଂଙ୍କ ବାସଭବନ ଅଭିମୁଖେ ଯାଇ ୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଥିଲେ। ତେବେ ରାଲି ଆଗକୁ ବଢ଼ିବା ସହିତ ସୁରକ୍ଷା କର୍ମୀଙ୍କ ସହ ସଂଘର୍ଷ ହୋଇଥିଲା। ବିଶେଷ କରି ମହିଳାମାନଙ୍କ ଦ୍ୱାରା ପରିଚାଳିତ ଖ୍ୱାଇରାମବନ୍ଦ ଇମା କେଥେଲ ମଦର୍ସ ମାର୍କେଟ ନିକଟରେ ସ୍ଥିତି ଗମ୍ଭୀର ହୋଇପଡ଼ିଥିଲା। ପୁଲିସ ଭିଡ଼ ନିୟନ୍ତ୍ରଣ ପାଇଁ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା। ଫଳରେ ବ୍ୟବସାୟୀ ଏବଂ ଗ୍ରାହକଙ୍କ ଧାଁ ଧପଡ଼ ହୋଇଥିଲା। ଏହି ଘଟଣାରେ ଏପର୍ଯ୍ୟନ୍ତ କୌଣସି ପ୍ରମୁଖ ଆହତ ହେବାର ଖବର ମିଳିନାହିଁ।

## ୩ ବର୍ଷର ପୁଅକୁ ହତ୍ୟା କରି ଆତ୍ମହତ୍ୟା କଲା ମଦ୍ୟପ ପିତା

ଝାନ୍ସୀ, ୨୫।୪(ଏଜେନ୍ସି): ଉତ୍ତର ପ୍ରଦେଶର ଝାନ୍ସୀ ଜିଲ୍ଲାରେ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଜଣେ ବ୍ୟକ୍ତି ମଦ୍ୟପାନ କରି ପରିବାର ସହ ଝଗଡ଼ା କରିବା ପରେ ନିଜର ୩ ବର୍ଷର ନିଷ୍ପାପ ପୁଅକୁ ହତ୍ୟା କରି ନିଜେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ଝାନ୍ସୀର ଧୀମରପୁରା ଗାଁର ବାସିନ୍ଦା ପ୍ରେମ ସିଂ (୩୮) ଗତକାଲି ରାତିରେ ଏକ ବିବାହ ଉତ୍ସବରେ ଯୋଗ ଦେଇ ଘରକୁ ଫେରିଥିଲେ। ସେ ଅତ୍ୟଧିକ ମଦ୍ୟପାନ କରିଥିଲେ। ଏହାକୁ ନେଇ ପରିବାରେ ତାଙ୍କର ଯୁକ୍ତିତର୍କ ହୋଇଥିଲା। ତାଙ୍କ ପତ୍ନୀ ଆଶାଙ୍କ କହିବା ଅନୁସାରେ, ମଦ୍ୟପାନକୁ ନେଇ ତାଙ୍କ ଶାଶୁ ମଧ୍ୟ ପ୍ରେମ ସିଂଙ୍କୁ ଗାଳିଗୁଲଜ କରିଥିଲେ। ଏହାପରେ, ରାତି ଅଧରେ ପ୍ରେମ ସିଂ ନିଜର ସବୁଠାରୁ ସାନ ପୁଅ ଭରତ (୩) କୁ ଧରି ଅନ୍ୟ ଏକ କୋଠରୀକୁ ଚାଲିଯାଇଥିଲେ ଏବଂ ଭିତରୁ କବାଟ ବନ୍ଦ କରିଦେଇଥିଲେ। ମାତ୍ର କିଛି ଘଣ୍ଟା ପରେ ପତ୍ନୀ ଆଶା ସନ୍ଦେହ ହେବାରୁ ସେ ଝରକା ବାଟେ ଚାହିଁ ଦେଖିଥିଲେ ଯେ ତାଙ୍କ ସ୍ୱାମୀ ଫାଶୀରେ ଝୁଲୁଛନ୍ତି ଏବଂ ପୁଅ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ି ରହିଛି। ଖବର ପାଇ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ମୃତଦେହ ଗୁଡ଼ିକୁ ଉଦ୍ଧାର କରିଥିଲା। ତଦନ୍ତରୁ ଜଣାପଡୁଛି ଯେ ବ୍ୟକ୍ତିଜଣକ ପ୍ରଥମେ ପୁଅକୁ ଏକ ଧାରୁଆ ଅସ୍ତ୍ରରେ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି।

## ଇସ୍ତାନବୁଲରେ ଦାଉଦ୍ ସହଯୋଗୀ ଡୋଲା ଗିରଫ

ଇସ୍ତାନବୁଲ, ୨୫।୪(ଏଜେନ୍ସି): ଭାରତର ମୋଷ୍ଟ ୱାଣ୍ଟେଡ୍ ଗ୍ୟାଙ୍ଗଷ୍ଟର ତଥା ଆତଙ୍କବାଦୀ ଦାଉଦ୍ ଇବ୍ରାହିମର ନିକଟତମ ସହଯୋଗୀ ସଲିମ୍ ଡୋଲାକୁ ତୁର୍କୀର ଇସ୍ତାନବୁଲରୁ ଗିରଫ କରାଯାଇଛି। ଅନ୍ତର୍ଜାତୀୟ ଡ୍ରଗ୍ସ କାରବାରର ଅନ୍ୟତମ ମୁଖ୍ୟ କାର୍ଫଟଦାର ଭାବେ ପରିଚିତ ସଲିମକୁ ତୁର୍କୀ ସୁରକ୍ଷା ବାହିନୀ କାବୁ କରିଥିବା ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି। ମୁମ୍ବାଇ ପୁଲିସ ଦ୍ୱାରା ରୁଜୁ ହୋଇଥିବା ବିଭିନ୍ନ ମାମଲାକୁ ଭିତ୍ତି କରି ସିବିଆଇର ଅନୁରୋଧ କ୍ରମେ ଇଣ୍ଟରପୋଲ ପକ୍ଷରୁ ସଲିମ୍ ବିରୋଧରେ ରେଡ୍ କର୍ଣ୍ଣର ନୋଟିସ ଜାରି କରାଯାଇଥିଲା। ଭାରତୀୟ ସୁରକ୍ଷା ଏଜେନ୍ସିର ସୂତ୍ର ଅନୁଯାୟୀ, ସଲିମର ଗିରଫଦାରୀ ଖବରକୁ ନିଶ୍ଚିତ କରାଯାଇଛି। ସଲିମ୍ ଡୋଲା ଏକ ବଡ଼ ଧରଣର ସିନ୍ଥେଟିକ୍ ଡ୍ରଗ୍ସ ନେଟୱାର୍କ ଚଳାଉଥିଲା। ଯାହା ଭାରତ ସମେତ ବିଶ୍ୱର ଅନେକ ଦେଶରେ ବ୍ୟାପିଛି। ସେ ଦୁବାଇରୁ ନିଜର କଳା ସାମ୍ରାଜ୍ୟ ନିୟନ୍ତ୍ରଣ କରୁଥିଲା। ଏଥିରୁ ବାର୍ଷିକ ପ୍ରାୟ ୫, ୦୦୦ କୋଟିରୁ ଅଧିକ ଟଙ୍କାର ଡ୍ରଗ୍ସ କାରବାର କରୁଥିବା ଆନୁମାନିକ ହିସାବ କରାଯାଇଛି। ଡୋଲା ପରିବାର ଓ ସହଯୋଗୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗତ ବର୍ଷ ସଲିମର ପୁଅ ତାହେର ଡୋଲାକୁ ସଂଯୁକ୍ତ ଆରବ ଏମିରେଟ୍ସରୁ ଅଟକ ରଖାଯିବା ପରେ ଜୁନ୍ ୨୦୨୫ରେ ଭାରତକୁ ପ୍ରତ୍ୟର୍ପଣ କରାଯାଇଥିଲା। ଏହା ବ୍ୟତୀତ ତା'ର ଜଣେ ପ୍ରମୁଖ ସହଯୋଗୀ ସଲିମ୍ ମହମ୍ମଦ ସୋହେଲ ଶେଖକୁ ମଧ୍ୟ ଦୁବାଇରୁ ମୁମ୍ବାଇ ପଠାଯିବା ପରେ ଗିରଫ କରାଯାଇଥିଲା। ସଲିମ୍ ଡୋଲା ଏବଂ ତା'ର ଗ୍ୟାଙ୍ଗ ବିରୋଧରେ ଭାରତରେ ଡ୍ରଗ୍ସ ଚୋରା ଚାଲାଣ, ଉତ୍ପାଦନ ଏବଂ ମନି ଲଣ୍ଡରିଂ ଭଳି ଅନେକ ଗୁରୁତର ମାମଲା ରହିଛି।

## ୟୁକ୍ରେନ୍ ଉପରେ ରୁଷର ଡ୍ରୋନ୍ ଆକ୍ରମଣ: ୭ ମୃତ

କିଭ୍, ୨୫।୪(ଏଜେନ୍ସି): ରୁଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଭୟଙ୍କର ରୂପ ଧାରଣ କରିଛି। ଗତକାଲି ରାତିରେ ରୁଷ ପକ୍ଷରୁ ୟୁକ୍ରେନ ଉପରେ ଡ୍ରୋନ୍ ଆକ୍ରମଣରେ ୭ ଜଣ ପ୍ରାଣ ହରାଇଥିବା ଜଣାପଡ଼ିଛି। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ଅନୁଯାୟୀ, ରୁଷ ପ୍ରାୟ ୬୦୦ରୁ ଅଧିକ ଡ୍ରୋନ୍ ଦ୍ୱାରା ଆକ୍ରମଣ କରିଥିଲା। ମୁଖ୍ୟତଃ ସାଧାରଣ ନାଗରିକ ରହୁଥିବା ଅଞ୍ଚଳ ଏବଂ ଭିତ୍ତିଭୂମିକୁ ଟାର୍ଗେଟ କରାଯାଇଛି। ମଧ୍ୟ ୟୁକ୍ରେନର ଦନିପ୍ରୋ ସହରରେ ଏକ ଆପାର୍ଟମେଣ୍ଟ ଉପରେ ଡ୍ରୋନ୍ ମାଡ଼ରେ ୫ ଜଣଙ୍କର ମୃତ୍ୟୁ ଘଟିଛି। ସେହିଭଳି ଉତ୍ତର ଚେର୍ନିହିଭ ଅଞ୍ଚଳରେ ଆଉ ୨ ଜଣ ପ୍ରାଣ ହରାଇଛନ୍ତି। ଓଡେସା ଏବଂ ଖାର୍କିଭ ଭଳି ପ୍ରମୁଖ ସହରରେ ମଧ୍ୟ ରୁଷର ମିସାଇଲ ଓ ଡ୍ରୋନ୍ ମାଡ଼ ହୋଇଛି। ୟୁକ୍ରେନ ପ୍ରତିରକ୍ଷା ବାହିନୀ ଅଧିକାଂଶ ଡ୍ରୋନ୍‌କୁ ନଷ୍ଟ କରିଦେଇଥିବା ଦାବି କରିଥିଲେ ସୁଦ୍ଧା ଅନେକ ଆବାସିକ କୋଠା ଓ ଶକ୍ତି କେନ୍ଦ୍ର କ୍ଷତିଗ୍ରସ୍ତ ହୋଇଛି। ରୁଷର ଏହି ଆକ୍ରମଣର ଜବାବରେ ୟୁକ୍ରେନ ମଧ୍ୟ ରୁଷର ଆଭ୍ୟନ୍ତରୀଣ ଅଞ୍ଚଳକୁ ଟାର୍ଗେଟ କରିଛି। ସୀମାଠାରୁ ପ୍ରାୟ ୧, ୬୦୦ କିଲୋମିଟର ଦୂରରେ ଥିବା ୟେକାଟେରିନବର୍ଗ ଏବଂ ଚେଲ୍ୟାବିନ୍ସ୍କର ଶିଳ୍ପ କେନ୍ଦ୍ରଗୁଡିକ ଉପରେ ୟୁକ୍ରେନ ଡ୍ରୋନ୍ ମାଡ଼ କରିଛି। ରୁଷର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ସେମାନେ ପ୍ରାୟ ୧୨୭ଟି ୟୁକ୍ରେନୀୟ ଡ୍ରୋନ୍‌କୁ ଖସାଇ ଦେଇଛନ୍ତି।

## ରଥଖଳାରୁ...

# ଆଜି ବିନ୍ଧ ଅନୁକୂଳ



ପୁରୀ, ୨୫।୪ (ସମିସ): ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ପ୍ରାଥମିକ ପର୍ଯ୍ୟାୟରେ ତିନିରଥର ତୁମ୍ବ ତିଆରି କରାଯାଉଛି। ଶନିବାର ସୁଦ୍ଧା ତିନି ରଥର ମୋଟ ୪୨ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ହୋଇଛି। ରବିବାର ସକାଳେ ତିନିରଥର ତୁମ୍ବ ବିନ୍ଧ ଅନୁକୂଳ ପୂଜା ସହ ତୁମ୍ବଗୁଡ଼ିକର ବିନ୍ଧ କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ତିନିରଥ ମୁଖ୍ୟ ମହାରଣାମାନେ ନିଜ ନିଜର ସାଥୀ ମହାରଣା ସେବକଙ୍କ ସହ ମିଶି ମାପ ପ୍ରକାରେ ତୁମ୍ବଗୁଡ଼ିକର ସୂତା ବାଡ଼ିଆ କାର୍ଯ୍ୟ ଶେଷ କରିଛନ୍ତି। ଏଥିସହ କରତି ମହାରଣାଙ୍କ ଦ୍ୱାରା ତୁମ୍ବଗୁଡ଼ିକର ଘେର କଟା ଏବଂ ସାଥୀ ସହଯୋଗୀ ମହାରଣାଙ୍କ ଦ୍ୱାରା ତୁମ୍ବଗୁଡ଼ିକର ଠେକ ତୁଲିଆ କାର୍ଯ୍ୟ (ତୁମ୍ବର ବଳକା ଅଂଶକୁ କାଟି ତୁମ୍ବର ମୁଖ ଭାଗକୁ ବଟାଲିରେ ଚାଞ୍ଛି ସମତୁଲ କରିବା) ତଦାରଖ ପୂର୍ବକ ତୁମ୍ବ ବିନ୍ଧ ଅନୁକୂଳ ପୂଜା ପାଇଁ ପ୍ରସ୍ତୁତି ଶେଷ ହୋଇଛି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ ତିନି ରଥର କମାର ସେବକମାନେ ଅର କଣ୍ଟା ପ୍ରସ୍ତୁତି ଜାରି ରଖିବା ସହ ତୁମ୍ବ ବଳା ପ୍ରସ୍ତୁତ ପାଇଁ ବଳା ଶାଳ ପ୍ରସ୍ତୁତ ଶେଷ କରି କରିଛନ୍ତି।

ସୂଚନାଥାଉ କି, ଗୋଟିଏ ଚକରେ ୩୨ଟି ଅରକଣ୍ଟା ଲାଗିଥାଏ। ତେଣୁ ତିନିରଥର ମୋଟ ୪୨ଟି ଚକ ପାଇଁ ୧,୩୪୪ଟି ଅରକଣ୍ଟା ତିଆରି କରାଯିବ। ପ୍ରାଥମିକ ଭାବେ ୬ଟି ଚକ ପାଇଁ ଅରକଣ୍ଟା ତିଆରି ହେଉଛି। ଅନ୍ୟପକ୍ଷରେ, ଶନିବାର ମଧ୍ୟାହ୍ନରେ ରଥ ଖଳା ପରିଦର୍ଶନରେ ଯାଇ ନିର୍ମାଣ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ବୁଝିଥିଲେ ରତ୍ନଭଣ୍ଡାର ଓଏସ୍‌ଡି ଜିତେନ୍ଦ୍ର କୁମାର ସାହୁ। ତିନି ରଥର ମୁଖ୍ୟ ମହାରଣା ଓ ଭୋଇ ସର୍ଦ୍ଦାର ରବି ଭୋଇ ତିନିରଥର ସମସ୍ତ ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ପରେ ତୁମ୍ବଗୁଡ଼ିକରେ ସୂତାବାଡ଼ିଆ ଯାଇଛି। ରବିବାର ତୁମ୍ବ ବିନ୍ଧ ଅନୁକୂଳ ପୂଜା ଅନୁଷ୍ଠିତ ହେବା ସମ୍ପର୍କରେ ସୂଚନା ଦେଇଥିଲେ।

# ଏସଟିଏଫ୍ ଜାଲରେ ନିଶା ମାଫିଆ

ଭୁବନେଶ୍ୱର, ୨୫।୪ (ସମିସ): ବେଆଇନ ଗଞ୍ଜେଇ ଚାଲାଣ ବେଳେ ନିଶା ବେପାରୀକୁ ମାଡ଼ି ବସିଛି ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସଟିଏଫ୍)। ଗଞ୍ଜେଇ ଭର୍ତ୍ତି କାର୍ ଜବତ କରିବା ସହ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି, ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଥାନା ଅନ୍ତର୍ଗତ ଚେପଟିଗାଡ଼ିଆ ଗାଁର ଲିପୁ ନାଏକ (୨୮)।

ସୂଚନା ଅନୁସାରେ, ହିନ୍ଦୋଳ ଥାନା ଅଞ୍ଚଳରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ସ୍ୱତନ୍ତ୍ର

## ଗଞ୍ଜେଇ ଭର୍ତ୍ତି କାର୍ ଜବତ

ଟାସ୍କଫୋର୍ସ ଖବର ପାଇଥିଲା। ଏସ୍‌ଟିଏଫ୍‌ର ଏକ ସ୍ୱତନ୍ତ୍ର ଟିମ୍ ଆମ୍ବିଥି ଉପକଣ୍ଠରେ ଥିବା କଂସରା ବନଦୁର୍ଗା ମନ୍ଦିର ନିକଟରେ ଚଢ଼ଉ କରିଥିଲା। ସେଠାରେ ଏକ ଧଳାରଙ୍ଗର କାରକୁ ଅଟକାଇବା ସହ ଲିପୁକୁ ଅଟକ ରଖିଥିଲା। ଯାଞ୍ଚ ସମୟରେ କାର୍ ଭିତରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଥିଲା। ମୋଟ ୧୫୪ କିଲୋ ୩୮୦ ଗ୍ରାମ ଓଜନର ଗଞ୍ଜେଇ ଥିବା ଓଜନ ପରେ ସ୍ପଷ୍ଟ ହୋଇଥିଲା। ଏହାସହ ଗଞ୍ଜେଇ ଭର୍ତ୍ତି ହୋଇଥିବା କାର୍ ଓ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରିଥିଲା। ତେବେ ଲିପୁ ଏତେ ପରିମାଣର ଗଞ୍ଜେଇ ବାବଦରେ କୌଣସି ସ୍ପଷ୍ଟ ସୂଚନା ବା ସନ୍ତୋଷଜନକ ଉତ୍ତର ଦେଇପାରିନଥିଲା। ସେ କନ୍ଧମାଳ ଜିଲ୍ଲାରୁ ଗଞ୍ଜେଇ ଆଣି ଚାଲାଣ କରୁଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଏନେଇ ଏସଟିଏଫ୍ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରିବା ସହ



ଲିପୁକୁ ଢେଙ୍କାନାଳ ଜିଲ୍ଲା କୋର୍ଟକୁ ଚାଲାଣ କରିଛି। ଜାମିନ୍ ନାମଞ୍ଜୁର ହେବାରୁ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେପଟେ ଲିପୁ ସହ ଆଉ କେଉଁମାନେ ଏହି ବେଆଇନ ଗଞ୍ଜେଇ କାରବାରରେ ସଂପୃକ୍ତ ଅଛନ୍ତି, ସେନେଇ ଏସଟିଏଫ୍ ଖୋଳତାଡ଼ ଜାରି ରଖିଛି।

## ମନ୍ତ୍ରୀଙ୍କ ଘୋଷଣାକୁ ଦେଢ଼ବର୍ଷ

# ଭକ୍ତଙ୍କୁ କେବେ ବଣ୍ଟାଯିବ ମାଗଣା ମହାପ୍ରସାଦ

ପୁରୀ, ୨୫।୪ (ସମିସ): ଶ୍ରୀମନ୍ଦିର ଏବଂ ଭକ୍ତଙ୍କ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ ଏମିତି କିଛି ନିଷ୍ପତ୍ତି ହେଉଛି ଯାହାକୁ ସର୍ବସାଧାରଣରେ ଅଧିକାରୀ, ଏପରିକି ନେତା, ମନ୍ତ୍ରୀ ଘୋଷଣା କରି ବାହାବା ଗୋଟାଉଛନ୍ତି। ଗଣମାଧ୍ୟମରେ ଦୁଇ ଦିନ ଧରି ତାହା ଖବରର ଶିରୋନାମା ପାଲଟୁଛି। କିନ୍ତୁ, ବାସ୍ତବରେ ତାହା କେତେ ଦୂର କାର୍ଯ୍ୟକାରୀ ହେଉଛି ନା ନାହିଁ, ତା' ଉପରେ କେହି ଧ୍ୟାନ ରଖୁନାହାନ୍ତି। ଫଳରେ, କଥା କହି ବାହାବା ନେବାର ମାନସିକତା ଭିତରେ ହଜିଯାଉଛି ଶ୍ରଦ୍ଧାଳୁଙ୍କ ସ୍ୱାର୍ଥ।

ଭକ୍ତଙ୍କୁ ମାଗଣା ମହାପ୍ରସାଦ ବଣ୍ଟନ କରାଯିବା ଏଥି ମଧ୍ୟରୁ ଅନ୍ୟତମ। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏନେଇ ଘୋଷଣା କରିବାକୁ ଇତିମଧ୍ୟରେ ଦେଢ଼ବର୍ଷ ବିତିଗଲାଣି। ହେଲେ ଏଯାଏ ଭକ୍ତଙ୍କୁ ମାଗଣା ମହାପ୍ରସାଦ ବଣ୍ଟନ ନେଇ କିଛି ସ୍ପଷ୍ଟ ହୋଇନି। କେବେଠୁ ଏବଂ କେମିତି ଶ୍ରଦ୍ଧାଳୁ ମହାପ୍ରସାଦ ପାଇବେ, ସେନେଇ କୌଣସି ବୈଠକ ବସିନି କି ଏ ବିଷୟରେ ଆଉ କିଛି ଶୁଣିବାକୁ ମିଳୁନି।

ଶ୍ରୀମନ୍ଦିରକୁ ଦୈନିକ ହଜାରହଜାର ଶ୍ରଦ୍ଧାଳୁ ଆସିଥା'ନ୍ତି। ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିସାରିବା ପରେ ପ୍ରାୟ ପ୍ରତ୍ୟେକଙ୍କର ମହାପ୍ରଭୁଙ୍କ ମହାପ୍ରସାଦ ପାଇବାକୁ ଇଚ୍ଛା ଥାଏ। ହେଲେ ସମସ୍ତେ ଆନନ୍ଦ ବଜାରରୁ ଅବଢ଼ା କିଣି ଖାଇବାକୁ ସମର୍ଥ ହୋଇ ନଥା'ନ୍ତି। କିଏ ଆର୍ଥିକ ଦୃଷ୍ଟିକୋଣରୁ ତ ଆଉ କେହି ସମୟ ଅଭାବରୁ ଦର୍ଶନ ସାରି ଫେରିଯାନ୍ତି। ତେଣୁ, ମହାପ୍ରସାଦ ପାଇବା ପାଇଁ ଆଶା ରଖିଥିବା ଶ୍ରଦ୍ଧାଳୁଙ୍କୁ ମାଗଣାରେ କଣିକାଏ ଅବଢ଼ା ଦେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ବ୍ୟବସ୍ଥା କରିଥିଲା।

୨୦୧୬ ମସିହା ଅକ୍ଷୟ ତୃତୀୟାରୁ ଆରମ୍ଭ





ହୋଇଥିଲା ଭକ୍ତଙ୍କୁ ମାଗଣା ମହାପ୍ରସାଦ ବଣ୍ଟନ। ଶ୍ରୀମନ୍ଦିର ପ୍ରଶାସନ ଏବଂ ସୁଆର-ମହାସୁଆର ନିଯୋଗ ମିଳିତ ସହଯୋଗରେ ବାଇଶି ପାହାଚରେ ଦୁଇ ବଡ଼ ଆଟିକାରେ ପ୍ରତ୍ୟହ ଏହି ମହାପ୍ରସାଦ ବଣ୍ଟନ କରାଯାଉଥିଲା। ଆନନ୍ଦବଜାରରୁ ଅବଢ଼ା କିଣି ନପାରିଲେ ମଧ୍ୟ ଭକ୍ତମାନେ କଣିକାଏ ମହାପ୍ରସାଦ ପାଇ ଆନନ୍ଦ ମନରେ ଫେରୁଥିଲେ। ପ୍ରାୟ ୯ବର୍ଷ ହେବ, ବନ୍ଦ ରହିଛି ଏହି ମାଗଣା ମହାପ୍ରସାଦ ବଣ୍ଟନ। କିନ୍ତୁ, ପୁଣି ଏହି ବ୍ୟବସ୍ଥା ଆରମ୍ଭ କରାଯିବ ବୋଲି ଆଇନ ମନ୍ତ୍ରୀ ଘୋଷଣା କରିବା ପରେ ଶ୍ରଦ୍ଧାଳୁ ଖୁସି ହୋଇଥିଲେ।

୨୦୨୪ ଅଗଷ୍ଟରେ ପୁରୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଯୋଗଦେବା ଅବସରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ମାଗଣା ମହାପ୍ରସାଦ ମିଳିବ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ଏହା ଉପରେ ମନ୍ତବ୍ୟ ଦେଇ ସେ କହିଥିଲେ ଯେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କୁ ମାଗଣାରେ ମିଳିବ ମହାପ୍ରସାଦ। ଶ୍ରଦ୍ଧାଳୁଙ୍କୁ ମହାପ୍ରସାଦ କୁଡୁଆ ଦେବାକୁ ଯୋଜନା କରାଯାଉଛି। ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କ ସଂଖ୍ୟା ଦୃଷ୍ଟିରୁ ବର୍ଷକୁ ଏ ବାବଦରେ ବର୍ଷକୁ ୧୪ରୁ ୧୫ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିପାଇଁ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ ନିଆଯିବ। ସେମାନେ ମଧ୍ୟ ପୁଣ୍ୟ ଅର୍ଜନ କରିବେ। ଏଥିଲାଗି ଭକ୍ତ ସମାଜକୁ ଅନୁରୋଧ କରିଛୁ, ଅନେକ ଭକ୍ତ ଆସି ସହଯୋଗର ହାତ ବି ବଢ଼ାଇଛନ୍ତି। ଯେଉଁ ବଦାନ୍ୟ ଭକ୍ତମାନେ ଅଛନ୍ତି ସେମାନଙ୍କ ସହଯୋଗରେ ଏହା ହେବ। କାର୍ତ୍ତିକ ମାସ ପରେ ଏହି ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି କହିଥିଲେ ଆଇନମନ୍ତ୍ରୀ। ଇତିମଧ୍ୟରେ ଦୁଇଟି କାର୍ତ୍ତିକ ମାସ ସରି ଗଲାଣି। ହେଲେ ଏ ପର୍ଯ୍ୟନ୍ତ ମାଗଣା ମହାପ୍ରସାଦ ବଣ୍ଟନର ରୂପରେଖ କିଛି ସ୍ପଷ୍ଟ ହୋଇନି।

ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ନୟାଗଡ଼ ଗଣିଆର ସରୋଜକାନ୍ତ ପ୍ରଧାନ କହିଛନ୍ତି, ଭକ୍ତଙ୍କୁ ମାଗଣା ମହାପ୍ରସାଦ ବଣ୍ଟନ କରାଯିବ ବୋଲି ମନ୍ତ୍ରୀ ଘୋଷଣା କରିବା ପରେ ଆମେ ବେଶ୍ ଖୁସି ହୋଇଥିଲୁ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ସବୁ ଶ୍ରଦ୍ଧାଳୁ ମହାପ୍ରସାଦ କିଣିବାକୁ ସମର୍ଥ ହୋଇ ନ ଥାନ୍ତି। ସରକାର ମାଗଣାରେ ମହାପ୍ରସାଦ ବାଣ୍ଟିଲେ ସମସ୍ତେ ପାଇପାରିବେ। କଣିକାଏ ହେଉ ବରଂ ମହାପ୍ରଭୁଙ୍କ ଅବଢ଼ା ପ୍ରତି ସମସ୍ତଙ୍କ ଦୁର୍ବଳତା ରହିଥାଏ। ହେଲେ ମନ୍ତ୍ରୀ ଘୋଷଣା କରିବା ଇତିମଧ୍ୟରେ ଦେଢ଼ବର୍ଷ ବିତିଗଲାଣି। କିନ୍ତୁ ଏଯାଏ ମିଳିଲା ନାହିଁ। ତେଣୁ, କିପରି ଶ୍ରଦ୍ଧାଳୁମାନଙ୍କୁ ମାଗଣାରେ ମହାପ୍ରସାଦ ବଣ୍ଟନ କରାଯିବ, ତା' ଉପରେ ଶ୍ରୀମନ୍ଦିର ପ୍ରଶାସନ ଏବଂ ମନ୍ତ୍ରୀ ବିଚାରବିମର୍ଶ କରି ଏହାକୁ କାର୍ଯ୍ୟକାରୀ କଲେ ଭକ୍ତମାନେ ଉପକୃତ ହୋଇପାରନ୍ତେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ପ୍ରେମିକ ପରେ ପ୍ରେମିକାର ଆତ୍ମହତ୍ୟା

# ସଖୀ ସେଣ୍ଟର୍‌ରେ ଝୁଲି ପଡ଼ିଲେ ନାବାଳିକା

ଅନୁଗୋଳ, ୨୫।୪(ସମିସ): ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ସଖୀ ସେଣ୍ଟର୍‌ରେ ଏକ ଅଭାବନୀୟ ଘଟଣା ଘଟିଛି। ପ୍ରେମିକଙ୍କ ଆତ୍ମହତ୍ୟାର କିଛି ଘଣ୍ଟା ପରେ ଜଣେ ନାବାଳିକା ସଖୀ ସେଣ୍ଟର୍ ଶୌଚାଳୟ ଭିତରେ ଓଢ଼ଣୀରେ ଝୁଲି ଆତ୍ମହତ୍ୟା କରିଛନ୍ତି। ମୃତ ନାବାଳିକାଜଣଙ୍କ ଅନୁଗୋଳ ସଦର ଥାନା ସମାକୋଇ ଗାଁର ବୋଲି ସୂଚନା ମିଳିଛି।

ନାବାଳିକାଜଣଙ୍କ ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନା ନିମିଧା ଗାଁର ବେଣୁପାଣି ସାହୁଙ୍କ ସହ କିଛି ଦିନ ପୂର୍ବେ ମୁମ୍ବଇ ପଳାଇଥିଲେ। ଝିଅ ପରିବାର ପକ୍ଷରୁ ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ବେଣୁପାଣିଙ୍କ ବାପା-ମାଆଙ୍କୁ ତିନିଦିନ ଧରି ଅଟକ ରଖିଥିଲା ପୁଲିସ। ବେଣୁପାଣି ମୁମ୍ବଇରୁ ଫେରି ଏ ସମ୍ପର୍କରେ ଜାଣିବା ପରେ ମର୍ମାହତ ହୋଇ ଗତକାଲି ନିଜ ଘରେ ରଶିରେ ଝୁଲି ଆତ୍ମହତ୍ୟା କରିଥିଲେ। ଅପରପକ୍ଷେ, ପୁଲିସ ନାବାଳିକାଙ୍କୁ ଉଦ୍ଧାର କରି ସଖୀ ସେଣ୍ଟର୍‌ରେ ରଖିଥିବା ବେଳେ ଆଜି ସକାଳେ ସେ ଶୌଚ ବାହାନାରେ ଗାଧୁଆ ଘରେ ନିଜ ଓଢ଼ଣୀରେ ଝୁଲି ଜୀବନ ହାରିଛନ୍ତି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସଖୀ ସେଣ୍ଟର୍ ଭଳି ସୁରକ୍ଷିତ ସ୍ଥାନରେ କିଭଳି ନାବାଳିକାଜଣଙ୍କ ଆତ୍ମହତ୍ୟା କଲେ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

ବାଲେଶ୍ୱର,୨୫।୪(ସମିସ): ୨୦୨୪ ମସିହାରେ ସିମୁଳିଆ ଅଞ୍ଚଳର ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ କରି ଗର୍ଭବତୀ କରାଇବା ମାମଲାର ଆଜି ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ପେଶାଲ ପକ୍ସୋ ଜଜ୍ ଇନ୍ଦ୍ରା ପ୍ରିୟଦର୍ଶିନୀ ଅଭିଯୁକ୍ତ ଭଦ୍ରକ ଜିଲ୍ଲା ବରୁଆଁ ଅଞ୍ଚଳର କୃତିବାସ ବନ୍ଧକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୨୦ଜଣ ସାକ୍ଷୀ ଏବଂ ବିଭିନ୍ନ ଦସ୍ତାବିଜ୍‌କୁ ଆଧାର କରି ଦୁଷ୍କର୍ମକାରୀକୁ କୋର୍ଟ ୨୦ବର୍ଷ ଜେଲ୍ ଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଟଙ୍କା ଅନାଦେୟ ହେଲେ, ଅଧିକ ଏକ ବର୍ଷ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ନିର୍ଦ୍ଦେଶ ରହିଛି। ଏହାଛଡ଼ା, ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସ୍ୱତନ୍ତ୍ର ପିପି ରାଇମୋହନ ପଟ୍ଟନାୟକ ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ ଯେ ଏହି ଦୁଷ୍କର୍ମ ମାମଲା କୋର୍ଟରେ ବିଚାରଧୀନ ଥିବା ସମୟରେ ପୀଡ଼ିତାଙ୍କ ମା'ଙ୍କ ମୃତ୍ୟୁ ହୋଇଯାଇଥିଲା।

## ■ ହତ୍ୟା ଘଟଣାର ସାକ୍ଷୀଙ୍କୁ ହତ୍ୟା କରାଯିବା ମାମଲା

# କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୨୫।୪ (ସମିସ): ଗଞ୍ଜାମ ଜିଲ୍ଲା ରମ୍ଭା ଥାନା ଅନ୍ତର୍ଗତ ଦୁଇଟି ସମ୍ବେଦନଶୀଳ ହତ୍ୟା ଘଟଣା ଓ ଅଭିଯୋଗକାରୀଙ୍କ ବିରୋଧରେ ରୁଜୁ ପାଲଟା ମାମଲାକୁ ଉଚ୍ଚ ନ୍ୟାୟାଳୟ ଗୁରୁତ୍ୱର ଗ୍ରହଣ କରି ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ରମ୍ଭା ଥାନାରେ ରୁଜୁ ଏହି ମାମଲାଗୁଡ଼ିକର ତଦନ୍ତ ଭାର ରାଜ୍ୟ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଏମ୍. ସନ୍ନ୍ୟାସୀ ପ୍ରଧାନ ଏବଂ ବି. ସୁଜି ପ୍ରଧାନଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ସାବିତ୍ରୀ ରଥ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ରାଜ୍ୟ କ୍ରାଇମବ୍ରାଞ୍ଚ ଏହି ୩ଟି ମାମଲାର ପୁନଃ ତଦନ୍ତ କରିବ ଓ କ୍ରାଇମବ୍ରାଞ୍ଚ ଅତିରିକ୍ତ ଡିଜି ଜଣେ ଦକ୍ଷ ଅଧିକାରୀଙ୍କୁ ତଦନ୍ତ ଦାୟିତ୍ୱ ପ୍ରଦାନ କରିବେ। ଏଥିସହ ରମ୍ଭା ଥାନାଧିକାରୀ ସମସ୍ତ କେସ୍ ଡାଏରୀ ଏବଂ ପ୍ରମାଣପତ୍ର ତୁରନ୍ତ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ୨୦୨୫ ଅଗଷ୍ଟ ୩ତାରିଖରେ ବି. ମନ୍ୟୁ ପ୍ରଧାନ ନାମକ ଜଣେ ବ୍ୟକ୍ତିଙ୍କ ହତ୍ୟା କରାଯାଇଥିଲା। ଏନେଇ ରମ୍ଭା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଏହି ହତ୍ୟା ମାମଲାରେ ଅଭିମନ୍ୟୁ ପ୍ରଧାନ ଜଣେ ପ୍ରମୁଖ ସାକ୍ଷୀ ଥିଲେ। ତେବେ ସାକ୍ଷୀ ଥିବା ଅଭିମନ୍ୟୁ ପ୍ରଧାନଙ୍କ ବୟାନ ପୁଲିସ ରେକର୍ଡ କରିବା ପୂର୍ବରୁ ହିଁ ଗତ ୨୦୨୫ ଅଗଷ୍ଟ ୧୩ ତାରିଖରେ ତାଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିବା ନେଇ ଥାନାରେ ଏତଲା ହୋଇଥିଲା। ଏହି ହତ୍ୟାକାଣ୍ଡର ତଦନ୍ତ ଚାଲିଥିବା ବେଳେ ମୃତକ ଅଭିମନ୍ୟୁଙ୍କ ଭାଇ ଏମ. ସନ୍ନ୍ୟାସୀ ପ୍ରଧାନ ଏବଂ ଭଉଣୀ ବି. ସୁଜିଙ୍କୁ ଅନ୍ୟ ଏକ ମାମଲାରେ ଅଭିଯୁକ୍ତ ଭାବେ ଦର୍ଶାଯାଇଥିଲା। ଫଳରେ ପୁଲିସ ତଦନ୍ତରେ ଅସନ୍ତୋଷ ପ୍ରକାଶ କରି ଏମ୍. ସନ୍ନ୍ୟାସୀ ପ୍ରଧାନ ଏବଂ ବି. ସୁଜି ପ୍ରଧାନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରମ୍ଭା ଥାନାରେ ପଞ୍ଜୀକୃତ ହୋଇଥିବା ତିନୋଟି ମାମଲାର ନିରପେକ୍ଷ ତଦନ୍ତ ପାଇଁ ପ୍ରାର୍ଥନା କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପୁଲିସ ପ୍ରକୃତ ଅଭିଯୁକ୍ତଙ୍କୁ ଛାଡ଼ି ସାକ୍ଷୀ ଓ ପୀଡ଼ିତ ପରିବାରକୁ ହଇରାଣ କରୁଛି। ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଏବଂ ପ୍ରକୃତ ସତ୍ୟ ଉନ୍ମୋଚନ ପାଇଁ ୩ଟି ଯାକ ମାମଲାର ତଦନ୍ତ ସ୍ୱାଧୀନ ସଂସ୍ଥା ଦ୍ୱାରା କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

## ଶନିବାର ତାପମାତ୍ରା
ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୩୩.୫ | ୨୫.୬ |
| ଚାନ୍ଦବାଲି | ୩୭.୪ | ୨୬.୬ |
| କଟକ | ୩୬.୬ | ୨୫.୨ |
| ପାରାଦୀପ | ୩୨.୫ | ୨୭.୩ |
| ଭୁବନେଶ୍ୱର | ୩୬.୮ | ୨୭.୪ |
| ଗୋପାଳପୁର | ୩୧.୮ | ୨୫.୮ |
| ପୁରୀ | ୩୨.୩ | ୨୮.୧ |
| ଅନୁଗୁଳ | ୪୧.୭ | ୨୬.୬ |
| ବାରିପଦା | ୩୭.୦ | ୨୬.୨ |
| ଝାରସୁଗୁଡ଼ା | ୪୪.୧ | ୨୨.୮ |
| କେନ୍ଦୁଝର | ୩୩.୮ | ୨୪.୬ |
| ସମ୍ବଲପୁର | ୪୨.୬ | ୨୬.୨ |
| ସୁନ୍ଦରଗଡ଼ | ୪୨.୮ | ୨୪.୮ |
| ହୀରାକୁଦ | ୪୨.୬ | ୨୫.୮ |
| ତାଳଚେର | ୪୧.୨ | ୨୫.୫ |
| ଭବାନୀପାଟଣା | ୪୨.୨ | ୨୪.୯ |
| ବଲାଙ୍ଗୀର | ୪୩.୫ | ୨୬.୦ |
| କୋରାପୁଟ | ୩୮.୦ | - |
| ଫୁଲବାଣୀ | ୪୦.୧ | ୨୧.୫ |
| ଟିଟିଲାଗଡ଼ | ୪୪.୦ | ୨୭.୦ |
| ମାଲକାନଗିରି | ୪୦.୬ | ୨୫.୮ |
| ସୋନପୁର | ୪୨.୩ | ୨୪.୮ |
| ଦାରିଙ୍ଗବାଡ଼ି | ୩୭.୦ | ୨୩.୫ |
| ନୟାଗଡ଼ | ୩୮.୦ | ୨୬.୦ |
| ବୌଦ୍ଧ | ୪୨.୦ | ୨୩.୩ |
| ଛତ୍ରପୁର | ୩୩.୪ | ୨୫.୪ |
| ପାରାଳାଖେମୁଣ୍ଡି | ୪୦.୦ | ୨୨.୫ |
| ନୟାଗଡ଼ | ୩୮.୦ | ୨୬.୦ |
| ଭଦ୍ରକ | ୩୮.୦ | ୨୯.୦ |
| ଯାଜପୁର | ୩୮.୬ | ୨୫.୦ |
| ଢେଙ୍କାନାଳ | ୩୮.୬ | ୨୪.୫ |
| ବରଗଡ଼ | ୪୧.୦ | ୨୫.୪ |
| ଦେଓଗଡ଼ | ୩୯.୭ | ୨୪.୨ |
| ନୂଆପଡ଼ା | ୪୩.୦ | ୨୫.୬ |
| ନବରଙ୍ଗପୁର | ୩୮.୦ | ୨୪.୦ |
| ଖୋର୍ଦ୍ଧା | ୩୯.୦ | ୨୬.୦ |
| ଜଗତସିଂହପୁର | ୩୫.୫ | ୨୩.୦ |
| କେନ୍ଦ୍ରାପଡ଼ା | ୩୬.୮ | ୨୩.୨ |
| ରାଉରକେଲା | ୪୨.୬ | ୨୩.୫ |

## ସରକାରୀ ଅର୍ଥ ଲୁଟ୍

# ଭିଜିଲାନ୍ସ ଅଦାଲତରେ ୨ ଯନ୍ତ୍ରୀ ଦଣ୍ଡିତ

ସମ୍ବଲପୁର, ୨୫।୪ (ସମିସ): ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ୍‌ର ଦୁଇଜଣ ପୂର୍ବତନ ଯନ୍ତ୍ରୀ ଏକ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଓଡ଼ିଶା ଭିଜିଲାନ୍ସ ଏକ ଦୁର୍ନୀତି ମାମଲାରେ ଆଜି ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ୍‌ର ଦୁଇଜଣ ପୂର୍ବତନ ଇଞ୍ଜିନିୟରଙ୍କୁ ଦୋଷୀ ସାବ୍ୟସ୍ତ କରି ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦଣ୍ଡାଦେଶ ଶୁଣାଇଛନ୍ତି। ସେମାନେ ହେଲେ, ସଦାନନ୍ଦ ପ୍ରଧାନ, ପୂର୍ବତନ ସହକାରୀ ଇଞ୍ଜିନିୟର (ଅବସରପ୍ରାପ୍ତ), ମାନେଶ୍ୱର ବ୍ଲକ ଏବଂ ବିରଞ୍ଚି ନାରାୟଣ ଦାସ, ପୂର୍ବତନ ଜୁନିଅର ଇଞ୍ଜିନିୟର।

ସମ୍ପ୍ରତି ବିରଞ୍ଚି ନୟାଗଡ଼ ଜିଲ୍ଲା ଦଶପଲ୍ଲାସ୍ଥିତ ବୁଟାଙ୍ଗ ଜଳସେଚନ ପ୍ରକଳ୍ପରେ ସହକାରୀ ଇଞ୍ଜିନିୟର(ଏଇ) ଭାବେ କାର୍ଯ୍ୟରତ। ମାନେଶ୍ୱର ବ୍ଲକରେ ୨୦୦୮-୨୦୦୯ ମସିହାରେ ମନରେଗା ଯୋଜନାରେ ଏକ ରାସ୍ତା ଉନ୍ନତୀକରଣ କାର୍ଯ୍ୟର ଅଧିକ ମାପ ପୁନଃକୋଡିଂ କରି ସରକାରୀ ଟଙ୍କା ଆତ୍ମସାତ କରିବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଦଫା ୧୩(୨) ଆର୍/ ଡବ୍ଲୁ ୧୩(୧)(ସି)(ଡି) ପିସି ଆକ୍ଟ ଏବଂ ୪୦୯/୪୬୮/୧୨୦-ବି ଆଇପିସିରେ ମାମଲା ରୁଜୁ ହୋଇଥିଲା। ଉଭୟ ଅଭିଯୁକ୍ତ ଶ୍ରୀ ଦାଶ ଏବଂ ଶ୍ରୀ ପ୍ରଧାନଙ୍କୁ ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ ଦ୍ୱାରା ଦୋଷୀ ସାବ୍ୟସ୍ତ କରାଯାଇଛି। ଅଦାଲତ ପ୍ରତ୍ୟେକ ଦୋଷୀଙ୍କୁ ୨ବର୍ଷ ପାଇଁ ସଶ୍ରମ କାରାଦଣ୍ଡ ଏବଂ ଜରିମାନା ଦଣ୍ଡ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୨ମାସ ଲେଖାଏଁ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି।

## ■ ସରକାରୀ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ

# ମେ ୩୧ ତାରିଖ ସୁଦ୍ଧା କର୍ମଚାରୀ ଦାଖଲ କରିବେ ରିପୋର୍ଟ

ଭୁବନେଶ୍ୱର,୨୫।୪(ସମିସ): ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ବାର୍ଷିକ କାର୍ଯ୍ୟଦକ୍ଷତା ମୂଲ୍ୟାୟନ ରିପୋର୍ଟ ବା 'ଏପିଏଆର' ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଏହି ରିପୋର୍ଟ ଦାଖଲ କରିବାକୁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସମସ୍ତ ବିଭାଗ ଓ ବିଭାଗୀୟ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ସରକାରଙ୍କ ନିୟମାବଳୀ ଅନୁଯାୟୀ, ରାଜ୍ୟ ସରକାର ମଧ୍ୟ ଅନଲାଇନ୍ ମାଧ୍ୟମରେ ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାକୁ ଏକ ନିର୍ଦ୍ଦିଷ୍ଟ କ୍ୟାଲେଣ୍ଡର ପ୍ରସ୍ତୁତ କରିଛନ୍ତି। ସରକାରଙ୍କ ଦ୍ୱାରା ଜାରି ନିର୍ଦ୍ଦେଶନାମା ଅନୁଯାୟୀ ରିପୋର୍ଟ ଦାଖଲ ପାଇଁ ବିଭିନ୍ନ ପର୍ଯ୍ୟାୟ ପାଇଁ ଭିନ୍ନ ଭିନ୍ନ ତାରିଖ ଧାର୍ଯ୍ୟ ହୋଇଛି। ସ୍ୱ-ମୂଲ୍ୟାୟନ ରିପୋର୍ଟ ଦାଖଲ ପାଇଁ ଆସନ୍ତା ମେ ୩୧ ତାରିଖ ଧାର୍ଯ୍ୟ କରାଯାଇଛି। ଦାଖଲ ରିପୋର୍ଟ ଉପରେ ବିଭାଗୀୟ ରିପୋର୍ଟିଂ କର୍ତ୍ତୃପକ୍ଷ ନିଜର ମତାମତ ଆସନ୍ତା ଜୁଲାଇ ୩୧ ତାରିଖ ସୁଦ୍ଧା ଦାଖଲ କରିବେ। ଏହାପରେ ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ରିଭ୍ୟୁଇଙ୍ଗ କର୍ତ୍ତୃପକ୍ଷ (ରିଭ୍ୟୁଇଙ୍ଗ ଅଥରିଟି) ମତାମତ ଦେବାକୁ ଥିବାବେଳେ ଡିସେମ୍ବର ୩୧ ତାରିଖ ସୁଦ୍ଧା ଏସେପ୍ଟିଂ ଅଥରିଟି(ସ୍ୱୀକାରକର୍ତ୍ତା କର୍ତ୍ତୃପକ୍ଷ) ନିଜର ମତାମତ ରଖିବେ। ସମସ୍ତ ଅଧିକାରୀଙ୍କୁ ସେମାନଙ୍କର ସ୍ୱ-ମୂଲ୍ୟାୟନ ରିପୋର୍ଟ ମାନବ ସମ୍ବଳ ପରିଚାଳନା ବ୍ୟବସ୍ଥା (ଏଚଆରଏମଏସ) ପୋର୍ଟାଲ ଜରିଆରେ ଅନଲାଇନରେ ଦାଖଲ କରିବାକୁ କୁହାଯାଇଛି।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରୁ ହଟିବ ୪୦ ବର୍ଷ ପୁରୁଣା ଇଗ୍ନୋ ଷ୍ଟଡି ସେଣ୍ଟର!

ବ୍ରହ୍ମପୁର, ୨୫।୪(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରୁ ହଟିବ ୪୦ବର୍ଷ ପୁରୁଣା ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ ଷ୍ଟଡି ସେଣ୍ଟର୍ (ଇଗ୍ନୋ)। ଏବେ ଏଭଳି ଏକ ଆଶଙ୍କା ସୃଷ୍ଟି ହୋଇଥିବା ବେଳେ ଏହାକୁ ନେଇ ଗଞ୍ଜାମ ଜିଲ୍ଲା ବୁଦ୍ଧିଜୀବୀମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଖଲ୍ଲିକୋଟ ମହାବିଦ୍ୟାଳୟ ସମୟରୁ ଏଠାରେ ଚାଲି ଆସିଥିବା ଏହି ଷ୍ଟଡି ସେଣ୍ଟର୍ ଜରିଆରେ ବହୁ ଗରିବ, କର୍ମଜୀବୀ ଓ ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀ ଦୂର ନିରନ୍ତର ଶିକ୍ଷା ପାଠ୍ୟକ୍ରମ ଜରିଆରେ ଉଚ୍ଚଶିକ୍ଷା ପାଇ ଆସୁଥିଲେ। ଉଭୟ ସ୍ନାତକ ଓ ସ୍ନାତୋକତ୍ତର ବିଭାଗରେ ବିଭିନ୍ନ ବିଷୟରେ, ଏପରିକି ବୈଷୟିକ ପାଠ୍ୟକ୍ରମର ମଧ୍ୟ ସୁଯୋଗ ପାଇ ଆସୁଛନ୍ତି। ଏଭଳି ପରିସ୍ଥିତିରେ ହଠାତ୍ ଏହି ପୁରାତନ ଶିକ୍ଷାନୁଷ୍ଠାନରୁ ଇଗ୍ନୋ ଷ୍ଟଡି ସେଣ୍ଟର୍‌କୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଯୋଜନା ଚାଲିଥିବା ଜଣାପଡ଼ିଛି।

ଖଲ୍ଲିକୋଟ ମହାବିଦ୍ୟାଳୟ ପର୍ଯ୍ୟାୟକ୍ରମେ ସ୍ୱୟଂଶାସିତ ମହାବିଦ୍ୟାଳୟ ପରେ ଏକକ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଛି। କିନ୍ତୁ ଏଠାରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇଥିଲେ ହେଁ ଅଧ୍ୟାପକ ଓ ଅଣ-ଶିକ୍ଷକ କର୍ମଚାରୀଙ୍କ ଅଭାବକୁ ପୂରଣ କରାଯାଇନାହିଁ। ସେପଟେ ଯୁକ୍ତ ଦୁଇ ଶ୍ରେଣୀ ଓ ଯୁକ୍ତ ୩ ଶ୍ରେଣୀ ତଥା ପିଜି ଶ୍ରେଣୀ ଯଥାକ୍ରମେ ଗଣଶିକ୍ଷା ବିଭାଗ ଓ ଉଚ୍ଚଶିକ୍ଷା ବିଭାଗ ଅଧୀନକୁ ଚାଲିଯିବା ପରେ ଶିକ୍ଷାନୁଷ୍ଠାନରେ ସମସ୍ୟା ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିରେ ପିଲାଙ୍କ ପାଠପଢ଼ା ପାଇଁ ଶ୍ରେଣୀ ପ୍ରକୋଷ୍ଠର ଅଭାବ ସାଙ୍ଗକୁ ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀଙ୍କ ଅଭାବ ଜଟିଳ ପରିସ୍ଥିତି ସୃଷ୍ଟି କରିଛି।

ନିକଟରେ ପ୍ରଫେସର୍ ଅସୀମା ସାହୁ ନୂତନ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ବିଭିନ୍ନ ବିଭାଗ ଓ କ୍ୟାମ୍ପସ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ବିଶ୍ୱବିଦ୍ୟାଳୟରେ ପିଲାଙ୍କ ପାଇଁ ଶ୍ରେଣୀ ଅଭାବ ଓ ଶିକ୍ଷକଙ୍କ ଅଭାବ ଥିବା ବେଳେ ଏଠାରେ ଉଭୟ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଷ୍ଟଡି ସେଣ୍ଟର ଖୋଲା ଯାଇଥିବା ଓ ସେଥିପାଇଁ ଏକାଧିକ ପ୍ରକୋଷ୍ଠ ବ୍ୟବହାର ହେଉଥିବା ଜାଣିବାକୁ ପାଇଥିଲେ। ଉଭୟ ଷ୍ଟଡି ସେଣ୍ଟର୍‌ରେ ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ନିୟୋଜିତ ଥିବା ଜାଣିବାକୁ ପାଇଥିଲେ। ଅବଶ୍ୟ ସେଠାରେ ନିୟୋଜିତ କର୍ମଚାରୀ ନିଜର ଦାୟିତ୍ୱ ସମ୍ପାଦନ କରିବା ପରେ ରାତି ସମୟରେ ଏପରିକି ରବିବାର ଭଳି ଛୁଟି ଦିନରେ ସେଠାରେ ଅନୁମତି ସହିତ କାର୍ଯ୍ୟରତ ଥିବା ଜଣାପଡ଼ିଛି। ସେହିଭଳି ଦୂରଶିକ୍ଷା କାର୍ଯ୍ୟକ୍ରମରେ ପିଲାଙ୍କ ନାମଲେଖାଠାରୁ ଆରମ୍ଭ କରି ପାଠପଢ଼ା ସବୁ କିଛି ଅନଲାଇନ ମାଧ୍ୟମରେ ହିଁ କରାଯାଉଛି। ତେବେ ବିଶ୍ୱବିଦ୍ୟାଳୟରେ ସ୍ଥାନାଭାବ ସହ କର୍ମଚାରୀଙ୍କ ଅଭାବ ଦୃଷ୍ଟିରୁ ତଥା ଗୋଟିଏ ବିଶ୍ୱବିଦ୍ୟାଳୟରେ ଅନ୍ୟ ଏକ ବିଶ୍ୱବିଦ୍ୟାଳୟର ଷ୍ଟଡି ସେଣ୍ଟର ରହିବା ଅଯୁକ୍ତିକର ଦର୍ଶାଇ ଇଗନୋ ସେଣ୍ଟର୍‌କୁ ପ୍ରଥମ ପର୍ଯ୍ୟାୟରେ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ମସୁଧା





ଚାଲିଥିବା ଜଣାପଡ଼ିଛି।

ଗୋଟିଏ କ୍ୟାମ୍ପସରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଓ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟର ଷ୍ଟଡି ସେଣ୍ଟର କାର୍ଯ୍ୟ କରୁଥିବା ବେଳେ କେବଳ ଇଗନୋକୁ ସ୍ଥାନାନ୍ତର କରିବା ନେଇ ଚାଲିଥିବା ମସୁଧାକୁ ବିଭିନ୍ନ ମହଲରେ ବିରୋଧ କରାଯାଇଛି। ଦୀର୍ଘ ୪୦ବର୍ଷ ଧରି ଶିକ୍ଷାନୁଷ୍ଠାନରେ ଚାଲି ଆସିଥିବା ତଥା ଜିଲ୍ଲା ତଥା ଜିଲ୍ଲା ବାହାରର ପ୍ରାୟ ୩ ହଜାର ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷାର ସୁବିଧା ଯୋଗାଇ ଆସୁଥିବା ଏଭଳି ଏକ ଷ୍ଟଡି ସେଣ୍ଟରକୁ ସ୍ଥାନାନ୍ତର କରିବା ପଛରେ କ'ଣ ରହସ୍ୟ ରହିଛି, ତାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି।

ଏନେଇ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ପ୍ରଫେସର ଅସୀମା ସାହୁ କହିଛନ୍ତି, ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ମଧ୍ୟ ନିକଟରେ ଇଗନୋକୁ ଅନ୍ୟତ୍ର

■ କ୍ୟାମ୍ପସରେ କର୍ମଚାରୀ ଓ ସ୍ଥାନାଭାବ ଆଳରେ ହଟାଇବାକୁ ଚାଲିଛି ଭିତିରିଆ ଷଡ଼ଯନ୍ତ୍ର
■ ସମୀକ୍ଷା ଚାଲିଛି, ସିଣ୍ଡିକେଟ ନିଷ୍ପତ୍ତି ଆଧାରରେ ନିଆଯିବ ନିଷ୍ପତ୍ତି: କୁଳପତି

ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ପରିସ୍ଥିତିରେ ବିଶ୍ୱବିଦ୍ୟାଳୟରେ ପିଲାଙ୍କ ପାଇଁ ସ୍ଥାନାଭାବ ସହ ଅଧ୍ୟାପକଙ୍କ ଅଭାବ ରହିଛି। ଉଭୟ ଦୃଷ୍ଟିରୁ ଇଗନୋକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଯଦିଓ ଚିନ୍ତା କରାଯାଇଛି, କିନ୍ତୁ ତାହା ଚୂଡ଼ାନ୍ତ ହୋଇନାହିଁ। ଏନେଇ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ହିଁ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ତେବେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଷ୍ଟଡି ସେଣ୍ଟରର ଅନ୍ୟତ୍ର ସ୍ଥାନାନ୍ତର ସମ୍ପର୍କରେ କୌଣସି ପ୍ରସ୍ତାବ ନଥିବା ସେ ସ୍ପଷ୍ଟ କରିଛନ୍ତି। ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା ସମସ୍ତ ୧୧୨ଟି ପଦବୀ ଖୁବ୍‌ଶୀଘ୍ର ପୂରଣ ହେବାକୁ ଯାଉଛି। ଏହା ହେଲେ ଆଗକୁ ସମସ୍ୟା ଜଟିଳ ହେବ। ଏଣୁ ଏହା ପୂର୍ବରୁ କିଛି ପଦକ୍ଷେପ ନେବା ଜରୁରୀ ଥିବା ବେଳେ ସିଣ୍ଡିକେଟ ବୈଠକର ନିଷ୍ପତ୍ତି ହିଁ ଚୂଡ଼ାନ୍ତ ବୋଲି କୁଳପତି ପ୍ରଫେସର୍ ସାହୁ ସ୍ପଷ୍ଟ କରିଛନ୍ତି।

ଗୋଟିଏପଟେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଇଗନୋ ଭଳି ଦୂର ନିରନ୍ତର ଶିକ୍ଷା ପାଠ୍ୟକ୍ରମକୁ ଖୋଲିବା ନେଇ ନିର୍ଦ୍ଦେଶନାମା ଜାରି କରୁଥିବା ବେଳେ ଏଠାରେ କିନ୍ତୁ ତାହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ନିକଟରେ ରେଭେନ୍‌ସା ବିଶ୍ୱବିଦ୍ୟାଳୟରୁ ଇଗନୋ ଷ୍ଟଡି ସେଣ୍ଟର୍ ଅନ୍ୟ ସରକାରୀ ମହାବିଦ୍ୟାଳୟକୁ ସ୍ଥାନାନ୍ତର ହେବା ଭଳି ଏଠାରୁ ମଧ୍ୟ ସ୍ଥାନୀୟ ଶଶିଭୂଷଣ ରଥ ସରକାରୀ ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟକୁ ସ୍ଥାନାନ୍ତର ହେବା ନେଇ ସୂଚନା ମିଳିଛି।

ସକାଳ
THE SAKALA



### ଟ୍ରେନରେ ଚାଲାଣ ବେଳେ ୫ ନାବାଳକ ଉଦ୍ଧାର ଘଟଣା

# ଶିଶୁ ମଙ୍ଗଳ କମିଟିରେ ହାଜର ହେଲେ ଉଦ୍ଧାର ଶିଶୁ

ବାଲେଶ୍ୱର, ୨୫।୪ (ସମିସ)




ଗତ ଶୁକ୍ରବାର ଏସଏମଭିଟି ବାଙ୍ଗାଲୋର ଟ୍ରେନରେ ଝାଡ଼ଖଣ୍ଡରୁ ବାଙ୍ଗାଲୋରକୁ ଶିଶୁ ଶ୍ରମିକଙ୍କୁ ଚାଲାଣ ବେଳେ ବାଲେଶ୍ୱର ରେଳ ଷ୍ଟେସନରେ ୫ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିବାରେ ବାଲେଶ୍ୱର ଚାଇଲଡ଼ ହେଲ୍ପ ଲାଇନ ଟିମ ସଫଳ ହୋଇଥିବା ବେଳେ ଆଜି ଉଦ୍ଧାର ଶିଶୁଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ କମିଟିରେ ହଜାର କରାଯାଇ କାଉନସିଲିଂ କରାଯାଇଛି। ଶୁକ୍ରବାର ଅପରାହ୍ନରେ ୨୨୩୦୬ ଏସଏମଭିଟି ବାଙ୍ଗାଲୋର ସାପ୍ତାହିକ ସୁପରଫାଷ୍ଟ ଏକ୍ସପ୍ରେସ ଟ୍ରେନରେ ଝାଡ଼ଖଣ୍ଡ ଜଶିଡ଼ି ଜଙ୍କସନରୁ କିଛି ନାବାଳକଙ୍କୁ ଶ୍ରମିକ ଭାବେ କାର୍ଯ୍ୟରେ ନିୟୋଜିତ କରାଇବା ପାଇଁ ଦଲାଲ ବାଙ୍ଗାଲୋର ନେଉଥିବାର ବାଲେଶ୍ୱର ଚାଇଲଡ଼ ହେଲ୍ପ ଲାଇନ ଟିମ କୌଣସି ସୂତ୍ରରୁ ଖବର ପାଇଥିଲା। ପରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗହୀରଙ୍କ ନିର୍ଦ୍ଦେଶ କ୍ରମେ ଆକ୍ସନ ମୋଡ଼କୁ ଆସିଥିଲା ଚାଇଲଡ ହେଲ୍ପ ଲାଇନ ଟିମ। କିଭଳି ଭାବେ ଚାଲାଣ ହେଉଥିବା ଶିଶୁଙ୍କୁ ଉଦ୍ଧାର କରାଯିବ ସେନେଇ ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ବାଲେଶ୍ୱର ଷ୍ଟେସନରେ ଏସଏମଭିଟି ବାଙ୍ଗାଲୋର ସାପ୍ତାହିକ ସୁପରଫାଷ୍ଟ ଏକ୍ସପ୍ରେସ ଟ୍ରେନର ରହଣି ମାତ୍ର ୨ ମିନିଟ ଥିବା ବେଳେ ୨ ମିନିଟ ମଧ୍ୟରେ ସମ୍ପୂର୍ଣ୍ଣ ଟ୍ରେନରେ ଯାଞ୍ଚ କରି ଉଦ୍ଧାର କରିବା ଅସମ୍ଭବ ମନେକରି ଚାଇଲଡ଼ ହେଲ୍ପ ଲାଇନ ଟିମ ବାଲେଶ୍ୱର ଷ୍ଟେସନ ମ୍ୟାନେଜରଙ୍କୁ ଅତିରିକ୍ତ ୨ ମିନିଟ ଅଟକାଇବା ପାଇଁ ଲିଖିତ ଭାବେ ଜଣାଇଥିଲେ। ଶିଶୁଙ୍କୁ ଶ୍ରମିକ ଭାବେ ଚଲାଣ କରାଯିବା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଏହାକୁ ଉପଲବ୍‌ଧ କରି ଟ୍ରେନକୁ ଅତିରିକ୍ତ ୨ ମିନିଟ ଅଟକାଇବା ପାଇଁ ନିଷ୍ପତ୍ତି ନେଇଥିଲେ। ପରେ ବାଲେଶ୍ୱର ଜିଲ୍ଲା ଚାଇଲଡ ହେଲ୍ପ ଲାଇନ, ରେଳ ଚାଇଲଡ ହେଲ୍ପ ଡେସ୍କ, ବାଲେଶ୍ୱର ଆରପିଏଫ, ଜିଆରପି ପୋଲିସ, ସିଆଇବି ଖଡ଼ଗପୁର, ବିଏଡ଼ିସି ମିଳିତ ଭାବେ ୪ ଗୋଟି ଟିମ ଗଠନ କରିଥିଲେ। ଟ୍ରେନଟି ବାଲେଶ୍ୱର ରେଳ ଷ୍ଟେସନରେ ୨ ନମ୍ବର ପ୍ଲାଟଫର୍ମରେ ଅପରାହ୍ନ ୪.୧୭ ମିନିଟ ସମୟରେ ପହଁଚିବା ପରେ ପୂର୍ବ ପ୍ରସ୍ତୁତି ମୁତାବକ ଥିବା ସମସ୍ତ ଟିମ ବିଭିନ୍ନ ବଗିକୁ ଯାଇ ଯାଞ୍ଚ କରିଥିଲେ। ପରେ ସେଥିରୁ ଝାଡ଼ଖଣ୍ଡ ଡୁମକା ଜିଲ୍ଲାର ବିଭିନ୍ନ ଅଞ୍ଚଳର ୫ ଜଣ ଶିଶୁଙ୍କୁ ଟ୍ରେନରୁ ଓହ୍ଲାଇବା ସହ ଉଦ୍ଧାର କରାଯାଇଥିଲା। ପରେ ଆରପିଏଫ ଥାନାରେ ଚାଇଲଡ ହେଲ୍ପ ଲାଇନ ଟିମ ସମସ୍ତଙ୍କ ଆଧାର କାଡର୍ ଯାଞ୍ଚ କରିଥିଲେ। ଯାଞ୍ଚରେ ଶିଶୁଙ୍କ ଆଧାର କାଡର୍‌ରେ ଥିବା ବୟସ ଏବଂ ନାଁକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ପରେ ଆଧାର ନମ୍ବର ମୁତାବକ ବାୟୋମେଟ୍ରିକ ସହାୟତା ନେଇଥିଲା ଟିମ। ପରେ ଆଧାର କାଡର୍‌କୁ ଜାଲ କରି ସେଥିରେ ବୟସ ବଢ଼ାଇ ଶିଶୁଙ୍କୁ ଚଲାଣ କରାଯାଉଥିବାର ଜଣାପଡ଼ିଥିଲା। ଏହି ଶିଶୁଙ୍କୁ ବାଙ୍ଗାଲୋରରେ ନିର୍ମାଣ କାର୍ଯ୍ୟରେ ଶ୍ରମିକ ଭାବେ ନିୟୋଜିତ କରିବା ପାଇଁ ଦଲାଲ ନେଉଥିବାର ଜଣା ପଡ଼ିଥିଲା। ଟ୍ରେନରୁ ଦଲାଲଙ୍କ ସହ ଅନ୍ୟ କିଛି ଶିଶୁଙ୍କୁ ଟିମ ସ୍ୱଳ୍ପ ସମୟ ମଧ୍ୟରେ ଯାଞ୍ଚ କରି ଉଦ୍ଧାର କରିପାରିନାହିଁ। ଗତକାଲିର ଏହି ମିଳିତ ଉଦ୍ଧାର କାର୍ଯ୍ୟରେ ବାଲେଶ୍ୱର ଜିଲ୍ଲା ଚାଇଲଡ଼ ହେଲ୍ପ ଲାଇନ ସୁପରଭାଇଜର ତପସ୍ୱିନୀ ରାଉତ, ଉତ୍ତମ ନାୟକ, ସିଡ଼ବ୍ଲ୍ୟୁ ପ୍ରଶାନ୍ତ ରାଉତ, ରେଳ ଚାଇଲଡ ହେଲ୍ପ ଡେସ୍କର ସଦସ୍ୟ ରମେଶ ପ୍ରଧାନ, ଅଂଶୁମାନ ପାଣିଗ୍ରାହୀ, ଜଗନ୍ନାଥ କଅଁରଙ୍କ ସହ ଆରପିଏଫ ଥାନାର ଅଧିକାରୀ ଦୀପକ କୁମାରଙ୍କ ନେତୃତ୍ୱରେ ଏଏସଆଇ ସଞ୍ଜୟ କୁମାର ମୁଦୁଲି, ଏସ ସିଂ, ଏଲଏଲ ମୁର୍ମୁ, ରେଳ ବିଭାଗର ସିଆଇବି ଖଡ଼ଗପୁରର ସବ ଇନିସ୍ପେକ୍ଟର ଜି.ସି ଦାସ, ଏଏସଆଇ ଜି. ବେହେରା, ବାଲେଶ୍ୱର ଷ୍ଟେସନ ମ୍ୟାନେଜର ଏସ. ପ୍ରଧାନ, କମର୍ସିଆଲ ଇନିସ୍ପେକ୍ଟର ସାହାବୁଦ୍ଦୀନ ସାହା, ବସ୍ତି ଏରିଆ ଡେଭଲପମେଣ୍ଟ କାଉନସିଲ(ବିଏଡ଼ିସି) ସମ୍ପାଦକ ଗୋପାଳକୃଷ୍ଣ କର, ପ୍ରଜେକ୍ଟ ଅଫିସର ରାଜଶ୍ରୀ ବେହେରା, ସଦସ୍ୟ ବନସ୍ମିତା ନାୟକ, ଇତିଶ୍ରୀ ଜେନା, ସ୍ମୃତିରେଖା ଦାସ ପ୍ରମୁଖ ସାମିଲ ଥିଲେ। ଗତକାଲିଠାରୁ ଉଦ୍ଧାର ଶିଶୁଙ୍କୁ ବାଳାଶ୍ରମରେ ରଖା ଯାଇଥିବା ବେଳେ ଆଜି ଉଦ୍ଧାର ୫ ଶିଶୁଙ୍କୁ ବାଲେଶ୍ୱର ଶିଶୁ ମଙ୍ଗଳ କମିଟିରେ ଉପଯୁକ୍ତ ଯତ୍ନ ସୁରକ୍ଷା ଏବଂ ଥଇଥାନ ସହ ଅଧିକ ତଦନ୍ତ ପାଇଁ ଉପସ୍ଥାପନ କରାଯାଇଥିଲା। ସେପଟେ ବିଏଡ଼ିସି ପକ୍ଷରୁ ଘଟଣା ବାବଦରେ ଜିଆରପି ଥାନରେ ଲିଖିତ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଶିଶୁଙ୍କ ଆଧାର କାର୍ଡକୁ ଜାଲ କରି ଶିଶୁଙ୍କୁ ଶ୍ରମିକଭାବେ ନିୟୋଜିତ କରିବା ପାଇଁ ଚାଲାଣ କରୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି କୋଠର କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଶିଶୁ ଶ୍ରମିକଙ୍କୁ ନିୟୋଜିତ ରୋକିବା ପାଇଁ କଠୋର ଆଇନ ପ୍ରଣୟନ କରାଯିବାକୁ ଦାବୀ ହେଉଛି।

## ୩ ବେଆଇନ ବାଲି ଟ୍ରାକ୍ଟର ଜବତ

ଜଳେଶ୍ୱର, ୨୫।୪ (ସମିସ) : ଆଜି ଗୋବରଘାଟା ଅଞ୍ଚଳରୁ ବେଆଇନ୍ ବାଲି ପରିବହନ କରୁଥିବା ୩ଟି ଟ୍ରାକ୍ଟରକୁ ଜବତ କରାଯାଇଛି। ସୁବର୍ଣ୍ଣରେଖା ନଦୀରୁ ବାଲି ପରିବହନ ବେଳେ ତହସିଲଦାର ସତ୍ୟଜିତ୍ ମହାନ୍ତି ନିର୍ଦ୍ଦେଶରେ ରାଜସ୍ୱ ସୁପରଭାଇଜ ଶରତ ବେହେରା ଓ ରାଜସ୍ୱ ନିରିକ୍ଷକ ରଂଜନ କୁମାର ପାଣି, ଶିବଶଙ୍କର ସେନାପତି ଓ ଏନ୍‌ଫୋର୍ସମେଣ୍ଟ ମିଳିତ ଭାବେ ଚଢଉ କରି ୨ଟି ନମ୍ବର ବିହିନ ଓ ଅନ୍ୟଏକ ଓଡି୦୧ଏଡବ୍ଲ୍ୟୁ-୭୯୯୧ ଟ୍ରାକ୍ଟରକୁ ଜବତ୍ କରିଥିବା ଜଣାଯାଇଛି। ସୂଚନାଯୋଗ୍ୟ ଗୋଟିଏ ଟ୍ରାକ୍ଟରକୁ ଡମ୍ପିଂୟାର୍ଡରେ ରଖାଯାଇଥିବା ବେଳେ ଅନ୍ୟ ୨ଟିକୁ ତହସିଲ କାର୍ଯ୍ୟାଳୟରେ ରଖାଯାଇଥିବା ଜଣାଯାଇଛି।

## ମାସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଜଳେଶ୍ୱର, ୨୫।୪ (ସମିସ) : ମାସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨ୟ ବାର୍ଷିକ ଉତ୍ସବ ଖୁସିପ୍ଲାଜା ସମ୍ମିଳନୀ କକ୍ଷରେ ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇ ଯାଇଛି। ଅନୁଷ୍ଠିତ ସଭାରେ ଅନୁଷ୍ଠାନର ଉଦ୍ୟକ୍ତା ତ୍ରିଲୋଚନ ଦାସ ଅଧିକାରୀ ସଭାପତିତ୍ୱ କରିଥିବା ବେଳେ ସଂପାଦକ ଆଦିକନ୍ଦ ଦାସ ଅଧିକାରୀ ସଂପାଦକୀୟ ପାଠ କରିଥିଲେ। ମୁଖ୍ୟଅତିଥିଭାବେ ପୌରପାଳ ପ୍ରତୀପ କୁମାର ପ୍ରଧାନ, ମୁଖ୍ୟବକ୍ତାଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡ. ବେଣୁଡଧର ବେହେରା ଯୋଗଦେଇ ଶିକ୍ଷାର୍ଥୀମାନେ ପାଠପଢା ସହିତ ସଂସ୍କାରୀ ହେବାକୁ ପରାମର୍ଶ ଦେଇଥିଲେ। ସମାଜସେବୀ କମଳ ଚକ୍ରବର୍ତ୍ତୀ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶଶିକାନ୍ତ ପ୍ରଧାନ ଯୋଗଦେଇ ଦୁଇବର୍ଷ ପୂର୍ବେ ଗଢିଉଠିଥିବା ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବେ ମହାଦ୍ରୁମ ହୋଇଥିବା ବେଳେ ଛାତ୍ରଛାତ୍ରୀମାନେ ସଫଳତା ପାଇ ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗୀତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଆସନ୍ତାକାଲିର ରକ୍ତଦାନ ଶିବିରରେ ଛାତ୍ରଛାତ୍ରୀ ଓ ଅଭିଭାବକ ସ୍ୱେଚ୍ଛାକୃତ ରକ୍ତଦାନ କରିବାକୁ ଆହ୍ୱାନ କରାଯାଇଥିଲା। ଅଧ୍ୟାପକ ଦେବାନନ୍ଦ ପୃଷ୍ଟି ମଂଚ ଆହ୍ୱାନ କରିଥିଲେ।

## ଦୁଇ ଟ୍ରକ୍ ଧକ୍କା, ଚାଳକ ଗୁରୁତର

ରାଜଘାଟ, ୨୫।୪ (ସମିସ): ୧୬ ନମ୍ବର ଜାତୀୟ ରାଜପଥର ବସ୍ତା ଥାନା ଅନ୍ତର୍ଗତ ମଥାନୀ ବାଇପାସ ନିକଟରେ ଚଳନ୍ତା ଟ୍ରକକୁ ପଛପଟୁ ଧକ୍କା ଦେଇ ଅନ୍ୟ ଏକ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ସୂଚନା ଅନୁସାରେ ଆନ୍ଧ୍ରପ୍ରଦେଶରୁ ମାଛ ନେଇ ଜାତୀୟ ରାଜପଥ ଦେଇ ଗୋଟିଏ ଟ୍ରକ(ଏପି ୦୭ଟିଜି ୫୧୯୮) ଗୌହାଟୀ ଯିବା ସମୟରେ ଉକ୍ତ ଛକ ନିକଟରେ ଭାରସାମ୍ୟ ହରାଇ ସମାନ ଦିଗରେ ଯାଉଥିବା ଅଦା ବୋଝେଇ ଟ୍ରକ(ଡବ୍ଲ୍ୟୁବି ୨୫ଏଚ୍ ୩୦୬୫)କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ କେବିନରେ ଚାପି ହୋଇ ଚାଳକ ଗୁରୁତର ହୋଇଥିଲେ। ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ଚାଳକକୁ ଉଦ୍ଧାର କରାଯାଇ ବସ୍ତା ହସ୍ପିଟାଲକୁ ପଠାଇ



ଦିଆଯାଇଛି। ପୁଲିସ ପହଞ୍ଚି ଗାଡ଼ି ଦୁଇଟିକୁ ନିଜ ହେପାଜତକୁ ନେଇ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

■ ୩ ସ୍ଥାନରୁ ଅଳଙ୍କାର ଓ ନଗଦ ଟଙ୍କା ଚୋରି ଘଟଣା

## ପୁଲିସର ଛାନ୍‌ଭିନ, ବଙ୍ଗୀୟ ଯୁବକ ଅଟକ

ଭୋଗରାଇ, ୨୫।୪ (ସମିସ) : ଭୋଗରାଇ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରୁ ଗତ କିଛିଦିନ ମଧ୍ୟରେ ବହୁ ସୁନା, ରୂପା ଅଳଙ୍କାର, ନଗଦ ଟଙ୍କା ଇତ୍ୟାଦି ଚୋରି ହୋଇଥଲା। ଏପରିକି ଦୁର୍ବୃତ୍ତମାନେ ଦେବଦେବୀଙ୍କ ମନ୍ଦିରରୁ ମଧ୍ୟ କଳା କନା ବୁଲାଇବାକୁ ଶଙ୍କା କରି ନ ଥିଲେ। ଏହି ଘଟଣା ପୁଲିସ ପାଇଁ ଆଇ ସମ୍ମାନର ବିଷୟ ପାଲଟିଥିବା ବେଳେ ଭୋଗରାଇ ପୁଲିସ ସିସିଟିଭି ସହାୟତାରେ ସୁରାକ୍ ପାଇ ଆଜି ପଶ୍ଚିମବଙ୍ଗ ଅଞ୍ଚଳରୁ ଜଣେ ଯୁବକଙ୍କୁ ଉଠାଇଆଣି ଥାନାରେ ଅଟକ ରଖି ପଚରା ଉଚରା ଚଳାଇଥିବା ଜଣା ପଡ଼ିଛି। ଚଳିତ ମାସ ୭ତାରିଖ ମନ୍ଦାରସାହି ସ୍ଥିତ ଶୀତଳା ମନ୍ଦିରରୁ ବହୁ ସୁନା, ରୂପା ଅଳଙ୍କାର ସମେତ ନଗଦ ୮ହଜାର ଟଙ୍କା ଚୋରି ହୋଇଥଲା। ସେହିପରି ୧୩ ତାରିଖରେ ବାଟଗ୍ରାମର ରଶ୍ମିତା ପୁରୀଙ୍କ ଘରୁ ନଗଦ ୧୨ହଜାର ଓ ଦେଉଳାସ୍ଥିତ ପରେଶ ଚନ୍ଦ୍ର ମହାନ୍ତିଙ୍କ ଘରୁ ନଗଦ ୧୩ ହଜାର ଟଙ୍କା ଚୋରି ହୋଇଥଲା। ଏହା ପରେ ଭୋଗରାଇ ପୁଲିସ ବିଭିନ୍ନ ସ୍ଥାନରେ ତଦନ୍ତ ଜାରି ରଖିଥିଲା। ଆଜି ସିସିଟିଭି ଫୁଟେଜ ସହାୟତାରେ ସନ୍ଦେହ କରି ପୁଲିସ ପଶ୍ଚିମବଙ୍ଗ ଅଞ୍ଚଳରେ ଚଢ଼ଉ କରି ଜଣେ ଯୁବକଙ୍କୁ ଉଠାଇ ଆଣି ଭୋଗରାଇ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

## ରେମୁଣା ବ୍ରାହ୍ମଣ ସମିତିର ବୈଶାଖୀ ବନ୍ଧୁମିଳନ

ରେମୁଣା, ୨୫।୪ (ସମିସ): ରେମୁଣା ବ୍ଲକ ବ୍ରାହ୍ମଣ ସମିତିର ବୈଶାଖୀ ବନ୍ଧୁ ମିଳନ ଉତ୍ସବ ବଳଦେବ ବିଦ୍ୟାଭୂଷଣଙ୍କ ସ୍ମୃତି ମନ୍ଦିରରେ ଅନୁଷ୍ଠିତ ହୋଇଛି। ବାଲେଶ୍ୱର ଜିଲ୍ଲା ବ୍ରାହ୍ମଣ ସମିତି ଓ ରେମୁଣା ବ୍ଲକ ବ୍ରାହ୍ମଣ ସମିତି ମିଳିତରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରିଥିଲେ ସଭାପତି ପଣ୍ଡିତ ହରିଶ୍ଚନ୍ଦ୍ର ପଣ୍ଡା। ପ୍ରାରମ୍ଭରେ ପଣ୍ଡିତ ସୁଧୀର କୁମାର ପଣ୍ଡା ମଙ୍ଗଳାଷ୍ଟକ ପାଠ, ବେଦପାଠ ସହ ୩ଥର ଓଁକାର ଧ୍ୱନି କରି ଜଗତ କଲ୍ୟାଣ କାମନା କରିଥିଲେ। ଜିଲ୍ଲା ବ୍ରାହ୍ମଣ ସମିତିରୁ ଆସିଥିବା ପ୍ରତିନିଧି ଭାବେ ଗୌରାଙ୍ଗ ପାଣିଗ୍ରାହୀ, ସୂର୍ଯ୍ୟ ନାରାୟଣ ଷଡ଼ଙ୍ଗୀ, ଡ଼. ଗୌର ସାଧନ ମିଶ୍ର ପ୍ରମୁଖଙ୍କୁ ସ୍ୱାଗତ କରାଯିବାପରେ ସମ୍ପାଦକ ପ୍ରଦୀପ କୁମାର ମିଶ୍ର ଆଜିକା ବୈଠକ ସମ୍ବନ୍ଧେ ଆଭିମୁଖ୍ୟ ପ୍ରକାଶ କରିଥିଲେ। ରେମୁଣା ବ୍ଲକ ତରଫରୁ ଶକ୍ତିପଦ ପଣ୍ଡା ଓ ସର୍ବେଶ୍ୱର ପତିଙ୍କୁ ମନୋନୟନ କରି ଜିଲ୍ଲା ସମିତି ଷ୍ଟିୟରିଂ କମିଟି ପାଇଁ ପଠାଗଲା, ପଣ୍ଡିତ ହୃଷିକେଶ ଦ୍ୱିବେଦୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପଣ୍ଡିତ କୁମୁଦ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ଣଚନ୍ଦ୍ର ପଣ୍ଡା, ସୁବ୍ରତ ଘୋସାଲ, ହରିଶ୍ଚନ୍ଦ୍ର ପାତି ପ୍ରମୁଖ ସହାୟତା ପ୍ରଦାନ କରିଥିଲେ।

## ଆଜିଠୁ ଶିଶିର ମହାପାତ୍ର ମେମୋରିଆଲ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ

ନୀଳଗିରି, ୨୫।୪ (ସମିସ): ନୀଳଗିରି ଅଲସିଜିନ ସ୍ପୋର୍ଟସ କ୍ଲବ ପକ୍ଷରୁ ୨୧ତମ ଶିଶିର ମହାପାତ୍ର ମେମୋରିଆଲ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ୨୦୨୬ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଛି। ଏହି ଅବସରରେ ଖେଳ ପ୍ରେମୀଙ୍କ ଅବଗତି ନିମନ୍ତେ ଖେଳର ଶୁଭାରମ୍ଭ ପାଇଁ ଏକ ସାମ୍ବାଦିକ ସମିଳନୀ ସ୍ଥାନୀୟ ଅଲସିଜିନ ସ୍ପୋର୍ଟସ କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସ୍ୱର୍ଗତ ଶିଶିର ମହାପାତ୍ରଙ୍କ ସୁପୁତ୍ର ତଥା ଅଲସିଜିନ ସ୍ପୋର୍ଟସ କ୍ଲବର ସଭାପତି ସବ୍ୟସାଚୀ ମହାପାତ୍ର ଆଜିକୁ ନୀଳଗିରି ଅଞ୍ଚଳରେ ଦୀର୍ଘ ୨୦ ବର୍ଷ ଧରି ହୋଇଆସୁଥିବା ବ୍ୟାଡ୍‌ମିଣ୍ଟନକୁ ବହୁ ଆଡ଼ମ୍ବର ସହ ଆୟୋଜନ କରିବା ସହ ରାଜ୍ୟ ଓ ରାଜ୍ୟ ବାହାରୁ ଆସୁଥିବା ନାମୀ ଦାମୀ ଖେଳାଳିମାନଙ୍କୁ ନୀଳଗିରି ବାସି ଦେଖିବାର ସୁଯୋଗ ପାଇବା ସହିତ ଏହି ଖେଳକୁ ପ୍ରଚାର ପ୍ରସାର ପାଇଁ ସେ ସବୁବେଳେ ଚେଷ୍ଟା ଜାରୀ ରଖିଥିବା କହିଛନ୍ତି।

## ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ

ବାଲେଶ୍ୱର,୨୫।୪ (ସମିସ): ଜିଲ୍ଲା ପ୍ରଶାସନ, ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ଏବଂ ବାଲେଶ୍ୱର ଜିଲ୍ଲା କ୍ରୀଡ଼ାସଂଘ ମିଳିତ ସହଯୋଗରେ ପରମିଟ ପଡିଆରେ ମୁଖ୍ୟମନ୍ତ୍ରୀ କପ୍-୨.୦ ଫୁଟବଲ ୧୪ ବର୍ଷରୁ କମ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୮ ଟି ବାଳକ ଓ ୬ଟି ବାଳିକା ଦଳ ଭାଗ ନେଇଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେସ ପ୍ରିୟଦର୍ଶୀ ଯୋଗଦେଇ କ୍ରୀଡାବିତଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଉଦ୍‌ଘାଟନୀ ସଭାରେ ଜିଲ୍ଲା କ୍ରୀଡାସଂଘର ସହ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା, ବରିଷ୍ଠ ସଭ୍ୟ ସୁକାନ୍ତ ନାୟକ, ଯୁଗ୍ମ ସମ୍ପାଦକ ନିମାଇଁ ଚରଣ ରାଉତରାୟ, ବିରେନ୍ଦ୍ର କୁମାର ସ୍ୱାଇଁ, ସଂଜୟ ଲେଙ୍କା ଓ ଗୋପାଳ ସେଠୀ, ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଚନ୍ଦ୍ରକାନ୍ତ ଘଡେଇ, ସଲିଲ ସିଂ, ସୁବାସ ଦାସଙ୍କ ସମେତ ଅନ୍ୟ ସଭ୍ୟ, କର୍ମକର୍ତ୍ତା, ପୂର୍ବତନ କ୍ରୀଡାବିତ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ କପ୍ -୨୦୨୬ ଫୁଟବଲ ପ୍ରତିଯୋଗିତାର ବାଳକ ବିଭାଗ ପ୍ରଥମ ଖେଳ ପୋଲିସ ଏଫ.ସି ଏବଂ ରେମୁଣା ଏଫ.ସି ମଧ୍ୟରେ ହୋଇଥିଲା। ପଲିସ ଏଫ.ସି ଦଳ ୬-୦ ଗୋଲରେ ରେମୁଣା ଏଫ.ସି ଦଳକୁ ହରାଇ ବିଜୟୀ ହୋଇଥିଲେ। ଦ୍ୱିତୀୟ ଖେଳ ଟାଉନ ଫୁଟବଲ କ୍ଲବ ଏବଂ ତେଲିପାଳ ଏସ.ଏସ.ଡି ଦଳ ମଧ୍ୟରେ ହୋଇଥିଲା। ତେଲିପାଳ ଏସ.ଏସ.ଡି ଦଳ ୧୦-୦ ଗୋଲରେ ଟାଉନ ଫୁଟବଲ କ୍ଲବ ହରାଇ ବିଜୟୀ ହୋଇଥିଲେ। ଏହି ଖେଳକୁ ପ୍ରଦିପ ଦାସ, ତ୍ରିଲଚନ ସିଂ, ଅମିତ ସିଂ, ହୃଦାନନ୍ଦ ଘଡେଇ, ସଂଜୟ ସିଂ, ମାମା ସିଂ ଏବଂ ମ୍ୟାଚ କମିସନର ପ୍ରଦୀପ କୁମାର ଦାସ ପରିଚାଳନା କରିଥିଲେ।



## ବାଲେଶ୍ୱରରେ ତାତିରୁ ଆଶ୍ୱସ୍ତି, ପାରଦ ୩୩.୩ ଡିଗ୍ରୀ ସେଲସିୟସ

ବାଲେଶ୍ୱର,୨୫।୪ (ସମିସ): ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ବାଲେଶ୍ୱରରେ ଶନିବାର ତାପମାତ୍ରା ହ୍ରାସ ପାଇଛି। ଆଜି ସର୍ବାଧିକ ତାପମାତ୍ରା ୩୩.୫ ଡିଗ୍ରୀ ସେଲ୍ସିୟସ୍ ରେକର୍ଡ ହୋଇଛି, ଯାହା ଗତକାଲି ଠାରୁ ୧.୦ ଡିଗ୍ରୀ କମ୍ ଏବଂ ସ୍ୱାଭାବିକ ଠାରୁ ୩.୧ ଡିଗ୍ରୀ ତଳେ। ସର୍ବନିମ୍ନ ତାପମାତ୍ରା ୨୫.୬ ଡିଗ୍ରୀ ରହିଛି। ସକାଳ ୮ ଘଟିକା ୩୦ ମିନିଟ୍ ରେ ବାୟୁମଣ୍ଡଳରେ ଆର୍ଦ୍ରତା ୮୦ ପ୍ରତିଶତ ଥିଲା। ଜିଲ୍ଲାରେ ଗତ ୨୪ ଘଣ୍ଟାରେ ବର୍ଷା ହୋଇନାହିଁ। ଅପରପକ୍ଷେ, ଝାରସୁଗୁଡାରେ ଆଜି ରାଜ୍ୟର ସର୍ବାଧିକ ୪୪.୧ ଡିଗ୍ରୀ ଏବଂ ଟିଟିଲାଗଡରେ ୪୪.୦ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।

## ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ



ଭୋଗରାଇ /ଚନ୍ଦନେଶ୍ୱର, ୨୫।୪ (ସମିସ): ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ଜଳେଶ୍ୱରପୁର ହାଇସ୍କୁଲ ଖେଳ ପଡ଼ିଆରେ ବ୍ଲକ ସ୍ତରୀୟ ଜାତୀୟ ପଞ୍ଚାୟତରାଜ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧି, ସରକାରୀ ଅଧିକାରୀ ଓ ସାଧାରଣ ଜନତା ଯୋଗ ଦେଇଥିଲେ। ବିଡ଼ିଓ ପ୍ରଶାନ୍ତ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି ଯୋଗଦେଇ ଗ୍ରାମୀଣ ଅଞ୍ଚଳରେ ବିକାଶ ପାଇଁ ସରକାରଙ୍କର ବିଭିନ୍ନ ପଦକ୍ଷେପ ଉଲ୍ଲେଖ କରିଥିଲେ। ବିଡ଼ିଓ ଶ୍ରୀ ମହାରଣା ପଞ୍ଚାୟତରାଜ ବ୍ୟବସ୍ଥାର ଗୁରୁତ୍ୱ, ସ୍ୱଚ୍ଛ ଶାସନ ଓ ଗ୍ରାମୀଣ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଅନ୍ତୋଦୟ ଗୃହ ଯୋଜନାର ୩୧୦ ଜଣ ହିତାଧିକାରୀଙ୍କୁ ନୂତନ ଘରର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏହାସହିତ, ମନରେଗା ଯୋଜନାରେ ଉଲ୍ଲେଖନୀୟ କାମ କରିଥିବା ୩ଟି ପଞ୍ଚାୟତକୁ ସମ୍ମାନିତ କରାଯାଇ ମାନପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ସଦସ୍ୟ ଆଶିଷ ପାତ୍ର, ଜୟରାମପୁର ସମିତି ସଦସ୍ୟ ରାଧାକାନ୍ତ ପ୍ରଧାନ, ମହେଶପୁର ସରପଞ୍ଚ ବରେନ୍ଦ୍ର ପାତ୍ର, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମଥ କୁମାର ବେହେରା, ଅନୀଲ ସାମଲ, ବ୍ଲକ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ, ସରପଞ୍ଚ ଦିଲ୍ଲୀପ ଦତ୍ତ, ସୁମତୀ ପାତ୍ର, ତରଣି ସେନାପତି ଓ ଅନ୍ୟାନ୍ୟ ଜନପ୍ରତିନିଧି ଉପସ୍ଥିତ ଥିଲେ।

## ଦେଶୀ ମଦ ଜବତ, ୨ ଗିରଫ

ନୀଳଗିରି, ୨୫।୪ (ସମିସ): ନୀଳଗିରି ଅବକାରୀ ବିଭାଗର ଇନ୍ସପେକ୍ଟର ମନୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ନୀଳଗିରିର ଦୁଇଟି ପୃଥକ୍ ସ୍ଥାନରୁ ଦେଶୀ ମଦ ସମେତ ଦୁଇ ବେପାରୀକୁ ଗିରଫ କରିଛି। ଶନିବାର ନୀଳଗିରି ଅବକାରୀ ବିଭାଗ ବିଶେଷ ସୂତ୍ରରୁ ଖବର ପାଇ ନୀଳଗିରି ଥାନା ଅଧୀନ ରାଜନଗର ଓ ଓଲଡଙ୍ଗ ଛକ ନିକଟରୁ ଦୁଇ ମଦ ବେପାରୀଙ୍କୁ ଧରିବାରେ ସକ୍ଷମ ହୋଇଛି। ଓଲଡଙ୍ଗ ଛକ ନିକଟରୁ ଗୋପୀନାଥପୁର ଅଞ୍ଚଳର ଜଗନ୍ନାଥ ବାରିକ୍‌ଙ୍କ ଠାରୁ ଏକ ସ୍କୁଟି ସମେତ ୮୦ଲିଟର ଦେଶୀ ମଦ ଏବଂ ରାଜନଗର ଛକ ନିକଟରୁ ଛତ୍ରପୁର ଅଞ୍ଚଳର ତୁଷାରକାନ୍ତ ବିଶ୍ୱାଳଙ୍କ ଠାରୁ ବାଇକ୍ ସମେତ ୭୦ ଲିଟର ଦେଶୀ ମଦ ଜବତ କରିଛି ଅବକାରୀ ବିଭାଗ। ଉଭୟ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ମନୋଜ କୁମାର ସାହୁ, କେଶବ ଦାସ, ତପନ କୁମାର ମଲ୍ଲିକ ଓ ସନ୍ତୋଷ କୁମାର ବେହେରା ପ୍ରମୁଖ ସାମିଲ ଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଶନିଶ୍ଚରଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ନୀଳଗିରି, ୨୫।୪ (ସମିସ): ନୀଳଗିରି ସଜନାଗଡ ସ୍ଥିତ ବାବା ଶନିଶ୍ଚର ଦେବଙ୍କ ନୂତନମନ୍ଦିର ପ୍ରତିଷ୍ଠା ଉତ୍ସବ ପୂର୍ଣ୍ଣାହୁତି ସହିତ ବଡପୂଜା ନୀତି ସମ୍ପନ୍ନ ହୋଇଛି। ଗତ ତିନିଦିନ ଧରି ଏହି ନୂତନ ମନ୍ଦିରର ପ୍ରତିଷ୍ଠାଉତ୍ସବ ପାଇଁ ଗୁରୁବାର ଠାରୁ ଘଟସ୍ଥାପନ ସହ ୩ ଶହରୁ ଉହରୁ ମହିଳା ସ୍ଥାନୀୟ ବଡ ପୋଖରୀରୁ ପୂର୍ଣ୍ଣଘଟ ବହନକରି ମନ୍ଦିର ସଂଲଗ୍ନ ଯଜ୍ଞମଣ୍ଡପକୁ ଅଣାଯାଇଥିଲା। ତହିଁ ପରଦିନ ମନ୍ଦିର ପ୍ରତିଷ୍ଠା ସହ ଦଧିନଉତି ସ୍ଥାପନ କରାଯାଇଥିଲା। ପାଞ୍ଚଜଣ ବ୍ରାହ୍ମଣ ପଣ୍ଡିତଙ୍କ ଦ୍ୱାରା ଯଜ୍ଞ ଓ ପୂଜାପାଠ ହେବା ସହିତ ଅନ୍ତିମ ଦିବସ ଶନିବାର ପ୍ରତିଷ୍ଠାଉତ୍ସବର ପୂର୍ଣ୍ଣାହୁତି ସହିତ ବଡପୂଜା ନୀତି ସମ୍ପନ୍ନ ହୋଇଥିଲା। ଅନ୍ତିମ ଦିବସରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ମଦନମୋହନ ମାଝି ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶନିଦେବଙ୍କ ଆଶିଷଭିକ୍ଷା କରିଥିବା ଦେଖାଯାଇଥିଲା।

## ନିଶାମୁକ୍ତ ଓଡ଼ିଶା ଜାଗରଣ ଅଭିଯାନ




କାଳିପଦା, ୨୫।୪ (ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ ନିଶାମୁକ୍ତ ଓଡ଼ିଶା ଗଠନ କରିବା ପାଇଁ ଚଳିତ ମାସ ୧୪ ତରିଖରୁ ଉତ୍କଳମଣି ଗୋପବନ୍ଧୁଙ୍କ ଜନ୍ମ ସ୍ଥାନ ପବିତ୍ର ସୁଆଣ୍ଡୋଠାରୁ ନିଶାମୁକ୍ତ ଓଡ଼ିଶା ଜାଗରଣ ଅଭିଯାନ ସଚେତନତା ପାଇଁ ବାହାରି ଶନିବାର ପୂର୍ବାହ୍ନ ସାଢେ ଏଗାରଟା ସମୟରେ ବାଲିଆପାଳରେ ପହଞ୍ଚିଥିଲା। ଏହି ରାଜ୍ୟସ୍ତରୀୟ ନିଶାମୁକ୍ତ ଅଭିଯାନରେ ପ୍ରଦେଶ ଓଡ଼ିଶା ଚେୟାର ମ୍ୟାନ ଏସ ସି ଡିପାର୍ଟ ମେଣ୍ଟ ମାନସ କୁମାର ମଲ୍ଲିକ, ଅଲ ଓଡ଼ିଶା କଂଗ୍ରେସ ପ୍ରେସିଡେଣ୍ଟ ପିସିସି ରାଜକିଶୋର ନାୟକ, ବାଲେଶ୍ୱର ଜିଲ୍ଲା ଏସସି ସେଲ ସଭାପତି ବିଧାନ କୁମାର ଜେନା, ଶିବ ଚାରଣ ମଲ୍ଲିକ, ସେକ୍ରେଟାରୀ ପିସିସି ଓଡ଼ିଶା, ରଞ୍ଜନ କୁମାର ସେଠୀ, ଓଡ଼ିଶା ପିସିସି ଭାଇସ ପ୍ରେସିଡେଣ୍ଟଙ୍କ ସହିତ ବିକାଶ ଦାସ, ପ୍ରମଥ କୁମାର ମାନିକ ପ୍ରମୁଖ ବାଲିଆପାଳର ବ୍ଲକ ଛକ ନିକଟରେ ପହଞ୍ଚିବା ପରେ ବାଲିଆପାଳ ବ୍ଲକ କଂଗ୍ରେସ ପକ୍ଷରୁ ବ୍ଲକ ସଭାପତି ମୁରଲୀ ମୋହନ ସାହୁ, ବସ୍ତା ନିର୍ବାଚନ ମଣ୍ଡଳୀୟ କଂଗ୍ରେସ ନେତା ବିଜନ ନାୟକ, ବରିଷ୍ଠ କଂଗ୍ରେସ ନେତା ଜଗନ୍ନାଥ ବିଶ୍ୱାଳ , ଦେଉଳା ସରପଞ୍ଚ ସରୋଜ ପିଳା, ଭବେଶ ଚନ୍ଦ୍ର ପ୍ରଧାନ,ତିର୍ଥ ନାଗ, ଅଶ୍ୱିନୀ ଦାସ ପ୍ରମୁଖ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## କବି ଭରତ ଦାଶଙ୍କ 'ପ୍ରୀତିଅର୍ଘ୍ୟ' ଲୋକାର୍ପିତ

ବାଲେଶ୍ୱର,୨୫।୪ (ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଭରତ ଚନ୍ଦ୍ର ଦାଶଙ୍କ ଅଷ୍ଟାଦଶ ଏକପଦୀ କବିତା ସଂକଳନ "ପ୍ରୀତିଅର୍ଘ୍ୟ' ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ସ୍ରଷ୍ଟା ନାଟ୍ୟାଳୟରେ ଲୋକାର୍ପିତ ହୋଇଯାଇଛି। ଏହି ଉତ୍ସବରେ ଅନୁଷ୍ଠାନ ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ପୌରୋହିତ୍ୟ କରି ନିକଟରେ ଦୁର୍ଘଟଣାରେ ଗୋଟିଏ ଗୋଡ଼ ହରାଇଥିଲେ ମଧ୍ୟ ସେହି ଦୁଃଖକୁ ଭୃକ୍ଷେପ ନକରି ସେ କବିତା ରଚନାରେ ମନୋନିବେଶ କରି ଗ୍ରନ୍ଥ ପ୍ରକାଶ କରିଥିବାରୁ ଅନେକଙ୍କ ଆଦର୍ଶ ଓ ପ୍ରଶଂସା ବୋଲି ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ କବି ଦାଶଙ୍କ ଧର୍ମପତ୍ନୀ ଗାୟତ୍ରୀ ଦାଶ ହୃଦୟକୁ ଦ୍ରବୀଭୂତ କରୁଥିବା ଏକ ଦୁଃଖାବକ ସଙ୍ଗୀତ ପରିବେଷଣ କରିଥିଲେ। ରେମୁଣା ସାହିତ୍ୟ ସଂସଦ ସଂପାଦକ ଡ. ଭାଗବତ ପ୍ରସାଦ ଦାସ ଗ୍ରନ୍ଥଟିକୁ ଲୋକାର୍ପଣ କରି ଗ୍ରନ୍ଥରେ ଥିବା ୧୪୦ଗୋଟି ଚଉପଦୀର ପାଠକମାନଙ୍କ ଆକର୍ଷଣୀୟ ହୋଇପାରୁଥିବା କବିତା ସଂପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଆଲୋଚିକା କୁନ୍ତଳା କୁମାରୀ ମହିଳା ମହାବିଦ୍ୟାଳୟ ଅଧ୍ୟାପିକା ଡ. ପ୍ରତୀଚୀ ନନ୍ଦ "ବିଦଗ୍ଧ ଚିନ୍ତାମଣି'ରେ ପ୍ରୟୋଗ କରାଯାଇଥିବା ଅଭିମନ୍ୟୁ ସାମନ୍ତସିଂହାରଙ୍କ "ପ୍ରୀତିବନ୍ଦନା' ସହ ଏକ ତୁଳନିକ ଆଲୋଚନା କରି "ପ୍ରୀତିଅର୍ଘ୍ୟ'ର ବୈଶିଷ୍ଟ୍ୟ ପ୍ରତିପାଦନ କରିଥିଲେ। କବି ଭରତ ଚନ୍ଦ୍ର ଦାଶ କବିତାଗ୍ରନ୍ଥ ସଂପର୍କରେ ଲେଖକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଶ୍ରୋତାମାନଙ୍କ ମଧ୍ୟରୁ ବ୍ୟାକରଣବିତ ନିରଂଜନ ସାହୁ ଓ କବୟିତ୍ରୀ ଜ୍ୟୋତ୍ସ୍ନା ରାୟ ଗ୍ରନ୍ଥ ସଂପର୍କରେ ମତାମତ ପ୍ରଦାନ କରିଥିଲେ। ସାଧାରଣ ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରାକ୍‌ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଯୁଗ୍ମ ସଂପାଦକ ଜ୍ଞମରନାଥ ପାତ୍ର ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରିଥିଲେ। ଅନ୍ୟତମ ଯୁଗ୍ମ ସଂପାଦିକା ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ କୁମାର ଚାଟାର୍ଜୀ, ହେମେନ୍ଦ୍ର ମହାପାତ୍ର, ତପନ ରାୟ, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ପ୍ରଫୁଲ୍ଲ କୁମାର ଦାସ, ଦୀପକ ଦାସ, ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, ତପନ କୁମାର ପଣ୍ଡା, ସ୍ୱାତୀ ମଧୁଲଗ୍ନା ଦାଶ, ସୁଷମା ମହାପାତ୍ର, ଶାନ୍ତି ବିଶି, ସୁନାମଣି ଜେନା, ଜୟଶ୍ରୀ ମିଶ୍ର, ଅମୃତଲଗ୍ନା ଦାଶ, ପ୍ରଭାକର ସାହୁ, ଉର୍ମିଳା ନାୟକ, ଗୀତାଞ୍ଜଳି ଶତପଥୀ, କଲ୍ୟାଣୀ ନନ୍ଦ, ତୃପ୍ତିରାଣୀ ପାତ୍ର, ଦେବାଶିଷ ସିଂହ, ତ୍ରିନାଥ ନନ୍ଦୀ, ମଧୁସୂଦନ ମାଝୀ, ବେଣୁଧର ସାହୁ, ଭାସ୍କରଚନ୍ଦ୍ର ମିଶ୍ର, ସମରବଲ୍ଲଭ ଭୋଇ, ସ୍ନିଗ୍ଧା ସାମନ୍ତରାୟ, ବିଦ୍ୟାଧର ସାହୁ ଓ ପ୍ରଦୀପ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



# ଶନିଙ୍କ ଜଳାଭିଷେକ; ଗ୍ରହରାଜଙ୍କୁ ପୂଜିଲେ ଶ୍ରଦ୍ଧାଳୁ



**ରଗଡ଼ି, ୨୫।୪(ସମିସ)**

କୋରେଇ ବ୍ଲକ ତଳଗଡ଼ ପଞ୍ଚାୟତ ଉପୁଲାଇ ଗ୍ରାମର ପ୍ରସିଦ୍ଧ ଗ୍ରହରାଜ ଶନିଶ୍ଚରଙ୍କ ୬୧ତମ ବାର୍ଷିକ ଯଜ୍ଞ, ମେଳା ଓ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହୋଇଯାଇଛି। ଭୋର ୫ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ୧୦ ହଜାର ଶ୍ରଦ୍ଧାଳୁ ଶନିଶ୍ଚରଙ୍କ ଜଳାଭିଷେକ କରି କରୁଣା ଭିକ୍ଷା କରିଥିଲେ। ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ବିଜେଡି ରାଜ୍ୟ ଉପସଭାପତି ପ୍ରଣବ ପ୍ରକାଶ ଦାସ, ବ୍ୟାସନଗର ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, ପୂର୍ବତନ ପୌରାଧ୍ୟକ୍ଷା ସବିତା ରାଉତ ପ୍ରମୁଖ ଯୋଗଦେଇଥିଲେ। ରାଧାକୃଷ୍ଣ ପରିଚାଳନା କମିଟି ସମ୍ପାଦକ ଶ୍ରୀନିବାସ ଜେନାଙ୍କ ସଭାପତିତ୍ୱ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସମାଜସେବୀ ନରେଶ ମସ୍କରା, ମୁଖ୍ୟବକ୍ତା ଶ୍ରୀପାଦ ପରମବ୍ରହ୍ମ ଦାସ, ସମ୍ମାନିତ ଅତିଥି ସରପଞ୍ଚ ସନ୍ତୋଷ କୁମାର ସ୍ୱାଇଁ, ସମାଜସେବୀ ମହେଶ କୃଷ୍ଣ ମହାନ୍ତି, ଶଶୀ ଭୂଷଣ ରାଉତ, ପିତାମ୍ବର ମହାଲିକ, ସୁଶୀଲ କୁମାର ମଲ୍ଲିକ, ଅକ୍ଷୟ କୁମାର ସାମନ୍ତ ସିଂହାର ଓ ଶିକ୍ଷାବିତ ମୀନକେତନ ଦାଶ ପ୍ରମୁଖ ଯୋଗଦେଇଥିଲେ। ପରିବେଶବିତ ସନାତନ ବେହେରାଙ୍କୁ କମିଟି ପକ୍ଷରୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକ ପବିତ୍ର ମୋହନ ରାଉତ ରାୟ ମଞ୍ଚ ପରିଚାଳନା ଓ ବିକ୍ରମ କୁମାର ଜେନା ଧନ୍ୟବାଦ ଦେଇଥିଲେ। ରାମେଶ୍ୱର ଯୁବକ ସଂଘ ଓ କୋରାଇ ପୁଲିସ ପକ୍ଷରୁ ମେଳା ପରିସରରେ ଶ୍ରଦ୍ଧାଳୁଙ୍କୁ ଦହି ସର୍ବତ୍ର ବିତରଣ କରାଯାଇଥିଲା। ରବୀନ୍ଦ୍ର ଜେନା କର୍ତ୍ତା ରହିଥିଲେ। ଶ୍ରୀଧର ଆଚାର୍ଯ୍ୟ, କୈଳାଶ ଆଚାର୍ଯ୍ୟ ଓ ଶନିଙ୍କ ପୂଜକ ଶରତ କୁମାର ପଣ୍ଡା ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। ଶନିଶ୍ଚର ଓ ରାଧାକୃଷ୍ଣ ଜୀଉ ପରିଚାଳନା କମିଟି ସମେତ ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

**ଧର୍ମଶାଳା:** ପବିତ୍ର ଶନିଶ୍ଚର ଯଜ୍ଞ ଅବସରରେ ଧର୍ମଶାଳା ବ୍ଲକର ବିଭିନ୍ନ ଶନିଦେବଙ୍କ ପୀଠରେ ଆଜି ସକାଳୁ ଭକ୍ତମାନେ ଜଳାଭିଷେକ କରିଛନ୍ତି। ଏହି ବ୍ଲକ ଅନ୍ତର୍ଗତ ନିଲାଦେଇ ଗ୍ରାମ ନିକଟରେ ଥିବା ଶନି ମନ୍ଦିରରେଶନି ଦେବଙ୍କ ଯଜ୍ଞ ଉତ୍ସବ ପାଳନ କରାଯାଇଛି। ପୂଜକ ଆଲୋକ ପଣ୍ଡିତ ଓ ଅନ୍ୟ ପୂଜକମାନଙ୍କ ମନ୍ତ୍ର ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା ସାରା ଅଞ୍ଚଳ। ସକାଳୁ ସକାଳୁ ଭକ୍ତ ମାନେ ନିକଟସ୍ଥ ଏକ ପୁଷ୍କରିଣୀରୁ ଜଳ ଆଣି ପାଖରେ ଥିବା ଓସ୍ତ ବୃକ୍ଷରେ ଢାଳିବା ସହିତ ଶନି ମହାରାଜଙ୍କ ଦର୍ଶନ ଲାଭ କରିଥିଲେ। ସେହିପରି ଏହି ବ୍ଲକ ଅନ୍ତର୍ଗତ ଦେଓଡ଼ା ପଞ୍ଚାୟତ ବାସୁଦେବପୁର, ଭବାନୀପୁର, ଜାରକା, ଚୋରମୁହାଁ, ପାଟପୁର ଆଦି ଗ୍ରାମରେ ଥିବା ଶନିଦେବଙ୍କ ପୀଠରେ ଶନି ଦେବଙ୍କ ପୂଜା କରାଯାଇଛି। ଆଜି ଶନିଦେବଙ୍କ ଦର୍ଶନ ଲାଗି ସକାଳୁ ବିଭିନ୍ନ ସ୍ଥାନରେ ପୁରୁଷ ଓ ମହିଳା ମାନଙ୍କର ଲମ୍ବାଧାଡ଼ି ଦେଖିବାକୁ ମିଳିଥିଲା। ଭକ୍ତମାନେ ବିଭିନ୍ନ ନଦୀ ପୁଷ୍କରିଣୀମାନଙ୍କରୁ ପାଣି ଉଠାଇ ଶନି ମହାରାଜଙ୍କୁ ଜଳାଭିଷେକ କରିଥିଲେ।





**ଦାନଗଦି:** ଦାନଗଦି ବ୍ଲକ ଅନ୍ତର୍ଗତ ରାଛିପୁର ଠାରେ ବହୁପୁରାତନ ଗ୍ରହରାଜ ଶନିଶ୍ଚରଙ୍କ ୭୭ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଗ୍ରହରାଜ ଶନିଙ୍କ ନିକଟରେ ଭୋର ସମୟରୁ ଶ୍ରଦ୍ଧାଳୁମାନେ ପହଞ୍ଚି ଜଳାଭିଷେକ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଦିନ ତମାମ ହଜାର ହଜାର ଭକ୍ତ ଶନିଦେବଙ୍କ ଦର୍ଶନ ଲାଭ କରିଥିଲେ। ପୂର୍ବତନ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡ଼ାଇଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଗ୍ରହରାଜ ଶନିଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କରିଥିଲେ। ସେହିପରି ଦାନଗଦି ହାଟ ପଡ଼ିଆ, ମାଣତିରା ଗାଁରେ ମଧ ଶନିଦେବଙ୍କ ପୂଜାର୍ଚ୍ଚନା ହୋଇଛି। ସକାଳୁ ଟମକା ଛକରେ ଥିବା ବାବା ଶନିଶ୍ଚର ମନ୍ଦିରରେ ଶନି ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରୁ ପୂଜକ ମାୟାଧର ହୋତା ପୂଜାର୍ଚ୍ଚନା କରିଥିଲେ। ସଂକଳ୍ପରେ ଶଙ୍କର୍ଷଣ ଦାସ ସହଯୋଗୀ ଗୋଲକ ଚନ୍ଦ୍ରବାରିକ ପୂଜାରେ ବସିଥିଲେ। ପଣ୍ଡିତ ମାନସ ହୋତା ଓ ଅକ୍ଷୟ ହୋତା ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ମହିଳା ଶ୍ରଦ୍ଧାଳୁଙ୍କ ଗ୍ରହରାଜ ଶନିଙ୍କ ଦର୍ଶନ ପାଇଁ ଲମ୍ବା ଲାଇନ୍ ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ଶନି କମିଟି ତରଫରୁ ଦହି ସରବତ୍ ଦିଆଯାଇଥିଲା। ମାନସିକଧାରୀ ଭକ୍ତମାନେ ଶନି ଗଛରେ ପାଣି ଢାଳିଥିଲେ। ଏହି କାର୍ଯ୍ୟରେ ପ୍ରମୋଦ ରଥ, ଚତୁର୍ଭୁଜ ନାୟକ, ମକରା ଦାସ, ବୁଧିମନ୍ତ ବେହେରା, ବୁଧିଆ ମହାନ୍ତ, ସାନ୍ତନ ଜେନା, ନୀରଞ୍ଜନ ଦାସ ବିକାଶ ଦାସ, ସୁଦର୍ଶନ ଓଝା, ନରୋତ୍ତମ ବେହେରା, ଶିବାନନ୍ଦ ସାମଲ, ରାଜ ଓଝା, ସନ୍ତୋଷ ବେହେରା, ମୁନା ମହାନ୍ତ, ଚିନ୍ତାମଣି ବେହେରା, ମକରା ଓଝା, ନିରଞ୍ଜନ ଦ୍ୱିବେଦି, ସଞ୍ଜୟ ସାହୁ, ଅଜିତ୍ ରଥ ସମେତ ଟମକା ବଣିକ ସଂଘର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

## ଶନି ମନ୍ଦିରରେ ଦହି ପଣା ବଣ୍ଟନ

**କୁଆଖିଆ, ୨୫।୪(ସମିସ):** ଶନି ଓଷା ଉପଲକ୍ଷେ ରସୁଲପୁର ବ୍ଲକର ମିର୍ଜାପୁର ଶନି ଦେବ ମନ୍ଦିର ପ୍ରାଙ୍ଗଣରେ ଭାରତ ସ୍କାଉଟ ଓ ଗାଇଡ୍ସ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ଦହି ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିଏମଶ୍ରୀ ମଧୁବନ ସ୍କୁଲର ଶିକ୍ଷକ ସୁଶାନ୍ତ କୁମାର ମହାରଣାଙ୍କ ତତ୍ତ୍ୱବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରମାନେ ମନ୍ଦିର ଦର୍ଶନରେ ଆସୁଥିବା ଶ୍ରଦ୍ଧାଳୁମାନଙ୍କୁ ଗ୍ରୀଷ୍ମ ତାତିରୁ ଉପଶମ ନିମନ୍ତେ ଦହି ପଣା ବଣ୍ଟନ କରୁଥିବା ଦେଖାଯାଇଥିଲା। ଏଥିରେ ସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଏବଂ ଗ୍ରାମର ଅନେକ ବ୍ୟକ୍ତି ପୂର୍ଣ୍ଣ ସାହାଯ୍ୟ ଓ ସହଯୋଗ କରିଥିଲେ।

## ସିଂହପୁରରେ ବିଶ୍ୱ ଗୁରୁ ମହାଯଜ୍ଞ

**ସିଂହପୁର, ୨୫।୪(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସ୍ଥିତ କାକୁଡି ପଡ଼ିଆ ଭୀମସେନ ଦାସ ମଠ ପରିସରରେ ଶ୍ରୀଶ୍ରୀ ବିଶ୍ୱଗୁରୁ ମହାଯଜ୍ଞ ୨୪ ତାରିଖ ଠାରୁ ଆରମ୍ଭ ହୋଇ ମେ' ୧ ତାରିଖ ଦିନ ଉଦ୍‌ଯାପିତ ହେବ। ପ୍ରତ୍ୟେହ ପ୍ରଭାତରୁ ଶ୍ରୀମଦ୍ ଭାଗବତ ପରାୟଣ, ଗୀତା ପାଠ ଓ ଯଜ୍ଞାଦି କାର୍ଯକ୍ରମ କରାଯାଉଛି। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଆଧ୍ୟାତ୍ମିକ କାର୍ଯକ୍ରମ, କବିତା ପାଠ, ପାଲା ପାରିବେଷଣ, ଆଧ୍ୟାତ୍ମିକ ନୃତ୍ୟ ପ୍ରତିଯୋଗିତା, ଭଜନ ସନ୍ଧ୍ୟା ଆଦି କାର୍ଯକ୍ରମ କରାଯାଉଛି। ୧ ତାରିଖ ଦିନ ପୂର୍ଣ୍ଣାହୁତି କରାଯିବ। ସିଂହପୁର ଗ୍ରାମ ସହିତ ନାଉବାଙ୍କ, ନେମରା, ଚନ୍ଦନପୁର, ଜରି, କଣଛନ୍ଦା, ଓଲେଇ, ଗ୍ରାମବାସୀ ଯଜ୍ଞ ଓ ଅନ୍ୟାନ୍ୟ କାର୍ଯ୍ୟ ପରିଚାଳନରେ ସହଯୋଗ କରୁଛନ୍ତି। ଆଜି କଳସ ଯାତ୍ରାରେ ଶତାଧିକ ଶ୍ରଦ୍ଧାଳୁ ଖରସ୍ରୋତା ନଦୀରୁ ଜଳ ଆଣି ଯଜ୍ଞ ସ୍ଥଳରେ ଜଳାଭିଷେକ କରିଥିଲେ।

## ବିଜେପି ପକ୍ଷରୁ ଜଳଛତ୍ର ଉଦ୍‌ଘାଟିତ

**କୁଆଖିଆ, ୨୫।୪(ସମିସ):** ରସୁଲପୁର ବ୍ଲକ ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମ ଲହରକୁ ଦୃଷ୍ଟିରେ ରଖି ସାଧାରଣ ଲୋକଙ୍କ ପାଇଁ କୋରେଇ ବିଧାୟକ ଆକାଶ ଦାସ ନାୟକଙ୍କ ନିର୍ଦ୍ଦେଶ କ୍ରମେ କୋରେଇ ବିଜେପି ପକ୍ଷରୁ ରସୁଲପୁର ବ୍ଲକର ମୁଖ୍ୟ ଗମନା ଗମନ ଓ ବ୍ୟବସାୟିକ ସ୍ଥଳ ତଥା ଆନ୍ତଃ-ରାଜ୍ୟ ପରିବହନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା କୁଆଖିଆ ବଜାର ଓଭର ବ୍ରିଜ୍ ତଳେ ଏକ ଜଳଦାନ କେନ୍ଦ୍ର ଆଜି ପୁର୍ବାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ଏହା ଆଗାମୀ ଦିନରେ ଚାଲୁ ରହିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଜଳଦାନ କେନ୍ଦ୍ରକୁ କୋରେଇ ବିଧାୟକଙ୍କ ରସୁଲପୁର ବ୍ଲକ ପ୍ରତିନିଧି ପ୍ରହଲ୍ଲାଦ ପଣ୍ଡା ଓ ବିଜେପି ନେତା ତଥା ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରସୁଲପୁର ବ୍ଲକର ପୁର୍ବତନ ଅଧ୍ୟକ୍ଷ ଶଷୀଭୁଷଣ ସାହୁ, ବିଜେପି ମଣ୍ଡଳ ସଭାପତି ବିନୋଦ କୁମାର ମହାରଣା, ଜିଲ୍ଲା ପରିଷଦ ସଭ୍ୟ ଶିଶିର କୁମାର ମହାନ୍ତି, ବିଧାୟକଙ୍କ ମିଡିଆ ପ୍ରତିନିଧି ପଦ୍ମଲୋଚନ ନାୟକ, ବିଜେପି ହିଙ୍ଗୁଳା ମଣ୍ଡଳ ମହିଳା ମୋର୍ଚ୍ଚା ସଭାପତି ମାମି ମହାନ୍ତି, ବିଜେପି ହିଙ୍ଗୁଳା ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ହିମାଂଶୁ ବେହେରା, ଅତୁଲ୍ୟ ପ୍ରଧାନ, ଅନିଲ୍ ସାମନ୍ତ ରାୟ, ସୁବାଷ ନାୟକ, ସୁବ୍ରତ ନାୟକ, ଶଶାଙ୍କ ଶେଖର ରାଉତ, ପ୍ରଶାନ୍ତ ପରିଡ଼ା, ଦିଲ୍ଲିପ୍ ଦାସ୍, ବିଜେପି ହିଙ୍ଗୁଳା ମଣ୍ଡଳ ପ୍ରତିନିଧି କାଳନ୍ଦୀ ଚରଣ କଣ୍ଡଙ୍କ ସମେତ ବହୁ ଦଳିୟ କର୍ମି ଓ ନେତୃମଣ୍ଡଳି ଉପସ୍ଥିତ ରହିଥିଲେ।

## ଶୀତଳେଶ୍ୱର ପ୍ରିମିୟର ଲିଗ୍ ଉଦ୍‌ଘାଟିତ



**ଯାଜପୁର, ୨୫।୪(ସମିସ):** ଯାଜପୁର ପୌରାଞ୍ଚଳ ଅନ୍ତର୍ଗତ ଶୀତଳେଶ୍ୱର ସ୍ଥିତ ଶୀତଳେଶ୍ୱର୍ ପ୍ରିମିଅର୍ ଲିଗ ମେଗା ଇଲେଭେନ୍ ଷ୍ଟାର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ବାସୁଳେଇ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରିକେଟ୍ ମ୍ୟାଚ୍‌କୁ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ଉଦ୍‌ଘାଟନ କରିଥିଲେ। ଏହି କ୍ରିକେଟ୍ ମ୍ୟାଚ୍‌ରେ ୧୬ଟି ଟିମ୍ ଅଂଶ ଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯାଜପୁର ପୌରପାଳିକାର ଅଧ୍ୟକ୍ଷା ରଞ୍ଜୁଲତା ହୋତା, କାଉନସିଲର ରୁନୁ ବେହେରା, ଶିକ୍ଷାବିତ୍ ବଟକୃଷ୍ଣ ମହାପାତ୍ର, ଯୁବ ନେତା ମନୋଜ ସାହୁ, ତୁଷାର ରଞ୍ଜନ ବେହେରା, ଅନନ୍ତ ପାତ୍ର, ବିଜୟ ମହାନ୍ତି, ମେଗା ଇଲେଭେନ୍ ଷ୍ଟାରର ସମସ୍ତ ସଦସ୍ୟ ତଥା ଶୀତଳେଶ୍ୱରର ସମସ୍ତ ଗ୍ରାମବାସୀ ଓ ଯାଜପୁର ସହରର କ୍ରିକେଟ୍ ପ୍ରେମୀ ଦର୍ଶକ ମାନେ ଉପସ୍ଥିତି ରହି ମ୍ୟାଚ୍ ଉପଭୋଗ କରିଥିଲେ।

## ଶିଶୁମାନଙ୍କ ପାଇଁ କ୍ୟାରିୟର କାଉନସେଲିଂ କର୍ମଶାଳା

**ଯାଜପୁର, ୨୫।୪(ସମିସ):** ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସଂଯୋଗ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଯାଜପୁରର ମିଳିତ ସହଯାଗରେ ଜିଲ୍ଲାସ୍ତରରେ ଥିବା ୫ଟି ଶିଶୁଯତ୍ନ ଅନୁଷ୍ଠାନ ଅନ୍ତେବାସୀଙ୍କ ନିମନ୍ତେ 'କ୍ୟାରିୟର କାଉନସେଲିଂ' ଶୀର୍ଷକ ଏକ ସଚେତନତାମୂଳକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସଂଯୋଗର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାଲଟାସିଂହଙ୍କ ପୌରୋହିତ୍ୟରେ ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଏହି କର୍ମଶାଳାରେ ସଂଯୋଗର ମଣ୍ଡଳ ସଂଯୋଜିକା ରୂପାଲୀ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାଲଟାସିଂହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏଥିରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଦିବ୍ୟଭୂଷଣ ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଜିଲ୍ଲା ନିଯୁକ୍ତି ଅଧିକାରୀ ମାନସ କୁମାର କୁଅଁର, କନିଷ୍ଠ ନିଯୁକ୍ତି ଅଧିକାରୀ ମଧୁସୂଦନ ମିଶ୍ର, ଶିଶୁ ମଙ୍ଗଳ କମିଟି ସଦସ୍ୟା ରୀତା ବେହେରା, ଗୀତାଞ୍ଜଳୀ ଧଳ, ସୂର୍ଯ୍ୟ ନାରାୟଣ ମିଶ୍ର, ବିଷୟ ବିଶାରଦ ଭାବେ ରାମ କିଶୋର ଶର୍ମା ଯୋଗ ଦେଇ ଶିଶୁମାନଙ୍କୁ ପରାମର୍ଶ ସେବା, କ୍ୟାରିୟର ଶିକ୍ଷା, ନିଯୁକ୍ତି ଏବଂ ରୋଜଗାରଭିତ୍ତିକ ବୈଷୟିକ ପାଠ୍ୟକ୍ରମ ବିଷୟରେ ଦଶମ ଏବଂ ଦ୍ୱାଦଶ ପରୀକ୍ଷା ଦେଇଥିବା ଅନ୍ତେବାସୀମାନଙ୍କ ପାଇଁ କେଉଁ ପାଠ୍ୟକ୍ରମ ଉପଯୋଗୀ ହେବ ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ଯାଜପୁର ଜିଲ୍ଲାର ବିଭିନ୍ନ ଶିଶୁଯତ୍ନ ଅନୁଷ୍ଠାନର ଅନ୍ତେବାସୀ, ପୃଷ୍ଠପୋଷକତା ଯୋଗ ଦେଇଥିଲେ। ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆନୁଷ୍ଠାନିକ ଯତ୍ନ ଅଧିକାରୀ ଅର୍ଚ୍ଚନା କୁମାରୀ ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଯାଜପୁର ସହରାଞ୍ଚଳରେ ଗୃହ ଗଣନା ତ୍ୱରାନ୍ୱିତ

**ଯାଜପୁର, ୨୫।୪(ସମିସ):** ଜନଗଣନା-୨୦୨୭ ଅନୁସାରେ ଯାଜପୁର ଟାଉନ ସେନସସ୍ ଚାର୍ଜ ଅଧୀନରେ ଥିବା ଜିଲ୍ଲାପାଳଙ୍କ ବାସଗୃହ, ଜିଲ୍ଲା ଦୌରା ଜଜ, ଅତିରିକ୍ତ ଜିଲ୍ଲା ଜଜ୍, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଉପଜିଲ୍ଲାପାଳ ଙ୍କ ବାସଗୃହର ଗୃହଗଣନା କାର୍ଯ୍ୟ ଆଜି ଯାଜପୁର ଟାଉନ ସେନସସ୍ ଚାର୍ଜ ଅଫିସର ଲକ୍ଷ୍ମୀଧର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଣନା କାରୀ ଜ୍ୟୋସ୍ନାରାଣୀ ମାରାଣ୍ଡି ଏବଂ ସୁପରଭାଇଜର ଆଶୁତୋଷ ଦାସଙ୍କ ସମେତ ମାଷ୍ଟର ଟ୍ରେନର ହେମନ୍ତ କୁମାର ସାହୁ ଓ ଅମୀୟ କୁମାର ସ୍ୱାଇଁ ପ୍ରମୁଖ ଗୃହ ଗଣନା କାର୍ଯ୍ୟ ସମ୍ପାଦନ କରିଥିଲେ। ବର୍ତ୍ତମାନ ଟାଉନସେନସସ ଅଧୀନରେ ୯୦ ଗୋଟି ଏଚ୍‌ଏଚ୍‌ବିରେ ୯୦ ଜଣ ଜନଗଣନାକାରୀ ଓ ୧୫ ଜଣ ସୁପରଭାଇଜର ଗୃହ ଗଣନା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଏହି ଗୃହ ଗଣନା କାର୍ଯ୍ୟ ୧୬ ତାରିଖଠାରୁ ମେ ୧୫ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ବର୍ତ୍ତମାନ ଭାରତ ସରକାର ତଥା ଓଡ଼ିଶା ସରକାରଙ୍କ ଜନଗଣନା ନିର୍ଦ୍ଦେଶାଳୟ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତି ମତେ ପ୍ରମୁଖ ଜନଗଣନା ଅଧିକାରୀ ତଥା ଜିଲ୍ଲାପାଳ ଅମ୍ବର କୁମାର କର ଏବଂ ଜିଲ୍ଲା ଜନଗଣନା ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମଗ୍ର ଯାଜପୁର ଜିଲ୍ଲାରେ ଗୃହ ଗଣନା କାର୍ଯ୍ୟ ଚାଲୁରହିଛି।



## ମହିଳା ବିଲ୍‌କୁ ନେଇ କଂଗ୍ରେସର ପ୍ରତିବାଦ



**କୁଆଖିଆ, ୨୫।୪(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ବିଜୁନଗର ସ୍ଥିତ ଯାଜପୁର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଦଳ ପକ୍ଷରୁ ସଂସଦରେ ମହିଳା ବିଲ୍ ଉପସ୍ଥାପନାକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଜେପି ମହିଳା ବିଲ୍ ଆଳରେ ନିର୍ବାଚନ ମଣ୍ଡଳିର ସୀମା ପୁନଃ ନିର୍ଦ୍ଧାରଣ ବିଲ୍‌କୁ ପାରିତ କରିବା ଭଳି ହୀନ ପ୍ରୟାସ କରିଥିଲା ବୋଲଇ କଂଗ୍ରେସ ଅଭିଯୋଗ କରିଛି। ସଂସଦରେ ବିରୋଧୀମାନେ ଏହି ବିଲ୍‌କୁ ବିରୋଧ କରିଲେ କଂଗ୍ରେସକୁ ମହିଳାମାନଙ୍କ ବିରୋଧୀ ଭାବରେ ଅବିହିତ କରିବା ଭଳି ଚକ୍ରାନ୍ତ କରାଯାଉଛି। ୨୦୨୩ ମସିହାରେ ପାରିତ ହୋଇଥିବା ବିଲ୍‌କୁ ୨୦୨୪ ସାଧାରଣ ନିର୍ବାଚନରେ ମହିଳା ବିଲ୍‌କୁ କାର୍ଯ୍ୟାକରି କରି ବିଲ୍‌ରେ ମହିଳାମାନଙ୍କ ପାଇଁ ଉଦିଷ୍ଟ ଥିବା ୩୩ ପ୍ରତିଶତ ଆରକ୍ଷଣ ପ୍ରସ୍ତାବକୁ ନିର୍ବାଚନରେ କାହିଁକି ଲାଗୁ କରାଗଲା ନାହିଁ ବୋଲି ସମ୍ମିଳନୀରେ ଉପସ୍ଥିତ ଥିବା ପ୍ରବକ୍ତାମାନେ ପ୍ରଶ୍ନ କରିଥିଲେ। ଯେପର୍ଯ୍ୟନ୍ତ ଘର ଓ ଜନଗଣନା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇନାହିଁ, ସେ ଯାଏଁ ସୀମା ପୁନଃ ନିର୍ଦ୍ଧାରଣ କିଭଳି ସମ୍ଭବ ହେବ ବୋଲି ପ୍ରଶ୍ନ କରିଥିଲେ। ଏହି ସମ୍ମିଳନୀରେ ପର୍ଯ୍ୟବେକ୍ଷକ ଭାବେ ପ୍ରଦେଶ କଂଗ୍ରେସ ପ୍ରବକ୍ତା ମଧୁସ୍ମିତା ଆଚାର୍ଯ୍ୟ, ପରିବେଶବିତ୍ ସୁଧାଂଶୁ ଶେଖର ଦେଓ, ପ୍ରଦେଶ କଂଗ୍ରେସ ମହିଳା ମୋର୍ଚ୍ଚା ନେତ୍ରୀ ସନ୍ଧ୍ୟାରାଣୀ ଖୁଣ୍ଟିଆ ଅଭିଯୋଗ କରିଥିଲେ। ପ୍ରଦେଶ କଂଗ୍ରେସ ପୂର୍ବତନ ସଭ୍ୟା ଆରତୀ ଦେଓ, ଜିଲ୍ଲା ମହିଳା କଂଗ୍ରେସ ସମ୍ପାଦିକା ଅଞ୍ଜୁଲତା ବେହେରା, ଜିଲ୍ଲା କଂଗ୍ରେସ କମିଟିର ଉପ-ସଭାପତି ସଂଗ୍ରାମ କେଶରୀ ସାହାଣୀ, ଜିଲ୍ଲା କଂଗ୍ରେସ ନେତ୍ରୀ ମଞ୍ଜୁଶ୍ରୀ ମିଶ୍ର, ପ୍ରବିର ବଳ, ଦୀପକ ଦେଓ, ଶ୍ରୀକାନ୍ତ ସାହୁ, ବ୍ଲକ ସଭାପତି ମିହିର ମିଶ୍ର, ସଞ୍ଜୟ ରାଉତ, ଗଦାଧର ଦାସ, ସମୀର ନାୟକ, ବିଦ୍ୟାଧର ଜେନା, ଯାଜପୁର ଜିଲ୍ଲା ମିଡିଆ ସେଲ୍‌ର ସଂଯୋଜକ ଉମେଶ ମଲିକ, ଯୁବନେତା ମାନସ ମହାନ୍ତି, ସୁଶାନ୍ତ ମିଶ୍ର, ସତ୍ୟବ୍ରତ ରାୟ ପ୍ରମୁଖ ସମ୍ମିଳନୀରେ ଯୋଗଦେଇଥିଲେ।

## ଜାରକା ବଜାରରେ ଜଳଛତ୍ର ଉଦ୍‌ଘାଟିତ

**ଧର୍ମଶାଳା, ୨୫।୪(ସମିସ):** ଧର୍ମଶାଳା ବ୍ଲକ ଜାରକା ଓଭରବ୍ରିଜ୍ ତଳେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଏକ ଜଳଛତ୍ର ଖୋଲାଯାଇଛି। ପ୍ରବଳ ଗ୍ରୀଷ୍ମ ସାଙ୍ଗକୁ ଗୁଲୁଗୁଳିରେ ବାଟୋଇମାନେ ଆଉଟି ପାଉଟି ହେଉଥିବା ବେଳେ ସେମାନଙ୍କ ତୃଷ୍ଣା ମେଣ୍ଟାଇବା ଲାଗି ଧର୍ମଶାଳା ବିଧାୟକଙ୍କ ନିର୍ଦ୍ଦେଶ କ୍ରମେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆଜିଠାରୁ ଜଳଛତ୍ର ଖୋଲାଯାଇଛି। ସମାଜସେବୀ ମିନତୀ ସାହୁ ଓ ଯୁବସଙ୍ଗଠକ ରାଜେଶ ପାଳ ଅତିଥି ଭାବେ ଯୋଗଦେଇ ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ନେତା ଦେବରାଜ ମିଶ୍ର, ତୀର୍ଥରାଜ ପଣ୍ଡା, ପ୍ରଦୀପ ପରିଡ଼ା, ଚନ୍ଦ୍ରମଣି ପଣ୍ଡିତ, ସୁଦାମ ବେହେରା, ଲୋକନାଥ ମହାନ୍ତି, ନିର୍ମଳ ପ୍ରଧାନ, ତୁସାର ରାୟ ସମେତ ବହୁ ଯୁବକ ଉପସ୍ଥିତ ରହି ଜଳଛତ୍ରରେ ବାଟୋଇମାନଙ୍କୁ ଦହି ପାଣି ବଣ୍ଟନ କରିଥିଲେ। ଏହି ଜଳଛତ୍ର ଖରା ଦିନ ଶେଷ ହେବା ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଟ୍ରଷ୍ଟ ତରଫରୁ ସୂଚନା ଦିଆଯାଇଛି।

## ୩ ସରପଞ୍ଚ, ୨ ସମିତିସଭ୍ୟରେ ହେଲା ପଞ୍ଚାୟତିରାଜ ଦିବସ




**ବରୀ, ୨୫।୪(ସମିସ):** ବିକାଶ କ୍ଷେତ୍ରରେ ଲୋକ ପ୍ରତିନିଧି ମାନେ ଯତ୍ନବାନ ହେଲେ ସଫଳତା ମିଳିବ। ଆଜି ବରୀ ବ୍ଲକ କାର୍ଯ୍ୟାଳୟ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ଯୋଗଦେଇ ଦଳମତ ନିର୍ବିଶେଷରେ ସରକାରୀ ଯୋଜନା କିଭଳି ଭାବରେ ସଫଳ ରୂପାୟନ ହୋଇ ପାରିବ ସେ କ୍ଷେତ୍ରରେ ଲୋକ ପ୍ରତିନିଧିମାନେ ଉଦ୍ୟମ କରିବାର ଆବଶ୍ୟକତା ରହିଛି ବୋଲି ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି ମତ ରଖିଛନ୍ତି। ଏହି କାର୍ଯ୍ୟକ୍ରମରେ ବରୀ ବ୍ଲକ ଭାରପ୍ରାପ୍ତ ବିଡିଓ ଲମ୍ବୋଦର ଖୁଣ୍ଟିଆ, ଅତିରିକ୍ତ ବିଡିଓ ମହେଶ୍ୱର ସେଠୀ ପ୍ରମୁଖ ଉପସ୍ଥିତ ରହି ସରକାରୀ ଯୋଜନା କିଭଳି ଭାବରେ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିବ ସେ କ୍ଷେତ୍ରରେ ଗୁରୁତ୍ୱ ଦେବା ସହିତ ପ୍ରଶାସନକୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ତିନି ଜଣ ସରପଞ୍ଚ ଓ ଦୁଇ ଜଣ ସମିତି ସଭ୍ୟ ଉପସ୍ଥିତ ଥିବା ବେଳେ ଅନ୍ୟମାନଙ୍କୁ ଦେଖିବାକୁ ମିଳି ନ ଥିଲା।

## କାଳିଆପାଣି ଥାନା ପକ୍ଷରୁ ଖୋଲିଲା ଜଳଛତ୍ର

**କାଳିଆପାଣ, ୨୫।୪(ସମିସ):** ଯାଜପୁର ଜିଲ୍ଲା ସୁକିନ୍ଦା ତହସିଲ ଅନ୍ତର୍ଗତ କାଳିଆପାଣି ଥାନା ପକ୍ଷରୁ ଟାଟା ବଜାର ଏଟିଏମ୍ ଛକରେ ଏକ ଜଳଛତ୍ର ଖୋଲାଯାଇ ପଥଚାରୀ ଓ ଯାତ୍ରୀମାନଙ୍କୁ ମାଗଣା ଦହିପାଣି ବଣ୍ଟନ କରାଯାଇଛି। ଆଇଆଇସି ପ୍ରକାଶ ଚନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶ ଓ ପ୍ରଚେଷ୍ଟାରେ ଏହି ସେବାମୂଳକ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଥାନା ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ସାହୁ, ଜବା ମାଝୀ, ସାହାଣୀ ବାବୁଙ୍କ ସହ ଅନେକ ସ୍ଥାନୀୟ ବ୍ୟକ୍ତି ସକ୍ରିୟ ଭାବେ ସହଯୋଗ କରିଥିଲେ। ସ୍ଥାନୀୟ ଲୋକମାନେ କୁହନ୍ତି ଏପରି ମାନବିକ ଓ ସେବାମୂଳକ ପଦକ୍ଷେପ ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରେ। ଗରମ ଦିନଗୁଡିକରେ ଏହି ଜଳଚତ୍ର ନିରନ୍ତର ଚାଲିଥିଲେ ଆହୁରି ଅନେକ ଲୋକ ଲାଭାନ୍ୱିତ ହେବେ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି।



## ରେଙ୍ଗାଲି କେନାଲରେ ଜଳକ୍ରୀଡ଼ା

# ବିପଦକୁ ଆମନ୍ତ୍ରଣ; ସଚେତନତା ନାହିଁ

**କଳିଆପାଣି, ୨୫।୪(ସମିସ)**



ସୁକିନ୍ଦା ତହସିଲ ଅନ୍ତର୍ଗତ ଭାଲୁକି ପାତଳା ଠାରୁ ସୁକିନ୍ଦା ପର୍ଯ୍ୟନ୍ତ ବହୁଥିବା ରେଙ୍ଗାଲି କେନାଲରେ ଛୋଟ ଛୋଟ ପିଲାମାନଙ୍କର ଜଳକ୍ରୀଡ଼ା ଏବେ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ତୀବ୍ର ଗ୍ରୀଷ୍ମ ତାପରୁ ରକ୍ଷା ପାଇବା ପାଇଁ ପିଲାମାନେ ୨୦/୨୫ ଫୁଟ୍ ଗଭୀର ଜଳରେ ୧୦ ଫୁଟ୍ ଉଚ୍ଚତାରୁ ଡେଇଁ ଗାଧୋଇବାକୁ ଯାଉଥିବା ଦେଖାଯାଉଛି। ଯାହା କେବଳ ବିପଦଜନକ ନୁହେଁ, ଦୁର୍ଘଟଣାକୁ ସରଳ ଭାବରେ ନିମନ୍ତ୍ରଣ ଦେଉଛି। ସ୍କୁଲ ପରେ ଦ୍ୱିପ୍ରହର ବେଳେ ଏହି କେନାଲ ପିଲାମାନଙ୍କ ପାଇଁ ମଜାର ଆଡ୍ଡାରେ ପରିଣତ ହେଉଛି। ଦୀର୍ଘ ସମୟ ପର୍ଯ୍ୟନ୍ତ ଗାଧୋଇବା, ଆଖି ଲାଲ୍ ହେବା ଓ ଛିଙ୍କ ହେବା ପର୍ଯ୍ୟନ୍ତ ଜଳରେ ରହିବା ଏକ ଅଭ୍ୟାସରେ ପରିଣତ ହୋଇଯାଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ରେଙ୍ଗାଲି କେନାଲ କର୍ତ୍ତୃପକ୍ଷଙ୍କ ଅବହେଳା ଏହି ସମସ୍ୟାକୁ ଆହୁରି ଗମ୍ଭୀର କରିଛି। କେନାଲ ପାର୍ଶ୍ୱରେ ଗାଧୋଇବା ପାଇଁ ପାହାଚ ବନାଇ ଦାୟିତ୍ୱ ସମାପ୍ତ କରିଦେଇଥିବା ବେଳେ, ସୁରକ୍ଷା ବ୍ୟବସ୍ଥା ଭଳି ବାରିକେଡ୍ ବ୍ୟବସ୍ଥା କରାଯାଇନାହିଁ। ଏହାର ପରିଣାମରେ ପିଲାମାନେ ଜଳକ୍ରୀଡ଼ାରେ ଲିପ୍ତ ହୋଇ ନିଜ ଜୀବନକୁ ବିପଦରେ ପକାଉଛନ୍ତି। ଅଞ୍ଚଳବାସୀମାନେ କହିଛନ୍ତି, କେନାଲର ଉଭୟ ପାର୍ଶ୍ୱରେ ରକ୍ଷା ବ୍ୟବସ୍ଥା, ସଚେତନତା ସୂଚନା ପଟ୍ଟିକା ଓ ନିରୀକ୍ଷଣ ବ୍ୟବସ୍ଥା ଅତ୍ୟାବଶ୍ୟକ। ନହେଲେ ଆଗାମୀ ଦିନରେ ବଡ଼ ଦୁର୍ଘଟଣା ଘଟିବାର ଆଶଙ୍କାକୁ ଅସ୍ୱୀକାର କରାଯାଇପାରିବ ନାହିଁ।

## ହନୁମାନ ଗୋସେଇଁଙ୍କ ବାର୍ଷିକ ଉତ୍ସବ

**ବିଞ୍ଝାରପୁର, ୨୫।୪(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇ ଗ୍ରାମର ଚୌଧୁରୀ ପଡ଼ିଆ ସ୍ଥିତ ହନୁମାନ ଗୋସେଇଁଙ୍କ ୧୦ମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଶନିବାର ପ୍ରାତଃକାଳରୁ ପଣ୍ଡିତ ନରେନ୍ଦ୍ର ପଣ୍ଡା ଓ ସହଯୋଗୀମାନଙ୍କ ଦ୍ୱାରା ହନୁମାନ ଗୋସେଇଁଙ୍କର ମହାସ୍ନାନ, ବିଧିମୁତାବକ ପୂଜାର୍ଚ୍ଚନା, ହୋମଯଜ୍ଞ ଓ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଅରେଇ ଗ୍ରାମ ପଞ୍ଚାୟତ ସରପଞ୍ଚ ସ୍ମୃତିସମୀକ୍ଷା ମଲ୍ଲିକ ପଣା ବଣ୍ଟନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚୌଧୁରୀ ପଡ଼ିଆର ଗ୍ରାମବାସୀଙ୍କ ପକ୍ଷରୁ ଦେବାନନ୍ଦ ପରିଡ଼ା, ସତ୍ୟରଞ୍ଜନ ମଲ୍ଲିକ, ରେବତୀ ମଲ୍ଲିକ, ଧନେଶ୍ୱର ମଲ୍ଲିକ, ପ୍ରଦୀପ, ମନୋରଞ୍ଜନ, ଭଗବାନ ଓ ବିମଳ କୁମାର ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ଭୋକ ଓ ଭୟ



ମୂଳ ହିନ୍ଦୀ: ଭବତୋଷ ପାଣ୍ଡିୟ
ଅନୁବାଦ: କନକ ମଞ୍ଜରୀ ପଟ୍ଟନାୟକ

ସକାଳେ ବହୁ ସମୟ ଯାଏ ଶାଶୁ ସୁମନ ଓ ବୋହୂ କୁସୁମର ଲଢ଼େଇ ଚାଲିଥିଲା । ଘର ଭିତରେ ଶାଶୁ ଓ ବୋହୂର ଲଢ଼େଇ ସାଧାରଣ କଥା । ଆଜି କିନ୍ତୁ କୌଣସି ବିଶେଷ ପ୍ରସଙ୍ଗକୁ କେନ୍ଦ୍ର କରି ଲଢ଼େଇ ଚାଲିଥିଲା, ଯାହାକି ଦୀର୍ଘ ସମୟ ଯାଏ ଲମ୍ବି ଥିଲା ।

"ତାଙ୍କର ତ ମେମ୍ ସାହେବମାନଙ୍କ ଘରଗୁଡ଼ିକରେ ହାଲୁଆ, ପୁରି, ଲହୁଣି, ପାଉଁରୁଟି ଖାଇବା ଅଭ୍ୟାସ ହୋଇଗଲାଣି । ସେଥିପାଇଁ ସେ ସକାଳ ହେଉ ହେଉ କାମ କରିବାକୁ ଦୌଡ଼ି ଯାଆନ୍ତି । ଘରର କୌଣସି କାମ ଉପରେ ତ ନଜର ହିଁ ନାହିଁ ।" କୁସୁମ ଗୁଜୁ ଗୁଜୁ ହେଉଥିଲା ।

ସୁମନ ନିଜ ଘରଠାରୁ କିଛି ଦୂର ସହରରେ ଥିବା ଗୋଟାଏ ସୋସାଇଟିରେ ବାସନ ମଜା ଓ ଝାଡୁ ପୋଛା କାମ କରେ । ସେ ଦିନ ମନ ଫଟା ଫଟି ହେତୁ ସେ ଦାନା ଖାନା ଛାଡ଼ି ଶୀଘ୍ର ଶୀଘ୍ର ସହର ଆଡ଼କୁ ଦୌଡ଼ିଲା ।

"ଆଜି କାମବାଲୀ ଆଚ୍ଛା ବିଳମ୍ବ କଲା । ମନେ ହେଉଛି ନିତି ନିତି ଜଳଖିଆ ଚା' ପାଇଁ ତା'ର ଡର ନାହିଁ । ଆସୁ ତାକୁ ଜଳଖିଆ ଖୁଆଇବି ।"

ବିଳମ୍ବ ହେବା କାରଣରୁ ସୁମନ ଡରି ଡରି ଶ୍ରୀମତୀ ଅଗ୍ରୱାଲଙ୍କ ଘରେ ପହଞ୍ଚି ବାସନ ଧୋଇବା କାମରେ ଲାଗିଗଲା ।

"କେଉଁଠି ମରି ପଡ଼ିଥିଲୁ, ଏତେବେଳେ ଯାଏ? ତୁ' ମୋ ଘରକୁ ସକାଳୁ ସକାଳୁ ଆସେ । ବେଶୀ ବେଳ ଯାଏ ଘରେ ବାସନ ଅମଜା ହୋଇ ପଡ଼ି ରହିଲେ, ଘର ପୋଛା ନ ହେଲେ ମତେ ଭଲ ଲାଗେନା । କାଲିଠୁ ଡେରିରେ ଆସିବୁ ନାହିଁ । ନ ହେଲେ ମୁଁ ଅନ୍ୟ କାମବାଲୀ ଖୋଜିବି ।"

ସୁମନକୁ ଜଳଖିଆ କିଏ ଦେବ ? ସେ ତ କାମ ଚାଲିଯିବା ବିପଦକୁ ନେଇ ଚିନ୍ତିତ ।

"ବାର ବାଜିବାକୁ ହେଲାଣି । ମ୍ୟାଡମ୍ ଏତେ ବେଳ ଯାଏ ଆସି ନାହାଁନ୍ତି, ଯାହା ଜଣାପଡୁଛି ଶ୍ରୀମତୀ ଅଗ୍ରୱାଲ ଘରେ ଛପନ ଭୋଗ ଖାଉଛି ।" ଶ୍ରୀମତୀ ବର୍ମା ଶ୍ରୀମତୀ ସିଦ୍ଦିକଙ୍କ ଘରକୁ ଫୋନ୍ କରି କହିଲେ ।

ଶୀଘ୍ର ଶୀଘ୍ର କାମ ସାରି ସୁମନ ଶ୍ରୀମତୀ ବର୍ମାଙ୍କ ଘରେ ପହଞ୍ଚିଲା ।

"ତୁ ଶ୍ରୀମତୀ ଅଗ୍ରୱାଲଙ୍କ ଘରେ ଏତେବେଳ ଯାଏ କ'ଣ କରୁଥିଲୁ? ବେତନ ସାଙ୍ଗକୁ ସେ ତତେ ପିଜା, ବର୍ଗର ନିତି ଖାଇବାକୁ ଦେଉଛନ୍ତି ନା କ'ଣ?"

ଶ୍ରୀମତୀ ବର୍ମାଙ୍କ ମୁରବି ପଣ ଦେଖି ସୁମନ ବୁଝି ପାରିଥିଲା, ଆଜି ଏଠୁ କିଛି ମିଳିବା କଷ୍ଟ । ସେ ମନେ ମନେ ଝଁପିଲା ।

ଭୋକିଲା ସୁମନ ଦୁଇ-ତିନି ଘରେ ଦିନ ତିନିଟା ଯାଏ କାମ କରି ଚାଲିଥିଲା । ସେ ଦିନ ତା' ଭାଗ୍ୟରେ କେଉଁଠୁ ବି କିଛି ଖାଇବା ମିଳିଲା ନାହିଁ ।

ନିଜ ବୋହୂ ଉପରେ ରାଗ ଓ ନିଜର ନିତି ଦିନିଆ କମାଣି ହାତଛଡ଼ା ଭୟ ମନର ଅବସ୍ଥାକୁ ନେଇ ସୁମନ ତା' ଗାଁ ଆଡ଼କୁ ବଢ଼ିବାକୁ ଲାଗିଲା ।

ଭୋକରେ ବ୍ୟାକୁଳ ଦୁଇ-ତିନି କୋଶ ପାଦରେ ଚାଲି ଚାଲି ଘରେ ପହଞ୍ଚିଲା । ଖାଇବା ପିଇବା ତ ଦୂର କଥା, ବୋହୂ କୁସୁମ ସକାଳେ ଅଧାରେ ଥିବା ଝଗଡ଼ା ପୁଣି ଆରମ୍ଭ କଲା ।

"ସହରରୁ ହାଲୁଆ- ପୁରି ଖାଇ ଆସି ଗଲନା?"

ଅନ୍ୟ ମନସ୍କ ସୁମନ ଭାବୁଥିଲା, କାଲି ମୁଁ ଶୀଘ୍ର ଶୀଘ୍ର ନ ପହଞ୍ଚିଲେ, ମେମ୍ ସାହେବ ମତେ କାମରୁ ବାହାର କରିଦେବେ ।

ଲୁହ ଝରି ଚାଲିଥିଲା ।

ସୁମନ ମନରେ ଘର କରି ଥିବା 'ଭୟ', ଶରୀରରେ ଉପସ୍ଥିତ 'ଭୋକ'କୁ ବାରମ୍ବାର ଆଡ଼େଇ ଚାଲିଥିଲା । ■

ଶିବା କୃପା ସାରଦା-ନନ୍ଦିତା ନିଳୟ
ତଳ ମହଲା, ପ୍ଲଟ୍ ନଂ- ୧୩୮
ବ୍ରହ୍ମେଶ୍ୱର ପାରଣା, ବ୍ରହ୍ମେଶ୍ୱର ମନ୍ଦିର ପଛପାଖ
ଭୁବନେଶ୍ୱର - ୭୫୧୦୧୮
ମୋ:୮୭୬୩୪୭୨୧୬୨

## ଯଦି ପୃଥ୍ୱୀ ବିଶ୍ରାମ ନିଏ

ଯଦି ଦିନେ ସକାଳେ ପୃଥ୍ୱୀ କହିବ-
ଆଜି ମୁଁ ଅବକାଶରେ ଅଛି
ତ... ନିଜର ସୁନେଲି ଚିଠିମାନଙ୍କୁ
ପଢ଼ି ଶୁଣାଉଥିବା ସୂରୁଜ
ହଠାତ ନୀରବି ଯିବ ।
ନଦୀମାନେ ସ୍ଥିର ହୋଇ
ନିଜନିଜର ପ୍ରତିବିମ୍ବକୁ ଉଙ୍କି ମାରିବେ
ଆଉ ଗଛମାନେ
ନିଜ ପତ୍ରମାନଙ୍କୁ ପଚାରିବେ -
ଏବେ ପବନ କାହାକୁ ଖୋଜିବ?
'ସ୍ତ୍ରୀ', ଯାହା ପୃଥ୍ୱୀର ଅନ୍ୟ ଏକ ନାମ
ଯଦି ଦିନେ ବସିଯିବ ଚୁପ୍‌ଚାପ୍ -
ତ... ସମୟର ଘଣ୍ଟାଘର
ହଜେଇଦେବ ତା'ର କଣ୍ଟା
ଆଉ, ଆମର ସକଳ ସଭ୍ୟତା
ଅଚାନକ ଡରିଯିବ
ନିଜର ହିଁ ନୀରବତାରେ । ■



ମୂଳ ହିନ୍ଦୀ: ଜୟପ୍ରକାଶ ମାନସ
ଅନୁବାଦ: ବିଜୟ କୁମାର ପ୍ରଧାନ



## ଛତାବାଲା



ଛତା ମରାମତି କରୁଥିବା ସେ ଲୋକଟି
ଯିଏ ଭଙ୍ଗା ଫ୍ରେମ୍ ଉପରେ
ନୂଆ କପଡ଼ାର ଚମକ ଛାଆଣି କରୁଛି
ବାସ୍ତବରେ କେଉଁ ଭଙ୍ଗା-ବିଶ୍ୱାସ ଉପରେ
ସହଜ-ସରଳ ବିଶ୍ୱାସର
କଠିନସ୍ତରଟିଏ ଥାପୁଛି
ତା' ଆଙ୍ଗୁଳିମାନେ
ଛୁଞ୍ଚି ଓ ସୂତାର ସହାୟତାରେ ବୁଣୁଛନ୍ତି
ଭଗ୍ନ ଆଶ୍ରୟମାନଙ୍କର ସ୍ୱପ୍ନ
ପ୍ରତ୍ୟେକ ଛିଦ୍ରକୁ ବୁଜୁଛନ୍ତି
ଖରା ଓ ବର୍ଷାରୁ
ରକ୍ଷା କରିବାର ପ୍ରତିଜ୍ଞାରେ
ସେ କିନ୍ତୁ ଜାଣିଛି ଯେ ଏ ଛତା
ଏବେ ଆଉ ସେତିକି ମଜଭୁତ ନୁହେଁ
ଯେତିକି ପୂର୍ବରୁ ଥିଲା
ଟାଙ୍କ (ସିଲେଇ) ଛିଣ୍ଡିଗଲାଣି ଠାଏଁ-ଠାଏଁ
ତଥାପି ସେ ସିଲାଉଛି ସେମିତି
ଯେମିତି କେଉଁ ଡାକ୍ତର
ବଞ୍ଚାଉଛି ଗୋଟିଏ ପ୍ରାଣ
ଏଇଆ ନ ଭାବି ଯେ
ଏ ପ୍ରାଣଟା ବି ପୁଣି କେବେ ରୋଗଗ୍ରସ୍ତ ହେବ
ତା' ଦୋକାନରେ ରହିଛି
ଭଙ୍ଗାଛତାଙ୍କ ପାହାଡ଼
ଯାହା ପ୍ରମାଣିତ କରୁଛି ଯେ
ଦୁନିଆରେ ଏବେ ବି ବାକି ଅଛି
ଆଶ୍ରୟସ୍ଥଳମାନଙ୍କର ମରାମତି କାମ
ଏବଂ... ସେ ଗୋଟେଗୋଟେ ଟାଙ୍କ ମାରୁଛି
କଳା କପଡ଼ା ଜାଗାରେ
କିଟିମିଟି ଅନ୍ଧାରକୁ ଛୁଞ୍ଚି ଫୋଡୁଛି
ଖୁସି ହେଉଛି
ଯେତେବେଳେ କେଉଁ ଭଙ୍ଗା ଆକାଶ
ପୁଣି କାହାସାଥୀରେ ସଂପର୍କ ଯୋଡୁଛି ।। ■

ଗୌତମ ନଗର (ଷଷ୍ଠ ସରଣୀ),
କୋରାପୁଟ
ମୋ: ୯୪୩୭ ୯୦୯୪୨୮

# 'ସୈରିନ୍ଧ୍ରୀ' କାବ୍ୟରେ ନାରୀ ସଂଘର୍ଷର ପ୍ରତିଫଳନ



ଡକ୍ଟର ନିଖିଳେଶ ମହାନ୍ତି

ଗୁଜରାଟୀ ସାହିତ୍ୟର ସୁପ୍ରସିଦ୍ଧ କାବ୍ୟକାର ବିନୋଦ ଯୋଶୀ । ତାଙ୍କର କବିତାଗୁଡ଼ିକରେ ଗ୍ରାମ୍ୟ ଜୀବନର ଚିତ୍ର ପ୍ରତିଫଳିତ ହୋଇଥାଏ । ବିଶେଷ କରି ନିଜ କାବ୍ୟକବିତାରେ ନାରୀ ମନର ଅନ୍ତର୍ଭାବନାକୁ ରୂପ ଦେବାରେ ସେ ବେଶ୍ ସଫଳ ହୋଇଛନ୍ତି । କବି ବିନୋଦ ଯୋଶୀଙ୍କ ରଚିତ 'ଅଭିପ୍ରେତ', 'ଅମୃତ ଘାୟଲ', 'ବ୍ୟଙ୍ଗ ବିନୋଦ', 'ସୈରିନ୍ଧ୍ରୀ', 'ମୋରପିଚ୍ଛ', 'ସିଙ୍ଗଡ଼ି' ଆଦି ପୁସ୍ତକ ବହୁ ପାଠକୀୟ ଶ୍ରଦ୍ଧା ଲାଭ କରିଛି । ତାଙ୍କ ଲିଖିତ 'ସୈରିନ୍ଧ୍ରୀ' ଏକ ଉଚ୍ଚକୋଟୀର ହୃଦୟସ୍ପର୍ଶୀ ପ୍ରବନ୍ଧ କାବ୍ୟ । ଏହି ପୁସ୍ତକକୁ ଓଡ଼ିଆରେ ଅନୁବାଦ କରିଛନ୍ତି ରେଣୁକା ଶ୍ରୀରାମ ସୋନି ।

ମହାଭାରତର ବିରାଟ ପର୍ବରେ ସୈରିନ୍ଧ୍ରୀ ଚରିତ୍ର ବିଶଦ ଭାବେ ବର୍ଣ୍ଣିତ । ଅଜ୍ଞାତବାସର ଏକ - ବର୍ଷ ମତ୍ସ୍ୟଦେଶର ରାଜା ବିରାଟଙ୍କ ନଗରୀରେ ଗୁପ୍ତ ଭାବେ ଥିବା ସମୟରେ 'ଦ୍ରୌପଦୀ' ସୈରିନ୍ଧ୍ରୀ ନାମରେ ସୁଦେଷ୍ଣା ରାଣୀଙ୍କ ସହଚରୀ ଥିଲେ । ପ୍ରତିକ୍ଷଣ ମରୁଥିବା ନିଜତ୍ୱ; ଖୋଜୁଥିବା ମୁହଁଲୁଚା ଜୀବନର ଅର୍ଥ; ଭ୍ରମ ବିଭ୍ରମର ଦୋଳିରେ ଝୁଲୁଥିବା ନାରୀତ୍ୱ; ନିଜ ଗୌରବ ସହ ନିରନ୍ତର ଯୁଦ୍ଧ କରୁଥିବା ଅସହାୟତା; ନିଜ ବିରୂପ ସହ ନିଜକୁ ଅଲଗା କରିନେଇଥିବା ଚୁକ୍ତିନାମା; ରାଜନନ୍ଦିନୀରୁ ଦାସୀ ପାଲଟି ଯାଇଥିବା ଇଚ୍ଛାକୃତ ଦାସତ୍ୱ, ପରାକ୍ରମୀ, ପତିମାନଙ୍କ ଗହଣରେ କେହି ନୁହେଁର ନିପୁଣ ଅଭିନୟ ଭିତରେ ନିଜକୁ ବାରମ୍ବାର ପ୍ରଶ୍ନର ମାୟାଜାଲରେ ଛନ୍ଦି ହୋଇ କିଛି ବି ଉତ୍ତର ପାଉନଥିବା ନାରୀଟିକୁ ଆମେ ଅବଳା ଦୁର୍ବଳା କହିଦେଲେ ନାରୀଟିଏ ଯେ ଚୁପ ପଡ଼ିଯିବ; ଅନେକ ବନ୍ଧନୀ ଭିତରେ ଏଡ଼େ ଟିକିଏ ଖୁବ୍ ହେୟ ପାଲଟିଯିବ ତାହା କଦାପି ନୁହେଁ । ଏକଥା ଦୃଢ଼ ସ୍ୱରରେ ପ୍ରତିବାଦ କରନ୍ତି ଲେଖକ ବିନୋଦ ଯୋଶୀ ।

ସାତଟି ସର୍ଗରେ ଲିଖିତ 'ସୈରିନ୍ଧ୍ରୀ ପ୍ରବନ୍ଧ କାବ୍ୟ । ଏହି କାବ୍ୟରେ ଆମେ ଜଣେ ଭିନ୍ନ ନାରୀଙ୍କୁ ଦେଖୁ ଯେ, ବ୍ୟାସକୃତ କାହାଣୀଠୁ ଭିନ୍ନ ହୋଇ ଯେ କୌଣସି ନାରୀର ଆଭ୍ୟନ୍ତରରେ ନିଜ ନିଜ ମହାଭାରତକୁ ଭେଟନ୍ତି । ନିଜ ନିଜ କୁରୁକ୍ଷେତ୍ରରେ ପ୍ରତିନିୟତ ଜୀବନ ଯୁଦ୍ଧରେ ଲିପ୍ତ ଥାଆନ୍ତି । ଗୋଟିଏ ସଂଘର୍ଷର ଉଦ୍‌ଗୀରଣ ଏ କାବ୍ୟର ଅନ୍ତସତ୍ତା । 'ଶୃଙ୍ଗାର କରହେ ଦାସୀ, ନୃପ ସଙ୍ଗର ମୁଁ ଅଭିଳାଷୀ" । ଜଣେ କହୁଛି ମୋର ରମ୍ୟରୂପକୁ ବିଭୋର କର । ପ୍ରଗାଢ଼ ରଙ୍ଗ ସୁହାସୀ ମୁଁ, ରାତ୍ରେ ନିବିଡ଼ ହେବ ଅନଙ୍ଗ ପ୍ରପୀଡ଼ିତ ଶିହରିତ ତନୁ; ମାତ୍ର ବେଶକାରିଣୀ କମ୍ ରୂପବାନ୍ ନୁହେଁ କି ରତିକ୍ରୀଡ଼ା ପ୍ରବୀଣା ନୁହେଁ ! ହେଲେ ନିଜ ଭାଗ୍ୟ, ଅନ୍ୟର ଅଯୋଗ୍ୟତା କିମ୍ବା ଅଭିନୟର ପାରଦର୍ଶିତାରେ ନିଜ ମନକୁ ଖାଲି ସଂଯତ ନୁହେଁ, ବରଂ ଭୟର ନିର୍ମୋକକୁ ଲୁଚାଇବାକୁ ପଡୁଛି । ନିଜେ ବିବର୍ଣ୍ଣା ଓ ନିର୍ଲିପ୍ତା ହେବା ଏକ ବାହ୍ୟ ଆଡ଼ମ୍ବର ହୋଇପାରେ । ବାସ୍ତବତା ଏହା ଯେ ସେ ଯୁବତୀ, ପତ୍ନୀ ନାରୀ; ତା'ର ବି ମନ ଅଛି । ନିଜେ କେଳିଦୀପ ପ୍ରଜ୍ୱଳିତ ନ କରି ଦୀପ ହୋଇ ଜଳୁଛି ଓ ଜ୍ୱଳନ ସହୁଛି ।



ଚକ୍ଷୁ ବୁଜି ନିଦ୍ରାକୁ କଲେ ଆମନ୍ତ୍ରଣ ଅସହ୍ୟ ଇଶାରାରେ ପ୍ରାଣ ଜର୍ଜରିତ ହୁଏ । 'କୀଚକ ସ୍ପର୍ଶିଲା ଅଙ୍ଗ ସେହି କ୍ଷଣ' କ'ଣ ସାହାଯ୍ୟ କାହାର ମାଗିହେବ କି ? ଗୋଟିଏ ସ୍ୱପ୍ନଭରା ଅଭିସାର ଘଟିସାରିଛି କର୍ଣ୍ଣ ସହ । ସେହି ସମର୍ଥ ଏ ବିପଦରୁ ଉଦ୍ଧାର କରିପାରିବ । ଏ ଦେହକୁ ପାଞ୍ଚ ଜଣଙ୍କୁ ବାଣ୍ଟିବା ଅପେକ୍ଷା ସୁତପୁତ୍ର, ଯଥେଷ୍ଟ ଯୋଗ୍ୟ; ଯାହା ସ୍ମୃତିରୁ ଫିଙ୍ଗି ହେଉ ନାହିଁ । ନିଶାର୍ଦ୍ଧରେ କୀଚକର ଅଧିକାର ସାବ୍ୟସ୍ତରୁ ନିଜକୁ ବଞ୍ଚାଇବାକୁ ତୀକ୍ଷଣ ଛୁରୀରେ ଆଘାତ କରିଛି । ପରେ ମୃତ୍ୟୁ ଦଣ୍ଡରେ ଅଗ୍ନିରେ ବିସର୍ଜନ ହୋଇଛି । ନିଜକୁ ସଚେତନ, ଭୟମୁକ୍ତା, ଆତ୍ମନିର୍ଭର, ରୁଦ୍ରଭୀଷଣ ମୂର୍ତ୍ତି ସ୍ୱରୂପିଣୀ, ନାରାୟଣୀ ବୋଲି ପ୍ରମାଣିତ କରିଛି । ଜଣେ କୀଚକକୁ ମାରିଲା ସିନା, କିନ୍ତୁ ଅନେକ କୀଚକ । ସେ ମୃତ୍ୟୁ ଦଣ୍ଡ ଲାଭ ପୂର୍ବରୁ ବି କର୍ଣ୍ଣକୁ ମନେ ମନେ ଆଲିଙ୍ଗନ କରିଛି । ଅଶେଷ ବାର ତନୁ ସମର୍ପଣ କରିଛି । ଚକ୍ଷୁ ଭେଦିବାର ସାମର୍ଥ ଯାହାର ଥିଲା ତାକୁ ପରିଚୟ ମାଗି ଯେଉଁମାନେ ସ୍ଥବିର କରିଥିଲେ ସେମାନଙ୍କୁ ବହେ ତିରସ୍କାର କରିଛି । ସୁରକ୍ଷା ଦେଇପାରୁ ନଥିବା ଅଥଚ ପାଖରେ ଥିବା ଅଯୋଗ୍ୟମାନଙ୍କୁ ଯାହା ଖାଲି ଧିକାର ନକରି ଦୟା ଦେଖାଇଛି ।

ଜନ୍ମରୁ ଅବିରତ ଜଳୁଥିବା, ନିଜ ସଙ୍ଗେ ଛଳ ଓ ଖେଳ ଖେଳୁଥିବା ନାରୀଟିଏ କେତେ ବା ସମ୍ମାନ ପାଇଲା? ତାହା ଏକ ପ୍ରଶ୍ନବାଚୀ । ଏ ଦୁନିଆରେ ସମସ୍ତେ ନିଜଠାରୁ ବିଚ୍ଛିନ୍ନ । ବାହାର ଓ ଭିତରର ଐକ୍ୟତା ଭିନ୍ନ ଫଳତଃ .ମାନସିକ ସ୍ଥିତି ଦ୍ୱନ୍ଦ୍ୱାୟିତ । ସୈରିନ୍ଧ୍ରୀ ଗୋଟେ ଦୁଃଖର ପାହାଡ଼, ଯାହା ଭିତରେ ପ୍ରତିକ୍ରିୟାର ଲାଭା ସଦା ସର୍ବଦା ଲୁକ୍‌କାୟିତ ନୁହେଁ । ଦ୍ରୌପଦୀ ଗୋଟେ ନାରୀ ଯେ ନିଜକୁ ନିଜେ ରକ୍ଷା କରିପାରେ । ପରିଚୟହୀନ ପାଣ୍ଡବ ପତିମାନଙ୍କ ନୀରବ ଅସହାୟତା ଓ କରୁଣ ଚାହାଣି ଆଗରେ ଦ୍ରୌପଦୀ ଦେବୀ ପାଲଟି ଯାଏ । କାଳ୍ପନିକ କାହାଣୀର ଅନ୍ତରାଳରେ ନାରୀମନର ଯେଉଁ ଚେତନସ୍ତରକୁ ଲେଖକ ସ୍ପର୍ଶ କରିଛନ୍ତି, ତାହା ଅଭିନବ ଓ ସଂବେଦନଶୀଳ । 'ସୈରିନ୍ଧ୍ରୀ' କାବ୍ୟରେ ନାରୀ ମନର ଅନ୍ତର୍ବେଦନାକୁ ଲିପିବଦ୍ଧ କରିବାରେ କବି ବିନୋଦ ଯୋଶୀ ବେଶ୍ ସଫଳ ହୋଇଛନ୍ତି । ■

ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ
ଜେ.ଏନ୍. କଲେଜ, କୁଆଁପାଳ, କଟକ
ମୋ: ୯୪୩୭ ୯୦୫୪୯୦

## ପତ୍ରିକା ପରିଚୟ

### କଥା କଥା କବିତା କବିତା

ସଂପାଦକ: ଅକ୍ଷୟ ବେହେରା




ଏନ୍.-୪/୨୦୮, ଆଇ.ଆର୍.ସି. ଭିଲେଜ
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫
ମୂଲ୍ୟ: ୨୦୦ ଟଙ୍କା

ଅକ୍ଷୟ ବେହେରାଙ୍କ ସଂପାଦନାରେ 'କଥା କଥା କବିତା କବିତା'ର ସପ୍ତବିଂଶତମ ବର୍ଷ ପ୍ରଥମ ସଂଖ୍ୟା ପ୍ରକାଶ ପାଇଛି । ଏହି ସଂଖ୍ୟାରେ ରାହୁଲ ଗୌତମଙ୍କ 'ଭୟ, ଭବିଷ୍ୟତ ଓ ବିଭୀଷିକାର ଭାଷ୍ୟକାର ହଙ୍ଗେରୀର ଲାସ୍‌ଲୋ କ୍ରିଷ୍ଣା ହୋରକାଇ', ପ୍ରଦୀପ୍ତ ଶ୍ରୀଚନ୍ଦନଙ୍କ 'ୟୁରୋପୀୟ ସାହିତ୍ୟ-ମଞ୍ଚରେ ଭାରତୀୟ ତତ୍ତ୍ୱଚିନ୍ତନର ଦୃଶ୍ୟପଟ', ଡକ୍ଟର ଶ୍ରୀକାନ୍ତ ମହାନ୍ତିଙ୍କ 'ଶବ୍ଦର କୁହୁକ', ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦଙ୍କ 'ଗୋପବନ୍ଧୁଙ୍କ ଜାତୀୟ ଅନ୍ୱେଷା' ଆଦି ପ୍ରବନ୍ଧ ଓ ଆଲୋଚନାଗୁଡ଼ିକ ଉଚ୍ଚକୋଟୀର ହୋଇଛି । ସେହିପରି ଫନୀ ମହାନ୍ତି, ଗିରିବାଳା ମହାନ୍ତି, ମମତା ଦାଶ, ଅମରେନ୍ଦ୍ର ଖଟୁଆ, ବିପିନ ନାୟକ, ସୌଭାଗ୍ୟବନ୍ତ ମହାରଣା, ରକ୍ଷକ ନାୟକ,ପ୍ରଭାସିନୀ ମହାକୁଡ଼, ପୀତାମ୍ବର ତରାଇ ପ୍ରମୁଖଙ୍କ କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ଜୟନ୍ତୀ ରଥଙ୍କ 'ଡୋରି', ମନୋଜ କୁମାର ମହାପାତ୍ରଙ୍କ 'ନାଲିଘୋଡ଼ା', ମୋନାଲିସା ମିଶ୍ରଙ୍କ 'ମିଃ ନାୟାର୍ ଆଉ ଗୋଟେ ମୋତି ମାଳ' ପ୍ରଭୃତି ଗପଗୁଡ଼ିକରେ ସାମାଜିକ ବାସ୍ତବତା, ମାନବୀୟ ଭାବାବେଗର ଚିତ୍ର ପ୍ରତିଫଳିତ । ସଂପାଦକୀୟଠାରୁ ଆରମ୍ଭ କରି ଅନୁବାଦ ପର୍ଯ୍ୟନ୍ତ ପ୍ରତିଟି ବିଭାଗର ଲେଖା ଉଚ୍ଚକୋଟୀର ଓ ମନଛୁଆଁ ହୋଇପାରିଛି । ■

### ଶତରୂପା

ସଂପାଦକ : ମନୋଜ କୁମାର ନାୟକ




ସା: ଅଣ୍ଡେଇଗୋଡ଼ା, ପୋ: ଓଡ଼ିଶୋ
ଧର୍ମଶାଳା, ଜି: ଯାଜପୁର-୭୫୫୦୦୮

'ଉତ୍କଳ ଶତରୂପା ସାହିତ୍ୟାୟନ'ର ମୁଖପତ୍ର 'ଶତରୂପା-୨୦୨୬' ମନୋଜ କୁମାର ନାୟକଙ୍କ ସଂପାଦନାରେ ପ୍ରକାଶ ପାଇଛି । ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କ 'ସନ୍ଥ କବି ପରଶୁରାମ ବିହାରୀ : ଗବେଷଣାତ୍ମକ ପୁସ୍ତକ ସଂପର୍କରେ', ଡ. ରୁଦ୍ର ନାରାୟଣ ପୃଷ୍ଟିଙ୍କ 'କୃତ୍ରିମ ବୁଦ୍ଧିମତା: ଏକ ଆକଳନ', ଡକ୍ଟର ରବୀନ୍ଦ୍ର ବିହାରୀଙ୍କ 'ବିବର୍ତ୍ତିତ କବିତା ଓ ସମକାଳ ଅନୁଚିନ୍ତା', ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ରଙ୍କ 'ଆବେଗ ଓ ଅନୁଭବର ରଚନା: ଜିଜ୍ଞାସା ଓ ଅନୁସନ୍ଧିତ୍ସାର ସଂରଚନା' ଆଦି ପ୍ରବନ୍ଧ ତଥ୍ୟ ଭିତ୍ତିକ ଓ ଗବେଷଣାଧର୍ମୀ ହୋଇଛି । ଡକ୍ଟର ରମାକାନ୍ତ ଜେନା, ରାଜକିଶୋର ପାଢ଼ୀ, ପିନାକୀ ମିଶ୍ର, ଡକ୍ଟର ତୁହିନାଂଶୁ ରଥ, ବିମଳ ପତି, ରବି ଶତପଥୀ ପ୍ରମୁଖଙ୍କ କବିତାଗୁଡ଼ିକ ବେଶ୍ ମନଛୁଆଁ ହୋଇଛି । ସେହିପରି ମାୟାଧର ନାୟକ, ଡକ୍ଟର ଚିତ୍ତରଞ୍ଜନ ବେହେରା, ସଚ୍ଚିଦାନନ୍ଦ କର ପ୍ରମୁଖଙ୍କ ଗପଗୁଡ଼ିକରେ ସାମାଜିକ ବାସ୍ତବତା,ମାନବୀୟ ପ୍ରେମ, ଜୀବନର ସଂଘର୍ଷ ଆଦିର ଚିତ୍ର ପ୍ରସ୍ଫୁଟିତ ହୋଇଉଠିଛି । 'ଶତରୂପା'ର ଲେଖାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ବିନୋଦ ଶତବାର୍ଷିକୀ

ସଂପାଦନା : ପ୍ରଫେସର ମଣୀନ୍ଦ୍ର କୁମାର ମେହେର




ଗଙ୍ଗାଧର ମେହେର ପ୍ରତିଷ୍ଠାନ
ଭୁବନେଶ୍ୱର

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପୌତ୍ର ବିନୋଦ ଚନ୍ଦ୍ର ମେହେରଙ୍କ ୧୦୦ ତମ ଜୟନ୍ତୀ ଅବସରରେ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ସଂପାଦନାରେ 'ବିନୋଦ ଶତବାର୍ଷିକୀ' ସ୍ମରଣିକା ପ୍ରକାଶ ପାଇଛି । କବି ପୌତ୍ର ବିନୋଦ ଚନ୍ଦ୍ର ଏକାଧାରରେ ଥିଲେ ଜଣେ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ସଙ୍ଗୀତ ନିର୍ଦ୍ଦେଶକ, ଲେଖକ ଓ ଆଦର୍ଶ ଶିକ୍ଷକ । ଏହି ସ୍ମରଣିକାରେ ଓଡ଼ିଶାର ବହୁ ଲେଖକ, ଲେଖିକା, କବି ପରିବାରର ସଦସ୍ୟ ସ୍ୱର୍ଗତ ବିନୋଦ ଚନ୍ଦ୍ରଙ୍କ ସ୍ମୃତିଚାରଣ କରିଛନ୍ତି । ରଘୁନାଥ ପୂଜାରୀଙ୍କ 'ମନେ ପଡ଼ନ୍ତି ବିନୋଦ ସାର୍', ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ରଙ୍କ 'ସେ ସାଧାରଣ ଭିତରେ ଥିଲେ ଆସାଧାରଣ', ଡକ୍ଟର ଅଶ୍ୱିନୀ କୁମାର ରାୟଙ୍କ ' ମୋ ସ୍ମୃତିର ତନ୍ମୟ ତୀର୍ଥ: କବିପୌତ୍ର ବିନୋଦ ଚନ୍ଦ୍ର', ଗୁରୁ କଲ୍ୟାଣ ମହାପାତ୍ରଙ୍କ 'କବି ଗଙ୍ଗାଧରଙ୍କ ସୁପୌତ୍ର', ନରେନ୍ଦ୍ର କୁମାର ମିଶ୍ରଙ୍କ 'ସଂସ୍କୃତି ପ୍ରେମୀ ବିନୋଦ ଚନ୍ଦ୍ର', ଡ. ରବୀନ୍ଦ୍ର କୁମାର ଗଡ଼ତିଆଙ୍କ 'ସ୍ମୃତି ଅର୍ଘ୍ୟ', ଡକ୍ଟର ଶୁକମୁନି ମେହେରଙ୍କ ' କଳା ଓ ସଙ୍ଗୀତପ୍ରାଣ କବି ପୌତ୍ର ବିନୋଦ ଚନ୍ଦ୍ର' ଆଦି ପ୍ରବନ୍ଧରେ ବିନୋଦଚନ୍ଦ୍ରଙ୍କ ଜୀବନ, ବ୍ୟକ୍ତିତ୍ୱ, ସାହିତ୍ୟ ଓ କଳାଜଗତକୁ ଅବଦାନ ସଂପର୍କରେ ବର୍ଣ୍ଣନା କରାଯାଇଛି । କବି ପୌତ୍ର ବିନୋଦଚନ୍ଦ୍ରଙ୍କୁ ଜାଣିବା ପାଇଁ ଏହି ସ୍ମରଣିକାଟି ସହାୟକ ହେବ ନିଶ୍ଚୟ । ■

# ଖରା ଖାଉଛି ଶିକ୍ଷାବର୍ଷ

## ବଢୁଛି ଖରାଛୁଟି; କମୁଛି ଶିକ୍ଷାଦାନ ଦିବସ

ଭୁବନେଶ୍ୱର, ୨୫।୪(ସମିସ): ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଆଗୁଆ ଖରାଛୁଟି ଘୋଷଣା କରାଯାଇଛି। ଆସନ୍ତା ୨୭ ତାରିଖ ଅର୍ଥାତ୍ ସୋମବାର ଠାରୁ ସମସ୍ତ ବିଦ୍ୟାଳୟରେ ଶିକ୍ଷାଦାନ ବନ୍ଦ ରହିବ। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ମେ ୬ ତାରିଖ ଠାରୁ ଖରାଛୁଟି ହେବାକୁ ଥିବାବେଳେ ଏହାର ୯ ଦିନ ପୂର୍ବରୁ ଶିକ୍ଷାଦାନ ବନ୍ଦ କରାଯାଇଛି। ଖରା ପାଇଁ ପ୍ରତିବର୍ଷ ନିର୍ଦ୍ଧାରିତ ସମୟ ପୂର୍ବରୁ ସ୍କୁଲ୍ କଲେଜ ବନ୍ଦ ହେଉଥିବାବେଳେ ନିର୍ଦ୍ଧାରିତ ସମୟର ବହୁଦିନ ପରେ ଯାଇ ଶିକ୍ଷାନୁଷ୍ଠାନ ଖୋଲୁଛି। ଅର୍ଥାତ୍ ଖରା ପାଇଁ କ୍ରମାଗତ ଭାବେ ଶିକ୍ଷା ଦିବସ ଦିବସ କମିବାରେ ଲାଗିଛି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କ୍ୟାଲେଣ୍ଡର ଅନୁଯାୟୀ ଚଳିତ ବର୍ଷ ମେ ୬ ତାରିଖ ଠାରୁ ଜୁନ୍ ୧୯ ତାରିଖ ପର୍ଯ୍ୟନ୍ତ ଖରାଛୁଟି ପାଇଁ ପୂର୍ବରୁ ନିର୍ଦ୍ଧାରିତ ହୋଇଥିଲା। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ପାଇଁ ଏହାର ୯ ଦିନ ପୂର୍ବରୁ ସରକାର ଖରାଛୁଟି ଘୋଷଣା କରିଛନ୍ତି। ଏହା ବ୍ୟତୀତ ଅଧିକ ଖରା ପ୍ରଭାବିତ ଜିଲ୍ଲାରେ ଚଳିତବର୍ଷ ପ୍ରାୟ ସପ୍ତାହେ ପୂର୍ବରୁ ଛୁଟି ହୋଇଛି। ଅର୍ଥାତ୍ ଏକାଧିକ ଜିଲ୍ଲାରେ ପ୍ରାୟ ୧୫ ଦିନ ଆଗରୁ ଛୁଟି ହୋଇଛି। ୨୦୨୫-୨୬ ଶିକ୍ଷାବର୍ଷରେ ଖରା ପାଇଁ ୧୩ ଦିନ ପୂର୍ବରୁ ଖରାଛୁଟି ଘୋଷଣା ହୋଇଥିଲା। ସେହିପରି ୨୦୨୪-୨୫ ଶିକ୍ଷାବର୍ଷରେ ମଧ୍ୟ ୧୨ ଦିନ ପୂର୍ବରୁ ବିଦ୍ୟାଳୟଗୁଡ଼ିକ ଛୁଟି କରାଯାଇଥିଲା। ଖରା ପ୍ରଭାବିତ ଜିଲ୍ଲାରେ ଜିଲ୍ଲାପାଳ ୩ଦିନ ପୂର୍ବରୁ ଛୁଟି କରିଥିବାବେଳେ ପ୍ରାୟ ୧୨ରୁ ୧୫ ଦିନ ପର୍ଯ୍ୟନ୍ତ ପାଠପଢ଼ା ବନ୍ଦ ହେଲା। ୨୦୨୩-୨୪ ଶିକ୍ଷା ବର୍ଷରେ ଖରାଛୁଟିର ୧୫ ଦିନ ପୂର୍ବରୁ ଛୁଟି ହୋଇଥିବାବେଳେ ପ୍ରଚଣ୍ଡ ଖରା ପାଇଁ ନିର୍ଦ୍ଧାରିତ ସମୟର ୩ଦିନ ପରେ ବିଦ୍ୟାଳୟ ଖୋଲିଥିଲା। ଫଳରେ ମୋଟ୍ ୧୮ଦିନ ଛୁଟି ହେବା ସହ ଶିକ୍ଷାଦିବସ କମିଥିଲା। ୨୦୨୨-୨୩ ଶିକ୍ଷା ବର୍ଷରେ ମଧ୍ୟ ୧୪ ଦିନ ଆଗରୁ ଛୁଟି ହୋଇଥିବାବେଳେ ୩ ଦିନ ପରେ ଛୁଟି ଖୋଲିବାରୁ ୧୭ଦିନ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିଲା।

- ପ୍ରତି ବର୍ଷ ୧୫ଦିନ ପାଠପଢ଼ା ବାଧାପ୍ରାପ୍ତ
- ଆଗକୁ ଆହୁରି ବଢ଼ିପାରେ ଛୁଟି ଦିବସ

ପରିବେଶବିତ୍‌ଙ୍କ କହିବା ଅନୁଯାୟୀ ପରିବର୍ତ୍ତିତ ଜଳବାୟୁ ପାଇଁ କ୍ରମାଗତ ଭାବେ ତାପମାତ୍ରା ବଢ଼ିବ। ଫଳରେ ବିଦ୍ୟାଳୟରେ ପାଠପଢ଼ା ମଧ୍ୟ ପ୍ରଭାବିତ ହେବ। ସମ୍ପ୍ରତି କେବଳ ଖରା ପାଇଁ ବର୍ଷକୁ ହାରିହାରି ୧୫ ଦିନ ପାଠପଢ଼ା ବନ୍ଦ ହେଉଥିବାବେଳେ ଆଉ ୧୦ ବର୍ଷ ବେଳକୁ ଏହା ଦ୍ୱିଗୁଣିତ ହେବ। ଅଧିକ ମାସେ ଛୁଟି ହେଲ ଶିକ୍ଷାଦାନ ବ୍ୟବସ୍ଥା ବାଟବଣା ହେବାର ଆଶଙ୍କା ରହିଛି। ପୂର୍ବପରି ପାଠ୍ୟକ୍ରମ ସମାନ ରହିଥିବାବେଳେ ଶିକ୍ଷାଦାନ ଦିବସ କମୁଛି। ଫଳରେ ସିଲାବସ୍ ଠିକ୍ ସମୟରେ ସରିବ ନାହିଁ। ଅପରପକ୍ଷରେ ପାଠ୍ୟକ୍ରମରେ କୌଣସି ପରିବର୍ତ୍ତନ କରାଯାଇ ନ ଥିବାରୁ କମ୍ ସମୟରେ ସମ୍ପୂର୍ଣ୍ଣ ପାଠ୍ୟକ୍ରମ ପଢ଼ା ହେବ। ଯାହା ଛାତ୍ରଛାତ୍ରୀଙ୍କୁ ଅଧିକ ଚାପଗ୍ରସ୍ତ କରିବ ବୋଲି ଆଶଙ୍କା କରିଛନ୍ତି।

କରୋନା ମହାମାରୀ ସମୟରେ ଅନ୍‌ଲାଇନ୍ ଶିକ୍ଷାଦାନ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ବହୁ ଛାତ୍ରଛାତ୍ରୀ ଏଥିରେ ଯୋଡ଼ିହୋଇ ପାଠପଢ଼ିଲେ। ରାଜ୍ୟର ବିଭିନ୍ନ ପ୍ରାନ୍ତରେ ନେଟୱାର୍କ ସମସ୍ୟା ଥିବା ଓ ଅଭିଭାବକଙ୍କ ନିକଟରେ ସ୍ମାର୍ଟଫୋନ୍ ନଥିବା ଅଭିଯୋଗ ମଧ୍ୟ ହୋଇଛି। ସମୟ ସହିତ ଏହି ସମସ୍ୟାରେ ଉନ୍ନତି ଆସିଛି। ଅସର ରିପୋର୍ଟ ଅନୁଯାୟୀ ୨୦୧୮ରେ ଓଡ଼ିଶାର ଗ୍ରାମୀଣ ଅଞ୍ଚଳରେ କେବଳ ୨୨ ପ୍ରତିଶତ ଲୋକଙ୍କ ପାଖରେ ସ୍ମାଟଫୋନ୍ ଥିଲା। ଯାହା ୨୦୨୨ ବେଳକୁ ଦୁଇଗୁଣାରୁ ଅଧିକ ଅର୍ଥାତ ୬୪.୧ ପ୍ରତିଶତରେ ପହଞ୍ଚିଛି। ୨୦୨୬ ବେଳକୁ ଏହି ତଥ୍ୟରେ ମଧ୍ୟ ଆହୁରି ଉନ୍ନତି ଆସିଥିବା ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ଲୋକଙ୍କ ପାଖରେ ସ୍ମାଟଫୋନ୍ ବଢ଼ିବା ସହ ନେଟୱାର୍କ ସମସ୍ୟା ଦୂର ହୋଇଛି। ଘରୋଇ ଶିକ୍ଷାନୁଷ୍ଠାନରେ ଅନ୍‌ଲାଇନ୍ ଶିକ୍ଷାଦାନ ବ୍ୟବସ୍ଥା ଅଦ୍ୟାବଧି ଜାରି ରହିଛି। ଏଣୁ ସରକାରୀ ଶିକ୍ଷାନୁଷ୍ଠାନରେ ମଧ୍ୟ ଅନ୍‌ଲାଇନ୍ ଶିକ୍ଷାଦାନ ବ୍ୟବସ୍ଥା ବା ଖରା ସମୟରେ ବିକଳ୍ପ ଶିକ୍ଷାଦାନ ବ୍ୟବସ୍ଥା ଆରମ୍ଭ କରିବାକୁ ଶିକ୍ଷାବିତମାନେ ଦାବି କରିଛନ୍ତି। ଚଳିତ ବର୍ଷ ଏନେଇ ଗଣଶିକ୍ଷା ବିବାଗ ପକ୍ଷରୁ ପଦକ୍ଷେପ ନିଆଯାଇ ୱାଟସଆପ୍ ମଧ୍ୟମରେ ପାଠପଢ଼ାଇବାକୁ ମାର୍ଗଦର୍ଶିକା ଜାରିକରାଯାଇଛି। ଏହାକୁ ଶିକ୍ଷାବିତମାନେ ସ୍ୱାଗତ କରିବା ସହ ଏହି ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରି ପ୍ରତିଟି ପ୍ରତିକୂଳ ପରିସ୍ଥିତି ପାଇଁ ପ୍ରସ୍ତୁତି କରିବା ଆବଶ୍ୟକ ବୋଲି ଶିକ୍ଷାବିତମାନେ ମତବ୍ୟକ୍ତ କରିଛନ୍ତି।

## ରାଜ୍ୟସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ

# ଭଦ୍ରକ କସିଆରେ ହେବ ମତ୍ସ୍ୟ ଅବତରଣ କେନ୍ଦ୍ର

ଭୁବନେଶ୍ୱର, ୨୫।୪ (ସମିସ): ରାଜ୍ୟ କନଭେନସନ୍ ସେଣ୍ଟର୍‌ରେ ଶନିବାର ରାଜ୍ୟସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାଣୀ ସମ୍ପଦ, ପ୍ରାଣୀ ସ୍ୱାସ୍ଥ୍ୟ ଓ ମତ୍ସ୍ୟପାଳନ କ୍ଷେତ୍ରର ସାମଗ୍ରିକ ବିକାଶ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଏହି ଅବସରରେ ପ୍ରାଣୀ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପାଇଁ ରାଜ୍ୟରେ ପ୍ରାୟ ୧୦୦ କୋଟି ଟଙ୍କାରେ ନିର୍ମିତ ୭୬ଟି ପ୍ରାଣୀ ଚିକିତ୍ସାଳୟ ଓ ୪ପ୍ରାଣୀ ସହାୟତା କେନ୍ଦ୍ରର ନୂତନ ଗୃହକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଏହାସହ ୧୭୭କୋଟି ଟଙ୍କା ବିନିଯୋଗରେ ୨୧୯ଟି ନୂତନ ପ୍ରାଣୀ ଚିକିତ୍ସାଳୟ ଓ ରୋଗ ନିର୍ଣ୍ଣୟ ଲ୍ୟାବ୍ ନିର୍ମାଣ ପାଇଁ ୬ଟି ପିଏସ୍‌ୟୁ ସହ ଏମ୍‌ଓୟୁ ମଧ୍ୟ ସ୍ୱାକ୍ଷର ହୋଇଛି। ଏହି ବୁଝାମଣାପତ୍ରରେ କଟକର ଫୁଲନଖରାରେ ପ୍ରାୟ ୧୦କୋଟି ଟଙ୍କା ବ୍ୟୟରେ ଏକ ରାଜ୍ୟସ୍ତରୀୟ ମଲିକ୍ୟୁଲାର ଲ୍ୟାବୋରେଟୋରୀ ସ୍ଥାପନ ହେବ। ସେହିପରି, ପଶୁ ଖାଦ୍ୟର ଗୁଣ ପରୀକ୍ଷା ପାଇଁ ୬ କୋଟି ଟଙ୍କା ବ୍ୟୟରେ ରାଜ୍ୟସ୍ତରୀୟ ଖାଦ୍ୟ ପରୀକ୍ଷାଗାର ସଶକ୍ତ କରାଯିବ ବୋଲି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅବସରରେ ଓପୋଲଫେଡ୍‌ର ୫୦ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ବ୍ରାଉନ ଅଣ୍ଡା ଓ ଦେଶୀ 'ଅସିଲ୍' ଚିକେନର ବିପଣନ କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି। ଏହା କୁକୁଡ଼ାପାଳକମାନଙ୍କୁ ଉଚିତ ମୂଲ୍ୟ ଦେବ ବୋଲି ସେ ଆଶାବ୍ୟକ୍ତ କରିଥିଲ। ସେହିପରି, ମତ୍ସ୍ୟଜୀବୀଙ୍କ ଉନ୍ନତି ପାଇଁ ଆଜି ୫୦ କୋଟି ଟଙ୍କା ବ୍ୟୟରେ ଭଦ୍ରକର କସିଆଠାରେ ମତ୍ସ୍ୟ ଅବତରଣ କେନ୍ଦ୍ର ଓ ଧାମରା ମାଛଧରା ବନ୍ଦରର ଉନ୍ନତୀକରଣ କାର୍ଯ୍ୟ ଉଦ୍‌ଘାଟିତ ହୋଇଯାଇଛି।

### ୭୬ପ୍ରାଣୀ ଚିକିତ୍ସାଳୟ, ୪ପ୍ରାଣୀ ସହାୟତା କେନ୍ଦ୍ର ସହ ଏକାଧିକ ପ୍ରକଳ୍ପକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରାଣୀ ଚିକିତ୍ସକମାନେ କଥା କହିପାରୁନଥିବା ପ୍ରାଣୀମାନଙ୍କର ଚିକିତ୍ସା କରନ୍ତି। ପ୍ରକୃତରେ ସେମାନେ ମହାନ। ଓଡ଼ିଶାରେ କୃଷକଙ୍କ ଆୟ ବୃଦ୍ଧି ପାଇଁ କେବଳ ପାରମ୍ପରିକ ଚାଷ ପର୍ଯ୍ୟାପ୍ତ ନୁହେଁ। ରାଜ୍ୟରେ ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରାଯାଇଛି। ୧,୪୨୩ କୋଟି ଟଙ୍କା ବ୍ୟୟରେ ଚାଲୁଥିବା ଏହି ଯୋଜନା ମାଧ୍ୟମରେ ଆଗାମୀ ପାଞ୍ଚବର୍ଷରେ ୧୫ ଲକ୍ଷରୁ ଅଧିକ ଗୋପାଳକ ଉପକୃତ ହେବେ। ଉଚ୍ଚ ଦୁଗ୍ଧ ଉତ୍ପାଦନକାରୀ ଗାଇ ପାଳନ ପାଇଁ ୭୦ ପ୍ରତିଶତ ପର୍ଯ୍ୟନ୍ତ ସହାୟତା ଦିଆଯାଉଛି। ସେହିପରି ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା ଅଧୀନରେ ନୂତନ ଗୋଶାଳା, ଖାଦ୍ୟ, ରକ୍ଷଣାବେକ୍ଷଣ ଓ ସ୍ୱାସ୍ଥ୍ୟସେବା ପାଇଁ ୩୩ କୋଟି ଟଙ୍କା ବ୍ୟବସ୍ଥା ହୋଇଛି। କୁକୁଡ଼ା ପାଳନ ଓ ଅଣ୍ଡା ଉତ୍ପାଦନ ବୃଦ୍ଧି ପାଇଁ ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା ମାଧ୍ୟମରେ ୧,୦୩୧ କୋଟି ଟଙ୍କା ବ୍ୟୟ ହେବା ସହ ୩.୭୩ ଲକ୍ଷ ପରିବାର ଉପକୃତ ହେବେ ବୋଲି ସେ କହିଥିଲେ।

ପ୍ରାଣୀ ସ୍ୱାସ୍ଥ୍ୟସେବାକୁ ଲୋକଙ୍କ ହାତପାହାନ୍ତାରେ ପହଞ୍ଚାଇବା ପାଇଁ ଆମ ସରକାର ୨୦୦୦ ପ୍ରଶିକ୍ଷିତ ଗୋଷ୍ଠୀ ପ୍ରାଣିସ୍ୱାସ୍ଥ୍ୟ କର୍ମୀ ନିୟୋଜିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ, ଉତ୍ତମ ଖାଦ୍ୟ ଓ ସ୍ୱାସ୍ଥ୍ୟର ସୁରକ୍ଷାରେ ପ୍ରାଣୀ ଚିକିତ୍ସକଙ୍କର ପ୍ରମୁଖ ଭୂମିକା ରହିଛି। ପ୍ରାଣୀଙ୍କଠାରୁ ବ୍ୟାପୁଥିବା ରୋଗକୁ ପ୍ରତିହତ କରିବା ସହ ସମାଜର ପ୍ରଥମ ପ୍ରତିରକ୍ଷାବଳୟ ଭାବେ ପ୍ରାଣୀ ଚିକିତ୍ସକମାନେ ସେବା ପ୍ରଦାନ କରିଥା'ନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ କମିଶନର ତଥା ଶାସନ ସଚିବ ପ୍ରେମ ଚାନ୍ଦ ଚୌଧରୀ ଏବଂ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ।

# ତାତିରେ ସିଝିଲା ଓଡ଼ିଶା: ପଶ୍ଚିମରେ ପ୍ରଭାବ ସର୍ବାଧିକ

ଭୁବନେଶ୍ୱର,୨୫।୪(ସମିସ): ଗତ କିଛିଦିନ ଧରି ଅସହ୍ୟ ତାତି ଏବଂ ଗୁଳୁଗୁଳି କାରଣରୁ ରାଜ୍ୟବାସୀ ସନ୍ତୁଳି ହେଉଛନ୍ତି। ବିଶେଷକରି ପଶ୍ଚିମ ଓଡ଼ିଶାରେ ତାତିର ପ୍ରଭାବ ଅଧିକ ରହୁଥିବା ବେଳେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପଶ୍ଚିମ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ପାରଦ ଅପେକ୍ଷାକୃତ ଅଧିକ ରହୁଥିବା ବେଳେ ଶନିବାର ଝାରସୁଗଡ଼ାରେ ସର୍ବାଧିକ ଦିନ ତାପମାତ୍ରା ୪୪.୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଏହାପଛକୁ ଟିଟିଲାଗଡ଼ର ତାପମାତ୍ରା ୪୦ ଡିଗ୍ରୀ ରହିଥିବା ବେଳେ ମୋଟ ୧୭ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଶନିବାର ଅନୁଗୋଳର ତାପମାତ୍ରା ୪୧.୭ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁରରେ ୪୨.୬ ଡିଗ୍ରୀ, ସୁନ୍ଦରଗଡରେ ୪୨.୮ ଡିଗ୍ରୀ, ହୀରାକୁଦରେ ୪୨.୬ ଡିଗ୍ରୀ, ତାଳଚେରରେ ୪୧.୨ ଡିଗ୍ରୀ, ଭବାନୀପାଟଣାରେ ୪୨ ଡିଗ୍ରୀ, ବଲାଙ୍ଗୀରରେ ୪୩.୫ ଡିଗ୍ରୀ, ଫୁଲବାଣୀରେ ୪୦.୧ ଡିଗ୍ରୀ ତାପମାତ୍ରା ରହିଥିଲା। ସେହିପରି ମାଲକାନଗିରିରେ ୪୦.୬ ଡିଗ୍ରୀ, ସୋନପୁରରେ ୪୨.୩ ଡିଗ୍ରୀ, ବୌଦ୍ଧରେ ୪୨ ଡିଗ୍ରୀ, ପାରଳାଖେମୁଣ୍ଡିରେ ୪୦ ଡିଗ୍ରୀ, ବରଗଡ଼ରେ ୪୧ ଡିଗ୍ରୀ, ନୂଆପଡ଼ାରେ ୪୩ ଡିଗ୍ରୀ ଓ ରାଉରକେଲାରେ ପାରଦ ୪୨.୬ ଡିଗ୍ରୀ ଛୁଇଁଥିଲା। ଆସନ୍ତା ୨୭ ତାରିଖ ଯାଏଁ ରାଜବ୍ୟାପୀ ତାତି ଅନୁଭୂତ ହେବ ବୋଲି ପାଣିପାଗ ବିଜ୍ଞାନୀମାନେ ଆକଳନ ପ୍ରକାଶ କରୁଛନ୍ତି। ଏପଟେ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରବିବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଡପତି, ଝାରସୁଗୁଡା, ବଲାଙ୍ଗୀର, ସମ୍ବଲପୁର ଓ ଅନୁଗୋଳରେ ଉଷ୍ମ ଓ ଆଦ୍ର ଜଳବାୟୁ ଅନୁଭୂତ ହୋଇପାରେ। ଏତଦ୍ ବ୍ୟତୀତ କେତେକ ଜିଲ୍ଲାରେ କାଳବୈଶାଖୀର ସମ୍ଭାବନା ଥିବାନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସଂପୃକ୍ତ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

- ୧୭ ସ୍ଥାନରେ ପାରଦ ୪୦ ଡିଗ୍ରୀ ଉପରେ
- ଝାରସୁଗୁଡ଼ାରେ ସର୍ବାଧିକ ୪୪.୧ ଡିଗ୍ରୀ
- ୨୭ ଯାଏଁ ଜାରି ରହିବ ଗ୍ରୀଷ୍ମ ଲହରୀ

## ଇରାନ୍ ଯୁଦ୍ଧରେ ହରମୁଜ୍ ଗେଟ୍ ବନ୍ଦ

# ପାନାମା ମାଲେମାଲ, ପ୍ରତି ଟ୍ୟାଙ୍କରରୁ ଅସୁଲ କରୁଛି ୩୭ କୋଟି

ନୂଆଦିଲ୍ଲୀ,୨୫।୪(ଏଜେନ୍ସି): ଇରାନ-ଆମେରିକା/ଇସ୍ରାଏଲ ଯୁଦ୍ଧ ଯୋଗୁଁ ଭାରତ ସମେତ ବିଶ୍ୱର ଅନେକ ଦେଶ ଆର୍ଥିକ କଷ୍ଟର ସମ୍ମୁଖୀନ ହେଉଥିବାବେଳେ, ଗୋଟିଏ ଛୋଟ ଦେଶରେ ହେଉଛି ଟଙ୍କାର ବନ୍ୟା। ଏହି ଦେଶ ହେଉଛି ପାନାମା। ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଏବଂ ହରମୁଜ୍ ପ୍ରଣାଳୀର ଅବରୋଧ ବିଶ୍ୱ ବାଣିଜ୍ୟର ଗତି ବଦଳିଯାଇଛି। ଏହି ବିଶ୍ୱ ସଙ୍କଟ ମଧ୍ୟରେ ପାନାମା ସରକାର ଯଥେଷ୍ଟ ଲାଭ କରୁଛନ୍ତି। ହରମୁଜ୍ ସଙ୍କଟରେ ପାନାମା ଏହାର ରୁଟ୍ ଦେଇ ଯାଉଥିବା ଜାହାଜ ଗୁଡିକଠାରୁ ଟ୍ୟାଙ୍କର ପିଛା ୩୭ କୋଟି ଟଙ୍କା ଅସୁଲ କରୁଛି।

ପ୍ରକୃତରେ, ବିଶ୍ୱର ମୋଟ ତୈଳ ବ୍ୟବହାରର ପ୍ରାୟ ୨୦% ହରମୁଜ୍ ପ୍ରଣାଳୀ ଦେଇ ଗତି କରେ। ଇରାନ ଏବଂ ଆମେରିକା ମଧ୍ୟରେ ସାମରିକ ସଂଘର୍ଷ ଯୋଗୁଁ ଏହି ପଥ ସମ୍ପୂର୍ଣ୍ଣ ଅସୁରକ୍ଷିତ ହୋଇଯାଇଛି। ଏପରି ପରିସ୍ଥିତିରେ, ପାନାମା କେନାଲ ହେଉଛି ଜାହାଜ କମ୍ପାନୀଗୁଡ଼ିକ ପାଇଁ ଉପଲବ୍ଧ ସବୁଠାରୁ ନିରାପଦ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିକଳ୍ପ ପଥ। ତେଲ ଏବଂ ଗ୍ୟାସ ବହନ କରୁଥିବା ଜାହାଜଗୁଡ଼ିକ କ୍ରମଶଃ ପାନାମା କେନାଲକୁ ଡାଇଭର୍ଟ ହେଉଛି, ଯାହା ଫଳରେ ଟ୍ରାଫିକ ରେକର୍ଡ ସ୍ତରରେ ପହଞ୍ଚିଛି। ପାନାମା କେନାଲ କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ଜାହାଜ କମ୍ପାନୀଗୁଡ଼ିକ ଏହି ରାସ୍ତା ଦେଇ ଶୀଘ୍ର ଯିବା ପାଇଁ ୪ ନିୟୁତ ଡଲାର (ପ୍ରାୟ ୩୭ କୋଟି ଟଙ୍କା) ପର୍ଯ୍ୟନ୍ତ ଅତିରିକ୍ତ ବିଡ୍ ଦାଖଲ କରିଛନ୍ତି।

ହର୍ମୁଜ୍ ପ୍ରଣାଳୀରେ ଅବରୋଧ ଯୋଗୁଁ ପାନାମା କେନାଲ ଦେଇ ଯିବା ପାଇଁ ଜାହାଜ ସଂଖ୍ୟା ଏତେ ବୃଦ୍ଧି ପାଇଛି ଯେ ସେଠାରେ ଏବେ ଜାହାଜଗୁଡିକ ଲାଗି ଅପେକ୍ଷା ସମୟ ବୃଦ୍ଧି ପାଇଛି। ଏହି ପରିସ୍ଥିତିରେ ଜାହାଜଗୁଡିକର ଯାତ୍ରା ଶୀଘ୍ର ସୁଗମ କରିବା ଲାଗି ନିଲାମର ଆଶ୍ରୟ ନେବାକୁ ପଡ଼ିଛି। ଏକ ଜାହାଜର ପରିବହନର ହାରାହାରି ମୂଲ୍ୟ ୩ଲକ୍ଷରୁ ୪ ଲକ୍ଷ ଡଲାର ମଧ୍ୟରେ ରହିଛି। ପୂର୍ବରୁ, କମ୍ପାନୀଗୁଡ଼ିକ ଶୀଘ୍ର ଯିବା ପାଇଁ ଦୁଇ ଲକ୍ଷ ଡଲାରରୁ ୩ ଲକ୍ଷ ଡଲାର ଅତିରିକ୍ତ ଅର୍ଥ ଦେଉଥିଲେ। ହେଲେ ଗତ କିଛି ସପ୍ତାହ ମଧ୍ୟରେ ଏହି ବାବଦରେ ହାରାହାରି ଅତିରିକ୍ତ ଖର୍ଚ୍ଚ ୪.୨୫ ଲକ୍ଷ ଡଲାରରେ ପହଞ୍ଚିଛି। ପାନାମା କେନାଲ ପ୍ରଶାସକ ରିକୋର୍ଟେ ଭାସକେଜ୍ ପ୍ରକାଶ କରିଛନ୍ତି ଯେ ଏକ ଇନ୍ଧନ ଜାହାଜ ତାର ଗନ୍ତବ୍ୟସ୍ଥଳ ପରିବର୍ତ୍ତନ କରିବା ଏବଂ ଶୀଘ୍ର ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପାଇଁ ଅତିରିକ୍ତ ୪୦ ନିୟୁତ ଡଲାର ବିଡ୍ କରିଥିଲା। ଜାହାଜଟି ୟୁରୋପ ଅଭିମୁଖେ ଯାଉଥିଲା, କିନ୍ତୁ ଇନ୍ଧନ ଅଭାବ ଯୋଗୁଁ ସିଙ୍ଗାପୁରକୁ ସ୍ଥାନାନ୍ତରିତ କରାଯାଇଥିଲା।

ଇରାନ ଏବଂ ଆମେରିକା ମଧ୍ୟରେ ଉତ୍ତେଜନା ଯୋଗୁଁ, ହର୍ମୁଜ୍ ପ୍ରଣାଳୀ ଅତ୍ୟନ୍ତ ବିପଜ୍ଜନକ ହୋଇଯାଇଛି। କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ ଭୟରେ କମ୍ପାନୀଗୁଡ଼ିକ ପାନାମା କେନାଲକୁ ଏକ ସୁରକ୍ଷିତ ବିକଳ୍ପ ମାର୍ଗ ଭାବରେ ବିଚାର କରୁଛନ୍ତି। ପ୍ରସିଦ୍ଧ ପାନାମା ବିଶ୍ଳେଷକ ରୋଡ୍ରିଗୋ ନୋରିଗାଙ୍କ ଅନୁଯାୟୀ, ପାନାମା ସରକାର ଏହି ବିଶ୍ୱ ସଙ୍କଟରୁ ସର୍ବାଧିକ ଲାଭ ପାଇବାକୁ ଚେଷ୍ଟା କରୁଛି। ତଥାପି, ଏହା ବିଶ୍ୱ ଯୋଗାଣ ଶୃଙ୍ଖଳ ଉପରେ ଯଥେଷ୍ଟ ଚାପ ପକାଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଇସଲାମାବାଦରେ ହାଇଡ୍ରାମା...

ଦାବିଗୁଡ଼ିକୁ ଇରାନ ଗ୍ରହଣ କରିବ ବୋଲି ସଙ୍କେତ ଦେଇଛି। ଏନେଇ ଇରାନ ନୂତନ ପ୍ରସ୍ତାବ ପ୍ରସ୍ତୁତ କରୁଛି। ତେବେ ଇରାନ କି ପ୍ରକାର ନୂଆ ପ୍ରସ୍ତାବ ଦେଉଛି ତାହା ଦେଖିବାକୁ ବାକି ଅଛି। ତେବେ ସେ ନିଜର ଦାବିରେ ଅଟଳ ରହିଛନ୍ତି। ତାଙ୍କ ଅନୁସାରେ, କୌଣସି ବି ଚୁକ୍ତି ପାଇଁ ଇରାନକୁ ନିଜର ୟୁରାନିୟମ ସମୃଦ୍ଧୀକରଣ ତ୍ୟାଗ କରିବାକୁ ହେବ। ଏହାସହ ହର୍ମୁଜ ପ୍ରଣାଳୀ ଦେଇ ମୁକ୍ତ ଭାବେ ତୈଳ ପରିବହନ ପାଇଁ ଅନୁମତି ଦେବାକୁ ପଡ଼ିବ। ଯେ ପର୍ଯ୍ୟନ୍ତ ଏକ ସନ୍ତୋଷଜନକ ଚୁକ୍ତି ନହୋଇଛି, ସେ ପର୍ଯ୍ୟନ୍ତ ଇରାନର ବନ୍ଦରଗୁଡ଼ିକ ଉପରେ ଆମେରିକା ସେନାର ସାମରିକ ଅବରୋଧ ଜାରି ରହିବ ବୋଲି ରାଷ୍ଟ୍ରପତି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ଇରାନର ପକ୍ଷରୁ କି କି ପ୍ରସ୍ତାବ ଆଗତ ହେଉଛି ତାହାର ବିଚାର ପରେ ହିଁ ଅବରୋଧ ହଟାଇବା ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଇରାନର ବର୍ତ୍ତମାନର ନେତୃତ୍ୱକୁ ନେଇ ମଧ୍ୟ ଟ୍ରମ୍ପ ଚିନ୍ତା ପ୍ରକଟ କରିଛନ୍ତି। ଆମେରିକା ପ୍ରଶାସନର ବିଶ୍ୱାସ ଯେ ଇରାନର ଶାସନ ବ୍ୟବସ୍ଥା ବର୍ତ୍ତମାନ ବିଭାଜିତ ହୋଇ ରହିଛି। କାହା ସହିତ ଆଲୋଚନା ଚାଲିଛି ବୋଲି ପଚରାଯିବାରୁ ଟ୍ରମ୍ପ କହିଥିଲେ ଯେ, ବର୍ତ୍ତମାନ ଯେଉଁମାନେ ଦାୟିତ୍ୱରେ ଅଛନ୍ତି, ଆମେ ସେମାନଙ୍କ ସହ କଥାବାର୍ତ୍ତା କରୁଛୁ। କିନ୍ତୁ ସେ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ନାମ ପ୍ରକାଶ କରିବାକୁ ମନା କରିଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଆମେରିକାର ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ବର୍ତ୍ତମାନ ଏହି ଆଲୋଚନାରୁ ବର୍ତ୍ତମାନ ପାଇଁ ଦୂରେଇ ରହିଛନ୍ତି। ବର୍ତ୍ତମାନ ସେ ଆମେରିକାରେ ହିଁ ରହିଛନ୍ତି। ଇସଲାମାବାଦରେ ହେବାକୁ ଥିବା ଆଲୋଚନା ସଫଳତା ଆଡକୁ ଗତିକଲେ ସେ ତୁରନ୍ତ ପାକିସ୍ତାନ ଯାତ୍ରା କରିବେ ବୋଲି କୁହାଯାଇଛି। ଏହି ପ୍ରକ୍ରିୟାରେ ବୈଦେଶିକ ସଚିବ ମାର୍କ ରୁବିଓ ଏବଂ ଜାତୀୟ ସୁରକ୍ଷା ଦଳ ମଧ୍ୟ ସକ୍ରିୟ ଭାବେ ସଂପୃକ୍ତ ଅଛନ୍ତି। ଗତ ଏପ୍ରିଲ ୨୧ ରେ ହର୍ମୁଜ ପ୍ରଣାଳୀରୁ ନୌସେନା ଅବରୋଧ ହଟାଇବା ପ୍ରସଙ୍ଗରେ ଆଲୋଚନା ବନ୍ଦ ହୋଇଯାଇଥିଲା। ଇରାନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଯୁଦ୍ଧ ସମାପ୍ତ କରିବା ଏବଂ ସେମାନଙ୍କ ସ୍ୱାର୍ଥ ରକ୍ଷା କରିବା ହିଁ ମୁଖ୍ୟ ପ୍ରସଙ୍ଗ ହେବ। ସେପଟେ ଡୋନାଲ୍ଡ ଟ୍ରମ୍ପ ପାକିସ୍ତାନର ଅନୁରୋଧ କ୍ରମେ ଇରାନ ସହିତ ଅସ୍ତ୍ରବିରତି ସୀମାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବଢ଼ାଇଛନ୍ତି। ତଥାପି, ହର୍ମୁଜ ପ୍ରଣାଳୀର ଅବରୋଧ ହଟାଇବାକୁ ନେଇ ଦୁଇ ଦେଶ ମଧ୍ୟରେ ଏବେ ମଧ୍ୟ ମତଭେଦ ରହିଛି।

### ଦେଶରେ ଅଧିକ ବର୍ଷିବ...

ଥିବାବେଳେ ଓଡ଼ିଶାରେ ଏହା ୯୮ ପ୍ରତିଶତ ରହିପାରେ। ଜୁଲାଇରେ ବର୍ଷାର ପରିମାଣ ଭାରତରେ ବୃଦ୍ଧି ପାଇ ୧୦୪ ପ୍ରତିଶତ ରହିବାର ଅନୁମାନ କରାଯାଉଥିବା ବେଳେ ଓଡ଼ିଶାରେ ଏହା ୧୦୫ ପ୍ରତିଶତ ରହିବ। ସେହିପରି ଅଗଷ୍ଟରେ ଭାରତରେ ଏହା ୧୦୮ ପ୍ରତିଶତ ରହିବା ନେଇ ଆକଳନ ପ୍ରକାଶ ପାଇଥିବା ବେଳେ ଓଡ଼ିଶାରେ ୧୧୦ ପ୍ରତିଶତ ବର୍ଷା ହେବା ନେଇ ଆକଳନ କରାଯାଇଛି। ତେବେ ସେପ୍ଟେମ୍ବରରେ ଭାରତରେ ବର୍ଷାର ପରିମାଣ କମିବା ସହ ଏହା ୧୦୫ ପ୍ରତିଶତ ରହିବାର ସମ୍ଭାବନା ଥିବାବେଳେ ଓଡ଼ିଶାର ମଧ୍ୟ ହ୍ରାସ ପାଇ ୧୦୨ ପ୍ରତିଶତ ରହିବା ନେଇ ଆକଳନ କରିଛନ୍ତି ଡ. ପଶୁପାଳକ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଭାରତ ପାଇଁ ମୌସୁମୀ 'ସ୍ୱାଭାବିକଠାରୁ ଅଧିକ' ରହିବାକୁ ଥିବାବେଳେ ଓଡ଼ିଶାରେ ଏହା ସ୍ୱାଭାବିକ ରହିବ। ମାସିକ ତଥ୍ୟ ଅନୁଯାୟୀ ଓଡ଼ିଶାରେ ବର୍ଷାର ପ୍ରକୋପ ବିଶେଷ କରି ଅଗଷ୍ଟ ମାସରେ ଅଧିକ ରହିପାରେ, କିନ୍ତୁ ମୋଟାମୋଟି ଭାବେ ଏହା ସ୍ୱାଭାବିକ ସୀମା ମଧ୍ୟରେ ରହିବାର ଆକଳନ କରାଯାଉଛି।

ଡ. ପଶୁପାଳକଙ୍କ ଅନୁଯାୟୀ ବୈଶ୍ୱିକ ପାଣିପାଗ ଆକଳନକାରୀ ସଂସ୍ଥା ଅଥବା ମଡେଲ ଯଥା ଇସିଏମ୍‌ଡବ୍ଲ୍ୟୁଏଫ୍ ଏବଂ ଜିଏସଏଫ୍ ମୌସୁମୀର ଦ୍ୱିତୀୟାର୍ଦ୍ଧ (ଅଗଷ୍ଟ-ସେପ୍ଟେମ୍ବର) ଅଧିକ ବର୍ଷା ପ୍ରଦାନ କରିବ ବୋଲି ସହମତ ହେଉଛନ୍ତି। ଲା-ନିନା ଏବଂ ପଜିଟିଭ୍ ଆଇଓଡି(ଇଣ୍ଡିଆନ ଓସନ୍ ଡାଇପୋଲ)ର ମିଳିତ ପ୍ରଭାବ ଏହାର ମୁଖ୍ୟ କାରଣ ବୋଲି ସମସ୍ତେ କାରଣ ଭାବେ ଦର୍ଶାଉଛନ୍ତି। ତେବେ ଇସିଏମଡବ୍ଲ୍ୟୁଏଫ୍ ଅନୁଯାୟୀ ମୌସୁମୀର ଆଗମନ ସମୟରେ ବର୍ଷା ସ୍ୱାଭାବିକ ରହିବ। କିନ୍ତୁ ଜିଏଫଏସ୍ ମଡେଲ ଅନୁଯାୟୀ ପ୍ରାରମ୍ଭିକ ପର୍ଯ୍ୟାୟରେ କେନ୍ଦ୍ରୀୟ ଭାରତରେ ସାମାନ୍ୟ ଅସ୍ଥିରତା ଦେଖାଦେଇପାରେ ବୋଲି ଡ. ପଶୁପାଳକ ମତପ୍ରକାଶ କରିଛନ୍ତି। ଅପରପକ୍ଷେ କୃଷି ଓ ପାଣିପାଗ ସତର୍କତା ନେଇ ଡ. ପଶୁପାଳକ ପୂର୍ବାନୁମାନ ଜାରି କରି କହିଛନ୍ତି, ଯଦିଓ ମୌସୁମୀ ପୂର୍ବାନୁମାନ ଭଲ ଅଛି; ତଥାପି ବର୍ତ୍ତମାନର ଗ୍ରୀଷ୍ମ ପ୍ରବାହ ଅବ୍ୟାହତ ରହିଛି। ଏହାର ପ୍ରଭାବରେ ଆସନ୍ତା ୨୭ ପର୍ଯ୍ୟନ୍ତ ପଶ୍ଚିମାଞ୍ଚଳରେ ତାପମାତ୍ରା ଅଧିକ ରହିବ। ଆସନ୍ତା ୨୬ ତାରିଖ ରାତିରୁ କାଳବୈଶାଖୀର ସମ୍ଭାବନା ବୃଦ୍ଧି ପାଇବ, ଯାହା ଚାଷୀମାନଙ୍କ ପାଇଁ ସାମାନ୍ୟ ଆଶ୍ୱସ୍ତି ଆଣିଦେବ ବୋଲି ସେ ଆକଳନ କରିଛନ୍ତି।

### ର୍‍ୟାଗିଂରେ ଲାଗୁନି...

ତଦନୁଯାୟୀ ୟୁଜିସି ପକ୍ଷରୁ ୨୦୦୯ ମସିହାରେ ନିର୍ଦ୍ଦେଶନାମା ଜାରି କରାଯାଇଛି। ପ୍ରତି ଶିକ୍ଷାବର୍ଷ ପ୍ରାରମ୍ଭରେ ଏହାକୁ କଡ଼ାକଡ଼ି ପାଳନ କରିବାକୁ ମଧ୍ୟ କୁହାଯାଉଛି। ସେହିପରି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ୭ଟି ପରାମର୍ଶ ସମ୍ବଳିତ ନିର୍ଦ୍ଦେଶନାମା ୨୦୧୩ ମସିହାରେ ଜାରି ହୋଇଛି। ନାମଲେଖା ସମୟରେ ଛାତ୍ରଛାତ୍ରୀମାନେ ର୍‍ୟାଗିଂରେ ସଂପୃକ୍ତ ରହିବେ ନାହିଁ ବୋଲି ସତ୍ୟପାଠ ଦାଖଲ କରିବେ। ର୍‍ୟାଗିଂରେ ସମ୍ପୃକ୍ତ ରହିଲେ ପୁଲିସ ଏହାକୁ ଅପରାଧିକ ମାମଲା ଭାବେ ବିଚାର କରି ତଦନ୍ତ କରିପାରିବ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ୩ରୁ ୪ଜଣ ବରିଷ୍ଠ ଅଧ୍ୟାପକ ଓ କର୍ମଚାରୀଙ୍କୁ ନେଇ ଆଣ୍ଟି ର୍‍ୟାଗିଂ କମିଟି ଗଠନ ହେବ। ଶିକ୍ଷାନୁଷ୍ଠାନରେ ଥିବା ହଷ୍ଟେଲରେ ବିଭିନ୍ନ ସମୟରେ ଅତର୍କିତ ଯାଞ୍ଚ କରି ସ୍ଥିତି ଅନୁଧ୍ୟାନ କରିବେ। ନବାଗତ ଛାତ୍ରଛାତ୍ରୀଙ୍କଠାରୁ ବିଭିନ୍ନ ସମୟରେ ମତାମତ ସଂଗ୍ରହ କରିବା ସହ ତାଙ୍କ ପାଇଁ ଅଲଗା ହଷ୍ଟେଲ ବ୍ୟବସ୍ଥା କରିବେ। ସେହି ହଷ୍ଟେଲକୁ ରାତି ୯ଟା ପରେ ବରିଷ୍ଠ ପିଲା ଯାଇ ପାରିବେ ନାହିଁ। ଶିକ୍ଷାନୁଷ୍ଠାନ, ହଷ୍ଟେଲ ଓ ସର୍ବସାଧାରଣ ଜାଗାରେ ସିସିଟିଭି ଲଗାଯିବ। ସେହିପରି ଜିଲ୍ଲା, ରାଜ୍ୟ ଓ ଉଚ୍ଚଶିକ୍ଷା ବିଭାଗ ସ୍ତରରେ ମଧ୍ୟ ଆଣ୍ଟି ର୍‍ୟାଗିଂ ସ୍କ୍ୱାଡ୍ ଗଠନ ହେବ। ଏହି ସ୍କ୍ୱାଡ୍ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ହଠାତ୍ ଗସ୍ତ କରି ସ୍ଥିତି ପରଖିବ। ର୍‍ୟାଗିଂ ବିରୋଧରେ ସଚେତନତା କାର୍ଯ୍ୟକ୍ରମ ସହ ଶିକ୍ଷାନୁଷ୍ଠାନର ମୁଖ୍ୟ, ଆଣ୍ଟି ର୍‍ୟାଗିଂ କମିଟି ସଦସ୍ୟଙ୍କ ଫୋନ୍ ନମ୍ବର, ୨୪ ଘଣ୍ଟିଆ ଟୋଲ୍ ଫ୍ରି ନମ୍ବର ଆଦି ସଂପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯିବ। ସେହିପରି ବସ୍ ଷ୍ଟପ୍‌ରେ ମଧ୍ୟ ନିୟମିତ ଚେକିଂ କରିବାକୁ ନିୟମ ରହିଛି। ମାତ୍ର ନାମଲେଖା ସମୟରେ ସତ୍ୟପାଠ ସଂଗ୍ରହକୁ ବାଦ୍ ଦେଲେ ଅନ୍ୟ କୌଣସି ନିୟମକୁ ସଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ଶିକ୍ଷାନୁଷ୍ଠାନରେ ର୍‍ୟାଗିଂ ଘଟଣା ବାରମ୍ବାର ଦେଖାଦେଉଥିବା ଶିକ୍ଷାବିତମାନେ ମତବ୍ୟକ୍ତ କରିଛନ୍ତି।

### ଝୁଲିପଡ଼ିଲେ ଦମ୍ପତି...

ଝିଅରେ ଗୋଟିଏ ପୁଅ। ଦୁର୍ଭାଗ୍ୟକୁ ୪ମାସ ତଳେ ଏକମାତ୍ର ପୁଅର ମୃତ୍ୟୁ ଘଟିଥିଲା। ପାଞ୍ଚ ଝିଅଙ୍କ ମଧ୍ୟରୁ ପୂର୍ବରୁ ଚାରି ଝିଅ ବିବାହ କରିସାରିଥିବା ବେଳେ ଗତ ୨୧ ତାରିଖରେ ସବା ସାନ ଝିଅର ବାହାଘର କରାଇଥିଲେ। ଏଥିପାଇଁ ସୀମାଞ୍ଚଳ ବହୁ ଲୋକଙ୍କଠାରୁ ଧାରକରଜ କରିଥିଲେ। ଗତ ଶୁକ୍ରବାର ରାତିରେ ସୀମାଞ୍ଚଳ ଓ ନମିତା ଖାଇପିଇ ଶୋଇବାକୁ ଯାଇଥିଲେ। କିନ୍ତୁ ସକାଳୁ ସେମାନେ ଘରୁ ନ ବାହାରିବାରୁ ସାହି ପଡ଼ିଶାଙ୍କ ସନ୍ଦେହ ହୋଇଥିଲା। କିଛି ପଡ଼ୋଶୀ ତାଙ୍କ ଘର କବାଟ ଖୋଲିବା ବେଳକୁ ଦମ୍ପତିଙ୍କ ଶବ ରଶିରେ ଝୁଲୁଥିଲା। ପରେ ଘଟଣା ଲୋକଲୋଚନକୁ ଆସିଥିଲା। ଋଣ ଚାପ ଯୋଗୁଁ ଦମ୍ପତି ଆତ୍ମହତ୍ୟା କରିଥିବା କୁହାଯାଉଛି। ସ୍ଥାନୀୟ ସରପଞ୍ଚ ଯୋଗେନ୍ଦ୍ର ସ୍ୱାଇଁଙ୍କ ସହାୟତାରେ ଶବଦ୍ୱୟକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।


**AFFIDAVIT**

By virtue of an affidavit sworn before Executive Magistrate, Rasulpur, S.L. No. 422, dated 08/04/2026, I **RANKANIDHI BARAL**, S/o Prahallad Baral resident of village At- Ambasara, PO: Hatibari, P.S: Sukinda, Dist: Jajpur, Pin- 755018, State- Odisha declare that I have changed my Son's name from **ANIMESHA BARALA (Old Name)** to **ARAVINDA ANIMESH (New Name)**. Henceforth, he shall be known as **ARAVINDA ANIMESH** for all future purposes.
Sd- **RANKANIDHI BARAL**

**AFFIDAVIT**

I, Md Tufail Ahmed, aged about 35 years, S/o- Md Yasin, resident of Near Tahsil Office, PO/PS: Bisra, Dist: Sundargarh, Odisha declared by this affidavit No. A/67, dtd- 24/04/2026 that now onwards I shall be known as **MD TUFAIL** for all future purposes.

**AFFIDAVIT**

I, Saleha Afreen, aged about 20 years, D/o- Mohammad Majid, resident of Jama Masjid Lane, PO: Rourkela-1, PS: Plantsite, Dist: Sundargarh, Odisha declared by this affidavit No. A/06, dtd- 23/04/2026 that now onwards I shall be known as **SALEHA AAFREEN** for all future purposes.

**AFFIDAVIT**

I, **Shaikh Mohmmed Idris**, aged about 43 years, S/o- Late Shaikh Mohammed Younus, resident of Ward No.19, Masjid Lane, Jharsuguda, PO/PS- Jharsuguda, Dist- Jharsuguda, PIN- 768201, Odisha declared by this affidavit CF No. 1421, dtd- 23/04/2026, I want to correct my father's name from **Younus Shaikh Mohammed** to **Shaikh Mohammed Younus** in my passport vide passport no. AN480759. Henceforth, I shall be known as **Shaikh Mohmmed Idris**, S/o Shaikh Mohammed Younus for all future purposes.

**ସତ୍ୟପାଠ**

ଏତଦ୍ୱାରା ମୁଁ ମହମ୍ମଦ କାଶିମ, ଜନ୍ମ ତାରିଖ- 01/01/1966, ପିତା- ମହମ୍ମଦ [illegible], ସା/ମୌଜା- [illegible] 754204, ଓଡ଼ିଶାର ଜଣେ ସ୍ଥାୟୀ ଅଧିବାସୀ ବୋଲି ଘୋଷଣା କରୁଅଛି। [illegible] (7578 4017 0105) [illegible] (P 0069450), [illegible]
ମହମ୍ମଦ କାଶିମ

**NOTICE FOR LOSS OF DOCUMENTS**

Notice is hereby given from **Prakash Kumar Mallick** that, he has applied for loan to LIC HFL. But at present, he has lost the Original Link Documents i.e. **Sale Deed No. 1973, dtd. 23/03/1993,** which was kept with him and inspite of his best efforts, failed to trace the same.

Therefore, notice is hereby given to general public that if anybody has got any right, title interest over the property on the missing documents, he/she has to claim before the LIC HFL At: Chandrasekharpur, Bhubaneswar within 15 days from the date of publication. And after that the document will lose its legal force and LIC HFL, Bhubaneswar will not be responsible for any claim What-so-ever on the property after 15 days.

**Address for Communication**
**LIC HFL, Chandrasekharpur, Bhubaneswar,**
**B. K. Pattanaik, Advocate,**
**Mob. No. 9337395558**

**NOTICE FOR LOSS OF DOCUMENTS**

Notice is hereby given from **Suresh Chandra Biswal** that, he has applied for loan to LIC HFL. But at present, he has lost the Original Link Documents i.e. **Sale Deed No. 10231103429 dtd. 04/07/2011,** ROR of Khata No. 821/7622, Sale Deed No. 10232400061 **dtd. 03/01/2024** & ROR of Khata No. 821/7643, which were kept with him and inspite of his best efforts, failed to trace the same.

Therefore, notice is hereby given to general public that if anybody has got any right, title interest over the property on the missing documents, he/she has to claim before the LIC HFL At: Chandrasekharpur, Bhubaneswar within 15 days from the date of publication. And after that the documents will lose their legal force and LIC HFL, Bhubaneswar will not be responsible for any claim What-so-ever on the property after 15 days.

**Address for Communication**
**LIC HFL, Chandrasekharpur, Bhubaneswar,**
**B. K. Pattanaik, Advocate,**
**Mob. No. 9337395558**

**PANCHAYAT SAMITI OFFICE: BELPADA**

**Notice**

**No.1047 Date. 24.04.2026**

Sealed quotations are hereby invited from interested and eligible bidders for the purchase of old and damaged iron spare parts of tube-well of Belpada Block. The Quotation document is available in the office of B.D.O, Belpada. The details of the materials can be inspected at the office/store during working hours on any working day. The selling of the said spare parts shall be made on the basis of the highest rate per Kg of the iron materials inclusive of current CGST & SGST as applicable as per **Quotation Call notice No.1045 Dt.24.04.2026.** Interested bidders may submit their sealed quotations paper to this office on or before **dt 11.05.2026 by 5.00 P.M.** Quotations received after **dt.11.05.2026 time 5.00 P.M** will not be accepted. The authority reserves the right to accept or reject any firm/party or all quotation without assigning any reason thereof and no intimation will be given to the firm / Person in this regard.

**Block Development Officer,**
**Belpada**

**AFFIDAVIT**

By virtue of an affidavit sworn before Executive Magistrate Bhubaneswar, dated- 24/04/2026, I, **Premamanjari Acharya**, W/o- Sribatsha Kumar Acharya, resident of At-Pandasahi (New Colony), Ward No- 02, PO/Ps/Dist- Deogarh, Pin- 768108, declare that I have changed my name from **Premalata Acharya** to **Premamanjari Acharya** . Henceforth, I shall be known as **Premamanjari Acharya** (New name) for all purposes.
**Premamanjari Acharya**

'ସକାଳ' ପ୍ରଭାବ: କଲ୍ୟାଣମଣ୍ଡପ ନିର୍ମାଣ ଉପରେ ଉତ୍ତର ରଖିଲେ ବିଡିଓ

# ପୁଣି ଅର୍ଥ ମଞ୍ଜୁର ପାଇଁ ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ବିଡିଓ



ବନ୍ତ/ଆଗରପଡ଼ା,୨୫।୪(ସମିସ)

ଗତ ୮ ତାରିଖରେ 'ସେଣ୍ଟ୍ରିଂକୁ ୩ ମାସ ପୂରିଲା; ଛାତ ପଡ଼ିପାରୁନି; କଲ୍ୟାଣମଣ୍ଡପ ନିର୍ମାଣ ଶେଷ ହେବାର ନାଁ ଧରୁନି; ୮ବର୍ଷ ତଳୁ କାମ ଆରମ୍ଭ ହୋଇଛି' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ବନ୍ତ ବ୍ଲକ୍ ପୁରୁଷଣ୍ଡ ପଞ୍ଚାୟତର ସାମାଜିକ କର୍ମୀ ପ୍ରକାଶ ମହାକୁଡ଼ ଉକ୍ତ ଖବରକୁ 'ଏକ୍ସ' ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ୍ ବିଭାଗ ଓ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ମେଲ୍ ଯୋଗେ ମଧ୍ୟ ଜଣାଇଥିଲେ। ଉକ୍ତ ଅଭିଯୋଗ ଜନଶୁଣାଣି ପୋର୍ଟାଲରେ ପଞ୍ଜିକୃତ ହେବା ପରେ ଅଭିଯୋଗ ଉପରେ ବନ୍ତ ବିଡିଓ ଜିଲ୍ଲାପାଳଙ୍କଠାରେ ତାଙ୍କ ଉତ୍ତର ରଖିଥିବା ଜଣାପଡ଼ିଛି। ବନ୍ତ ବିଡିଓ ପୁରୁଷଣ୍ଡ ପଞ୍ଚାୟତରେ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଥିବା କଲ୍ୟାଣମଣ୍ଡପ ନିର୍ମାଣ ସମ୍ପୂର୍ଣ୍ଣ ହେବା ନିମନ୍ତେ ୨ୟ ପର୍ଯ୍ୟାୟ ଅର୍ଥ ମଞ୍ଜୁର ହୋଇ ନ ଥିବା କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୦୬୨/୧୮.୪.୨୬ରେ ଉଲ୍ଲେଖ କରିବା ସହ ଅର୍ଥ ମଞ୍ଜୁର ହେବାପରେ ଯଥାଶୀଘ୍ର ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବାର ସୂଚନା ଦେଇଛନ୍ତି। ବିଡିଓଙ୍କ ଏହିପରି ଉତ୍ତର ପରେ ଏଠାରେ ପ୍ରଶ୍ନ ଉଠେ ଅର୍ଥ ମହଜୁଦ ନ ଥାଇ ବିଭାଗ କାହା ସ୍ୱାର୍ଥରେ ଓ କାହିଁକି ୩ ମାସରୁ ଅଧିକ ସମୟ ଧରି ସେଣ୍ଟ୍ରିଂ କରି ପକାଇ ରଖିଛି। ଏହିପରି କାର୍ଯ୍ୟ ଉକ୍ତ କଲ୍ୟାଣମଣ୍ଡପର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

ବନ୍ତ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ନିର୍ମାଣାଧୀନ କଲ୍ୟାଣମଣ୍ଡପ ସବୁ କାର୍ଯ୍ୟକ୍ଷମ ହୋଇପାରୁନି। ଯୋଜନା ମୁତାବକ, ପ୍ରତି କଲ୍ୟାଣମଣ୍ଡପ ନିର୍ମାଣରେ ପାଖାପାଖି ୩୫ଲକ୍ଷ ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ସମପରିମାଣର ଅର୍ଥ ମଞ୍ଜୁର ହୋଇପାରୁ ନ ଥିବାରୁ ଉକ୍ତ ମଣ୍ଡପଗୁଡ଼ିକ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ସେଣ୍ଟ୍ରିଂ ହୋଇ ଛାତ ପତନ ଅବସ୍ଥାରେ ପଡ଼ି ରହିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ପୁରୁଷଣ୍ଡ ପଞ୍ଚାୟତରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ରାଜ୍ୟ ଅର୍ଥ କମିଶନ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ପରବର୍ତ୍ତୀ ସମୟରେ ବିଭିନ୍ନ ଯୋଜନାରେ ଆଉ ୧୦ଲକ୍ଷ ଟଙ୍କା ବିନିଯୋଗ କରାଯାଇଥିଲା। ଏହାର ନିର୍ମାଣରେ କିନ୍ତୁ ୮ବର୍ଷ ପରେ ମଧ୍ୟ ପ୍ରକଳ୍ପଟି ଅଧପନ୍ତରିଆ ଅବସ୍ଥାରେ ରହିଥିଲା। ଏହା ସମ୍ପୂର୍ଣ୍ଣ ହେବାକୁ ଆହୁରି ୧୫ ଲକ୍ଷ ଟଙ୍କାର ଆବଶ୍ୟକତା କରୁଥିଲା। ଉକ୍ତ ସମସ୍ୟାକୁ ନେଇ ଦୈନିକ 'ସକାଳ'ରେ ବାରମ୍ବାର ଖବର ପ୍ରକାଶିତ ହେବା ପରେ ବିଭାଗ ପକ୍ଷରୁ ଉକ୍ତ ମଣ୍ଡପର ଛାତ ପଡ଼ିବାକୁ ପ୍ରସ୍ତୁତି ସରିବାକୁ ଇତି ମଧ୍ୟରେ ୩ ମାସ ପୂରିଲା କିନ୍ତୁ ଛାତ ପଡ଼ି ନ ପାରି ସେଣ୍ଟ୍ରିଂରେ ଅଟକିଛି କାମ। ଏହିପରି ଅବସ୍ଥାରେ କାମ ଅଟକିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ସେହିପରି ୨୦୨୦-୨୧ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ଓଡ଼ଙ୍ଗ ପଞ୍ଚାୟତର ତୋଟାସାହିଠାରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ରାଜ୍ୟ ଅର୍ଥ କମିଶନ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ଇତି ମଧ୍ୟରେ ଉକ୍ତ ପ୍ରକଳ୍ପ ନିର୍ମାଣକୁ ୫ବର୍ଷର୍ ପୂରିବାକୁ ବସିଥିଲେ ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ନିର୍ମାଣକୁ ୪ବର୍ଷ ପୂରିଯିବା ପରେ ମଧ୍ୟ ପ୍ରକଳ୍ପଟି ଗ୍ରେଡ୍ ବିମ୍‌ରେ ଅଟକି ରହିଥିଲା।

**ଅର୍ଥ ମହଜୁଦ୍ ନ ଥାଇ ୩ ମାସରୁ ଅଧିକ ସମୟ ଧରି ସେଣ୍ଟ୍ରିଂ କରି ପକାଇ ରଖିବାକୁ ନେଇ ପ୍ରଶ୍ନବାଚୀ**

ତୋଟାସାହି ଉକ୍ତ ଅଞ୍ଚଳର ଏକ ପବିତ୍ର ସ୍ଥାନ ହୋଇଥିବାବେଳେ ଜିଲ୍ଲାରେ 'ସାବିତ୍ରୀ ଆଡ଼ି' ନାମରେ ପରିଚିତ ଥିବାରୁ ଏଠାରେ କଲ୍ୟାଣ ମଣ୍ଡପ ନିର୍ମାଣର ଗୁରୁତ୍ୱ ଥିବା ସ୍ଥଳେ ଏହା ଅଧପନ୍ତରିଆ ଅବସ୍ଥାରେ ରହିଥିବା ନେଇ ବାରମ୍ବାର ଦୈନିକ 'ସକାଳ'ରେ ଖବର ପ୍ରକାଶିତ ହେବା ପରେ ବିଭାଗ ପକ୍ଷରୁ ଏହାର ନିର୍ମାଣ କାର୍ଯ୍ୟରେ ତତ୍ପରତା ପ୍ରକାଶ ପାଇଥିଲା। ପରେ ୨୦୨୨-୨୩ ଆର୍ଥିକ ବର୍ଷରେ ୫ମ ଏସ୍‌ଏଫ୍‌ସି(ଜିଆଇଏ) ଯୋଜନାରେ ୧୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ଅର୍ଥରେ ନିର୍ମାଣ କାର୍ଯ୍ୟ ହୋଇ ବର୍ତ୍ତମାନ ନିମିଟାଲରେ ଅଟକିଛି କାର୍ଯ୍ୟ। ଅର୍ଥାଭାବରୁ ଏହା ମଧ୍ୟ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିବା ସହ ସୂଚନାଫଳକ ମଧ୍ୟ ତା'ର ଅସ୍ତିତ୍ୱ ହରାଇ ବସିଛି। ସେହିପରି ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ କଲ୍ୟାଣମଣ୍ଡପ ନିର୍ମାଣ ହେଉଛି ସତ କିନ୍ତୁ ଏଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ ସରିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ସମସ୍ୟାକୁ ନେଇ ବିଭିନ୍ନ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ଆବଶ୍ୟକ ଥିବା ଅର୍ଥ ପାଇଁ ସୁପାରିସ୍ କରାଯାଇଛି। ଅର୍ଥ ମଞ୍ଜୁର ହେଲେ ଏହାର ନିର୍ମାଣ କାର୍ଯ୍ୟରେ ତ୍ୱରାନ୍ୱିତ ଆସିବ ବୋଲି ପ୍ରକାଶ କରିଥିଲେ।

## ତିହିଡ଼ି ପଞ୍ଚାୟତ ସମିତି ପକ୍ଷରୁ ପଞ୍ଚାୟତିରାଜ ଦିବସ



ତିହିଡ଼ି,୨୫।୪(ସମିସ): ତିହିଡ଼ି ପଞ୍ଚାୟତ ସମିତି ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ସଭାରେ ବିଡିଓ ନିରଞ୍ଜନ ବାରିକ ପୌରୋହିତ୍ୟ କରିଥିବାବେଳେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତ ସଞ୍ଚାଳନ କରିଥିଲେ। ଏଥିରେ ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସ, ସାଂସଦଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ରଘୁନାଥ ପାତ୍ର, ଭାଟପଡ଼ା ସରପଞ୍ଚ ଶୁଭ୍ରନାରାୟଣ ସେଠୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର ୨୪୫ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଶୁକଦେବ ମଲ୍ଲିକ, ସାହାଡ଼ାସୁନ୍ଦରୀ ମଣ୍ଡଳ ସଭାପତି କେଶବ ବେହେରା, ବରିଷ୍ଠ ନେତା ମୁକ୍ତିକାନ୍ତ ନାୟକ, ସରପଞ୍ଚ ଚକ୍ରଧର ଦାସ, ସୁପ୍ରଭା ପାଣି, କୁନ୍ତଳା ମଳିକ, ଲକ୍ଷ୍ମୀପ୍ରିୟା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

ବସନ୍ତ ସାହୁ ହତ୍ୟା ମାମଲା

## ୩ ବର୍ଷ ହେଲା ନ୍ୟାୟ ଅପେକ୍ଷାରେ ପରିବାର

ଅସୁରାଳି,୨୫।୪(ସମିସ)

ବହୁଚର୍ଚ୍ଚିତ ବସନ୍ତ ସାହୁ ହତ୍ୟା ମାମଲା ଏବେ ପୁଣି ଚର୍ଚ୍ଚାର ପରିଧିକୁ ଆସିଛି। ଘଟଣାକୁ ୩ ବର୍ଷ ବିତିଯାଇଥିଲେ ମଧ୍ୟ ପୁଲିସର ଚରମ ଅବହେଳା ଓ ଅସହଯୋଗ ଯୋଗୁଁ ବିଚାର ପ୍ରକ୍ରିୟାରେ କୌଣସି ଅଗ୍ରଗତି ହୋଇପାରୁନାହିଁ। ତଦନ୍ତକାରୀ ଅଧିକାରୀଙ୍କ କୋର୍ଟରେ ଅନୁପସ୍ଥିତି ଏବଂ ପ୍ରମାଣ ଦାଖଲରେ ଶିଥିଳତାକୁ ନେଇ ମୃତକଙ୍କ ପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର କ୍ଷୋଭ ପ୍ରକାଶ ପାଇଛି। ନ୍ୟାୟ ନ ମିଳିଲେ ଆଗାମୀ ଦିନରେ ଏସ୍‌ପି ଅଫିସ ଓ ଥାନା ଘେରଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଧାମନଗର ଜେଏମ୍‌ଏଫ୍‌ସି କୋର୍ଟରେ ଚାଲିଥିବା ଏହି ମାମଲାରେ ପୂର୍ବତନ ତଦନ୍ତକାରୀ ଅଧିକାରୀ କୈଳାସ ଚନ୍ଦ୍ର ପରିଡ଼ା ବାରମ୍ବାର ନୋଟିସ ସତ୍ତ୍ୱେ ହାଜର ହେଉନାହାନ୍ତି। ଚାର୍ଜସିଟ୍‌ରେ ଜବତ ସାମଗ୍ରୀ, ଗୁରୁତ୍ୱପୂର୍ଣ୍ଣ ସିସିଟିଭି ଫୁଟେଜ୍ ଓ କଲ୍ ଡିଟେଲ୍ସ ରେକର୍ଡ (ସିଡିଆର)ର ଉଲ୍ଲେଖ ଥିଲେ ମଧ୍ୟ ତାହାକୁ କୋର୍ଟରେ ଉପସ୍ଥାପନ କରାଯାଉ ନାହିଁ। ଏହି ପ୍ରସଙ୍ଗକୁ କୋର୍ଟ ଗୁରୁତ୍ୱର ସହ ନେଇ ବର୍ତ୍ତମାନର ଆଇଆଇସି ସୁବ୍ରଜିତ ଦାସଙ୍କୁ ମେ' ୧୫ ସୁଦ୍ଧା ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ହାଇକୋର୍ଟର ସରକାରୀ ଓକିଲ ସୂର୍ଯ୍ୟନାରାୟଣ ବିଶ୍ୱାଳ ଅଭିଯୋଗ କରିଛନ୍ତି ଯେ, ଆରମ୍ଭରୁ ହିଁ ଏହି ମାମଲାକୁ ଦୁର୍ବଳ କରିବାକୁ ଚେଷ୍ଟା କରାଯାଇଛି। ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡକୁ ଆତ୍ମହତ୍ୟାର ରୂପ ଦେଇ ଅଭିଯୁକ୍ତମାନଙ୍କୁ ଛତ୍ରଛାୟା ଯୋଗାଇ ଦିଆଯାଉଥିବା ସେ କହିଛନ୍ତି। ସାକ୍ଷ୍ୟ ପ୍ରଦାନ ପାଇଁ ନୋଟିସ ପାଇଥିବା ସାକ୍ଷୀମାନେ ମଧ୍ୟ କୋର୍ଟରେ ଅନୁପସ୍ଥିତ ରହୁଛନ୍ତି, ଯାହା ପଛରେ କୌଣସି ବଡ଼ ଧରଣର ଚାପ ଥିବା ସନ୍ଦେହ କରାଯାଉଛି। ମୃତକଙ୍କ ବଡ଼ଭାଇ ସନ୍ତୋଷ ସାହୁଙ୍କ ସୂଚନା ଅନୁଯାୟୀ, କରୋନା ଟିକାକରଣ ସମୟରେ ଅସୁରାଳି ଅଞ୍ଚଳର ଅଜିତ୍ ସାହୁଙ୍କ ପତ୍ନୀଙ୍କ ସହ ବସନ୍ତଙ୍କ ସମ୍ପର୍କକୁ ନେଇ ଅଜିତ୍ ପୂର୍ବରୁ ବାରମ୍ବାର ଧମକ ଦେଇଥିଲା। ୧୫.୯.୨୦୨୩ ରାତିରେ ଏକ ଫାର୍ମ ହାଉସ୍ ଭିତରେ ବସନ୍ତଙ୍କୁ ମାରପିଟ୍ କରାଯାଇଥିବା ସିସିଟିଭିରେ କଏଦ ହୋଇଥିଲା। ପରଦିନ ସକାଳେ ରାଣୀପୋଖରୀ ହୁଡ଼ା ପାର୍ଶ୍ୱ ବିଲରୁ ବସନ୍ତଙ୍କ ମୃତଦେହ ମିଳିଥିଲା। ଏହି ମାମଲାରେ ସଙ୍ଗୀନ ଦଫା ଲାଗିଛି। କୋର୍ଟ ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୩୧ ତାରିଖକୁ ଧାର୍ଯ୍ୟ କରିଥିବାବେଳେ, ପରିବାର ଲୋକେ କହିଛନ୍ତି ଯେ ସେମାନଙ୍କର ନ୍ୟାୟପାଳିକା ଉପରେ ପୂର୍ଣ୍ଣ ବିଶ୍ୱାସ ଅଛି। ତେବେ ପୁଲିସର ଏଭଳି ରହସ୍ୟଜନକ ନିରବତା ବିରୋଧରେ ଖୁବ୍‌ଶୀଘ୍ର ଜନଆନ୍ଦୋଳନ ଓ ଥାନା ଘେରଉ କରାଯିବ ବୋଲି ଚେତାବନୀ ଦିଆଯାଇଛି।

**ପୁଲିସ ଅସହଯୋଗ ନେଇ ଅସନ୍ତୋଷ**

## ମା' ଲକ୍ଷ୍ମୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

ଭଦ୍ରକ,୨୫।୪(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ମତୋର ଆରାଧ୍ୟ ଦେବୀ ମା' ଗଜଲକ୍ଷ୍ମୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି। ପବିତ୍ର ଅକ୍ଷୟ ତୃତୀୟାଠାରୁ ୫ଦିନ ବ୍ୟାପୀ ହୋମଯଜ୍ଞ, ପୂଜାପାଠରେ ସମଗ୍ର ଅଞ୍ଚଳରେ ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ପରିବେଶ। ଦୀର୍ଘ ବର୍ଷ ହେବ ମତୋରେ ମା' ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଥିଲେ ମଧ୍ୟ ଏକ ସ୍ଥାୟୀ ମନ୍ଦିରଟିଏ ନ ଥିଲା। ସ୍ଥାୟୀ ମନ୍ଦିର ନିର୍ମାଣ ପାଇଁ ପୂଜା କମିଟି ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିଲା। ମନ୍ଦିର ନିର୍ମାଣ ପାଇଁ ଆଖପାଖ ଅଞ୍ଚଳର ବହୁ ଦାତବ୍ୟ ବ୍ୟକ୍ତି ସହାୟତାର ହାତ ବଢ଼ାଇଥିଲେ। ଶେଷରେ ମା'ଙ୍କ ପାଇଁ ଏକ ଭବ୍ୟ ମନ୍ଦିର ନିର୍ମାଣ ସହ ମା'ଙ୍କର ଏକ ପ୍ରସ୍ତର ନିର୍ମିତ ପ୍ରତିମା ସ୍ଥାପିତ ହୋଇପାରିଛି। ୫ଦିନ ବ୍ୟାପୀ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ସମେତ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ, ଡେପୁଟି କଲେକ୍ଟର କାର୍ତ୍ତିକ ମଣ୍ଡଳ, ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, କଂଗ୍ରେସର ଯୁବନେତା ସତ୍ୟାନନ୍ଦ ରାଉତ ପ୍ରମୁଖ ଯୋଗଦେଇ ମା'ଙ୍କ କୃପାଲାଭ କରିଥିଲେ। ପ୍ରତିଦିନ ଶ୍ରଦ୍ଧାଳୁମାନଙ୍କ ପାଇଁ ଭଜନ ସନ୍ଧ୍ୟା, ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା।

● ବ୍ୟାଙ୍କରେ ଟଙ୍କା ଉଠାଣକୁ ନେଇ ଛାତ୍ରଙ୍କୁ କ୍ୟାସିୟରଙ୍କ ଆକ୍ରମଣ ଘଟଣା

## କ୍ୟାସିୟର ଓ ଫିଲ୍ଡ ମ୍ୟାନେଜର ନିଲମ୍ବିତ

ଭଦ୍ରକ/ଆରଡ଼ି,୨୫।୪(ସମିସ): ଭଦ୍ରକ ଜିଲ୍ଲା ଆରଡ଼ି ପୀଠରେ ଥିବା ଏସ୍‌ବିଆଇ ଶାଖାରେ କିଛିଦିନ ଧରି କ୍ୟାସିୟର ଜିତେନ୍ଦ୍ର ପ୍ରସାଦ ଦାସ ଗ୍ରାହକଙ୍କୁ ଅଶାଳୀନ ବ୍ୟବହାର କରିବା ସହ ନାନା ପ୍ରକାରର ଅସୁବିଧା ଆଳ ଦେଖାଇ ଅସୁବିଧାରେ ପକାଉଥିବା ନେଇ ଅଭିଯୋଗ ହେଉଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିଲେ। ଏପରି ଗ୍ରାହକମାନେ ଟଙ୍କା ଉଠାଣ ଓ ଜମା କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଗତ ବୁଧବାର ଜଣେ ଗ୍ରାହକ ଛାତ୍ରୀ ତାଙ୍କର ଛାତ୍ରବୃତ୍ତି ଟଙ୍କା ଉଠାଇବା ପାଇଁ ଆସିଥିବାବେଳେ ତାଙ୍କୁ ବହୁ ବିଭ୍ରାନ୍ତିକର ପ୍ରଶ୍ନ କରିବା ସହ ବିଭିନ୍ନ ସେକ୍ସନକୁ ପଠାଇ ହଇରାଣ କରିଥିଲେ। ଏପରି ବାବଦରେ ଛାତ୍ରୀଙ୍କ ଭାଇ ବ୍ୟାଙ୍କ କ୍ୟାସିୟରଙ୍କୁ ପଚାରିବାରୁ କିଛି ବୁଝାସୁଝା ନ କରି ଏକ ଲୁହା ଛଡ଼ରେ ବାଡ଼େଇଥିଲେ। ଏପରି ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଶନିବାର ବ୍ୟାଙ୍କ ଉଚ୍ଚପଦାଧିକାରୀ କାର୍ଯ୍ୟାନୁଷ୍ଠାନ ନେବା ସହ ଜିତେନ୍ଦ୍ର ପ୍ରସାଦ ଦାସଙ୍କୁ ନିଲମ୍ବନ କରିଛନ୍ତି। ଅପରପକ୍ଷେ ବ୍ୟାଙ୍କର ଫିଲ୍ଡ ମ୍ୟାନେଜର ପ୍ରଶାନ୍ତ ନାୟକ ଗୁପ୍ତ ତଥ୍ୟ ଓ ସିସିଟିଭି କ୍ୟାମେରା ଭିଜୁଆଲ ସାଧାରଣ ଲୋକଙ୍କୁ ପ୍ରଘଟ କରିଥିବାରୁ ତାଙ୍କୁ ମଧ୍ୟ ନିଲମ୍ବନ କରାଯାଇଥିବା ଆରଡ଼ି ଶାଖା ପରିଚାଳକ ଦୀପକ ପାତ୍ର କହିଛନ୍ତି।

● ସିସିଟିଭି ଫୁଟେଜ୍ ତଥ୍ୟ ପ୍ରଘଟ କରିଥିଲେ ଫିଲ୍ଡ ମ୍ୟାନେଜର
● ବିଭିନ୍ନ ଆଳ ଦେଖାଇ ଗ୍ରାହକଙ୍କୁ ଅସୁବିଧାରେ ପକାଉଥିଲେ କ୍ୟାସିୟର



## ତିହିଡ଼ି ଥାନାରେ ୨୦୨୫ରେ ୪୩୦ ମାମଲା

ଦୋଳସାହି,୨୫।୪(ସମିସ): ତିହିଡ଼ି ଥାନା ଅଞ୍ଚଳରେ ବିଭିନ୍ନ ଧରଣର ଅପରାଧିକ ଘଟଣା ଓ ପାରିବାରିକ ଅଶାନ୍ତି ବୃଦ୍ଧି ପାଉଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ୨୦୨୫ରେ ୪୩୦ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ତିହିଡ଼ି ଥାନାରେ ବିଭିନ୍ନ ଧରଣର ଚୋରି ନେଇ ୫୧ଟି ମାମଲା ହୋଇଥିବାବେଳେ ଗୋଟିଏ ଡକାୟତି ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ସେହିପରି ହତ୍ୟା ମାମଲା ୨ଟି, ଏସ୍‌ସିଏସ୍‌ଟି ମାମଲା ୨ଟି, ଦୁର୍ଘଟଣା ଜନିତ ୧୯ଟି ମାମଲା ରୁଜୁ ହୋଇଥିବାବେଳେ ବ୍ରାଉନ୍‌ସୁଗର ଜନିତ ମାମଲା ଗୋଟିଏ, ୮ଟି ପୋକ୍‌ସୋ ମାମଲା, ରେଫରେନ୍ସ ଟେକ୍ନୋଲୋଜି ପାଇଁ ୩ଟି ମୋକଦ୍ଦମା, ଦୁଷ୍କର୍ମ ମାମଲା ୫ଟି, ରିୟୋଟିଙ୍ଗ୍ ମାମଲା ୩ଟି, ବନ୍ଧୁକ ମାମଲା ୨ଟି, ବାଣ ମାମଲା ଗୋଟିଏ ଓ ଅବଶିଷ୍ଟ ମାମଲା ପାରିବାରିକ ଘଟଣା ନେଇ ରୁଜୁ ହୋଇଥିବା ଜଣାଯାଇଛି। ଏହି ସମସ୍ତ ମାମଲାରେ ମୋଟ୍ ୧୧୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

## ଅତିରିକ୍ତ ଖରାକୁ ଅସହ୍ୟ ଗୁଳୁଗୁଳି; ଜନଜୀବନ ଅସ୍ତବ୍ୟସ୍ତ

ଧାମନଗର,୨୫।୪(ସମିସ): ଧାମନଗର ବ୍ଲକ୍ ଓ ସହରାଞ୍ଚଳରେ ଦିନ ୧୧ଟାରୁ ଉତ୍ତପ୍ତ ପାଲଟୁଛି ଗାଁଠୁ ସହର। ଅତିରିକ୍ତ ଖରାକୁ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ପ୍ରବଳ ଗରମ ସାଙ୍ଗକୁ କଲବଲ କରୁଛି ତାତି। ଘରୁ ବାହାରିବା ଅସମ୍ଭବ ହୋଇପଡୁଛି। ପ୍ରଚଣ୍ଡ ଖରା ପ୍ରଭାବରେ ଉପକୂଳ ଓଡ଼ିଶାରେ ଗୁଳୁଗୁଳି ଓ ତାତି ଜାରି ରହିଛି। ଧାମନଗର ମୁଖ୍ୟ ରାସ୍ତା ସମ୍ପ୍ରସାରଣ ଆଳରେ ସଡ଼କ କଡ଼ରେ ଥିବା ହଜାର ହଜାର ଗଛ କଟାଯାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ସହ ଅସହ୍ୟ ଗରମ ଅନୁଭୂତ ହେଉଛି। ସପ୍ତାହେ ଯାଏ ପାଖାପାଖି ୪୧ଦିନ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ସୂଚନା ଦେଇଛି ପାଣିପାଗ କେନ୍ଦ୍ର। ସୂର୍ଯ୍ୟଙ୍କ ପ୍ରଚଣ୍ଡ କିରଣ ଫଳରେ ତାତି ବଢ଼ିବା ସହ ଅସହ୍ୟ ଗୁଳୁଗୁଳି ହେଉଛି। ସେହିପରି ବିଗତ ପାଞ୍ଚ ଦିନ ହେବ ସକାଳୁ ସକାଳୁ ଅସହ୍ୟ ଗରମ ଓ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହୋଇଛି ଜନଜୀବନ। ଶୁକ୍ରବାର ସକାଳୁ ସକାଳୁ ଧାମନଗର ଅଞ୍ଚଳରେ ତାପମାତ୍ରା ୩୬ ଡିଗ୍ରୀ ଥିବାବେଳେ ମଧ୍ୟାହ୍ନରେ ୪୦ ଡିଗ୍ରୀ ରେକର୍ଡ ହୋଇଛି। ୧୦ ଦିନ ତଳେ କାଳବୈଶାଖୀ ଫଳରେ ତାପମାତ୍ରା ଟିକିଏ କମିଥିବାବେଳେ ଏବେ ଦିନକୁ ଦିନ ପୁଣି ବଢ଼ିବାରେ ଲାଗିଛି। ଯାହା ଫଳରେ ଅଧିକ ହନ୍ତସନ୍ତ ହେଉଛନ୍ତି ସାଧାରଣ ଜନତା। ସାରା ରାଜ୍ୟରେ ଡହଡହ ଖରା ସହ ଅସମ୍ଭାଳ ହେଉଛି ତାତି। ପ୍ରବଳ ତାତିକୁ ଦୃଷ୍ଟିରେ ରଖି ଭଦ୍ରକ ଜିଲ୍ଲାପାଳ ଜନଗଣନା, ବିଦ୍ୟାଳୟରେ ଶିକ୍ଷାଦାନ ସମୟ, ଶ୍ରମିକଙ୍କ କାର୍ଯ୍ୟ କରିବା ସମୟ ଉପରେ କଟକଣା ଜାରି କରିଛନ୍ତି। ତେବେ ପ୍ରଚଣ୍ଡ ଖରା ଆଭ୍ୟନ୍ତରୀଣ ଓଡ଼ିଶା ତୁଳନାରେ ଉପକୂଳ ଓଡ଼ିଶାର ବାଲେଶ୍ୱର, ଭଦ୍ରକ ସମେତ ପ୍ରଭାବରେ ଧାମନଗର ଅଞ୍ଚଳରେ ତାପ ସୂଚକାଙ୍କ ଡିଗ୍ରୀ ରହିଛି।

ସରକାରୀ ପ୍ରୋତ୍ସାହନ ଅଭାବ

# ପାନ ଚାଷରୁ ମୁହଁ ଫେରାଉଛନ୍ତି ଧାମନଗର ଚାଷୀ

ଅସୁରାଳି,୨୫।୪(ସମିସ)

ଧାମନଗର ବ୍ଲକ୍ ଅନ୍ତର୍ଗତ କଲ୍ୟାଣୀ ପଞ୍ଚାୟତର କଲ୍ୟାଣୀ ନଗରୀ ଗ୍ରାମ। ଦିନେ ଏହି ଗ୍ରାମ ପାନ ଚାଷ ପାଇଁ ସାରା ଅଞ୍ଚଳରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ପାନ ଚାଷକୁ ନିଜର ମୁଖ୍ୟ ଜୀବିକା ଭାବେ ଗ୍ରହଣ କରି ପ୍ରାୟ ୧୪୦ରୁ ଅଧିକ ବଙ୍ଗାଳୀ ପରିବାର ଏଠାରେ ଆତ୍ମନିର୍ଭରଶୀଳ ହୋଇପାରିଥିଲେ। ମାତ୍ର ସମୟକ୍ରମେ ସରକାରୀ ସହାୟତା ଓ ପ୍ରୋତ୍ସାହନର ଅଭାବ ଯୋଗୁଁ ଏହି ପାରମ୍ପରିକ ଚାଷ ଏବେ ସଂକଟଜନକ ସ୍ଥିତିରେ। ଉପଯୁକ୍ତ ବଜାର ବ୍ୟବସ୍ଥା ଓ ସରକାରୀ ଅନୁଦାନ ନ ମିଳିବାରୁ ଚାଷୀମାନେ ପାନ ଚାଷରୁ ମୁହଁ ଫେରାଇବାକୁ ବାଧ୍ୟ ହେଉଛନ୍ତି।

ସୂଚନାନୁଯାୟୀ, ଜଣେ ଚାଷୀ ୧୦ ଡେସିମିଲ ଜମିରେ ପାନ ବରଜ କରିବା ପାଇଁ ପ୍ରାୟ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିଥାଏ। ଏଥିରୁ ବାର୍ଷିକ ସେତିକି ପରିମାଣର ଆୟ ହେଉଥିଲେ ମଧ୍ୟ ପ୍ରାକୃତିକ ବିପର୍ଯ୍ୟୟ ବିଶେଷ କରି ବାତ୍ୟା ଓ ଅଦିନିଆ ବର୍ଷା ଚାଷୀଙ୍କ ଅଣ୍ଟା ଭାଙ୍ଗି ଦେଉଛି। କଲ୍ୟାଣୀ ନଗରୀ ଗ୍ରାମରେ ମୁଖ୍ୟତଃ ମହତା, ରାଶି ଓ ଗୁଞ୍ଜି ଭଳି ଉନ୍ନତ କିସମର ପାନ ଚାଷ କରାଯାଏ। ବାଲିଆପାଳ, ଚନ୍ଦନପୁର ଓ ନିଆଳି ଆଦି ସ୍ଥାନରୁ ପାନ ପୁଆ ସଂଗ୍ରହ କରି ଚାଷୀମାନେ ଅକ୍ଳାନ୍ତ ପରିଶ୍ରମ କରିଥା'ନ୍ତି। ମାତ୍ର ବରଜ ନିର୍ମାଣ ପାଇଁ ଆବଶ୍ୟକ ବାଉଁଶ, ଛଣ ଓ ଜାଲ କିଣିବାକୁ ଚାଷୀଙ୍କ ପାଖରେ ସମ୍ବଳ ନାହିଁ। କେତେକ ଚାଷୀ ବ୍ୟାଙ୍କରୁ ଋଣ କରି ଚାଷ କରୁଥିବାବେଳେ ଉପଯୁକ୍ତ ଲାଭ ନ ମିଳିବାରୁ ଋଣ ପରିଶୋଧ କରିବା ସେମାନଙ୍କ ପାଇଁ ବୋଝ ହୋଇଛି। ଉତ୍ପାଦିତ ପାନକୁ ବିକ୍ରି କରିବା ପାଇଁ ଏଠାରେ କୌଣସି ସ୍ଥାୟୀ ବଜାର ନାହିଁ। ଚାଷୀମାନେ ସ୍ଥାନୀୟ ଧୂଷୁରୀ, ଅସୁରାଳି, ଚାନ୍ଦେଗାଁ ଓ ଗୋବିନ୍ଦପୁର ହାଟ ଉପରେ ନିର୍ଭର କରନ୍ତି। ବେପାରୀମାନେ ଚାଷୀଙ୍କ ଅସହାୟତାର ସୁଯୋଗ ନେଇ କମ୍ ଦରରେ ପାନ କିଣୁଥିବାରୁ ସେମାନେ ଉଚିତ୍ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। ସୁରେନ୍ଦ୍ର ଦତ୍ତ, ସୁଦର୍ଶନ ଦାସ, ବାବାଜୀ ପାଲ ଓ ରବୀନ୍ଦ୍ର ପାଲଙ୍କ ଭଳି ଅନେକ ଅଭିଜ୍ଞ ଚାଷୀ ଏବେ ଏହି ବୃତ୍ତିକୁ ନେଇ ଚିନ୍ତାରେ। ଯଦି ସରକାର କୃଷି ବିଭାଗ ମାଧ୍ୟମରେ ପାନ ଚାଷୀଙ୍କୁ ଆର୍ଥିକ ଅନୁଦାନ ସହ ଆଧୁନିକ ପ୍ରଶିକ୍ଷଣ ପ୍ରଦାନ କରନ୍ତେ, ତେବେ ଏହି ପାରମ୍ପରିକ ଚାଷ ପୁଣିଥରେ ଉଜ୍ଜୀବିତ ହୋଇପାରନ୍ତା। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦୃଢ଼ ଦାବି କରିଛନ୍ତି।



## ବୈଦିକ ଉତ୍ସବରେ ଯୋଗଦେଲେ ବିଧାୟକ



ବାରିକପୁର,୨୫।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ବୈଦିକ ଉତ୍ସବରେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ଜନସାଧାରଣଙ୍କ ଶୁଭ ମନାସି ଦେବଦେବୀଙ୍କୁ ପୂଜାର୍ଚ୍ଚନା କରିଛନ୍ତି। ବାଲିପୋଖରୀ ପଞ୍ଚାୟତ ଅଙ୍ଗାରଗଡ଼ିଆ ଛକଠାରେ ବାସୁଳେଇଙ୍କ ମନ୍ଦିର ପ୍ରତିଷ୍ଠା ଓ ରାମଚନ୍ଦ୍ରପୁରଠାରେ ବାବା ସ୍ୱପ୍ନେଶ୍ୱରଙ୍କ ବାର୍ଷିକ ଉତ୍ସବରେ ବିଧାୟକ ଶ୍ରୀ ମଲ୍ଲିକ ଯୋଗଦେଇଥିଲେ। ସେହିଭଳି ତେସିଙ୍ଗା ପଞ୍ଚାୟତ କୁଶଗଡ଼ିଆ ଓ ସାନଶାସନଠାରେ ବାବା ଶନି ଦେବଙ୍କ ଜନ୍ମ ଉତ୍ସବରେ ବିଧାୟକ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ବିଧାୟକଙ୍କ ସହିତ ବ୍ଲକ୍ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ବରିଷ୍ଠ ନେତୃତ୍ୱ ସଞ୍ଜୀବ ପରିଡ଼ା, ଶରତ ଚନ୍ଦ୍ର ଜେନା, ଅଧର ରାଉତ, ସରପଞ୍ଚ ଧନେଶ୍ୱର ଖୁଣ୍ଟିଆ, ଦିନେଶ ସାହୁ, ମଦନ ରାଉତ, ଜୟନ୍ତ ସାହୁ, ମନୋରଞ୍ଜନ ସାହୁ, ସୁରେନ୍ଦ୍ର ପାଲ, ମୁକ୍ତିକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ୩ ମହିଳା ସରପଞ୍ଚ ସମ୍ବର୍ଦ୍ଧିତ



ବାରିକପୁର,୨୫।୪(ସମିସ): ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ଭଣ୍ଡାରିପୋଖରୀ ବ୍ଲକ୍‌ର ୩ଜଣ ମହିଳା ସରପଞ୍ଚଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପଞ୍ଚଦଶ ଅର୍ଥ କମିଶନଙ୍କ ଅନୁଦାନକୁ ସଠିକ୍ ଭାବେ ବିନିଯୋଗ କରିଥିବା ହେତୁ ପାଟୁଳୀ ପଞ୍ଚାୟତର ସରପଞ୍ଚ ଅନିତାରାଣୀ ରାଉତ, 'ସ୍ୱଚ୍ଛ ଭାରତ' ଯୋଜନାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ନେରଡା ସରପଞ୍ଚ ଦେବଦାସୀ ଜେନା ଓ ପଞ୍ଚାୟତର ନିଜସ୍ୱ ଆୟକୁ ସଠିକ୍ ବିନିଯୋଗରେ ସଫଳତା ପାଇଁ ଦକ୍ଷିଣବାଡ଼ ସରପଞ୍ଚ ବର୍ଷାରାଣୀ ଜେନାଙ୍କୁ ସମ୍ବର୍ଦ୍ଧନା ଜଣାଯାଇଛି। ଏହି ଉପଲକ୍ଷେ ସାଂସଦ ଅଭିମନ୍ୟୁ ସେଠୀ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ ସାମଲ ପ୍ରମୁଖ ୩ ମହିଳା ସରପଞ୍ଚଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରବିନାରାୟଣ ପାତ୍ର ଓ ପ୍ରମୋଦ କୁମାର ମିଶ୍ର ଉପସ୍ଥିତ ଥିଲେ।

## ଅଙ୍ଗନବାଡ଼ି କେନ୍ଦ୍ରରୁ ନାଗସାପ ଉଦ୍ଧାର



ବାରିକପୁର,୨୫।୪(ସମିସ): ସମ୍ପ୍ରତି ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଚାଷଜମି ସହିତ ଖଳାବାଡ଼ିରେ ବିଭିନ୍ନ ପ୍ରଜାତିର ସରୀସୃପ ବିଚରଣ କରୁଥିବା ଦେଖାଯାଉଛି। ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ୍ ହାଜିପୁର ଶିବମନ୍ଦିର ଓ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟସ୍ଥଳରେ ଶନିବାର ଏକ ନାଗସାପ ବୁଲୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ସାପଟିର ଲମ୍ବ ପ୍ରାୟ ୪ ଫୁଟ୍ ହୋଇଥିବାବେଳେ ଏହା ଅଙ୍ଗନବାଡ଼ି କେନ୍ଦ୍ରକୁ ପ୍ରବେଶ କରିଥିଲା। ଜନୈକ ଯୁବକ ଅତି ସତର୍କତାର ସହିତ ସାପଟିକୁ ଏକ ଲୁହା ନଳ ସାହାଯ୍ୟରେ ଉଦ୍ଧାର କରି ପଟାପୋଲ ନିକଟସ୍ଥ ଏକ ବୁଦାରେ ଛାଡ଼ିଥିଲେ। ସାଧାରଣତଃ ଜୁନ୍, ଜୁଲାଇ ମାସ ବିଭିନ୍ନ ସାପଙ୍କର ପ୍ରଜନନ ସମୟ ହୋଇଥିବାବେଳେ ସେମାନେ ଏହି ସମୟରେ ନିକାଞ୍ଚନ ସ୍ଥାନକୁ ପ୍ରବେଶ କରନ୍ତି। ବିଶେଷ କରି ବାଡ଼ି ବଗିଚା ଓ ପରିତ୍ୟକ୍ତ ସ୍ଥାନରେ ସେମାନେ ଅଣ୍ଡା ଦେଇଥା'ନ୍ତି। ଜନବସତି ଆଡ଼କୁ ମଧ୍ୟ ବିଷଧର ସାପମାନେ ମାଡ଼ି ଆସନ୍ତି। ତେଣୁ ଏହି ସମୟରେ ପ୍ରଶାସନ ପକ୍ଷରୁ ସ୍ନେକ୍ ହେଲ୍ପ ଲାଇନ୍ ନମ୍ବର ଜାରି ପାଇଁ ମତପ୍ରକାଶ ପାଇଛି।

## ଅଜଣା ଟ୍ରକ ଧକ୍କାରେ ମହିଳା ଗୁରୁତର

ସୋର,୨୫।୪ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଛପୋଲିଆ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ମହିଳା ଗୁରୁତର ଆହତ ହୋଇ ସୋର ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ଆଜି ସନ୍ଧ୍ୟାରେ ତରତୁଆ ଗ୍ରାମର ତିଳୋତ୍ତମା ମହାପାତ୍ର(୩୫) ସ୍କୁଟି ଯୋଗେ ସୋର ଅଭିମୁଖେ ଆସୁଥିଲେ । ଏହି ସମୟରେ ୧୬ ନମ୍ବର ଜାତୀୟ ରାଜପଥ ଛପୋଲିଆ ନିକଟରେ ଏକ ଅଜଣା ଟ୍ରକ ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା । ଫଳରେ ମହିଳା ଜଣଙ୍କ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ଆଣିଥିଲେ । ସେଠାରେ ତାଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି ।

## ଜମିବାଡ଼ି ଗଣ୍ଡଗୋଳ ଘଟଣାରେ ଦୁଇ ଗିରଫ

ସୋର, ୨୫।୪ (ସମିସ): ସୋର ପୌର ପାଳିକା ଅନ୍ତର୍ଗତ ଟ୍ରେଜେରୀ କଲୋନୀରେ ଜମିବାଡ଼ି ବିବାଦକୁ ନେଇ ଗଣ୍ଡଗୋଳ ଘଟଣାରେ ସୋର ପୁଲିସ ଉଭୟ ପକ୍ଷରୁ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଛତ୍ରପୁର ଗ୍ରାମର ସତ୍ୟବ୍ରତ ଦେ ଏବଂ ସିଦ୍ଧାର୍ଥ ଦେଙ୍କ ମଧ୍ୟରେ ଟ୍ରେଜେରୀ କଲୋନୀରେ ଥିବା ଏକ ଜମିକୁ ନେଇ ଗଣ୍ଡଗୋଳ ହୋଇଥିଲା । ଫଳରେ ଉଭୟ ପକ୍ଷରୁ ସୋର ଥାନାରେ ଅଭିଯୋଗ ହେବାପରେ ପୁଲିସ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ପୁଲିସ ଉଭୟ ପକ୍ଷରୁ ସତ୍ୟବ୍ରତ ଏବଂ ସିଦ୍ଧାର୍ଥକୁ ଗିରଫ କରିଥିଲେ । ଆଜି ଅପରାହ୍ନରେ ସୋର ମେଡିକାଲରେ ଉଭୟଙ୍କ ଡାକ୍ତରୀ ମାଇନା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ଟ୍ରକ ଧକ୍କାରେ ଗର୍ଭବତୀ ଗାଈ ମୃତ, ଲୋକଙ୍କ ରାସ୍ତାରୋକ

ସୋର,୨୫।୪ (ସମିସ): ସୋର ଥାନା ଦହିପୁର ଛକ ନିକଟରେ ଏକ ଅଜଣା ଟ୍ରକ ଧକ୍କାରେ ଏକ ଗର୍ଭବତୀ ଗାଈର ମୃତ୍ୟୁ ହେବା ଫଳରେ ସ୍ଥାନୀୟ ଲୋକେ ରାସ୍ତା ରୋକ କରିଥିବା ଦେଖିବାକୁ ମିଳିଛି । ନୂଆପୁର ଗ୍ରାମର ହେମଲତା ଜେନାଙ୍କ ଗର୍ଭବତୀ ଗାଈ ଚରିବାକୁ ଯାଇଥିଲା । ସନ୍ଧ୍ୟାରେ ଉକ୍ତ ଗାଈଟି ରାସ୍ତାରେ ଘରକୁ ଫେରୁଥିବା ବେଳେ ଏକ ଅଜଣା ଟ୍ରକ ଗାଈକୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା । ଫଳରେ ଘଟଣା ସ୍ଥଳରେ ଗାଈର ମୃତ୍ୟୁ ହୋଇଥିବାରୁ ଗାଡିକୁ ଧରିବା ଦାବିରେ ସ୍ଥାନୀୟ ଲୋକେ ସୋର ମଙ୍ଗଳପୁର ରାସ୍ତାକୁ ଦହିପୁର ଛକ ନିକଟରେ ଅବରୋଧ କରିଛନ୍ତି । ଖବର ପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରୁଥିବା ଦେଖିବାକୁ ମିଳିଛି ।

## ରାଜପଥ କଡ଼ରେ ପଡ଼ିଛି ଶହ ଶହ ମଲା କୁକୁଡ଼ା

ସୋର, ୨୫।୪ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ରେଳ ଓଭରବ୍ରିଜ ନିକଟ ରାସ୍ତା କଡରେ ଶହ ଶହ ମଲା କୁକୁଡା ପଡିଥିବା ଦେଖିବାକୁ ମିଳିଛି । ବୁଲା କୁକୁର ମାନେ କୁକୁଡା ମାଂସ ଖାଉଥିବା ଓ ରାସ୍ତାର ବିଭିନ୍ନ ସ୍ଥାନରେ ପକାଉଥିବାରୁ ଦୁର୍ଗନ୍ଧ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଅସହ୍ୟ ଗରମ କାରଣରୁ କୁକୁଡା ଗୁଡିକ ମରିଯାଇଥିବା ବେଳେ କୌଣସି ଦୋକାନୀ ବା କୁକୁଡା ବୋଝେଇ କରି ନେଉଥିବା ଗାଡି ଏଠାରେ ମଲା କୁକୁଡା ଫିଙ୍ଗିଥିବା ସନ୍ଦେହ କରାଯାଇଛି । ପ୍ରକାଶ ଥାଉକି ମ୍ୟୁନିସିପାଲିଟି ପକ୍ଷରୁ ରାସ୍ତା କଡରେ ଅଳିଆ ଆବର୍ଜନା ପକାଯାଉଥିବା ବେଳେ ଅନ୍ୟମାନେ ଏହାର ସୁଯୋଗରେ ବିଭିନ୍ନ ଅଳିଆ ଆବର୍ଜନା ପକାଇ ନିଆଁ ଲଗାଉଥିବା ଦେଖିବାକୁ ମିଳିଛି । ଫଳରେ ରାସ୍ତାରେ ଯାଉଥିବା ପଥଚାରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଲୋକେ ଏହି ଦୁର୍ଗନ୍ଧ ଓ ଧୂଆଁରେ ଅତିଷ୍ଠ ହେଉଛନ୍ତି ।

## କଟୁରି ଓ ଛୁରି ଧରି ଆତଙ୍କ, ଜଣେ ଅଟକ

କୁଆଖିଆ,୨୫।୪(ସମିସ): ଜଣେ ଅଚିହ୍ନା ବ୍ୟକ୍ତି ହାତରେ କଟୁରି ଓ ଛୁରି ଧରି ବୁଲୁଥିବା ଦେଖି ଗ୍ରାମବାସୀ ତାକୁ ଅଟକ କରିଥିବା ଜଣାଯାଏ । କୁଆଖିଆ ଥାନା ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତରେ ଆଜି ସନ୍ଧ୍ୟା ସମୟରେ ଗ୍ରାମର କିଛି ଲୋକ ନଦୀ ବନ୍ଧରେ ହାତରେ ଏକ ଲମ୍ବା କଟୁରି ଧରି ଜଣେ ଅଚିହ୍ନା ବ୍ୟକ୍ତି ଯାଉଥିବା ଦେଖି ଭୟଭୀତ ହୋଇ ଗ୍ରାମର ଲୋକଙ୍କୁ ଡାକ ପକାଇଥିଲେ । ଖବର ପାଇ ଗ୍ରାମବାସୀ ଉକ୍ତ ବ୍ୟକ୍ତିକୁ ଧରିବା ସହ ତା' ନିକଟରୁ କଟୁରି ଓ ଛୁରି ଉଦ୍ଧାର କରି ପୁଲିସକୁ ଖବର ଦେଇଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ମାରଣାସ୍ତ୍ର ସହ ଉକ୍ତ ବ୍ୟକ୍ତିକୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରୁଛନ୍ତି । ତେବେ ଉକ୍ତ ବ୍ୟକ୍ତିର ପରିଚୟ କ'ଣ, ସେ କେଉଁଠୁ କେଉଁ ପରିସ୍ଥିତିରେ ଗ୍ରାମକୁ ଆସିଲା ଏବଂ ମାରଣାସ୍ତ୍ର ଧରି କୁଆଡେ ଯାଉଥିଲା ସେ ସମ୍ପର୍କରେ ତଥ୍ୟ ମିଳି ପାରିନାହିଁ । ଘଟଣାକୁ ନେଇ ଗ୍ରାମର ଲୋକଙ୍କ ମଧ୍ୟରେ ଅଜଣା ଭୟ ସଂଚାର ହେଉଥିବା ଜଣାଯାଏ ।

# ଅପରାହ୍ଣରେ ରୋଗୀଙ୍କୁ ସରକାରୀ ଡାକ୍ତରଖାନା ମନା

ଭଦ୍ରକ,୨୫।୪(ସମିସ)




ସରକାର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ରୋଗୀ ସେବା ନେଇ ସମୟ ନିର୍ଘଣ୍ଟ କରିଛନ୍ତି । ଆଉ ଡାକ୍ତରଖାନା ବା ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ସମୟର ଫଳକ ବି ଲଗାଇଛନ୍ତି । ତେବେ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ନାୟକାଣୀଡିହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅପରାହ୍ଣରେ ଆଦୌ ଖୋଲୁନାହିଁ । ଫଳରେ ଏହି ଡାକ୍ତରଖାନା ଉପରେ ନିର୍ଭରଶୀଳ ରୋଗୀମାନେ ପ୍ରଚଣ୍ଡ ଖରାରେ ଦୂରଦୂରାନ୍ତରୁ ଆସି ନିରାଶ ହୋଇ ଫେରୁଥିବା ଜଣାଯାଇଛି ।

ସୂଚନାଯୋଗ୍ୟ, ସରକାରୀ ନିୟମାନୁଯାୟୀ ସମସ୍ତ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚ୍‌ସି) ଗ୍ରୀଷ୍ମକାଳୀନ(ଏପ୍ରିଲରୁ ସେପ୍ଟେମ୍ବର ଯାଏଁ) ପୂର୍ବାହ୍ଣ ୮ଟାରେ ଖୋଲାଯାଇ ମଧ୍ୟାହ୍ନ ୧୨ଟା ଯାଏଁ ରୋଗୀସେବା ଜାରି ରହିବ ଓ ଅପରାହ୍ଣ ୪ଟାରୁ ସନ୍ଧ୍ୟା ୬ଟା ଯାଏଁ ଖୋଲା ରହିବ । ସେହିଭଳି ଶୀତକାଳୀନ (ଅକ୍ଟୋବରରୁ ମାର୍ଚ୍ଚ) ପୂର୍ବାହ୍ଣ ୮ଟାରୁ ମଧ୍ୟାହ୍ନ ୧୨ଟା ଯାଏଁ ଓ ଅପରାହ୍ଣ ୩ଟାରୁ ୫ଟା ଯାଏଁ ଖୋଲା ରହିବ । କେବଳ ସରକାରୀ ଛୁଟି ଦିବସରେ ଉପରଓଳି ଡାକ୍ତରଖାନା ବନ୍ଦ ରହିବାର ନିୟମ ରହିଛି । ଏହାର ଫଳକ ମଧ୍ୟ ନାୟକାଣୀଡିହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କାନ୍ଥରେ ମେଡିକାଲ ଅଫିସରଙ୍କ ସ୍ୱାକ୍ଷରରେ ଲଗାଯାଇଛି । ତେବେ ଏହାର ଘୋର୍ ବ୍ୟତିକ୍ରମ କରାଯାଉଛି । ଗତ ୭ଦିନ ହେବ ଅପରାହ୍ଣରେ ଏହି ଡାକ୍ତରଖାନାଟିରେ ତାଲା ପଡୁଛି । ରୋଗୀ ସେବାରୁ

**ବାସୁଦେବପୁର ଓ ଚାନ୍ଦବାଲି ବ୍ଲକ୍‌ର ୧୦ ପଞ୍ଚାୟତର ୪୦ ହଜାରରୁ ଅଧିକ ଲୋକ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ**

ବଞ୍ଚିତ ହୋଇ ନିରାଶରେ ଫେରିବାକୁ ବାଧ୍ୟ ହେଉଛନ୍ତି । ଏହି ନାୟକାଣୀଡିହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ସୋନାଲି ଷଡ଼ଙ୍ଗୀ ମେଡିକାଲ ଅଫିସର ଭାବେ କାର୍ଯ୍ୟରତ ଥିବାବେଳେ ତିଳକ ରଞ୍ଜନ ମନହିରା ଫାର୍ମାସୀ ଅଫିସର, ନିଲମ ଦାସ ନର୍ସିଂ ଅଫିସର, ଗଜେନ୍ଦ୍ର ପ୍ରଧାନ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ(ପୁରୁଷ), ସୁମତୀ ହାଜରା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ(ମହିଳା), ଚିନ୍ମୟ ମହାପାତ୍ର ଅଟେଣ୍ଡାଣ୍ଟ କମ୍ ସିନିଅର ହେଲ୍‌ପର ଓ ଆଉଟ୍‌ସୋର୍ସିଂରେ ଲ୍ୟାବ୍ ଟେକ୍ନିସିଆନ ଓ ସୁରକ୍ଷା କର୍ମୀ କାର୍ଯ୍ୟରତ ଅଛନ୍ତି । ତେବେ ୨ଟି ପଦ ଖାଲି ପଡ଼ିଥିବାବେଳେ ଏହି ଡାକ୍ତରଖାନାରେ ମୋଟ୍ ୯ଜଣ କାର୍ଯ୍ୟରତ ଅଛନ୍ତି । ଏପରିସ୍ଥଳେ ଏହି ଡାକ୍ତରଖାନାଟି ଅପରାହ୍ଣରେ ବନ୍ଦ ରହିବା ଘଟଣା ଦୁର୍ଭାଗ୍ୟଜନକ ବୋଲି ସମ୍ପୃକ୍ତ ଅଞ୍ଚଳବାସୀ ଦାବି କରିଛନ୍ତି । ଏହି ଡାକ୍ତରଖାନା ଉପରେ ବାସୁଦେବପୁର ବ୍ଲକ୍‌ର ନାୟକାଣୀଡିହି, କରଞ୍ଜଆଡ଼ିଆ, ଆଡୋଳା, ଗୋବିନ୍ଦପୁର, ଗୋପବନ୍ଧୁନଗର ସମେତ ଚାନ୍ଦବାଲି ବ୍ଲକ୍‌ର ପଞ୍ଚୁଟିକ୍ରୀ, କରଞ୍ଜମାଳ ଆଦି ପଞ୍ଚାୟତର ପ୍ରାୟ ୪୦ହଜାରରୁ ଅଧିକ ଲୋକ ନିର୍ଭରଶୀଳ । ସେହିଭଳି ମେଡିକାଲ ଅଫିସର ଏଠାକୁ ନିୟମିତ ଆସୁ ନ ଥିବାରୁ ରୋଗୀମାନେ ବଡ଼ ଦହଗଞ୍ଜ ହେଉଥିବା ଅଭିଯୋଗ ହେଉଛି । କେବଳ ନାୟକାଣୀଡିହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନୁହେଁ, ଜିଲ୍ଲାର ଅଧିକାଂଶ ଡାକ୍ତରଖାନାରେ ସମାନ ଚିତ୍ର ଦେଖିବାକୁ ମିଳୁଛି । ସରକାର ରୋଗୀସେବାକୁ ଅଗ୍ରାଧିକାର ଦେଉଥିବା କହୁଥିବାବେଳେ ସରକାରୀ ଡାକ୍ତରଖାନା ବନ୍ଦ ରହିବା ଘଟଣା ସମସ୍ତଙ୍କୁ ଚକିତ କରିଛି । ଅପରାହ୍ଣରେ ରୋଗୀଙ୍କୁ ସରକାରୀ ଡାକ୍ତରଖାନା ମନା ବୋଲି ସ୍ୱତଃ ପ୍ରମାଣିତ ହୋଇଯାଉଛି ।

# ଜିଲ୍ଲାସ୍ତରୀୟ ବିଶ୍ୱ ମେଲେରିଆ ଦିବସ




ଯାଜପୁର,୨୫।୪(ସମିସ): ଯାଜପୁର ଜିଲ୍ଲା ଅନ୍ତର୍ଗତ ସୁକିନ୍ଦା ବ୍ଲକର ଚିଙ୍ଗୁଡ଼ିପାଳ ପଞ୍ଚାୟତ କାର୍ଯ୍ୟାଳୟଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ମେଲେରିଆ ଦିବସ ପାଳିତ ହୋଇଯାଇଛି । ଏହି କ୍ରମରେ ଏକ ସଚେତନତା ସଭା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହା ପୂର୍ବରୁ ଏକ ସଚେତନତା ରାଲି ସ୍ଥାନୀୟ କାଳିଆପାଣି ଠାରେ ଆଶା, ଅଙ୍ଗନବାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ଦ୍ୱାରା ସକାଳ ୭.୦୦ ଘଟିକା ସମୟରେ ଅନୁଷ୍ଠିତ ହୋଇଥିଲା । ସଭା କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଜିଲ୍ଲା ଭେକ୍ଟର ବାହିତ ରୋଗ କାର୍ଯ୍ୟକ୍ରମର ପରାମର୍ଶଦାତା ବଳଦେବ ନନ୍ଦ ପ୍ରଦାନ କରିଥିଲେ । ଏଥିରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଡା. ଜୟଦେବ ନନ୍ଦ ଜ୍ୱର ହେବା କ୍ଷଣି ତୁରନ୍ତ ରକ୍ତ ପରୀକ୍ଷା ଏବଂ ମେଲେରିଆର ସମ୍ପୂର୍ଣ୍ଣ ଚିକିତ୍ସା ସମ୍ବନ୍ଧରେ ଗୁରୁତ୍ୱ ଦେଇଥିଲେ । ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡା. ରଶ୍ମିରଞ୍ଜନ ସାହୁ ସମ୍ପୂର୍ଣ୍ଣ ଚିକିତ୍ସାର ତଦାରଖ ଆଶା ମାନଙ୍କ ଦ୍ୱାରା କରିବାକୁ ପରାମର୍ଶ ଦେଇଥିଲେ । ପରିଶେଷରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର ମେଲେରିଆ ରୋଗର କାରଣ ନିରୂପଣ, ସମ୍ପୂର୍ଣ୍ଣ ଚିକିତ୍ସା ଓ ରୋଗର ନିରାକରଣ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ତୁରନ୍ତ ରକ୍ତ ପରୀକ୍ଷା ଓ ସମ୍ପୂର୍ଣ୍ଣ ଚିକିତ୍ସା ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ଓ ଗାମ୍ବୁସିଆ ପ୍ରଦର୍ଶନ କରାଇ ସଚେତନତା କରାଯାଇଥିଲା । ସଭାରେ ସମସ୍ତ ଅଂଶଗ୍ରହଣକାରୀ ମାନେ ମ୍ୟାଲେରିଆ ମୃତ୍ୟୁ ଶୂନ୍ୟ ପାଇଁ ଶପଥ ପାଠ କରିଥିଲେ । ଶ୍ରୀ ବଳଦେବ ନନ୍ଦ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଶା, ଅଙ୍ଗନବାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଶିକ୍ଷକ, ମହିଳା, ଏବଂ ସ୍ଥାନୀୟ ବ୍ୟକ୍ତି ଓ ସାଧାରଣ ଜନତା ଉପସ୍ଥିତ ଥିଲେ । ସ୍ଥାନୀୟ ସରପଞ୍ଚଙ୍କ ସହଯୋଗ ଏବଂ ଉପସ୍ଥିତିରେ ସଭାଟି ସଫଳ ରୂପେ ରୂପାୟନ ହୋଇଥିଲା ।

**● ଖର୍ଚ୍ଚ ହେଉନାହିଁ ସିଏଫ୍‌ସି ଓ ଏସ୍‌ଏଫ୍‌ସି ଅନୁଦାନ**

# ୩୫ ପଞ୍ଚାୟତରେ ପଡ଼ିରହିଛି ୧୩.୬୩ କୋଟି

ଜଳେଶ୍ୱର ବ୍ଲକ, ୨୫।୪ (ସମିସ): ଜଳେଶ୍ୱର ବ୍ଲକ୍ ଜଳେଶ୍ୱର ପଞ୍ଚାୟତ ସମିତି ଅନ୍ତର୍ଗତ ୩୫ଟି ଯାକ ପଞ୍ଚାୟତରେ ୧୩.୬୩ ଲକ୍ଷ ଟଙ୍କାର ସିଏଫ୍‌ସି ଓ ଏସ୍‌ଏଫ୍‌ସି ଅନୁଦାନ ଖର୍ଚ୍ଚ ହୋଇପାରିନ୍ଥିବା ସୁଚନା ମିଳିଛି । ପଞ୍ଚାୟତକୁ ମିଳିଥିବା ସିଏଫ୍‌ସି (କେନ୍ଦ୍ରୀୟ ଅର୍ଥ କମିସନ)ଙ୍କ ଅନୁଦାନ ମଧ୍ୟରୁ ପାଖାପାଖି ୧୦ କୋଟି ୮୩ ଲକ୍ଷ ଟଙ୍କା ୨୦୨୬ ମସିହା ଫେବ୍ରୁଆରି ପ୍ରଥମ ସପ୍ତାହ ସୁଦ୍ଧା ଖର୍ଚ୍ଚନହୋଇ ପଡ଼ିରହିଛି । ଅନୁରୂପ ଭାବେ ଏସ୍‌ଏଫ୍‌ସି(ରାଜ୍ୟ ଅର୍ଥ କମିସନ)ଙ୍କ ୨ କୋଟି ୮୦ ଲକ୍ଷ ଟଙ୍କାର ଅନୁଦାନ ମଧ୍ୟ ଖର୍ଚ୍ଚ ନ ହୋଇ ପଡ଼ିରହିଛି । ଗ୍ରାମାଞ୍ଚଳର ଭିତ୍ତିଭୂମି ଓ ବିକାଶମୂଳକ କାମ ବିଶେଷକରି ଜଳ ପରିମଳ ତଥା ଅନ୍ୟାନ୍ୟ କାର୍ଯ୍ୟ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଏହି ଅନୁଦାନ ଯୋଗାଉଥିବାବେଳେ ଜଳେଶ୍ୱରର ୩୫ଟି ପଞ୍ଚାୟତ ମଧ୍ୟରୁ ହାତଗଣତି କେତୋଟି ପଞ୍ଚାୟତକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ପଞ୍ଚାୟତ ଏହି ଅର୍ଥ ଖର୍ଚ୍ଚ କରିବାରବହୁପଛରେ ପଡ଼ିଛନ୍ତି । ବ୍ଲକ୍‌ର ସୁଗୋ, ନାମୋ ଏହି ଦୁଇ ପଞ୍ଚାୟତରେ ସର୍ବାଧିକ ଦେଢ଼କୋଟି ପାଖାପାଖି ଟଙ୍କା ଖର୍ଚ୍ଚ ନ ହୋଇ ପଞ୍ଚାୟତ ତହବିଲରେ ପଡ଼ିଛି । ସମ୍ପତିଆ, ଲକ୍ଷ୍ମଣନାଥ, ଦକ୍ଷିଣ ପ୍ରହରାଜପୁର ଓ ବରଡିହା ଆଦି ପଞ୍ଚାୟତ ଗୁଡ଼ିକ ମଧ୍ୟ ଖର୍ଚ୍ଚ କରିନଥିବା ତାଲିକାରେ ରହିଛନ୍ତି । ଅବଶ୍ୟ ଫେବ୍ରୁଆରି ପ୍ରଥମ ସପ୍ତାହ ପରେ ପ୍ରଶାସନିକ ତତ୍ପରତା ଯୋଗୁ ଆଜିସୁଦ୍ଧା ଆଉ କିଛିଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି । ଏ ସମ୍ପର୍କରେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କ ସହ ଯୋଗାଯୋଗ କଲାରୁ ଖର୍ଚ୍ଚ ହୋଇପାରି ନଥିବା ଅବଶିଷ୍ଟ ଟଙ୍କା ଯେମିତି ଖୁବ୍‌ଶୀଘ୍ର ଖର୍ଚ୍ଚ ହୋଇପାରିବ ସେନେଇ ସମ୍ପୃକ୍ତ ଜେଇ, ଆକାଉଣ୍ଟସ୍ ଅଫିସର, ପଞ୍ଚାୟତର ପିଇଓ, ସରପଞ୍ଚମାନଙ୍କୁ ନେଇ ବାରମ୍ବାର ସମୀକ୍ଷା ବୈଠକ କରାଯାଉଛି । ଏ ନେଇ ଜିଲ୍ଲାପାଳ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ମଧ୍ୟ ସୂଚନା ଦିଆଯାଉଛି ।

## ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କାଙ୍କୁ ସମ୍ବର୍ଦ୍ଧନା



ଦୋଳସାହି,୨୫।୪(ସମିସ): ତିହିଡ଼ି ବ୍ଲକ୍ ଅଧୀନ ମଙ୍ଗଳପୁର ପଞ୍ଚାୟତ ସରପଞ୍ଚ ପୁଷ୍ପାଞ୍ଜଳୀ ଲେଙ୍କା ଶୁକ୍ରବାର ଜାତୀୟ ପଞ୍ଚାୟତିରାଜ୍ ଦିବସରେ ଜିଲ୍ଲାସ୍ତରରେ ସମ୍ବର୍ଦ୍ଧିତ ହୋଇଥିବା ଜଣାଯାଇଛି । ଜିଲ୍ଲାସ୍ତରୀୟ ଅନୁଷ୍ଠିତ ପଞ୍ଚାୟତିରାଜ ଦିବସ ସମାରୋହରେ ସରପଞ୍ଚ ଶ୍ରୀମତୀ ଲେଙ୍କାଙ୍କୁ ପ୍ରଶଂସାପତ୍ର, ଫଳକ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି । ମୁଖ୍ୟ ଅତିଥିଭାବେ ସାଂସଦ ଅଭିମନ୍ୟୁ ସେଠୀ, ବରେଣ୍ୟ ଅତିଥିଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖଙ୍କ ଉପସ୍ଥିତିରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ୫ମ ଅର୍ଥ କମିଶନଙ୍କ ଅନୁଦାନର ସଠିକ୍ ବିନିଯୋଗ କରି ଜିଲ୍ଲାସ୍ତରରେ ପ୍ରଥମ ହୋଇଥିବାବେଳେ ସ୍ୱଚ୍ଛଭାରତ ମିଶନ ଅଧୀନରେ ଗ୍ରାମୀଣ ପରିମଳ ସେବାଗୁଡ଼ିକୁ ସୁଦୃଢ଼ କରି ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ଭଦ୍ରକ ଗଢ଼ିବା ବହୁ ମୂଲ୍ୟ ଅବଦାନ ପାଇଁ ପ୍ରଶାସନ ପକ୍ଷରୁ ସରପଞ୍ଚ ଶ୍ରୀମତୀ ଲେଙ୍କାଙ୍କୁ ତିହିଡ଼ି ପଞ୍ଚାୟତ ସମିତିର ପ୍ରଥମ ସରପଞ୍ଚ ଭାବେ ସମ୍ମାନିତ କରାଯାଇଛି । ତାଙ୍କର ଏହି ମହତ୍ କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବ ବୋଲି ପ୍ରଶାସନ ଆଶାବ୍ୟକ୍ତ କରିଛି ।

**ଗ୍ରାହକଙ୍କ ଲକ୍ଷାଧିକ ଜମାଟଙ୍କା ହଡ଼ପ୍**

# ଫେରାର ଥିବା ବ୍ୟାଙ୍କର ପୂର୍ବତନ ବିସି ଗିରଫ

ଧର୍ମଶାଳା,୨୫।୪(ସମିସ): ଗ୍ରାହକଙ୍କ ଜମା ଟଙ୍କା ହଡ଼ପ କରି ଫେରାର୍ ଥିବା ୟୁକୋ ବ୍ୟାଙ୍କ୍, ଧର୍ମଶାଳା ଶାଖାର ପୂର୍ବତନ ବ୍ୟାଙ୍କ୍ ପ୍ରତିନିଧି(ବିସି)କୁ ପୁଲିସ୍ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାଯାଇଛି । ଗିରଫ ଅଭିଯୁକ୍ତ ଏହି ଥାନା ବୟପୁର ଗ୍ରାମର ମଧୁସୂଦନ ରଣାଙ୍କ ପୁଅ ପ୍ରକାଶ ରଣା ବୋଲି ଜଣାପଡିଛି । ସୂଚନା ଅନୁସାରେ, ଅଭୟପୁର ପଞ୍ଚାୟତ ଅଭୟପୁର ଗ୍ରାମର ଶିବ ପ୍ରଧାନ ସ୍ଥାୟୀ ଜମା ପାଇଁ ୟୁକୋ ବ୍ୟାଙ୍କ୍ ବିସି ପ୍ରକାଶକୁ ୨୦୨୪ ଅକ୍ଟୋବର ମାସରେ ୬ ଲକ୍ଷ ଟଙ୍କା ଦେଇଥିଲେ । ତେବେ ପ୍ରକାଶ ଏହି ଟଙ୍କାକୁ ବ୍ୟାଙ୍କ୍‌ରେ ଜମା ନକରି ହାତଲେଖା ଅବିକଳ ସ୍ଥାୟୀ ଜମା ବଣ୍ଡ ଧରାଇ ଦେଇଥିଲା । ସେହିପରି ଶିବଶଙ୍କର କେୱାଇସି, ମୋବାଇଲ୍ ଲିଙ୍କ୍ ଓ ଏଟିଏମ୍ କାର୍ଡ ଆବେଦନ ପାଇଁ ତାଙ୍କ ଠାରୁ ନେଇଥିବା ଦସ୍ତଖତ ଓ ଆଧାର କାର୍ଡ ବ୍ୟବହାର କରି ପ୍ରକାଶ ବର୍ଷକ ମଧ୍ୟରେ ବିଭିନ୍ନ ସ୍ଥାନରୁ ୧୨ଲକ୍ଷ ୩୦ହଜାର ଟଙ୍କା ଉଠାଇ ନେଇଥିବା ବ୍ୟାଙ୍କ୍ ଷ୍ଟେଟ୍‌ମେଣ୍ଟରୁ ଜଣାପଡ଼ିଥିଲା । ଏହିପରି ଭାବେ ପ୍ରକାଶ ଏକାଧିକ ଗ୍ରାହାକମାନଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ହଡପ କରିନେଇଥିଲେ । ଏ ସଂପର୍କରେ ସଂପୃକ୍ତ ଗ୍ରାହକମାନେ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଅଭିଯୁକ୍ତ ପ୍ରକାଶ ଆଗୁଆ ଜାମିନ ନେଇ ଆସିଥିବାରୁ ପୁଲିସ ତାହାକୁ ଗିରଫ କରିପାରି ନଥିଲା । ଏହାକୁ ନେଇ ଟଙ୍କା ହରାଇଥିବା ଗ୍ରାହକମାନେ ବ୍ୟାଙ୍କ ସମ୍ମୁଖରେ ହଟଗୋଳ କରିବାରୁ ତତ୍କାଳିନ ବ୍ୟାଙ୍କ ସାଖା ପରିଚାଳକ ଥାନାରେ ଅଭିଯୋଗ କରିବା ପରେ ଧର୍ମଶାଳା ଥାନା ପୁଲିସ ୬୦୨/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା । ତେବେ ଫେରାର ଥିବା ପ୍ରକାଶ ଗତକାଲି ସନ୍ଧ୍ୟାରେ ଘରକୁ ଆସୁଥିବା ଖବର ପାଇ କେତେକ ଗ୍ରାହକ ଜାରକା ବସଷ୍ଟାଣ୍ଡ ନିକଟରୁ ପ୍ରକାଶକୁ କାବୁ କରି ପୁଲିସ୍ ଜିମା ଦେଇଥିଲେ । ପୁଲିସ୍ ଅଭିଯୁକ୍ତକୁ ଥାନାରେ ଅଟକ ରଖି ପଚରା ଉଚରା କରିବା ସହ ଆଜି ତାକୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧରକାରିଣୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି ।

## କଂଗ୍ରେସ ପକ୍ଷରୁ ନିଶା ନିବାରଣ ଅଭିଯାନ

ଭୋଗରାଇ, ୨୫।୪ ( ସମିସ) : ନିଶାମୁକ୍ତ ସମାଜ ଗଠନ ନିମନ୍ତେ ବାଲେଶ୍ୱର ଜିଲା ଭୋଗରାଇ ଗସ୍ତରେ ଆସିଛନ୍ତି ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗର ଏକ ଟିମ । ଶନିବାର କଂଗ୍ରେସ ଭବନରେ ସେମାନେ ପହଞ୍ଚିଥିଲେ । ପୂର୍ବତନ ଏମପି ତଥା ସାରସ୍ୱତ ସାଧକ ସ୍ୱର୍ଗତ ଡ଼ଃ କାର୍ତ୍ତିକେଶ୍ୱର ପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ କଂଗ୍ରେସ ଭବନରେ ଏକ ଖବରଦାତା ସମ୍ମିଳନୀରେ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତପ୍ରକାଶ କରିଥିଲେ । ଭୋଗରାଇ କଂଗ୍ରେସ ଶାଖାର ସଭାପତି ସନ୍ତୋଷ କୁମାରଜେନାଙ୍କ ପୌରହିତ୍ୟରେ ଓଡିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗର ଅଧ୍ୟକ୍ଷ ମାନସ କୁମାର ମଲିକ, ବାଲେଶ୍ୱର ଜିଲା ଅନୁସୂଚିତ ଜାତି ବିଭାଗର ଜିଲା ସଭାପତି ବିଧାନ ଚନ୍ଦ୍ର ଜେନା,ଅନୁଗୁଳର ଉକ୍ତ ସଂଗଠନର ସଭାପତି ରାଜ କିଶୋର ଜେନା, ଶ୍ରୀବତ୍ସ ଜେନା,



ଭୋଗରାଇ ବ୍ଲକ ଅନୁସୂଚିତ ଜାତି ବିଭାଗର ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ସୁଦର୍ଶନ ଜେନା, କଂଗ୍ରେସ ଜିଲା ସମ୍ପାଦିକା ମମତା ସାହୁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ପ୍ରକାଶ କରି ରାଜ୍ୟ ସରକାରଙ୍କ ଅବକାରୀ ନୀତିକୁ ତୀବ୍ର ସମାଲୋଚନା କରିବା ସହିତ ଓଡିଶାକୁ ମଦମୁକ୍ତ କରିବାକୁ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଥିଲେ । ଜିଲା କଂଗ୍ରେସ ଉପସଭାପତି ପ୍ରଦୀପ କୁମାର ନାୟକ, ଜିଲାସମ୍ପାଦକ ମଣ୍ଡଳୀର ସଦସ୍ୟ ଶିଶିର ଦାସ ମହାପାତ୍ର, ରାଜେନ୍ଦ୍ର ଦଳାଇ, ଶିବୁ ଜେନା, ଗୌରାଙ୍ଗ ମହାନ୍ତି, କପିଳ ନାଥ ପ୍ରମୁଖ କଂଗ୍ରେସର ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ । ପରେ ଏହି ଅଭିଯାତ୍ରୀ ଦଳ ଥାନାଛକସ୍ଥିତ ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଚନ୍ଦନେଶ୍ୱର ଅଭିମୁଖେ ସଚେତନ ବାର୍ତ୍ତା ଉଦ୍ଦେଶ୍ୟରେ ଯାଇ ଫେରିଥିଲେ ।

## ନିମ୍ନଗାମୀ ଭୂତଳ ଜଳସ୍ତର; ଶୁଖିଯାଉଛି ପୋଖରୀ, କୂଅ

ଦଶରଥପୁର,୨୫।୪(ସମିସ): ବୈତରଣୀ ନଦୀ ଘେରରେ ଥିବା ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକରେ ଉତ୍କଟ ହେଲାଣି ପାନୀୟଜଳ ସମସ୍ୟା । ବ୍ଲକର ସବୁଠି ଭୁତଳ ଜଳସ୍ତର ଦ୍ରୁତଗତିରେ କମିବାରେ ଲାଗିଛି । ସ୍ଥିତି ଏପରି ଉଦ୍‌ବେଗଜନକ ହେଲାଣି ଯେ ଜଳସ୍ତର ହ୍ରାସ ହେଉଥିବାରୁ ଗତ ୨ବର୍ଷ ମଧ୍ୟରେ ବ୍ଲକର ବିଭିନ୍ନ ଅଞ୍ଚଳରେ ୪ଶହରୁ ଅଧିକ ନଳକୂପ ଅଚଳ ହୋଇପଡିଛି । ୨ବର୍ଷ ତଳେ ୧୮୦ରୁ ୨୦୦ ମିଟର ଭୁତଳରେ ପାନୀୟଜଳ ଉପଲବ୍ଧ ହେଉଥିବା ବେଳେ ତାହା ଏବେ ୨୫୦ରୁ ୨୬୦ ମିଟର ଭୁତଳରେ ଉପଲବ୍ଧ ହେଉଛି । ୨୦୨୦ ମସିହା ପୂର୍ବରୁ ଖୋଳା ଯାଇଥିବା ନଳକୂପ ୧୮୦ରୁ ୨୦୦ ମିଟର ଭୁତଳ ମଧ୍ୟରେ ଥିବାରୁ ସେଗୁଡିକର ଭୁତଳ ଜଳସ୍ତର ପାଖାପାଖି ୭୦ମିଟର ଅଧିକ ତଳକୁ ଖସିଗଲାଣି । ଫଳରେ କେଉଁଠି ନଳକୂପରୁ ଆଇରନ ମିଶା ପାଣି ବାହାରୁଛି ତ ଆଉ କେଉଁଠି ନଳକୂପ ସମ୍ପୂର୍ଣ୍ଣ ଅଚଳ ହୋଇଗଲାଣି । ଚଳିତ ବର୍ଷ ଗ୍ରୀଷ୍ମ ଆରମ୍ଭରୁ ବ୍ଲକର ଅକରପଡା, ବିରଜାପୁର, କଟିକଟା, ଖଣ୍ଡରା, ଦଶରଥପୁର, ଚିତ୍ତାଳ ଚମ୍ପେଇପାଳ, ବିହାରୀ, ଇଜାପୁର, ରାହାସୋଇ, ବିରୁହାଁ, ଗ୍ରାମନନ୍ଦିପୁର, ଗୋପାଳପୁର, କନିକାପଡା, ମଙ୍ଗଳପୁର, ପାଳଟପୁର, ଥାଲୁକୁଡି, ଜାଫରପୁର, ବିରିପଟା ଆଦି ପଞ୍ଚାୟତରେ ଭୁତଳ ଜଳ ସ୍ଥିତି ଅଧିକ ସଂଗୀନ ହୋଇପଡିବା ଯୋଗୁ ୧୮୦ରୁ ୨୦୦ ମିଟର ଭୁତଳରେ ଖନନ ହୋଇଥିବା ୯୦ ପ୍ରତିଶତ ନଳକୂପରୁ ସ୍ୱାଭାବିକ ପାଣି ବାହାରୁନାହିଁ । ପ୍ରବଳ ଖରା ସାଙ୍ଗକୁ ପୋଖରୀ ଓ ନଳକୂପ ମାନଙ୍କରେ ଉତ୍କଟ ଜଳ ସଙ୍କଟ ଏହି ସବୁ ପଞ୍ଚାୟତରେ ନୂଆ ସମସ୍ୟା ଭାବେ ଉଭା ହୋଇଛି ।




ଜଳ ସମସ୍ୟା ଯୋଗୁ ଗୋରୁ, ଗାଈ ଭଳି ଗୃହପାଳିତ ପଶୁସମ୍ପଦ ସମେତ ଜନବସତି ମାନଙ୍କରେ ଅଚଳାବସ୍ଥା ସ୍ଥିତି ଉପୁଜିଲାଣି । ସେହିପରି ବୈତରଣୀ ନଦୀ ପାଶ୍ୱର୍ବର୍ତ୍ତୀ ତଳିହା, ଦଶରଥପୁର, କଟିକଟା ଜୟନ୍ତରା, କସପା, ତରପଦା, ମଲ୍ଲିକାପୁର, ଦତ୍ତପୁର, ଦୁଦୁରାଅନ୍ତା, ଶୁଶୁଆ, ଖାନନଗର, ନିଜାମପୁର, କଁୟା ପଞ୍ଚାୟତରେ ବର୍ଷକ ମଧ୍ୟରେ ଭୁତଳ ଜଳସ୍ତର ୨୫୦ରୁ ୨୬୦ ମିଟର ତଳକୁ ଖସିଚାଲିଥିବାରୁ ଆଗାମୀ ଦିନରେ ଦଶରଥପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ପାନୀୟଜଳ ସଙ୍କଟ ଉତ୍କଟ ହେବାର ନିଶ୍ଚିତ ଆଶଙ୍କା ସୃଷ୍ଟି ହେବାକୁ ଯାଉଥିବା ବେଳେ ଏହାର ନିରାକରଣ ପାଇଁ ସରକାରଙ୍କ ଯୋଜନା କେବଳ କାଗଜ କଲମରେ ସୀମିତ ରହିଯାଇଛି ।

**ଭଦ୍ରକରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ**

# ପ୍ରାଣୀ ପାଳନ ଓ ଚିକିତ୍ସା କ୍ଷେତ୍ରରେ ରାଜ୍ୟରେ ୪ର୍ଥ ସ୍ଥାନକୁ ଉନ୍ନୀତ ଭଦ୍ରକ

ଭଦ୍ରକ,୨୫।୪(ସମିସ)

ଜିଲ୍ଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ୨୦୨୬ ଜିଲ୍ଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲା ସାଂସଦ ଅଭିମନ୍ୟୁ ସେଠୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କିପରି ଜିଲ୍ଲାକୁ ସମଗ୍ର ଭାରତରେ ପ୍ରାଣୀ ପାଳନ କ୍ଷେତ୍ରରେ ଏକ ଅଗ୍ରଣୀ ଜିଲ୍ଲା ଭାବରେ ପରିଗଣିତ କରିବା ସେଥିପାଇଁ ସମସ୍ତ ପ୍ରାଣୀ ଚିକିତ୍ସକଙ୍କୁ ଏକାଠି ହୋଇ ନିରନ୍ତର ଚେଷ୍ଟା କରିବା ପାଇଁ ଆହ୍ୱାନ ଦେଇଥିଲେ । ସେହିପରି ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଭଦ୍ରକ ଜିଲ୍ଲା ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ପାଳନ କ୍ଷେତ୍ରରେ ଏ ବର୍ଷ ୧୮ତମ ସ୍ଥାନରୁ ଉନ୍ନୀତ ହୋଇ ସମଗ୍ର ରାଜ୍ୟରେ ୪ର୍ଥ ସ୍ଥାନ ହାସଲ କରିଥିବାରୁ ସମସ୍ତ ପ୍ରାଣୀ ପାଳନ ବିଭାଗର କର୍ମଚାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସେ ମଧ୍ୟ ଏହି ଦିବସ ଅବସରରେ ଆଗାମୀ ଆର୍ଥିକ ବର୍ଷରେ କିପରି ଭଦ୍ରକ ଜିଲ୍ଲାକୁ ଏକ ଅଗ୍ରଣୀ ଜିଲ୍ଲା ଓ ଅଣ୍ଡା ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଜିଲ୍ଲାରେ ପରିଣତ କରିହେବ ସେଥିପାଇଁ ସମସ୍ତ ପ୍ରାଣୀ ଚିକିତ୍ସକ ଓ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ ଜିଲ୍ଲାର ପ୍ରାଣୀ ପାଳନ ବିଭାଗର କାର୍ଯ୍ୟକାରିତା ଉପରେ ସନ୍ତୋଷ ବ୍ୟକ୍ତ କରିବା ସହିତ ପ୍ରାଣୀ ଚିକିତ୍ସକମାନେ କିପରି ସମାଜ ପାଇଁ ଖାଦ୍ୟ ସୁରକ୍ଷା ଓ ଖାଦ୍ୟ ନିରାପତ୍ତାର ଅଭିଭାବକ ଭାବେ କାର୍ଯ୍ୟ କରୁଛନ୍ତି, ସେ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ ।

**ପ୍ରାଣୀ ପାଳନ କ୍ଷେତ୍ରରେ ଭଦ୍ରକକୁ ଅଗ୍ରଣୀ ଜିଲ୍ଲା ଭାବେ ପରିଗଣିକ କରିବା ପାଇଁ ଆହ୍ୱାନ**

ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ, ପ୍ରାଣୀ ଚିକିତ୍ସା ବିଭାଗ ଡା. ସଞ୍ଜୟ କୁମାର ପଣ୍ଡା ପ୍ରାଣୀ ଚିକିତ୍ସକମାନଙ୍କର ସମାଜ ଗଠନରେ ଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ମତପ୍ରକାଶ କରିଥିଲେ । ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ହୃଷୀକେଶ ବେହେରା ନିଜ ବକ୍ତବ୍ୟରେ କହିଥିଲେ ଯେ, ସମସ୍ତଙ୍କ ସହଯୋଗ ଓ କାର୍ଯ୍ୟଦକ୍ଷତା ବଳରେ ଭଦ୍ରକ ଜିଲ୍ଲା ଏକ ଅଗ୍ରଣୀ ଜିଲ୍ଲା ଭାବେ ପରିଗଣିତ ହୋଇପାରିଛି । ସୁରକ୍ଷିତ ଖାଦ୍ୟ ଓ ସୁରକ୍ଷିତ ମାନବ ସମାଜ ଗଠନରେ ପ୍ରାଣୀ ଚିକିତ୍ସକମାନଙ୍କ ଅବଦାନ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏହି ଦିବସରେ ଜିଲ୍ଲାର ସମସ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ, ପ୍ରାଣୀଧନ ନିରୀକ୍ଷକ ଓ ୭୦ ଜଣ ଅଗ୍ରଣୀ ଚାଷୀ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ୪ଜଣ ଅଗ୍ରଣୀ ଚାଷୀଙ୍କୁ ଉନ୍ନତ ଚାଷ ପାଇଁ ପୁରସ୍କୃତ କରାଯାଇଥିଲା । ତିହିଡ଼ି ବ୍ଲକ୍ ପ୍ରାଣୀ ଚିକିତ୍ସକ ଡ. ନିରଞ୍ଜନ ଜେନା ସଭାକୁ ପରିଚାଳନା କରିଥିଲେ । ଏସ୍‌ଡିଭିଓ ଡ. ସୁନୀଲ କୁମାର ଭୂୟାଁ ଓ ଭଦ୍ରକ ଜିଲ୍ଲା ପ୍ରାଣୀ ଚିକିତ୍ସାଳୟର ଉପନିର୍ଦ୍ଦେଶକ ଡ. ଭକ୍ତହରି ମଲ୍ଲିକ ଚାଷୀମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଡ. ପ୍ରଭୁକଲ୍ୟାଣ ପାଣି, ଡ. ଶୁଭମ୍ ସାହୁ ଓ ଡ. ସତ୍ୟଜିତ୍ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ଜିଲ୍ଲାର ସମସ୍ତ ପ୍ରାଣୀଧନ ନିରୀକ୍ଷକ ଓ ୪ର୍ଥ ଶ୍ରେଣୀ କର୍ମଚାରୀମାନେ ସହଯୋଗ କରିଥିଲେ । ଶେଷରେ ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡ. ତରୁଣ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଖଇରା ବ୍ଲକରେ ପଞ୍ଚାୟତିରାଜ ଦିବସ

ଖଇରା,୨୫।୪ (ସମିସ): ଖଇରା ବ୍ଲକ ତଥା ରଟିଣା ପଞ୍ଚାୟତ କାର୍ଯ୍ୟାଳୟରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ଖଇରା ବ୍ଲକ ପରିସରରେ ୩୭୦ଜଣ ଅସହାୟ,ଦିବ୍ୟାଙ୍ଗ,ଅଗ୍ନି ଓ ବାତ୍ୟା ବିପନ୍ନଙ୍କୁ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପଦ୍ମଲୋଚନ ପଣ୍ଡା ଓ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ବିଡିଓ ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନିର୍ବାଚିତ ପ୍ରତିନିଧି ମାନେ ଦଳମତ ନିର୍ବିଶେଷରୁ ଉର୍ଦ୍ଧ୍ୱରେ ରହି ଲୋକଙ୍କ ସେବା କରିବାକୁ ପରାମର୍ଶ ଦେଇଥିଲେ। ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସଭ୍ୟ ମାନସ ମହାପାତ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ଖଇରା ବ୍ଲକ ଅଧୀନ ରଟିଣା ପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର ସରପଞ୍ଚ ବାସନ୍ତୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମିତିସଭ୍ୟା ଛବିଲତା ମହାପାତ୍ର, ଶିକ୍ଷାବିତ ସୁରେନ୍ଦ୍ର ବେହେରା ,ରମେଶ ପୁହାଣ, ସୁଦର୍ଶନ ସାହୁ, ବୟୋଜ୍ୟେଷ୍ଠ ବ୍ୟକ୍ତି କରୁଣାକର ମହାପାତ୍ର, ଅର୍ଜୁନ ଶତପଥି, ଗୋପିନାଥ ପାଢୀ, ପ୍ରାକ୍ତନ ଅଧ୍ୟାପକ ପ୍ରଫୁଲ୍ଲ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଥିଲେ। ଅଞ୍ଜନ ମହାପାତ୍ର,ପ୍ରଭାତ ଜେନା,ହରେକୃଷ୍ଣ ମହାକୁଡ,କୈଳାସ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ସାରଡ଼ାଙ୍ଗରେ ଆରମ୍ଭ ହେଲା ହରିହାଟ ଉତ୍ସବ

ଖଇରା,୨୫।୪ (ସମିସ): ପ୍ରତିବର୍ଷ ପରି ଖଇରା ବ୍ଲକ ଅଧୀନ ସାରଡାଙ୍ଗ ଠାରେ ପାଳିତ ହୋଇ ଆସୁଥିବା ହରିହାଟ ଉତ୍ସବ ୨୩୧ବର୍ଷରେ ପଦାର୍ପଣ କରିଥିବା ବେଳେ ଚଳିତ ବର୍ଷ ଉକ୍ତ ଉତ୍ସବ ୨୦ତାରିଖ ଠାରୁ ଆରମ୍ଭ ହୋଇଛି। ଅକ୍ଷୟ ତୃତୀୟାରେ କଳସ ଅଣାଯାଇଥିବା ବେଳେ ୨୧ରୁ ୨୩ ୩ଦିନ ଧରି ଶ୍ରୀ ଜଗନ୍ନାଥ ସେବା ସଙ୍ଗଠନର ମୁଖ୍ୟ ଅନିରୁଦ୍ଧ ପଣ୍ଡାଙ୍କ ଦ୍ୱାରା ପ୍ରତିଭା ପ୍ରଦର୍ଶନ ଓ ପ୍ରତିଯୋଗିତା ମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନ୍ୱେଷଣ ଆୟୋଜନ କରାଯାଇଥିଲା। ଖଇରା ଓ ସିମୁଳିଆ ବ୍ଲକରୁ ୭୨ଜଣ ପ୍ରତିଯୋଗୀ ନୃତ୍ୟ,ଅଭିନୟ,ଶଙ୍ଖଫୁଙ୍କାରେ ପାରଦର୍ଶିତା ଦେଖାଇଥିଲେ। ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହରିହାଟ କମିଟିର ସମ୍ପାଦକ ଜ୍ୟୋତି ପ୍ରକାଶ କର, କୋଷାଧ୍ୟକ୍ଷ ନିରଞ୍ଜନ ସେଠୀ, ସଦସ୍ୟ ଭାସ୍କର ଘଡେଇ, କୈଳାସ ଦାସ, ଶୁକ ଜେନା, ବସନ୍ତ ଦାସ, ଗଙ୍ଗା ସେଠୀ, ଦିଲ୍ଲୀପ କର, ଅକ୍ଷୟ ଜେନା, ସରୋଜ ବେହେରା, ସୀତାକାନ୍ତ ପତି, ଉପଦେଷ୍ଟା ନାରାୟଣ ପଣ୍ଡା, ମନୋରଞ୍ଜନ ପଣ୍ଡା, ଛାୟାକାନ୍ତ ମହାନ୍ତି, ବୈକୁଣ୍ଠ ସେଠୀ ଓ ନବ କିଶୋର ପଣ୍ଡା ସହଯୋଗ କରିଥିଲେ।

## ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

ସିମୁଳିଆ, ୨୫।୪ (ସମିସ): ସିମୁଳିଆ ବ୍ଲକ ପକ୍ଷରୁ ବ୍ଲକ ପରିସରରେ ବିଡ଼ିଓ ସୁନିଲ କୁମାର ଟୁଡୁଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ବାବାଜୀ ଚରଣ ମଲ୍ଲିକ, ଉପାଧ୍ୟକ୍ଷ ହିମାଦ୍ରି ନନ୍ଦିନୀ ମହାପାତ୍ର, ଏଡବ୍ଲୁଇ ସରୋଜ କୁମାର ଟିକା ପ୍ରମୁଖ ଯୋଗଦେଇ ଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ଅଜୟ କୁମାର ପଣ୍ଡା ଓ ମଣ୍ଡଳ ସଭାପତି ଅଭିନାଶ ବେହେରା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବ୍ଲକ ପ୍ରକଳ୍ପ ଅଧିକାରୀ ଭୂପତି ପଣ୍ଡାଙ୍କ ନେତୃତ୍ୱରେ ଅତିଥିଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୫୪ଜଣ ହିତାଧିକାରିଙ୍କୁ ଆବାସ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ କୁମାର ବାରିକ, ଏବିଡିଇଓ ଶୁଚିସ୍ମିତା ବଳ, ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ବେହେରା ସମେତ ବ୍ଲକ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଶିକ୍ଷକ ସଂଘ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

କାଳିପଦା, ୨୫।୪ (ସମିସ): ବାଲିଆପାଳ ବ୍ଲକ ରତାଇଠାରେ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଓ କର୍ମଚାରୀ ସଂଘର ସ୍ଥାୟୀ ସଭାପତି ଶ୍ରୀକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଂଘର ସାଧାରଣ ସମ୍ପାଦକ ରାଖାଲ ଚନ୍ଦ୍ର ଦାସ, ସଂଘର ଜୋନ ସମ୍ପାଦକ ନରସିଂହ ବିଶ୍ୱାଳ, ପୂର୍ବତନ ଶିକ୍ଷକ ନେତା ଆଦିତ୍ୟ ରାଉତ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ରଞ୍ଜନ ପଣ୍ଡା, ପୂର୍ବତନ ବିଆରସିସି ପଞ୍ଚାନନ ପ୍ରଧାନ, ନୀଳାମ୍ବର ପାଢ଼ୀ ପ୍ରମୁଖ ଯୋଗ ଦେଇ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବାଲିଆପାଳ ବ୍ଲକର ଅବସରପ୍ରାପ୍ତ ବର୍ଷିୟାନ ଶିକ୍ଷକ ଯତୀନ୍ଦ୍ର ନାଥ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## କର୍ମଜୀବୀ ସାମ୍ବାଦିକ ମହାସଂଘ ବାଲେଶ୍ୱର ଶାଖା ବୈଠକ

ବାଲେଶ୍ୱର,୨୫।୪(ସମିସ): ଓଟିରୋଡସ୍ଥିତ ଅଙ୍ଗାରଗଡିଆ ଠାରେ ମହେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ମହାସଂଘ ବାଲେଶ୍ୱର ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆସନ୍ତା ୨୯ତାରିଖରେ ମହାସଂଘ ରାଷ୍ଟ୍ରୀୟ ଅଧ୍ୟକ୍ଷ ପୀତବାସ ମିଶ୍ରଙ୍କ ବାଲେଶ୍ୱର ଆଗମନ ପରିପ୍ରେକ୍ଷୀରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସୃଷ୍ଟିଧର ପରିଡା, ଶୁଭେନ୍ଦୁ ଦାଶ, ଅପର୍ଣ୍ଣା ମହାପାତ୍ର, ଭବେଶ ପାଣିଗ୍ରାହୀ, କଞ୍ଚମଣୀ ସ୍ୱାଇଁ, ମନୋଜ ବିଶ୍ୱାଳ, ମିତାଞ୍ଜଳୀ ପାଣିଗ୍ରାହୀ, ଦମୟନ୍ତୀ ପଣ୍ଡା, ଭଗବାନ ଚନ୍ଦ୍ର ଦାସ, ହରିଶଙ୍କର ଜେନା, ଶରତ ବାରିକ, ତପନ ଦାଶ, ସୁରେନ୍ଦ୍ର ମୋହନ ଜେନା, ମହେଶ୍ୱର ପ୍ରଧାନ, କମଳାକାନ୍ତ ନାୟକ, ଦେବବ୍ରତ ପାଣିଗ୍ରାହୀ, ସମ୍ବିତ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ମଧୁସୂଦନ ଗିରି, ବିସ୍ମୟ ମଲିକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଅନ୍ତରା ମହୋତ୍ସବ ଉଦ୍‌ଯାପିତ

ଖଇରା,୨୫।୪ (ସମିସ): ଖଇରା ବ୍ଲକ ଅଧୀନ ମହତୀପୁର ହାଇସ୍କୁଲ ପଡିଆରେ ଚାଲିଥିବା ତୃତୀୟ ଅନ୍ତରା ମହୋତ୍ସବ ଭୁବନେଶ୍ୱର ଆଦ୍ୟାଶା ଗ୍ରୁପ ଦ୍ୱାରା ପରିବେଶିତ ଓଡିଶୀ ନୃତ୍ୟର ତାଳେ ତାଳେ ଉଦଯାପିତ ହୋଇ ଯାଇଛି। ତ୍ରିଲୋଚନ ଉପାଧ୍ୟାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି, ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ମହୋତ୍ସବ ନିଜ ଅଞ୍ଚଳର କଳା ଓ ସଂସ୍କୃତିକୁ ଲୋକାଭିମୁଖି କରିଥାଏ ବୋଲି ଉଲ୍ଲେଖ କରିଥିଲେ। ଗରସଙ୍ଗ ସରପଞ୍ଚ ରାଜେନ୍ଦ୍ର କୁମାର ଦାସ, ଶିକ୍ଷକ ନଟବର ମହାପାତ୍ର, ବନ୍ଧଗାଁ ସରପଞ୍ଚ ନିରୋଦ ରାଉତ ଓ ସମିତିସଭ୍ୟ ଚନ୍ଦ୍ରକାନ୍ତ ମହାପାତ୍ର, ଆମ୍ବରୋଳି ସରପଞ୍ଚ କ୍ଷୀରୋଦ ଚନ୍ଦ୍ର ଦାଶ, ସୁଦାମ ପ୍ରଧାନ, ସରୋଜ ବିଶ୍ୱାଳ, ରତ୍ନାକର ଶୁକ୍ଳ, ରଘୁନାଥ ଦାଶ, ପ୍ରମୋଦ ଦାଶ, ଗଣେଶ ମହାପାତ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ମହତୀପୁର ପଡିଆରେ ବର୍ଷତମାମ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁଥିବା ବେଳେ ଜବରଦଖଲ ଯୋଗୁଁ ପଡିଆ ସଙ୍କୁଚିତ ହେଉଥିବା ନେଇ କମିଟିର କର୍ମକର୍ତ୍ତା ଉଦ୍‌ବେଗ ପ୍ରକାଶ କରିଥିଲେ।

# ନଳକୂପ ତଳେ ନାହିଁ ସିମେଣ୍ଟର ପ୍ଲାଟଫର୍ମ, ନିର୍ମାଣ ଦାବି

ବାଲେଶ୍ୱର,୨୫।୪ (ସମିସ)



ସଦର ବ୍ଲକର ଜମ୍ବେଶ୍ୱରପୁର ଗାଁ ମୁଣ୍ଡରେ ଜନଉପଜାତି ବସ୍ତି। ବର୍ଷେ ତଳେ ସେଠି ସରକାରଙ୍କ ଜନହିତ ଯୋଜନାରେ ସୁଧାକର ସେଠୀଙ୍କ ଘର ପାଖରେ ଗୋଟେ ନଳକୂପ ଖୋଳା ହେଲା। ନଳକୂପ ବସିଲା ସତ, ହେଲେ ତଳେ ପକ୍କା ପ୍ଲାଟଫର୍ମ କରିବାକୁ ଠିକାଦାର ଭୁଲିଗଲା। ଗ୍ରାଭେଲ୍ ବି ପଡିଲାନି। ଫଳରେ ପାଣି ମାରିଲେ ଚାରିଆଡେ କାଦୁଅ। ଚପଲ ବୁଡେ, ଗରା-ବାଲ୍ଟି କାଦୁଅ ହୁଏ। ବର୍ଷା ହେଲେ ତ କଥା ସରିଲା, ନଳକୂପ ଚାରିପଟେ ପଙ୍କ ପୋଖରୀ। ସେଇ କାଦୁଅ ପାଣି ମାଟି ତଳକୁ ଘସିଘସି ଭିତରକୁ ଯାଉଛି। ଯେଉଁ ପାଣି ପିଇବା କଥା, ସେଇଟା ଏବେ ମାଟିଆ, ଦୁର୍ଗନ୍ଧିଆ। ଏନେଇ ହରେନ୍ଦ୍ର ପ୍ରଧାନ କହନ୍ତି, 'ଠିକାଦାର ଓ ବାବୁମାନଙ୍କ ଅସହଯୋଗ ପାଇଁ ଆମେ ଦୂଷିତ ପାଣି ପିଉଛୁ। ଏକ ବର୍ଷ ହେଲାଣି, ପ୍ଲାଟଫର୍ମଟା କରୁନାହାନ୍ତି'। ଗାଁର ଦୁଃଖ ଏତିକିରେ ସରେନି। ଚାଷ ପାଇଁ ବୋରୱେଲ୍ ବେଶି ହେବାରୁ ଘରୋଇ ନଳକୂପ ସବୁ ଶୁଖିଗଲାଣି। ପିଇବା ପାଇଁ ଏକମାତ୍ର ଭରସା ଏହି ସରକାରୀ ନଳକୂପ। ହେଲେ ପ୍ଲାଟଫର୍ମ ନ ଥିବାରୁ ସେଥିରୁ ବାହାରୁଥିବା ପାଣି ବି କର୍ଦ୍ଦମାକ୍ତ, ପିଇବା ଅନୁପଯୁକ୍ତ। ନଳକୂପ ବିଭାଗ ଅଫିସକୁ ଗାଁ ଲୋକ ବାରମ୍ବାର ଗଲେଣି, ଦରଖାସ୍ତ ଦେଲେଣି। ଉତ୍ତର ମିଳେନି। ପ୍ଲାଟଫର୍ମ ହୁଏନି। ସାମାଜିକ କର୍ମୀ ମୋନାଲିସା ସେଠୀ କହିଛନ୍ତି, ଜନହିତକର ଯୋଜନାକୁ ଅଧାରେ ଛାଡିଦେବା ଅଧିକାରୀଙ୍କ ଖାମଖିଆଲି ମନୋଭାବ। ତୁରନ୍ତ ପକ୍କା ପ୍ଲାଟଫର୍ମ ତିଆରି ହେଉ। ଏବେ ଜମ୍ବେଶ୍ୱରପୁର ବସ୍ତିର ଲୋକ ଚାହିଁ ବସିଛନ୍ତି କେବେ ନଳକୂପ ତଳେ ସିମେଣ୍ଟର ପ୍ଲାଟଫର୍ମ ଟିକେ ହେବ, ଆଉ ସେମାନେ ନିର୍ଭୟରେ ଗୋଟେ ଗରା ସ୍ୱଚ୍ଛ ପାଣି ପିଇପାରିବେ। ପ୍ରକାଶ ଥାଉକି, ଅନେକ ଜାଗାରେ ପ୍ଲାଟଫର୍ମ ନଥିବାରୁ ପାଣି ଦୂଷିତ ହେଉଛି। ନିୟମ ଅନୁସାରେ ପ୍ରତି ନଳକୂପ ବସିବାର ୧୫ ଦିନ ଭିତରେ ପକ୍କା ପ୍ଲାଟଫର୍ମ ସହିତ ଗ୍ରାଭେଲ୍ ହେବା କଥା। ହେଲେ ଜମ୍ବେଶ୍ୱରପୁର, ମଧିଆ, ଗଡପୋଖରୀ, ରୂପସା ବାରାପାଳ ପରି ଗାଁରେ ବର୍ଷେରୁ ଅଧିକ ହେଲାଣି ପ୍ଲାଟଫର୍ମ ନାହିଁ। ବାଲେଶ୍ୱରର ୨୦-୪୦ ପ୍ରତିଶତ ନଳକୂପରେ ଠିକ୍ ପ୍ଲାଟଫର୍ମ ନାହିଁ ବା ଭାଙ୍ଗିଯାଇଛି।

## ସିଂଲା ସରପଞ୍ଚଙ୍କୁ ମରଣାନ୍ତକ ଆକ୍ରମଣ

ବସ୍ତା ବ୍ଲକ/ରାଜଘାଟ, ୨୫।୪ (ସମିସ): ଶୁକ୍ରବାର ରାଜ୍ୟ ବ୍ୟାପି ପଞ୍ଚାୟତିରାଜ ଦିବସ ପାଳନର ଗୋଟିଏ ଦିନ ପରେ ଉନ୍ନତି ମୂଳକ ପ୍ରକଳ୍ପ କାର୍ଯ୍ୟ ତଦାରଖ କରିବାକୁ ଯାଇଥିବା ସରପଞ୍ଚଙ୍କୁ ରାଜନୈତିକ ଅଭିସନ୍ଧି ରଖି ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣା ଜିଲ୍ଲାରେ ଆଲୋଡ଼ନ ଖେଳାଇ ଦେଇଛି। ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅନ୍ତର୍ଗତ ସିଂଲା ପଞ୍ଚାୟତରେ ଏହିଭଳି ସଙ୍ଗୀନ ଘଟଣା ଦେଖିବାକୁ ମିଳିଛି। ଅନ୍ୟ ଦଳର କିଛି ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇ ସରପଞ୍ଚ ବିପିନ ବିଶ୍ୱାଳ ଗୁରୁତର ହୋଇ ବାଲେଶ୍ୱର ମୁଖ୍ୟ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବେଳେ ତାଙ୍କ ବାପା ସିଂଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣା ସିଂଲା ଥାନାଠାରୁ ୨୦୦ ମିଟର ଦୂରରେ ଥିବା ଏକ ସ୍କୁଲରେ ଘଟିଛି। ସିଂଲା ଥାନା ନିକଟରେ ଥିବା ସିଂଲା ଏମଇ ସ୍କୁଲରେ ଉନ୍ନତି ମୂଳକ କାର୍ଯ୍ୟ ତଦାରଖ କରିବାକୁ ଶନିବାର ସକାଳ ସମୟରେ ସରପଞ୍ଚ ବିପିନ ବିଶ୍ୱାଳ ଯାଇଥିବା ବେଳେ ସ୍ଥାନୀୟ ଅଞ୍ଚଳର କିଛି ଦୁର୍ବୃତ୍ତ ସଂଘବଦ୍ଧ ଭାବେ ସରପଞ୍ଚଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଶକ୍ତ ଆଘାତ ଫଳରେ ସରପଞ୍ଚ ବିପିନ ଚେତାଶୂନ୍ୟ ହେବା ସହିତ ଗୁରୁତର ହୋଇ ପଡ଼ିଥିଲେ। ଖବର ପାଇ ତାଙ୍କ ବାପା ଓ ଅଞ୍ଚଳବାସୀ ବିପିନଙ୍କୁ ଉଦ୍ଧାର କରି ପ୍ରଥମେ ବସ୍ତା ଓ ପରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରା ଯାଇଥିଲା। ଏ ନେଇ ବିପିନଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣା ଘଟିବାକୁ ୧୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିନଥିବା ଜଣା ପଡିଛି। ତେବେ କେଉଁଠି ନିର୍ବାଚିତ ଜନପ୍ରତିନିଧି ଅସୁରକ୍ଷିତ ସେଠାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିଲା କୁହା ଯାଉଛି। ଖବର ପାଇ ବାଲେଶ୍ୱର ଉତ୍ତର ସାଂଗଠନିକ ଜିଲ୍ଲା ବିଜେପି ସଭାପତି ପ୍ରଦୀପ କୁମାର ପଣ୍ଡା ହସ୍ପିଟାଲରେ ପହଞ୍ଚି ଚିକିତ୍ସାଧୀନ ସରପଞ୍ଚଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହିତ ଦୋଷୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଛନ୍ତି।



## ଦେଉଳାକୁ ଶ୍ରେଷ୍ଠ ପଞ୍ଚାୟତ ପୁରସ୍କାର



କାଳିପଦା, ୨୫।୪ (ସମିସ): ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ବାଲିଆପାଳ ବ୍ଲକ ପ୍ରଶାସନ ପକ୍ଷରୁ ଦେଉଳା ପଞ୍ଚାୟତକୁ ଶ୍ରେଷ୍ଠ ପଞ୍ଚାୟତ ଭାବରେ ପୁରସ୍କାର ପ୍ରଦାନ କରାଯାଇଛି। ବାଲିଆପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଧା ରଞ୍ଜନ ଦାସ ଦେଉଳା ସରପଞ୍ଚ ସରୋଜ କୁମାର ପିଳାଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ସାଂସଦ ପ୍ରତିନିଧି ରବୀନ୍ଦ୍ର ନାଥ ଅଣ୍ଡିଆ, ଏବିଡ଼ିଓ ଶରତ ଚନ୍ଦ୍ର ମୁଦୁଲି, ଉପାଧ୍ୟକ୍ଷ ରାଜେଶ କୁମାର ଚୌଧୁରୀ, ଜିପିଓ ପ୍ରିୟବ୍ରତ ଗିରି, ସହକାରୀ ଯନ୍ତ୍ରୀ ଅମିତ କୁମାର ମୁର୍ମୁ, ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ସରପଞ୍ଚ ଶ୍ରୀ ପିଳା ଏବେ ଜିଲ୍ଲା କଂଗ୍ରେସ କମିଟି ର ଉପସଭାପତି ମଧ୍ୟ ରହିଛନ୍ତି। ପଞ୍ଚାୟତର ସର୍ବବିଧ ବିକାଶ ଓ ସମସ୍ତଙ୍କ ପ୍ରତି ସମଭାବପନ୍ନ ମନୋଭାବ ଯୋଗୁଁ ଏହି ଏହି ପୁରସ୍କାର ମିଳିଥିବା କୁହାଯାଇଛି।

## ନୁଣିଆଯୋଡ଼ି ପୋଲ ଜାମ୍, ଲୋକେ ହନ୍ତସନ୍ତ



ବାଲେଶ୍ୱର,୨୫।୪(ସମିସ): ୬୦ନମ୍ବର ଜାତୀୟ ରାଜପଥର ତଳ ରାସ୍ତା ଅର୍ଥାତ ଫୁଲାଡି ଠାରୁ ବାଲେଶ୍ୱର ସହରକୁ ଆସିବା ପାଇଁ ସହରର ମୁଖଶାଳାରେ ବୁଢ଼ାବଳଙ୍ଗ ନଦୀ ଉପରେ ରହିଛି ନୁଣିଆଯୋଡି ପୋଲ। ଏହି ପୋଲ ବାଲେଶ୍ୱର ମୁଖ୍ୟାଳୟ ସହ ଉତ୍ତର ଓଡ଼ିଶାକୁ ସଂଯୋଗ କରିବାର ପ୍ରମୁଖ ଭୂମିକା ଗ୍ରହଣ କରେ। ଏହି ପୋଲର ସାଇଡରେ ଅନ୍ୟ ଏକ ନୂଆ ପୋଲ ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ଏବେ ଏହି ପୁରୁଣା ପୋଲ ଅଲୋଡା ହୋଇପଡ଼ିଛି। କିନ୍ତୁ ଏହି ପୋଲ ଉପରେ ଏବେ ଲୋକେ ସବୁ ଯିବା ଆସିବା କରୁଛନ୍ତି। ପୋଲଟି ଅଣଓସାରିଆ ହୋଇଥିବା ବେଳେ ଗୋଟିଏ ବସ ପସିଲେ ଅନ୍ୟ ଗାଡି ଯିବା ମୁସ୍କିଲ ହୋଇପଡେ। ବାରମ୍ବାର ଏହି ପୋଲଟି ଜାମ ରହୁଥିବା ବେଳେ ଏହାର ସ୍ଥାୟୀ ସମାଧାନ କରାଯାଉ ନାହିଁ। ନୂଆ ପୋଲ କାମ ସରୁନଥିବା ବେଳେ ଏଠାରେ ଲୋକେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି।

## ବରଦାନ ସାଜିଛି ଟିପିଏନ୍‌ଓଡିଏଲର ଭ୍ରାମ୍ୟମାଣ ଆମ୍ବୁଲାନ୍ସ

ବାଲେଶ୍ୱର,୨୫।୪(ସମିସ): ନିଜର ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ଦିଗରେ ସର୍ବଦା ଗୁରୁତ୍ୱ ଦେବା ସହ ସାମାଜିକ ଦାୟିତ୍ୱବୋଧତା

**୫ ଜିଲ୍ଲାରେ ୧ଲକ୍ଷ ୭୦ ହଜାରରୁ ଅଧିକ ଲୋକ ଉପକୃତ**

ତଥା ସିଏସଆର ବିନିଯୋଗ କ୍ଷେତ୍ରରେ "ଟିପିଏନଓଡିଏଲ' ଗୁରୁଦାୟିତ୍ୱ ବହନ କରୁଛି। ଗ୍ରାମାଞ୍ଚଳରେ ମୌଳିକ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଆରମ୍ଭ କରାଯାଇଥିବା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଗାଡି ଜନସାଧାରଣଙ୍କ ପାଇଁ ବରଦାନ ସାଜିଛି। ବିଗତ କିଛି ବର୍ଷ ମଧ୍ୟରେ ୧ଲକ୍ଷ ୭୦ହଜାରରୁ ଅଧିକ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଓ ଔଷଧ ଯୋଗାଇଛି ଟିପିଏନଓଡିଏଲ। ଟିପିଏନଓଡିଏଲ ପକ୍ଷରୁ ମାଗଣା ମୋବାଇଲ ସ୍ୱାସ୍ଥ୍ୟ ସେବା ନିମିତ୍ତ ଭ୍ରାମ୍ୟମାଣ ଆମ୍ବୁଲାନ୍ସ ବାଲେଶ୍ୱର ଜିଲ୍ଲା ସମେତ ଯାଜପୁର, କେନ୍ଦୁଝର, ଭଦ୍ରକ, ଓ ମୟୂରଭଞ୍ଜ ଜିଲ୍ଲାର ବିଦ୍ୟୁତ ଉପଭୋକ୍ତାଙ୍କ ପାଇଁ ଆରମ୍ଭ କରାଯାଇଛି। ପ୍ରତ୍ୟେକ ଜିଲ୍ଲା ପାଇଁ ଗୋଟିଏ ଲେଖାଏଁ ମୋଟ ୫ଟି ଭ୍ରାମ୍ୟମାଣ ଆମ୍ବୁଲାନ୍ସ ଉପଲବ୍ଧ କରାଯାଇଥିବା ବେଳେ ଏଯାବତ ୧୩ଶହରୁ ଅଧିକ ସ୍ୱାସ୍ଥ୍ୟ କ୍ୟାମ୍ପ ଆୟୋଜନ କରାଯାଇଛି। ଏହି ଆମ୍ବୁଲାନ୍ସ ଆଦିବାସୀ, ଉପାନ୍ତ ଓ ଗ୍ରାମାଞ୍ଚଳ ଗସ୍ତ କରି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଉଛି।



## ଚଳଚ୍ଚିତ୍ର 'ଅଧୁରା' ର ଶୁଭ ମହୁରତ



ବାଲେଶ୍ୱର,୨୫।୪ (ସମିସ) : ବାଲେଶ୍ୱର ଜିଲ୍ଲା ନୀଳଗିରି ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏଲ.କେ ଫିଲ୍ମ ପ୍ରଯୋଜିତ "ଅଧୁରା' ଚଳଚ୍ଚିତ୍ରର ଶୁଭ ମହୁରତ ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ଶ୍ରୀ ଜଗନ୍ନାଥ ମନ୍ଦିରରେ ପୂଜା କରିବା ପରେ ମହାପ୍ରଭୁଙ୍କ ଆଜ୍ଞାମାଳ ଅଣାଯାଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଭାବେ ଯୁବନେତା ତାପସ ପରିଡ଼ା ଉପସ୍ଥିତ ହୋଇ ଉଦଘାଟନ କରିଥିଲେ। ପ୍ରଯୋଜନା ସଂସ୍ଥାର ସମାଜସେବୀ ଅମିତ ବଳିଆର ସିଂହ ଚଳଚ୍ଚିତ୍ରଟି ଗ୍ରାମାଞ୍ଚଳରେ ଶିକ୍ଷା ବ୍ୟବସ୍ଥା ଏବଂ ସାମାଜିକ ବ୍ୟବସ୍ଥା ର ପରିବର୍ତ୍ତନ ବିଷୟରେ ହୋଇଛି ବୋଲି ସୂଚନା ଦେଇଥିଲେ। ଚଳଚ୍ଚିତ୍ରର ନାୟକ ଭାବେ ଲୋକେଶ ଦାସ, ନାୟିକା ସୁଶ୍ରୀସଙ୍ଗୀତା ବେହେରା, ନିର୍ଦ୍ଦେଶକ କୁମାର ସନ୍ତୋଷ, ରାକେଶ ଦାସ, ସତ୍ୟରଞ୍ଜନ ଜେନା, ଶ୍ରବଣ ଦାସ, ଉମେଶ ଶିଅଳ, ଭାଗ୍ୟଧର ମହାଳିକ, ହରିଶଙ୍କର ମଲ୍ଲିକ, ପ୍ରଦୀପ ମଲ୍ଲିକ, ପ୍ରକାଶ ମହାଳିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଦୁଇ ବଖରା ଜଳିଗଲା

ସିମୁଳିଆ,୨୫।୪ (ସମିସ): ସିମୁଳିଆ ଥାନା ଅନ୍ତର୍ଗତ ଚାଲୁଣୀ ଗାଁ ପଞ୍ଚାୟତର ଚାଲୁଣୀ ଗାଁ ର ମିଶ୍ର ସାହିର ଗୌରାଙ୍ଗ ମିଶ୍ର ପରିବାର ଶୁକ୍ରବାର ରାତିରେ ଖାଇପିଇ ଶୋଇଯିବା ପରେ ବିଦ୍ୟୁତ ସଟସର୍କିଟ ଘଟି ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡରେ ଦୁଇ ବଖରା ଘର ପୋଡିଯିବା ସହ ଘରେ ଥିବା ୪ବସ୍ତା ଚାଉଳ, ଲୁଗାପଟା, ଆସବାବ ପତ୍ର ଏବଂ ପିଲାଙ୍କ ପାଠ ପଢା ବହି ମଧ୍ୟ ପୋଡି ପାଉଁଶ ହୋଇଯାଇଛି। ଖବର ପାଇ ବାସୁଦେବପୁର ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସବୁ ପୋଡି ପାଉଁଶ ହୋଇଯାଇଛି ।

## ଶ୍ରମିକ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ




ବାଲେଶ୍ୱର,୨୫।୪(ସମିସ): ମଇ ପହିଲାରେ ''ବିଶ୍ୱ ଶ୍ରମିକ ଦିବସ' ପାଳନ ପାଇଁ ଟିୟୁଏସିସି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆଇନଜୀବୀ ଶାନ୍ତନୁ ଦାସ ଦାସଙ୍କ ଅଧ୍ୟକ୍ଷତାରେ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଶ୍ରମିକ ସଂଗଠନମାନଙ୍କ ମିଳିତ ବୈଠକ ଉଠା ଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ଟିୟୁଏସିସିର ସଂପାଦକ ତଥା ଆବାହକ ଗୌରାଙ୍ଗ ପାଣିଗ୍ରାହୀ ମଇ ଦିବସ ପାଳନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଆଠଘଣ୍ଟା କାର୍ଯ୍ୟ ଦିବସ ଦାବିରେ ଶ୍ରମିକମାନେ ସେମାନଙ୍କର ପ୍ରାଣବଳି ଦେଇଥିଲେ। କିନ୍ତୁ ବର୍ତ୍ତମାନର ରାଜ୍ୟ ଓ କେନ୍ଦ୍ର ସରକାର ଦୈନିକ କାର୍ଯ୍ୟଦିବସ ଆଠଘଣ୍ଟାରୁ ୧୦ ଘଣ୍ଟାକୁ ବୃଦ୍ଧି କରିଛନ୍ତି। ପ୍ରଚଳିତ ୪୪ଟି ଶ୍ରମଆଇନକୁ ସଂଶୋଧନ କରି ପୁଞ୍ଜିପତି ମାଲିକଙ୍କ ସ୍ୱାର୍ଥରେ ୪ଟି ଶ୍ରମକୋଡ୍ ପ୍ରଚଳନ କରୁଛନ୍ତି। ଦେଶବ୍ୟାପୀ ସମସ୍ତ ଶ୍ରମଜୀବୀ ଜନଗଣ ସରକାରଙ୍କର ଏହି ନିଷ୍ପତ୍ତିକୁ ବିରୋଧ କରୁଛନ୍ତି ବୋଲି ଶ୍ରୀ ପାଣିଗ୍ରାହୀ ପ୍ରକାଶ କରିଥିଲେ। ଆସନ୍ତା ମଇ ପହିଲା ଶ୍ରମିକ ଦିବସକୁ ସ୍ୱାଗତ ଜଣାଇ ଏପ୍ରିଲ୍ ୩୦ ତାରିଖ ସନ୍ଧ୍ୟାରେ ବାଲେଶ୍ୱର ସହରରେ ମଶାଲ ଶୋଭାଯାତ୍ରାରେ ଶତାଧିକ ଶ୍ରମିକ ଯୋଗ ଦେବେ। ମଇ ପିହଲା ଦିନ ସକାଳ ୭ଟାରେ ବିଚାରଗଞ୍ଜ ଛକ ପାଶ୍ୱର୍ରେ ମିଳିତ ଭାବେ ଲାଲ୍ ପତାକା ଉତ୍ତୋଳନ କରାଯିବ ଓ ଅପରାହ୍ନ ୫ଟାରେ ରେଳଷ୍ଟେସନରୁ ମିଳିତ ଶୋଭାଯାତ୍ରା ସହର ପରିକ୍ରମା କରି ସ୍ଥାନୀୟ ଗାନ୍ଧିସ୍ମୃତି ଭବନ ସମ୍ମୁଖରେ ପହଞ୍ଚିବ। ସେଠାରେ ଶ୍ରମିକ ସମାବେଶ ଓ ସାଧାରଣ ସଭାରେ ରାଜ୍ୟ ଓ ଜିଲ୍ଲାର ବରିଷ୍ଠ ଶ୍ରମିକ ନେତାମାନେ ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିବେ ବୋଲି ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି। ଏହି ବୈଠକରେ ଏଆଇଟିୟୁସିରୁ ଶ୍ୟାମସୁନ୍ଦର ଜେନା, ସିଆଇଟିୟୁରୁ ପ୍ରେମରଂଜନ ପାତ୍ର, ଆଇଏନ୍‌ଟିୟୁସିରୁ ଜୀବନକୃଷ୍ଣ ବାରିକ, ପ୍ରତିରକ୍ଷା କର୍ମଚାରୀ ନେତା ଜଗଦୀଶ ଚନ୍ଦ୍ର ବାରିକଙ୍କ ସମେତ ଭରତ ଚନ୍ଦ୍ର ସେଠୀ, ବନ୍ଦନା ପାତ୍ର, ହରେକୃଷ୍ଣ ଚାନ୍ଦ, ଦେବବ୍ରତ ଜେନା ପ୍ରମୁଖ ଆହ୍ୱାନ ଦେଇଥିଲେ। ଶେଷରେ ଶରତ ଚନ୍ଦ୍ର ଦଳାଇ ଧନ୍ୟବାଦ ଦେଇଥିଲେ।

# କଳାବଜାରୀଙ୍କ ପାଖରେ ପର୍ଯ୍ୟାପ୍ତ ଟାଙ୍କି; ଖାଉଟି ହୀନସ୍ତା

ବସ୍ତା ବ୍ଲକ, ୨୫।୪ (ସମିସ)

**ଏଲ୍‌ପିଜି ଗ୍ୟାସ ଟାଙ୍କି ଅଭାବ**

ମଧ୍ୟପ୍ରାଚ୍ୟ ଯୁଦ୍ଧ ଆରମ୍ଭ ଠାରୁ ଗ୍ୟାସ ର ଉତ୍କଟ ଅଭାବ ଦେଖିବାକୁ ମିଳିଛି। ରାଜ୍ୟ ସରକାର ପର୍ଯ୍ୟାପ୍ତ ପରିମାଣ ରେ ଗ୍ୟାସ ଥିବା କହୁଥିବା ବେଳେ ବାସ୍ତବ ରେ ଏବେବି ଗ୍ୟାସ ସଙ୍କଟ ଖାଉଟିଙ୍କ ମୁଣ୍ଡ ବ୍ୟଥାର କାରଣ ହୋଇଛି। ଗୋଟିଏ ପଟେ ରୋଷେଇ କରିବା ପାଇଁ ମହିଳାମାନେ ହଇରାଣ ହେଉଥିବା ବେଳେ ଅନ୍ୟ ପଟେ ଗ୍ୟାସ ଟାଙ୍କି ର ବ୍ୟାପକ କଳା ବଜାର ହେଉଥିବା ଦେଖିବାକୁ ମିଳିଛି। ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ରେ ଗ୍ୟାସ ର କଳାବଜାର ଖୋଲା ଖୋଲି ହେଉଥିବା ବେଳେ ସବୁ ଦେଖି ଯୋଗାଣ ବିଭାଗ ସ୍ଥାଣୁ ହୋଇ ବସିବା କଳାବଜାରୀଙ୍କୁ ଖୋଲା ଖୋଲି ପ୍ରୋତ୍ସାହନ ଦେଉଥିବା ଚର୍ଚ୍ଚା ହେଉଛି।

ଗ୍ୟାସ ସଙ୍କଟ ପାଇଁ ସରକାର ଗ୍ରାମାଞ୍ଚଳ ପାଇଁ ୪୫ ଦିନ ଓ ସହରାଞ୍ଚଳ ପାଇଁ ୨୫ ଦିନ ବୁକିଂ ର ନିୟମ କରିଛନ୍ତି। ଗ୍ୟାସ ବୁକିଂ ପାଇଁ ଦିଆଯାଇଥିବା ନମ୍ବରରେ ବୁକିଂ ହେଉନାହିଁ। ଅନ୍ୟ ପକ୍ଷେ ଦୈନଦିନ ବସ୍ତା, ଜଳେଶ୍ୱର, ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଅଞ୍ଚଳରୁ ଗ୍ୟାସ ଟାଙ୍କି ନେଇ ଆସୁଥିବା ଗାଡ଼ି ବସ୍ତା ବଜାରରେ କଳାବଜାରୀ କରୁଥିବା ଦୋକାନ ମାନଙ୍କରେ ଓହ୍ଲାଉଛି। ସେମାନେ ପ୍ରତି ଗ୍ୟାସ ଟାଙ୍କି ପିଛା ୧୦୦୦ରୁ ୧୨୦୦ ଟଙ୍କା ଅଧିକରେ ବିକ୍ରି କରୁଛନ୍ତି। ଏହି ସବୁ ଗ୍ୟାସ ଟାଙ୍କି ବ୍ୟବସାୟୀକ ଅନୁଷ୍ଠାନ, ଉଠା ଦୋକାନୀ, ହୋଟେଲ, ବାହାଘର ସହିତ ବିଭିନ୍ନ କାର୍ଯ୍ୟକ୍ରମକୁ ମୋଟା ଦରରେ ବିକ୍ରି କରୁଛନ୍ତି। ସବୁ ଗ୍ୟାସ ଏଜେନ୍ସୀ କଳାବଜାରୀ କରୁଥିବା ବେପାରୀଙ୍କ ସହିତ ଲିଙ୍କ୍ ରଖି କରୁଛନ୍ତି ବୋଲି କୁହା ଯାଉଛି। ସେମାନଙ୍କୁ ଦଲାଲ ମାନେ ମଧ୍ୟ ଅଧିକ ଟଙ୍କା ଦେଉଥିବା ସୂତ୍ରରୁ ଜଣା ପଡ଼ିଛି। ଲୋକେ ଗ୍ୟାସ ପାଇଁ ହନ୍ତସନ୍ତ ହେଉଥିବା ବେଳେ ବସ୍ତା ଯୋଗାଣ ବିଭାଗ ହାତବାନ୍ଧି ବସିଛି। କାରଣ ବ୍ୟବସାୟୀକ ସଂସ୍ଥାରେ କମର୍ସିଆଲ ଟାଙ୍କି ବ୍ୟବହାର କରିବାର ନିୟମକୁ ବେଖାତିର କରି ଘୋରଇ ଟାଙ୍କି ବ୍ୟବହାର କରୁଛନ୍ତି। ଦଲାଲ ମାନେ ପ୍ରଭାବଶାଳୀ ବ୍ୟକ୍ତି ବିଶେଷଙ୍କୁ ଟାଙ୍କି କମ ଦାମ ରେ ଦେଉଥିବାରୁ ସେମାନେ ପାଟି ଫିଟାଉ ନାହାନ୍ତି। ଯୁଦ୍ଧ ପାଥେୟ କରି ଦଲାଲ, ଗ୍ୟାସ ଏଜେନ୍ସିଙ୍କ ବେଆଇନ କାରବାର କରି ମୋଟ ଅର୍ଥ ରୋଜଗାର କରୁଛନ୍ତି। ଦଲାଲ ମାନେ ଚୋରଙ୍କ ଠାରୁ ଚୋରା ଟାଙ୍କି କିଣି ଏହି କାରବାର କରୁଛନ୍ତି ବୋଲି କୁହା ଯାଉଛି। ଏହି ଘଟଣା କୁ ଜିଲ୍ଲା ପ୍ରଶାସନ ଗଭୀର ଭାବେ ନେଇ କଳାବଜାରୀ ଉପରେ ରୋକ୍ ଦେବା ସହ ଅସାଧୁ ବ୍ୟବସାୟୀଙ୍କ ଉପରେ ଚଢ଼ଉ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

# ପ୍ରେକ୍ଷାଳୟରେ ବିନ୍ଦୁସାଗର





ଓଲିଉଡ୍ ସିନେ ଇଣ୍ଡଷ୍ଟ୍ରି ଏବେ ଯୁବପିଢ଼ିଙ୍କ କାନ୍ଧରେ । ଯୁବ କୁଶଳୀ ଟେକ୍ନିସିଆନ୍ସଙ୍କ ମାଧ୍ୟମରେ ଓଡ଼ିଆ ସିନେ ଇଣ୍ଡଷ୍ଟ୍ରିର ଶୁଭ ଦିନ ଆସିଛି। ଆମ ମାଟିର ମୌଳିକ କାହାଣୀକୁ ନେଇ ଗୋଟିଏ ପରେ ଗୋଟିଏ ହିଟ୍ ସିନେମା ଭେଟି ଦେଉଛନ୍ତି ଓଡ଼ିଆ ସିନେ ଦର୍ଶକଙ୍କୁ । ସେହିପରି ଏକ ୟଙ୍ଗ ଟ୍ୟାଲେଣ୍ଟେଡ ଗ୍ରୁପ୍ ଭେଟି ଦେଇଛନ୍ତି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ବିନ୍ଦୁସାଗର'। ଏହି ଚଳଚ୍ଚିତ୍ରଟି ସାରା ଭାରତରେ ୮୫ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି । ମୁମ୍ବାଇର ଶିଲାଦିତ୍ୟ ବୋରା ଏହାର ପ୍ରଯୋଜନା କରିଥିବା ବେଳେ ଯୁବ ନିର୍ଦ୍ଦେଶକ ଅଭିଷେକ ସ୍ୱାଇଁ ନିର୍ଦ୍ଦେଶନା ଦେଇଛନ୍ତି । ଏହାର କାହାଣୀ ଅଭିଷେକ ଦାସ ରଚନା କରିଛନ୍ତି । ପ୍ରକୃତି ମିଶ୍ର, ଦୀପନ୍ୱିତ ଦାସ ମହାପାତ୍ର, ସତ୍ୟ ରଞ୍ଜନ, ସୋନାଲି ଶର୍ମିଷ୍ଠାଙ୍କ ସମେତ ବଲିଉଡ୍ କଳାକାର ରବୀନ ଦାସ, ଜଗନ୍ନାଥ ସେଠ ପ୍ରମୁଖ ଅଭିନୟ କରିଛନ୍ତି । ବର୍ତ୍ତମାନ 'ବିନ୍ଦୁସାଗର'କୁ ନେଇ ସିନେ ଦର୍ଶକ ଭିତରେ ଚର୍ଚ୍ଚା ଲାଗି ରହିଛି । ■

## ସାକ୍ଷାତକାର

ପିଲାଟି ଦିନରୁ ଓଡ଼ିଶୀ ନୃତ୍ୟ ଶିଖିବାରେ ତାଙ୍କର ଆଗ୍ରହ ଥିଲା । ସେ ଓଡ଼ିଶୀ ନୃତ୍ୟ ଶିଖିଲେ । ପରବର୍ତ୍ତୀ ସମୟରେ ଅଭିନେତ୍ରୀ ହେବା ଉଦ୍ଦେଶ୍ୟରେ ଇନ୍ଷ୍ଟାଗ୍ରାମ୍‌ରେ ଭିଡିଓ ବନାଇ ପୋଷ୍ଟ କରିଥିଲେ । ଇନ୍ଷ୍ଟାଗ୍ରାମ୍‌ରେ ତାଙ୍କର ପ୍ରଶଂସକଙ୍କ ସଂଖ୍ୟା ଅଧିକ ଥିଲା । ସୌଭାଗ୍ୟବଶତଃ ଇନ୍ଷ୍ଟାଗ୍ରାମ୍ ଯୋଗୁଁ ତାଙ୍କୁ ମ୍ୟୁଜିକ୍ ଭିଡିଓରେ କାମ କରିବାକୁ ସୁଯୋଗ ମିଳିଲା । ବର୍ତ୍ତମାନ ଆଲବମ୍ ଜଗତରେ ସେ ଜଣେ ଜଣାଶୁଣା ନାୟିକା । 'ରଜ ପାନ ଖାଇ ଦୋଳି ଖେଳିବ ଆସ' ତାଙ୍କର ପ୍ରଥମ ମ୍ୟୁଜିକ୍ ଭିଡିଓ । ସେ ପାଖାପାଖି ୧୨ଟି ମ୍ୟୁଜିକ୍ ଭିଡିଓରେ କାମ କରିଛନ୍ତି । ଦୁଇଟି ସିନେମାରେ ଶିଶୁ କଳାକାର ଭାବେ ମଧ୍ୟ ଅଭିନୟ କରିଛନ୍ତି । ବଡ଼ ପରଦାରେ ନିଜ ଭାଗ୍ୟ ପରୀକ୍ଷା କରିବାକୁ ଇଚ୍ଛା ରଖିଥିବା ଏହି ଉଦୀୟମାନ ଅଭିନେତ୍ରୀ ଜଣକ ହେଉଛନ୍ତି କଟକର ଦିଶା । ରିଲ୍‌ରୁ ନାୟିକା ହେବାର ଯାତ୍ରା କେମିତି ଥିଲା ଜାଣିବା ତାଙ୍କ ମୁହଁରୁ ।



# "ସଂଘର୍ଷ ବିନା ସଫଳତା ଅସମ୍ଭବ"

**ଦିଶା, ଅଭିନେତ୍ରୀ**

**ରିଲ୍‌ରୁ ରିଅଲ୍ ନାୟିକା ହେବା ପଛର ରାଜ୍?**

● ପିଲାଦିନୁ ମୁଁ ଓଡ଼ିଶୀ ଶିଖୁଥିଲି । ଏହା ପରେ ମୋତେ ଅଭିନେତ୍ରୀ ହେବାକୁ ଇଚ୍ଛା ହେଲା । ତେଣୁ ପାଠ ପଢ଼ା ସହିତ ଅନ୍ୟ ସମୟରେ କିଛି କିଛି ରିଲ୍ସ କରି ଇନ୍ଷ୍ଟାଗ୍ରାମ୍‌ରେ ସେୟାର୍ କରୁଥିଲି । ସୌଭାଗ୍ୟବଶତଃ ଏହି ରିଲ୍ ଦେଖି ବାବୁ ଭାଇ ମୋତେ 'ରଜ ପାନ ଖାଇ ଦୋଳି ଖେଳିବ ଆସ' ମ୍ୟୁଜିକ୍ ଭିଡିଓରେ କାମ କରିବାକୁ ସୁଯୋଗ ଦେଇଥିଲେ । ଏଥିରେ ମୋ ସହ-କଳାକାର ଥିଲେ ନେହା ନାଗେଶ୍ୱରୀ । ଏହାବାଦ୍ ଅନେକ ମ୍ୟୁଜିକ୍ ଭିଡିଓ କରିଛି । ହେଲେ ସବୁଠୁ ଟ୍ରେଣ୍ଡିଂରେ ରହିଛି 'କଜଳ' ମ୍ୟୁଜିକ୍ ଭିଡିଓ । ଏଥିରେ ମୋ ବିପକ୍ଷରେ ଥିଲେ ଦେବ ଭାଇ । ଏହି ମ୍ୟୁଜିକ ଭିଡିଓକୁ ଦର୍ଶକଙ୍କର ବହୁତ ଭଲପାଇବା ମିଳିଛି । କେବଳ ସେତିକି ନୁହେଁ, ମୁଁ 'ଇସ୍କ ଟ୍ରାଫିକ୍' ଏବଂ 'ମିଲେଟ୍ ଡାଏରୀ' ପରି ସିନେମାରେ ଶିଶୁ କଳାକାର ଭୂମିକାରେ ଅଭିନୟ କରିଛି । ମିଲେଟ୍ ଡାଏରୀରେ ଅଭିଷେକ ଭାଇ ଓ ଶିବାନୀ ଦିଦିଙ୍କ ସହ ମୋତେ କାମ କରିବାକୁ ସୁଯୋଗ ମିଳିଥିଲା ।

**ପ୍ରଥମ ପାରିଶ୍ରମିକ କ'ଣ କରିଥିଲେ?**

● ମୋତେ ମୋର ପ୍ରଥମ ମ୍ୟୁଜିକ୍ ଭିଡିଓରୁ ପାଞ୍ଚ ହଜାର ଟଙ୍କା ମିଳିଥିଲା । ଏହାକୁ ମୋ ବାପା-ମା'ଙ୍କୁ ଦେଇଥିଲି ।

**ଦିଶାଙ୍କ ରୁଚି?**

● ପେଣ୍ଟିଂ କରେ । ପଢ଼ାପଢ଼ି କରିବାକୁ ଭଲ ପାଏ । ଅଧିକାଂଶ ସମୟରେ ଭବିଷ୍ୟତରେ କେମିତି ଜଣେ ଭଲ ଅଭିନେତ୍ରୀ ହେବି ସେନେଇ ଅଭିନୟ ଅଭ୍ୟାସ କରୁଥାଏ ।

**ଅଭିନୟ ସହିତ ପଢ଼ାକୁ କେମିତି ସମୟ ଦିଅନ୍ତି?**

● ପ୍ରଥମେ ମୁଁ ପାଠ ପଢ଼ାକୁ ଗୁରୁତ୍ୱ ଦିଏ । ଅଭିନୟ ପାଇଁ କେବେ ବି ପଢ଼ାରେ ହେଳା କରେନି । ଅଧିକାଂଶ ସୁଟିଂ ମୁଁ ଛୁଟିଦିନରେ କରିଥାଏ ।

**ସୁଟିଂ ସେଟ୍‌ର ଅଭୁଲା ସ୍ମୃତି?**

● ମ୍ୟୁଜିକ୍ ଭିଡିଓ 'କଫି'ର ସୁଟିଂ କରିବାକୁ ଆମେ କୋରାପୁଟ ଯାଇଥିଲୁ । ଏଥିରେ ମୋ ବିପକ୍ଷରେ ଥିଲେ ଦେବ ଭାଇ । ଗୀତଟି ଆମର ଦେଓମାଳିରେ ସୁଟିଂ ହେଉଥିଲା । ଡିସେମ୍ବର ମାସ ହୋଇଥିବାରୁ ସେତେବେଳେ ପ୍ରବଳ ଥଣ୍ଡା ହେଉଥିଲା । ଯେହେତୁ ବିନା ଜ୍ୟାକେଟ୍‌ରେ ଆମକୁ ଗୀତ କରିବାକୁ ଥିଲା, ତେଣୁ ସର୍ଟ ଡ୍ରେସ୍‌ରେ ଆମେ ସଟ୍ ଦେଉଥିଲୁ । ପୂରା ଥରି ଥରି କାମ କରିଥିଲୁ । ଥଣ୍ଡା ଯୋଗୁଁ ଅଭିନୟ ବି ଭଲ ହୋଇଥିଲା ।

**ଆଗାମୀ ଯୋଜନା?**

● ଆଗକୁ ବଡ଼ ପରଦାରେ ମୁଖ୍ୟ ଭୂମିକାରେ ଆସିବାକୁ ବହୁତ ଇଚ୍ଛା ଅଛି । ତେବେ ଆଶା କରିବି ଯାହା ବି ଚରିତ୍ର ମିଳିବ ସବୁଥିରେ ଭଲ କରିବି । ଦର୍ଶକଙ୍କ ମନୋରଞ୍ଜନ କରିବି । ତେବେ କ୍ୟାମେରା ସାମ୍ନାରେ ଏକାଧିକ ମ୍ୟୁଜିକ୍ ଭିଡିଓରେ କାମ କଲା ପରେ ଦର୍ଶକଙ୍କ ସହ ସିଧାସଳଖ ଯୋଡ଼ି ହୋଇ ରହିବାକୁ ଇଚ୍ଛା ରହିଛି ।

**ଅଭିନୟ ଜଗତକୁ ଆସୁଥିବା ଯୁବ ପିଢ଼ିଙ୍କୁ କ'ଣ କହିବେ?**

● ଆଜିକାଲି ଅନ୍‌ଲାଇନ୍ ସବୁକିଛି କାମ ସହଜ ହେଉଛି । ତେଣୁ ଗୋଟିଏ କଥା କହିବି ଏହି ଲାଇନ୍‌କୁ ଯେଉଁମାନେ ଆସୁଛନ୍ତି ସିରିୟସ୍ ହୋଇ ଆସନ୍ତୁ । କଠିନ ପରିଶ୍ରମ କରନ୍ତୁ । ସଂଘର୍ଷ ନ କଲେ କେବେ ବି ସଫଳତା ପାଇ ପାରିବେ ନାହିଁ । ପାଠ ପଢ଼ା ସହିତ ଅଭିନୟ ଜାରି ରଖିପାରିବେ । ଇନ୍ଷ୍ଟାଗ୍ରାମରେ ସକାରାତ୍ମକ ଭିଡିଓ ବନାଇ ନିଜ ପ୍ରତିଭାକୁ ଲୋକଲୋଚନକୁ ଆଣିପାରିବେ । ■

## ନୂଆ ରୋମାଣ୍ଟିକ୍ ଗୀତ

# 'ସହରର ବତୀ ଲିଭିଗଲା ପରେ'

ରିଲିଜ୍ ହୋଇଛି ରହସ୍ୟ-ରୋମାଞ୍ଚ ଭରା ନୂଆ ରୋମାଣ୍ଟିକ୍ ଗୀତ 'ସହରର ବତୀ ଲିଭିଗଲା ପରେ' । 'ସାମ୍ ମ୍ୟୁଜିକ୍' ଓଡ଼ିଆ ୟୁଟ୍ୟୁବ୍ ଚ୍ୟାନେଲରେ ଏହି ଗୀତଟି ରିଲିଜ୍ ହୋଇଛି । ଏହି ଗୀତରେ କଣ୍ଠଦାନ କରିଛନ୍ତି ଯୁବ କଣ୍ଠଶିଳ୍ପୀ ସତ୍ୟଜିତ୍ ଜେନା । ଏଥିରେ ଡେବ୍ୟୁ କରିଛନ୍ତି ଆରଜେ ସୋନାଲି (ସୋନାଲି ଆଚାର୍ଯ୍ୟ) । ଲୋକପ୍ରିୟ ଭଜନ 'ଜଗା ତୁ ଯାଦୁଗର'ର ଗୀତିକାର ରାମକୃଷ୍ଣ ବାରିକ ଏହି ଗୀତ ଲେଖିଥିବା ବେଳେ ସୌମିତ୍ରୀ ପଲାଇ ନିଜ ମ୍ୟୁଜିକର ଯାଦୁ ଦେଖାଇଛନ୍ତି । ଏହାର ଡବିଂ ରୋହିତ ଗୁରୁ ଓ ମିକ୍ସିଂ ମାଷ୍ଟରିଂ ସ୍ମୃତିରଞ୍ଜନ ସାମଲ କରିଛନ୍ତି । ତେବେ ରାତି, ରାଜଧାନୀ, ରହସ୍ୟକୁ ନେଇ ରଚିତ ଏହି ରୋମାଞ୍ଚଭରା ଗୀତଟି ଦୀର୍ଘ ଦିନ ପରେ ଓଡ଼ିଶା ସଂଗୀତ ଦୁନିଆକୁ ଫେରିଛି । ଏହି ଗୀତଟିକୁ ଓଟିଟି ଏବଂ ୟୁଟ୍ୟୁବରେ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି । ■



# ଗାଁରେ ରଜ କୁଇନ୍‌ର 'ଗାଲା ରାଉଣ୍ଡ'

'ଜୀ ସାର୍ଥକ'ର ଲୋକପ୍ରିୟ ରିଆଲିଟି ଶୋ' 'ରଜ କୁଇନ୍'ର ଗାଲା ରାଉଣ୍ଡ ଆରମ୍ଭ ହୋଇଛି । ଏଥର ଏହାର ଥିମ୍ ରହିଛି 'ଗାଁରେ ହେବ ଗାଲା ରାଉଣ୍ଡ' । ଯାହାକି ପ୍ରଥମ ଥର ପାଇଁ ରଜ କୁଇନ୍ ଇତିହାସରେ ଦେଖିବାକୁ ମିଳିଛି । ଏହି ପର୍ଯ୍ୟାୟରେ ପ୍ରତିଯୋଗୀ ଏବଂ ମେଣ୍ଟରମାନେ ସିଧାସଳଖ ଗାଁ ମାଟିରେ ନିଜର ଦକ୍ଷତା ପ୍ରଦର୍ଶନ କରିବା ସହ ଦର୍ଶକଙ୍କୁ ଓଡ଼ିଆ ସଂସ୍କୃତି ଓ ସରଳ ଜୀବନଶୈଳୀର ନିକଟତର କରାଇବେ । ଏହି ସ୍ୱତନ୍ତ୍ର ରାଉଣ୍ଡରେ ପ୍ରତିଯୋଗୀମାନଙ୍କୁ ବିଭିନ୍ନ ଗ୍ରାମୀଣ ଟାସ୍କ କରିବାକୁ ପଡ଼ିବ । ଏଇ ଯେମିତି କ୍ଷେତରୁ ବିଲାତି ବାଇଗଣ ତୋଳିବା, ଗାଁ ଲୋକଙ୍କ ସାହାଯ୍ୟରେ ଦେଶୀ ଚୁଲିରେ ରୋଷେଇ କରିବା, କୂଅରୁ ପାଣି କାଢ଼ିବା ଭଳି ଆହୁରି କିଛି କାମ । ଶୋ'କୁ ଅଧିକ ମନୋରଞ୍ଜନଧର୍ମୀ କରିବା ପାଇଁ ପପୁଲ୍ ଆନ୍ନା ନିଜର କମେଡି ତଡ଼କା ଲଗାଇବେ । ସେହିପରି ବିଚାରପତି ଭାବେ ଅଛନ୍ତି ଏଲିନା ଏବଂ ପୁପିନ୍ଦର । ଆଙ୍କର୍ ସୁଜିତ ଆଉ ଚାନ୍ଦିନୀଙ୍କ ସଂଚାଳନ କାର୍ଯ୍ୟକ୍ରମର ରୋମାଞ୍ଚକୁ ଦ୍ୱିଗୁଣିତ କରିବ । ପ୍ରତିଯୋଗୀଙ୍କୁ ମାର୍ଗଦର୍ଶନ ଦେବା ପାଇଁ ଜୀ-ସାର୍ଥକର ଲୋକପ୍ରିୟ ଧାରାବାହିକର ପ୍ରତିଷ୍ଠିତ ଯୋଡ଼ିମାନେ ମେଣ୍ଟର ଭାବେ ଯୋଗ ଦେଉଛନ୍ତି । ସେମାନେ ହେଲେ 'ତୁ ଖରା ମୁଁ ଛାଇ'ର ଅଭି ଓ ମାନି, 'ସାଥି ସାତ ଜନ୍ମର'ର ଦେବ୍ ଓ ଅର୍ଚ୍ଚନା, 'ସୁନା ଝିଅ'ର ସମ୍ଭବ ଓ ବଂଶୁ ଏବଂ 'ମୁଁ ନୁହେଁ ମୁଁ ତୁମ ବିନା'ର ସାଇ ଓ ଶ୍ରଦ୍ଧା । ■





# ସମ୍ବଲପୁରର ନୂଆ ସ୍ୱର
# ଅଦ୍ୱୈତା ମିଶ୍ର

ସମ୍ବଲପୁରର ଅଦ୍ୱୈତା ମିଶ୍ର ଏମିତି ଏକ ମନୋମୋହନୀ ସ୍ୱରର ଅଧିକାରିଣୀ, ଯିଏ ତାଙ୍କର ଯାଦୁଗରୀ ସ୍ୱର ପାଇଁ ଖୁବ୍ ପ୍ରଶଂସା ସାଉଁଟୁଛନ୍ତି । ଧନୁପାଲି ଅଞ୍ଚଳର ମହାବୀର ପଡ଼ାର ନିବାସୀ ଅଂଶୁମାନ ମିଶ୍ର ଓ ସୀମାରେଖା ମିଶ୍ରଙ୍କ ଝିଅ ହେଲେ ଅଦ୍ୱୈତା । ପିଲାବେଳୁ ତାଙ୍କର ସଙ୍ଗୀତ ପ୍ରତି ଆଗ୍ରହ ଥିଲା । ନିୟମିତ ଅଭ୍ୟାସ ଓ ପରିବାରର ସମର୍ଥନରେ ସେହି ଆଗ୍ରହ ଜୀବନର ମୁଖ୍ୟ ଅଂଶରେ ପରିଣତ ହୋଇଛି । ତା'ସହ ତାଙ୍କ ପ୍ରତିଭାକୁ ବିକଶିତ କରୁଛି । ପ୍ରସାରଭାରତୀ ଦୂରଦର୍ଶନରେ ପ୍ରସାରିତ 'ଆମରି ଗୀତ ଆମରି ସ୍ୱର ସିଜନ୍-୪' (ଜୁନିୟର) ପ୍ରତିଯୋଗିତାରେ ସେ ଫାଇନାଲ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ଯାହା ତାଙ୍କୁ ରାଜ୍ୟସ୍ତରରେ ପରିଚିତ କରାଇଥିଲା । ଅଦ୍ୱୈତାଙ୍କ ସ୍ୱରରେ ଏକ ଅପୂର୍ବ ମଧୁରତା ଓ ଶକ୍ତିର ସମନ୍ୱୟ ଦେଖିବାକୁ ମିଳେ । ସେ ପ୍ରତ୍ୟେକ ଗୀତ ସହିତ ଗଭୀର ସଂଯୋଗ ସ୍ଥାପନ କରିପାରୁଛନ୍ତି, ଯାହା ତାଙ୍କୁ ଅନ୍ୟ ଯୁବ ପ୍ରତିଭାମାନଙ୍କଠାରୁ ଅଲଗା କରେ । ସେ ସୋସିଆଲ୍ ମିଡିଆରେ ସକ୍ରିୟ ରହି ନିଜ ସଙ୍ଗୀତ ଯାତ୍ରାକୁ ଜାରି ରଖିଛନ୍ତି । ନିଷ୍ଠା, ପ୍ରତିଭା ଓ ପରିବାରର ସମର୍ଥନ ସହିତ ଅଦ୍ୱୈତା ଆଗାମୀ ଦିନରେ ଓଡ଼ିଆ ସଙ୍ଗୀତ ଜଗତରେ ଏକ ଦୃଢ଼ ପରିଚୟ ଗଢ଼ିବେ ବୋଲି ଆଶା କରାଯାଉଛି । ■

## ପରଦା ପଛର କାହାଣୀ



# ପ୍ରଶଂସକଙ୍କ ଚିଠିରୁ ନିର୍ମିତ ଗୀତ

୧୯୬୮ ମସିହାରେ ମୁକ୍ତିଲାଭ କରିଥିଲା ସୁପର୍‌ହିଟ୍ ଫିଲ୍ମ 'ସରସ୍ୱତୀଚନ୍ଦ୍ର' । ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିଲେ ଗୋବିନ୍ଦ ସରୈୟାନା ଓ କଲ୍ୟାଣଜୀ ଆନନ୍ଦୀଜୀ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ । ଫିଲ୍ମର ପ୍ରତ୍ୟେକ ଗୀତ ସୁପରହିଟ୍ ହୋଇଥିଲା । ସେଥିମଧ୍ୟରୁ ଗୋଟିଏ ଗୀତ ପ୍ରଶଂସକଙ୍କ ଚିଠିରୁ ନିର୍ମିତ ହୋଇଥିଲା । "ଫୁଲ୍ ତୁମ୍‌ହେ ଭେଜା ହେ ଖତ୍ ମେଁ.." ଏହି ପ୍ରେମ ଗୀତଟି ପ୍ରଶଂସକ ଚିଠିରୁ ରଚିତ ହୋଇଥିଲା । ଏହି ରୋମାଣ୍ଟିକ୍ ଗୀତଟି ଦଶନ୍ଧି ଦଶନ୍ଧି ଧରି ଶ୍ରୋତାଙ୍କ ହୃଦୟରେ ରାଜ୍ କରି ଆସୁଛି । ସେ ସମୟରେ ଏହି ଗୀତ ପ୍ରେମିକପ୍ରେମିକାଙ୍କୁ ଚିଠିରେ ଫୁଲ ରଖି ଦେବା ପାଇଁ ପ୍ରେରିତ କରିଥିଲା । ଏହି ଫିଲ୍ମଟି ଏକ ଗୁଜରାଟୀ ଉପନ୍ୟାସକୁ ନେଇ ନିର୍ମାଣ ହୋଇଥିଲା । ଏଥିରେ ନୂତନ, ମନୀଷ, ବିଜୟ ଚୌଧୁରୀ, ରମେଶ ଦେଓ ପ୍ରମୁଖ ଅଭିନୟ କରିଥିଲେ । ଇନ୍ଦୀବର ଫିଲ୍ମ ଗୀତ ରଚନା କରିଥିଲେ । ସେତେବେଳେ ଅଭିନେତାଅଭିନେତ୍ରୀଙ୍କ ସମେତ ପରଦା ପଛରେ ଥିବା ଗାୟକ ବା ସଙ୍ଗୀତକାରମାନଙ୍କୁ ମଧ୍ୟ ପ୍ରଶଂସକମାନେ ଚିଠି ପଠାଉଥିଲେ । ଫିଲ୍ମ ସଙ୍ଗୀତକାର କଲ୍ୟାଣଜୀ ଆନନ୍ଦଜୀଙ୍କୁ ଅନେକ ପ୍ରଶଂସକ ଚିଠି ପଠାଉଥିଲେ । ସେଥିମଧ୍ୟରୁ ଗୋଟିଏ ଚିଠି ଆନନ୍ଦଜୀଙ୍କ ପାଖକୁ ଆସିଥିଲା । ତା' ଭିତରେ ଗୋଟିଏ ଗୋଲାପ ଫୁଲ ଥିଲା । ଯାହା ଉପରେ ହାଲ୍‌କା ଲିପଷ୍ଟିକ୍ ଦାଗ ଥିଲା । ଏହାକୁ ଦେଖି ଆନନ୍ଦଜୀ ତାଙ୍କ ଭାଇ କଲ୍ୟାଣଜୀ ଏବଂ ଇନ୍ଦୀବରଙ୍କୁ ଦେଖାଇଥିଲେ । ଏହାକୁ ଦେଖି ଇନ୍ଦୀବରଙ୍କ ମନରେ ଏକ ନୂଆ ଚିନ୍ତାଧାରା ଆସିଲା । ଏହି ଚିଠିରେ ଗୀତର ମୁଖଡ଼ା ଅଛି ବୋଲି ସେ କହିଲେ । ସେ ସଙ୍ଗେ ସଙ୍ଗେ ଗୀତର ଧାଡ଼ି ରଚନା କଲେ । "ଫୁଲ ତୁମହେ ଭେଜା ହେ ଖତ୍ ମେ ଫୁଲ୍ ନେହିଁ ମେରା ଦିଲ୍ ହେ..." ଏହିପରି ଭାବେ ଏକ ସାଧାରଣ ଚିଠିରୁ ଏପରି ହୃଦୟସ୍ପର୍ଶୀ ପ୍ରେମଗୀତ ରଚିତ ହୋଇଥିଲା । ଏହାକୁ ଲୋକପ୍ରିୟ ଯୋଡ଼ି ଲତା ମଙ୍ଗେସକର୍ ଏବଂ ମୁକେଶ ଗାଇଥିଲେ । ■

## ରାହୁଲଙ୍କ ଅପରାଜିତ ୧୫୨ ରନ୍‌ର ଦମ୍‌ଦାର ଶତକ ବ୍ୟର୍ଥ

# ଆଇପିଏଲ୍‌ରେ ପଞ୍ଜାବର ରେକର୍ଡ ବିଜୟ

ନୂଆଦିଲ୍ଲୀ,୨୫।୪(ଏଜେନ୍ସି):



ପ୍ରଭସିମରନ ସିଂହ (୨୬ବଲ୍‌ରେ ୭୬ରନ) ଓ ଶ୍ରେୟସ ଆୟର (୩୬ବଲ୍‌ରେ ୭୧ ରନ୍)ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ପଞ୍ଜାବ କିଙ୍ଗ୍‌ସ ୬ ୱିକେଟରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରି ରନ୍ ଚେଜ୍‌ରେ ରେକର୍ଡ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ଲୋକେଶ ରାହୁଲ ପ୍ରଥମ ଭାରତୀୟ ଭାବେ ୧୫୨ ଓ ନୀତିଶ ରାଣା ୯୧ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ୨ ୱିକେଟରେ ୨୬୪ ରନ୍ କରିଥିଲା। ଏହା ପରେ ୨୬୫ ରନ୍‌ର ଟାର୍ଗେଟକୁ ପିଛା କରି ପଞ୍ଜାବ କିଙ୍ଗ୍‌ସ ୭ଟି ବଲ ଓ ୬ ୱିକେଟ ବାକିଥାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଏହା ଫଳରେ ଆଇପିଏଲ୍ ଇତିହାସରେ ସର୍ବାଧିକ ୨୬୫ ରନ୍‌ର ଟାର୍ଗେଟକୁ ହାସଲ କରି ନିଜ ରେକର୍ଡ ନିଜେ ପଞ୍ଜାବ ଭାଙ୍ଗିଦେଇଥିଲା। ପୂର୍ବରୁ ୨୦୨୪ ସଂସ୍କରଣରେ କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚ୍‌ରେ ୨୬୨ ରନ୍ ଟାର୍ଗେଟକୁ ହାସଲ କରି ଏହି ରେକର୍ଡ କରିଥିଲା। ଏହି ମ୍ୟାଚ୍‌ରେ ସର୍ବାଧିକ ୮୨ଟି ବାଉଣ୍ଡାରୀ ମରାଯାଇଥିଲା। ଏହା ମଧ୍ୟରେ ୪୯ଟି ଚୌକା ଓ ୩୩ଟି ଛକା ସାମିଲ ରହିଛି। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ୬୭ଟି ବଲ୍‌ରେ ୧୬ ଚୌକା ଓ ୯ଟି ଛକା ମାରିଥିବା ଲୋକେଶ ରାହୁଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମ୍ୟାଚ ଜିତିବା ସହ ପଞ୍ଜାବ କିଙ୍ଗ୍‌ସ ଚଳିତ ସିଜନରେ ଅପରାଜେୟ ରହିଛି। ଦଳ ୭ଟି ମ୍ୟାଚ୍‌ରୁ ୬ ବିଜୟ ଓ ଗୋଟିଏ ବାତିଲ ମ୍ୟାଚ୍‌ରୁ ୧୩ ପଏଣ୍ଟ ପାଇ ଟେବୁଲର ପ୍ରଥମ ସ୍ଥାନରେ ରହିଛି। ଅନ୍ୟ ପକ୍ଷରେ ଦିଲ୍ଲୀ କ୍ୟାପିଟାଲ୍ସ ୭ମ ମୁକାବିଲା ପରେ ଚତୁର୍ଥ ପରାଜୟ ବରଣ କରିଛି।

ଏଠାରେ ଆଜି ଖେଳାଯାଇଥିବା ଆଇପିଏଲ ମ୍ୟାଚ୍‌ରେ ରନ୍ ବର୍ଷା ହୋଇଥିଲା। ଘରୋଇ ଦଳ ଦିଲ୍ଲୀ କ୍ୟାପିଟାଲ୍ସ ପ୍ରତିପକ୍ଷ ପଞ୍ଜାବ କିଙ୍ଗ୍‌ସକୁ ରେକର୍ଡ ୨୬୫ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ପଞ୍ଜାବର ଦୁଇ ଓପନର ପ୍ରଭସିମରନ ସିଂହ ଓ ପ୍ରିୟାଂଶ ଆର୍ଯ୍ୟ ୪୧ ବଲ୍‌ରେ ୧୨୬ ରନ୍ ଉଠାଇ ବିଜୟ ଲାଗି ବଡ଼ ମୂଳଦୁଆ ପକାଇଥିଲେ। ପ୍ରଭସିମରନ ୨୬ବଲ୍‌ରେ ୯ ଚୌକା ଓ ୫ଛକା ସହ ୭୬ ଓ ପ୍ରିୟାଂଶ ଆର୍ଯ୍ୟଙ୍କ ସହ ୪୧ବଲ୍‌ରେ ୨ ଚୌକା ଓ ୫ଛକା ସହ ୪୩ ରନ୍ କରିଥିଲେ। ଏମାନଙ୍କ ଆଉଟ ପରେ ଦୁଇଥର ସହଜ ଜୀବନଦାନ ପାଇଥିବା ଶ୍ରେୟସ ଆୟର ଅନ୍ୟ ଦୁଇଟି ପାର୍ଟନରସିପ୍‌ରେ ଦମ୍‌ଦାର ବ୍ୟାଟିଂ କରି ଦଳକୁ ଏହି ରେକର୍ଡ ବିଜୟ ଦେଇଥିଲେ। ଆୟର ଚତୁର୍ଥ ୱିକେଟରେ ନେହାଲ ୱାଧେରା(୨୫ରନ୍)ଙ୍କ ସହ ୩୧ବଲ୍‌ରୁ ୫୬ ଓ ଶଶାଙ୍କ ସିଂଙ୍କ ସହ ଅବିଭକ୍ତ ୫ମ ୱିକେଟରୁ ୨୬ ବଲ୍‌ରେ ୬୪ ରନ୍ ଉଠାଇ ଦଳକୁ ଜିତାଇଥିଲେ। ଶ୍ରେୟସ ଆୟର ୩୬ବଲ୍‌ରେ ୩ ଚୌକା ଓ ୭ ଛକା ସହ ୭୧ ରନ୍ କରି ଅପରାଜିତ ଥିଲେ। ଦିଲ୍ଲୀ ପକ୍ଷରୁ କୁଲଦୀପ ଯାଦବ ୨ଟି ୱିକେଟ ପାଇଥିଲେ।

ପୂର୍ବରୁ ଲୋକେଶ ରାହୁଲ ଓ ନୀତିଶ ରାଣା ଦ୍ୱିତୀୟ ୱିକେଟରେ ଦ୍ୱିତୀୟ ସର୍ବାଧିକ ୨୨୦ ରନ୍ ସଂଗ୍ରହ କରିବା ଫଳରେ ଦିଲ୍ଲୀ ୨ ୱିକେଟରେ ୨୬୪ ରନ୍‌ର ବିଶାଳ ସ୍କୋର କରିଥିଲା। ଏକାଧିକ ରେଡର୍କ କରିଥିବା ରାହୁଲ ୪୭ ବଲ୍‌ରେ ଷଷ୍ଠ ଆଇପିଏଲ ଶତକ ପୂରଣ କରିବା ପରେ ମୋଟ ୬୭ଟି ବଲ୍ ଖେଳି ୧୬ ଚୌକା ଓ ୯ ଛକା ସହ ୧୫୨ ରନ୍‌ରେ ଅପରାଜିତ ରହିଥିଲେ। ସେ ପ୍ରଥମ ଭାରତୀୟ ଖେଳାଳିଭାବେ ଆଇପିଏଲ୍‌ରେ ୧୫୦ ରନ୍ ପୂରଣ କରିଥିଲେ। ନୀତୀଶ ରାଣା ୪୪ବଲ୍‌ରୁ ୧୧ ଚୌକା ଓ ୪ ଛକା ସହ ୯୧ ରନ୍ କରିଥିଲେ।

**ଆଜିର ଆଇପିଏଲ୍ ମ୍ୟାଚ୍**

| ଚେନ୍ନଇ ବନାମ ଗୁଜରାଟ | ଲକ୍ଷ୍ନୌ ବନାମ କୋଲକାତା |
|---|---|
| ଭେନ୍ୟୁ-ଚେନ୍ନଇ | ଭେନ୍ୟୁ-ଲକ୍ଷ୍ନୌ |
| ଖେଳ ଆରମ୍ଭ : ଅପରାହ୍ନ ୩.୩୦ | ଖେଳ ଆରମ୍ଭ : ରାତି ୭.୩୦ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ରେକର୍ଡ ପରେ ରେକର୍ଡ କଲେ ଲୋକେଶ

# ଭାରତୀୟ ଭାବେ ଆଇପିଏଲ୍‌ରେ ସର୍ବାଧିକ ରନ୍

ନୂଆଦିଲ୍ଲୀ,୨୫।୪(ଏଜେନ୍ସି): ସ୍ଥାନୀୟ ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଶନିବାର ଖେଳାଯାଇଥିବା ପଞ୍ଜାବ କିଙ୍ଗ୍‌ସ ବିପକ୍ଷ ଆଇପିଏଲ୍-୨୦୨୬ର ୩୫ତମ ଲିଗ୍ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସର ଓପନର ଲୋକେଶ ରାହୁଲ ଅପରାଜିତ ୧୫୨ ରନ୍ କରିଛନ୍ତି। ସେ ମଧ୍ୟ ଦ୍ୱିତୀୟ ୱିକେଟ ପାର୍ଟନରସିପ୍‌ରେ ୯୫ ବଲ୍‌ରେ ୨୨୦ ରନ୍ ସଂଗ୍ରହ କରିଛନ୍ତି। ଏହା ଫଳରେ ରାହୁଲ ଓ ରାଣା ଆଇପିଏଲ୍ ଇତିହାସରେ ଏକାଧିକ ରେକର୍ଡ କରିବାରେ ସମର୍ଥ ହୋଇଛନ୍ତି।



**୧୫୨ ରନ୍- ତୃତୀୟ ସର୍ବାଧିକ:** ରାହୁଲ ୧୫୨ ରନ୍ କରିବା ଫଳରେ ଜଣେ ଭାରତୀୟ ଭାବେ ଆଇପିଏଲ୍‌ରେ ସର୍ବାଧିକ ରନ୍ କରିବାର ରେକର୍ଡ କରିଛନ୍ତି। ଏହା ପୂର୍ବରୁ ସନ୍‌ରାଇଜର୍ସର ଅଭିଷେକ ଶର୍ମା ୧୪୧ ରନ୍ କରି ଭାରତୀୟଙ୍କ ମଧ୍ୟରେ ଟପ୍ ସ୍କୋରର ଥିଲେ। ସେହିପରି ରାହୁଲଙ୍କ ସ୍କୋର ଆଇପିଏଲ୍‌ରେ ତୃତୀୟ ସର୍ବକାଳୀନ ସର୍ବାଧିକ ସ୍କୋର। ତାଙ୍କ ପୂର୍ବରୁ ଆର୍‌ସିବିର କ୍ରିସ୍ ଗେଲ୍ ପୁଣେ ୱାରିୟର୍ସ ବିପକ୍ଷରେ ୧୭୫ ରନ୍ କରି ପ୍ରଥମ ସ୍ଥାନରେ ରହିଛନ୍ତି। ସେହିପରି କୋଲକାତାର ବ୍ରେଣ୍ଡନ ମ୍ୟାକ୍‌କୁଲାମ ବେଙ୍ଗାଲୁରୁ ବିପକ୍ଷରେ ୧୫୮ ରନ୍ ଦ୍ୱିତୀୟ ସର୍ବାଧିକ ସ୍କୋରର ହୋଇଥିଲେ।

**ଦ୍ୱିତୀୟ ସର୍ବାଧିକ ପାର୍ଟନରସିପ୍:** ପଞ୍ଜାବ ଇନିଂସର ଦ୍ୱିତୀୟ ୱିକେଟରେ ରାହୁଲ ଓ ରାଣା ୨୨୦ ରନ୍ କରିଥିଲେ। ଆଇପିଏଲ୍‌ର ଦ୍ୱିତୀୟ ୱିକେଟରେ ଦ୍ୱିତୀୟ ସର୍ବାଧିକ। ପୂର୍ବରୁ ଗୁଜରାଟ ଲାୟନ୍ସ ବିପକ୍ଷରେ ଆର୍‌ସିବିର ଏବି ଡିଭିଲର୍ସ ଓ ବିରାଟ କୋହଲି ସର୍ବାଧିକ ୨୨୯ ରନ୍ କରିଛନ୍ତି। ଭାରତୀୟ ଯୋଡି ଖେଳିଥିବା ସମସ୍ତ ଟି-୨୦ରେ ଏହା ସର୍ବାଧିକ ପାର୍ଟନରସିପ୍। ପୂର୍ବରୁ ସିକିମ୍ ବିପକ୍ଷରେ ସୂର୍ଯ୍ୟକୁମାର ଯାଦବ ଓ ଶ୍ରେୟସ ଆୟର ୨୧୩ ରନ୍‌ର ପାର୍ଟନରସିପ୍ କରିଥିଲେ।

**୪୭ ବଲ୍‌ରେ ଶତକ:** ଲୋକେଶ ରାହୁଲ ଏଠାରେ ଶତକ ପୂରଣ କରିବା ଲାଗି ୪୭ଟି ବଲ୍‌ର ସହାୟତା ନେଇଥିଲେ। ଏହା ତାଙ୍କର ଷଷ୍ଠ ତଥା ଦ୍ରୁତତମ ଶତକ। ଏହା ପୂର୍ବରୁ ସେ ୫୬ ବଲ୍‌ରେ ଶତକ ହାସଲ କରିଥିଲେ। ସେ ମଧ୍ୟ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୪୬ଟି ବଲ୍‌ରେ ଶତକ ପୂରଣ କରିଛନ୍ତି।

**ଦ୍ୱିତୀୟ ସର୍ବାଧିକ:** ଏହି ମ୍ୟାଚ୍‌ରେ ଦିଲ୍ଲୀ ୪୨ଟି ବାଉଣ୍ଡାରୀ ମାରିଛି। ପୂର୍ବରୁ ୨୦୨୫ରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ସନ୍‌ରାଇଜର୍ସ ୪୬ଟି ବାଉଣ୍ଡାରି ମାରିଥିଲା। ସେହିପରି ଏଠାରେ ଦିଲ୍ଲୀ ଶେଷ ୧୦ ଓଭରରେ ୧ ୱିକେଟରେ ୧୬୨ ରନ୍ କରିଥିଲା। ଏହା ମଧ୍ୟ ଦ୍ୱିତୀୟ ସର୍ବାଧିକ। ପୂର୍ବରୁ ଗୁଜରାଟ ବିପକ୍ଷରେ ଆର୍‌ସିବି ୨ ୱିକେଟରେ ୧୭୨ ରନ୍ କରିଥିଲା।

**ପଞ୍ଜାବର ବ୍ୟୟବହୁଳ ଓଭର:** ପଞ୍ଜାବର ଜାଭିୟର ବାର୍ଟଲେଟ ଏହି ମ୍ୟାଚ୍‌ରେ ୬୯ ରନ୍ ଦେଇ ଗୋଟିଏ ୱିକେଟ ପାଇଥିଲେ। ଆଇପିଏଲ୍‌ରେ ଏହା ପଞ୍ଜାବ ଲାଗି ବ୍ୟୟବହୁଳ ଓଭର। ସମସ୍ତ ଆଇପିଏଲ୍‌ରେ ସନ୍‌ରାଇଜର୍ସ ବିପକ୍ଷରେ ରାଜସ୍ଥାନର ଜୋଫ୍ରା ଆର୍ଚର ୭୬ ରନ୍ ଦେଇ ବ୍ୟୟବହୁଳ ସାବ୍ୟସ୍ତ ହୋଇଛନ୍ତି।

**ପଞ୍ଚମ ସର୍ବାଧିକ:** ଏହି ମ୍ୟାଚ୍ ପରେ ଆଇପିଏଲ୍‌ରେ ଲୋକେଶ ରାହୁଲ ୫,୫୭୯ ରନ୍ ସଂଗ୍ରହ କରିଛନ୍ତି। ଆଇପିଏଲ୍‌ରେ ସର୍ବକାଳୀନ ସର୍ବାଧିକ ରନ୍ ସଂଗ୍ରହରେ ରାହୁଲଙ୍କ ସ୍ଥାନ ୫ମ। ବିରାଟ କୋହଲି ୮୯୮୯, ରୋହିତ ଶର୍ମା ୭୧୮୩, ଶିଖର ଧାୱନ ୬୭୬୯, ଡେଭିଡ ୱାର୍ଣ୍ଣର ୬୫୬୫ ରନ୍ କରି ପ୍ରଥମ ୪ଟି ସ୍ଥାନରେ ରହିଛନ୍ତି।

# ଓଡ଼ିଶାରେ ୪ଟି ଜିମ୍ନାଷ୍ଟ ସେଣ୍ଟର

ଭୁବନେଶ୍ୱର, ୨୫।୪ (ସମିସ): ରାଜ୍ୟରେ କ୍ରୀଡ଼ାର ବିକାଶ ଲାଗି ଗତ ଦୁଇ ଦଶନ୍ଧିଧରି ସରକାର ଉଦ୍ୟମ କରିଆସୁଛନ୍ତି। ଯାହା ଫଳରେ ଏଠାରେ ଅତ୍ୟାଧୁନିକ ଆନୁଷଙ୍ଗିକ ସୁବିଧା ସୁଯୋଗ ଥିବା ପ୍ରଶିକ୍ଷଣ କେନ୍ଦ୍ରମାନ ପ୍ରତିଷ୍ଠା କରାଯାଇଛି। କଳିଙ୍ଗରେ ହାଇପରଫର୍ମାନ୍ସ ସେଣ୍ଟର ପ୍ରତିଷ୍ଠା ହେବା ପୂର୍ବରୁ କେବଳ କଟକର ଜେଏନ ଇଣ୍ଡୋର ଷ୍ଟାଡିୟମ୍‌ରେ ଜିମ୍ନାଷ୍ଟିକ୍ ଖେଳ ଓ ପ୍ରତିଯୋଗିତା ଆୟୋଜିତ ହେଉଥିଲା। ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶାରେ ଜିମ୍ନାଷ୍ଟିକ୍ସର ଉନ୍ନତି ଲାଗି ଏବେ ୪ଟି ସ୍ଥାନରେ ପ୍ରଶିକ୍ଷଣ କେନ୍ଦ୍ର କାମ କରୁଛି। ଏହା ମଧ୍ୟରୁ ଜୟପୁରରେ ୧୩୦ଜଣଙ୍କୁ ୫ଜଣ ଯୋଗ୍ୟ କୋଚ୍‌ଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯାଉଛି। ଏହାକୁ ଫିଡର ସେଣ୍ଟର ଭାବେ ବ୍ୟବହାର କରାଯାଉଛି। ଏଠାରେ କେବଳ ୫ରୁ ୧୦ ବର୍ଷ ବୟସର ପ୍ରତିଯୋଗୀ ପ୍ରଶିକ୍ଷଣ ନେଇପାରିବେ। ଅନ୍ତର୍ଜାତୀୟ ନିୟମ ଅନୁଯାୟୀ ୧୧ ବର୍ଷ ନହେଲେ ଜଣେ ପ୍ରତିଯୋଗୀ ପ୍ରତିଯୋଗିତାରେ ଭାଗ ନେଇପାରିବେ ନାହିଁ। ଏଣୁ ଜୟପୁରକୁ କେବଳ ଫିଡର ସେଣ୍ଟର ଭାବେ ବ୍ୟବହାର କରାଯାଉଛି। ରାଉରକେଲା ଓ ପୁରୀରେ ପ୍ରଶିକ୍ଷଣ କେନ୍ଦ୍ର ରହିଛି। ରାଉରକେଲାରେ ୧୦୦ଜଣ ଅନ୍ତେବାସୀଙ୍କୁ ୫ଜଣ ଓ ପୁରୀରେ ୧୫୦ଜଣଙ୍କ ଲାଗି ୬ଜଣ କୋଚ୍ ରହିଛନ୍ତି। ଏହାଛଡ଼ା କଳିଙ୍ଗ ଷ୍ଟାଡିୟମ୍‌ରେ ଶ୍ରେଷ୍ଠ ତଥା ସଫଳ ପ୍ରତିଯୋଗୀଙ୍କୁ ଉନ୍ନତ ପ୍ରଶିକ୍ଷଣ ଦିଆଯାଇଥାଏ। ଏଠାରେ ଦେଶ ଓ ବିଦେଶର ଶ୍ରେଷ୍ଠ କୋଚ୍ ଦାୟିତ୍ୱରେ ରହିଛନ୍ତି। ଜିମ୍ନାଷ୍ଟିକ୍ସ ଏକ କଷ୍ଟସାଧ୍ୟ ଖେଳ ଓ ଏହାକୁ ପ୍ରଶିକ୍ଷଣ ଦେବା ଲାଗି ଓଡ଼ିଶାରେ ୨୨ଜଣ ଯୋଗ୍ୟ କୋଚ୍ ରହିଛନ୍ତି।

## ରାଜସ୍ଥାନ ବନାମ ହାଇଦରାବାଦ୍

# ୩୬ ବଲ୍‌ରେ ସୂର୍ଯ୍ୟବଂଶୀଙ୍କ ଶତକ

ଜୟପୁର, ୨୫।୪(ଏଜେନ୍ସି): ଯୁବ ଖେଳାଳି ବୈଭବ ସୂର୍ଯ୍ୟବଂଶୀ ଏଠାରେ ଶନିବାର ଅନୁଷ୍ଠିତ ସନ୍‌ରାଇଜର୍ସ ହାଇଦରାବାଦ୍ ବିପକ୍ଷ ଆଇପିଏଲ୍‌ର ୩୬ତମ ଲିଗ୍ ମ୍ୟାଚ୍‌ରେ ମାତ୍ର ୩୬ବଲ୍‌ରୁ ଶତକ ହାସଲ କରିଛନ୍ତି। ସେ ୩୭ବଲ୍‌ରେ ୫ ଚୌକା ଓ ୧୨ ଛକା ସହାୟତାରେ ଠିକ୍ ୧୦୦ ରନ୍ କରିବା ଫଳରେ ଘରୋଇ ମାଟିରେ ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ରୟାଲ୍ସ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୨୮ ରନ୍ କରିଛି। ଅନ୍ୟମାନଙ୍କ ମଧ୍ୟରେ ନଂ-୩ ଧ୍ରୁବ ଜୁରେଲ ୩୫ବଲ୍‌ରେ ୮ ଚୌକା ଓ ୧ଛକା ସହ ୫୧ ରନ୍ କରିଥିଲେ। ଡୋନୋଭାନ ଫେରେରା ମାତ୍ର ୧୬ ବଲ୍‌ରୁ ୩ଟି ଲେଖାଏଁ ଚୌକା ଓ ଛକା ସହ ୩୩ ରନ୍ କରିବା ଫଳରେ ରାଜସ୍ଥାନ ଏକ ବିଶାଳ ସ୍କୋର କରିବାରେ ସମର୍ଥ ହୋଇଥିଲା। ଅନ୍ୟପକ୍ଷରେ ସନ୍‌ରାଇଜର୍ସ ପକ୍ଷରୁ ଏହସାନ ମାଲିଙ୍ଗା ୨ଟି, ପ୍ରଫୁଲ୍ଲ ହିଙ୍ଗେ, ଚଳିତ ସିଜନରେ ପ୍ରଥମଥର ଖେଳୁଥିବା ଅଧିନାୟକ ପ୍ୟାଟ କମିନ୍ସ, ସାକିବ ହୁସେନ ଓ ନୀତୀଶ କୁମାର ରେଡ୍ଡୀ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଏହି ମ୍ୟାଚ୍ ପୂର୍ବରୁ ହାଇଦାବାଦ୍ ୭ଟି ମ୍ୟାଚ୍‌ରୁ ୪ଟି ବିଜୟ ଓ ୩ଟି ପରାଜୟ ବରଣ କରି ୬ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ରାଜସ୍ଥାନ ସମାନ ସଂଖ୍ୟକ ମ୍ୟାଚ୍‌ରୁ ୫ମ ବିଜୟ ସହ ୧୦ ପଏଣ୍ଟ ପାଇ ପଞ୍ଜାବ ଓ ବେଙ୍ଗାଲୁରୁ ପଛକୁ ତୃତୀୟ ସ୍ଥାନରେ ରହିଛି।



### ବେଙ୍ଗାଲୁରୁ ଦ୍ୱିତୀୟକୁ ଉନ୍ନୀତ

ବେଙ୍ଗାଲୁରୁ: ବିରାଟ କୋହଲି ଓ ଦେବଦତ୍ତ ପାଡିକଲଙ୍କ ବିସ୍ଫୋରକ ବ୍ୟାଟିଂ ଆଗରେ ହାର୍ ମାନିଛି ସାଇ ସୁଦର୍ଶନଙ୍କ ପ୍ରଥମ ଶତକ। ଏଠାରେ ଆଜି ଅନୁଷ୍ଠିତ ଆଇପିଏଲ୍‌ର ୩୪ତମ ଲିଗ୍ ମ୍ୟାଚ୍‌ରେ ସୁଦର୍ଶନଙ୍କ ଶତକକୁ ପଛରେ ପକାଇ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୫ ୱିକେଟରେ ଗୁଜରାଟ ଟାଇଟାନ୍ସକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ସୁଦର୍ଶନ ୫୮ ବଲ୍‌ରେ ୧୦୦ ରନ୍ କରିବା ପରେ ପ୍ରଥମେ ବ୍ୟାଟିଂ କରି ଗୁଜରାଟ ଟାଇଟାନ୍ସ ନିର୍ଦ୍ଧାରିତ ୨୦ ଓଭରରେ ମାତ୍ର ୩ ୱିକେଟ ହରାଇ ୨୦୫ ରନ୍ କରିଥିଲା। ଜବାବରେ ବିରାଟ କୋହଲି ୪୪ ବଲ୍‌ରେ ୮୧ ଓ ଦେବଦତ୍ତ ପାଡିକଲ ୨୭ ବଲ୍‌ରେ ୫୫ ରନ୍ କରିବା ଫଳରେ ବେଙ୍ଗାଲୁରୁ ୧୮.୫ ଓଭରରେ ୫ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ୬ ରନ୍ ସଂଗ୍ରହ କରିନେଇଥିଲା। ଏହା ଫଳରେ ବେଙ୍ଗାଲୁରୁ ୭ଟି ମ୍ୟାଚ୍‌ରୁ ୫ମ ବିଜୟ ସହ ପଏଣ୍ଟ ଟେବଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଗୁଜରାଟ ଟାଇଟାନ୍ସ ୭ମ ମ୍ୟାଚ୍‌ରୁ ଚତୁର୍ଥ ପରାଜୟ ସହ ୭ମ ସ୍ଥାନ ବଜାୟ ରଖିଛି।

**ଆଇପିଏଲ୍ ପଏଣ୍ଟ ଟେବଲ୍**

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆରଆର୍ |
|---|---|---|---|---|---|---|
| ପଞ୍ଜାବ | ୭ | ୬ | ୦ | ୧ | ୧୩ | +୧.୩୩୩ |
| ବେଙ୍ଗାଲୁରୁ | ୭ | ୫ | ୨ | ୦ | ୧୦ | +୧.୧୦୧ |
| ରାଜସ୍ଥାନ* | ୭ | ୫ | ୨ | ୦ | ୧୦ | +୦.୭୯୦ |
| ହାଇଦରାବାଦ* | ୭ | ୪ | ୩ | ୦ | ୮ | +୦.୮୨୦ |
| ଚେନ୍ନଇ | ୭ | ୩ | ୪ | ୦ | ୬ | +୦.୧୧୮ |
| ଦିଲ୍ଲୀ | ୭ | ୩ | ୪ | ୦ | ୬ | -୦.୧୮୪ |
| ଗୁଜରାଟ | ୭ | ୩ | ୪ | ୦ | ୬ | -୦.୭୯୦ |
| ମୁମ୍ବଇ | ୭ | ୨ | ୫ | ୦ | ୪ | -୦.୭୩୬ |
| ଲକ୍ଷ୍ନୌ | ୭ | ୨ | ୫ | ୦ | ୪ | -୧.୨୭୭ |
| କୋଲକାତା | ୭ | ୧ | ୫ | ୧ | ୩ | -୦.୮୭୯ |

# ହସ୍ପିଟାଲରେ ଲୁଙ୍ଗି ଏନ୍‌ଗିଡି

ନୂଆଦିଲ୍ଲୀ, ୨୫।୪ (ଏଜେନ୍ସି): ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଆଇପିଏଲ୍ ଖେଳୁଥିବା ଦକ୍ଷିଣ ଆଫ୍ରିକାର ଫାଷ୍ଟ ବୋଲର ଲୁଙ୍ଗି ଏନ୍‌ଗିଡି ଆହତ ହୋଇଯାଇଛି। ପ୍ରତିପକ୍ଷ ବ୍ୟାଟର ପ୍ରିୟାଂଶ ଆର୍ଯ୍ୟଙ୍କ କ୍ୟାଚ୍ ଧରିବାକୁ ଯାଇ ଏନ୍‌ଗିଡି ମିସ୍‌ଜଜ୍ କରି ତଳେ ପଡ଼ିଯାଇଥିଲେ। ଫିରୋଜ ଶାହ କୋଟଲା ଟାଣୁଆ ପଡ଼ିଆରେ ତାଙ୍କ ମୁଣ୍ଡ ଜୋରରେ ବାଜିଥିଲା। ସଙ୍ଗେ ସଙ୍ଗେ ସେ ଯନ୍ତ୍ରଣା ଅନୁଭବ କରିଥିଲେ। ଟିମ୍ ଫିଜିଓ ଓ ଡାକ୍ତର ପଡ଼ିଆକୁ ଆସିବା ପରେ ସେ ଚେତା ହରାଇବା ଦେଖିବାକୁ ପାଇଥିଲେ। ଷ୍ଟ୍ରେଚରରେ ତାଙ୍କୁ ପଡ଼ିଆ ବାହାରକୁ ନେବାକୁ ଯୋଜନା କରୁଥିଲାବେଳେ ଏଭଳି ଘଟିଥିଲା। ପରେ ବେକକୁ କଭର କରିବା ପରେ ଆମ୍ବୁଲାନ୍ସରେ ମ୍ୟାକ୍ସ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସା କରାଯାଉଛି ଓ ସେ ସୁସ୍ଥ ଥିବା ପ୍ରାରମ୍ଭିକ ସୂଚନା ମିଳିଛି।



# ଭାରତର ବିଜୟ ଅଭିଯାନ

କୋପେନହେଗେନ, ୨୫।୪ (ଏଜେନ୍ସି): ବିଶ୍ୱ ବ୍ୟାଡ୍‌ମିଣ୍ଟନର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଥୋମାସ ଓ ଉବର କପ୍ ଶୁକ୍ରବାରଠାରୁ ଡେନମାର୍କରେ ଆରମ୍ଭ ହୋଇଛି। ଥୋମାସ କପ୍‌ରେ ଭାରତୀୟ ପୁରୁଷ ଦଳ ୪-୧ରେ କାନାଡ଼ାକୁ ହରାଇ ଅଭିଯାନ ଆରମ୍ଭ କରିଛି। ସିଙ୍ଗଲ୍ସର ପ୍ରଥମ ମ୍ୟାଚରେ ଲକ୍ଷ୍ୟ ସେନ ୨୧-୧୮, ୧୯-୨୧, ୧୦-୨୧ ଗେମ୍‌ରେ ଭିକ୍ଟର ଲାଇଙ୍କ ନିକଟରୁ ହାରିଯାଇଥିଲେ। ଫଳରେ ଭାରତ ୦-୧ରେ ପଛୁଆ ରହିଯାଇଥିଲା। ଏହାପରେ କିନ୍ତୁ ଭାରତୀୟ ପୁରୁଷ ଦଳ ପରବର୍ତ୍ତୀ ୪ଟି ଯାକ ମ୍ୟାଚ ଜିତି ୪-୧ରେ କାନାଡାକୁ ମାତ୍ ଦେଇଥିଲା। ସିଙ୍ଗଲ୍ସରେ ଆୟୁଷ ସେଟ୍ଟୀ ଓ କିଦାମ୍ବୀ ଶ୍ରୀକାନ୍ତ ଏବଂ ଦୁଇଟି ଯାକ ଡବଲ୍ସ ମ୍ୟାଚରେ ସାତ୍ତ୍ୱିକସାଇରାଜ ରାନକିରେଡ୍ଡୀ-ଚିରାଗ ସେଟ୍ଟୀ ଯୋଡ଼ି ଏବଂ ଏମଆର ଅର୍ଜୁନ-ହରିହରନ ଯୋଡ଼ି ବିଜୟୀ ହୋଇଥିଲେ।

## ଆଇରିସ୍ ଓପନ ଚ୍ୟାଲେଞ୍ଜ

# ଓଡ଼ିଶାର ସୁବ୍ରତ ଦାସ ଚାମ୍ପିଅନ

ନୂଆଦିଲ୍ଲୀ,୨୫।୪(ଏଜେନ୍ସି): ଓଡ଼ିଶାର ସୁବ୍ରତ ଦାସ ଆଇରିସ୍ ଓପନ ଚ୍ୟାଲେଞ୍ଜ ବିଲିଆର୍ଡ ଓପନର ଚାମ୍ପିଅନ ଆଖ୍ୟା



ଅର୍ଜନ କରିଛନ୍ତି। ଶନିବାର ଡବ୍‌ଲିନ୍‌ରେ ଖେଳାଯାଇଥିବା ଫାଇନାଲ ମୁକାବିଲାରେ ସୁବ୍ରତ ୨୨୦-୨୦୦ ପଏଣ୍ଟରେ ଭାରତର ଶ୍ରୀନୁ କାଟିପୋଗୁଙ୍କୁ ହରାଇ ଏହି ଟାଇଟଲ ବିଜୟୀ ହୋଇଥିଲେ। ଏହି ମୁକାବିଲାଟି ଏକ ଘଣ୍ଟା ୫୧ ମିନିଟ୍‌ରେ ଶେଷ ହୋଇଥିଲା। ଫାଇନାଲ ମୁକାବିଲାରେ ସେ ପଛୁଆ ରହିଥିଲେ ମଧ୍ୟ ଶେଷ ୯ ମିନିଟ୍‌ରେ ଚମତ୍କାର ଖେଳି ୬୦ ଓ ୪୦ ପଏଣ୍ଟ ବ୍ରେକ୍ ସହ ମ୍ୟାଚ୍‌କୁ ଫେରିଥିଲେ। ଏହା ପୂର୍ବରୁ ସୁବ୍ରତ ସେମିଫାଇନାଲରେ ଜୋ ଡୋହେନୀଙ୍କୁ ୩୨୫-୧୩୩, କ୍ୱାର୍ଟର ଫାଇନାଲରେ ପିଟର ଷ୍ଟାନୟେରଙ୍କୁ ୨୦୦-୯୧, ପ୍ରି-କ୍ୱାଟରରେ ଡୋମ୍ ହାଲିଗାନ୍‌ଙ୍କୁ ୨୦୦-୧୩୯ ଓ ରାଉଣ୍ଡ ଅଫ୍ ୩୨ରେ ଜନ୍ ମ୍ୟାକ୍‌ଆଇଣ୍ଟରଙ୍କୁ ୨୦୦-୫୪ ପଏଣ୍ଟରେ ପରାସ୍ତ କରିଥିଲେ। ଖେଳ ଶେଷରେ ଆଇବିଏସ୍‌ଏଫଫ୍ ଉପସଭାପତି ତଥା ଆୟର୍ଲାଣ୍ଡ ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏସନ ସଭାପତି ଜିମ୍ ଲିସି, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଆଙ୍ଘୋସ ମ୍ୟାକ୍‌ନଲୀ ଓ ଅନ୍ତର୍ଜାତୀୟ କୋଚ୍ ପିଜେ ନୋଲାନଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।

# ଫିଫା ବିଶ୍ୱକପ୍ ଦେଖିବାରୁ ବଞ୍ଚିତ ହେବେ ଭାରତୀୟ ଦର୍ଶକ

ନୂଆଦିଲ୍ଲୀ,୨୫।୪(ଏଜେନ୍ସି):

ଆମେରିକା, ମେକ୍ସିକୋ ଓ କାନାଡାରେ ଚଳିତମାସ ଜୁନ୍ ୧୧ରୁ ଜୁଲାଇ ୧୯ ଯାଏ ଖେଳାଯିବାକୁ ଥିବା ଫିଫା ବିଶ୍ୱକପ୍ ଫୁଟବଲର ସିଧାସଳଖ ପ୍ରସାରଣ ଭାରତୀୟ ଦର୍ଶକ ବଞ୍ଚିତ ହେବେ କି? ଏପରି ଏକ ସନ୍ଦେହ ସୃଷ୍ଟି ହେବାର କାରଣ କୌଣସି ଟିଭି ଚ୍ୟାନେଲ କିମ୍ବା ଷ୍ଟ୍ରିମିଂ କମ୍ପାନୀ ଭାରତରେ ଏହି ଟୁର୍ଣ୍ଣାମେଣ୍ଟର ସିଧାସଳଖ ପ୍ରସାରଣ କରିବାକୁ ଏଯାଏ ଚୁକ୍ତିବଦ୍ଧ ହୋଇ ନାହାନ୍ତି। ଫିଫା ଟୁର୍ଣ୍ଣାମେଣ୍ଟ ପ୍ରସାରଣ ପ୍ରତି ମଧ୍ୟ ଏହି ସଂସ୍ଥାଗୁଡିକ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏଣୁ ଭାରତୀୟ ଦର୍ଶକ ୨୦୨୬ ଫିଫା ବିଶ୍ୱକପ୍‌ର ସିଧାସଳଖ ପ୍ରସାରଣ ଏଥର ଦେଖିପାରିବେ କି ନାହିଁ ତାହାର କୌଣସି ସମାଧାନ ଏଯାଏ ହୋଇପାରି ନାହିଁ। ଏପରି ହେବାର କାରଣ କ'ଣ?

ଏକ ଗବେଷଣାରୁ ଜଣାଯାଇଛି, ଭାରତରେ ଫୁଟବଲ ଖେଳର ଦର୍ଶକ ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଇଛି। ଆମେ ଯଦି ଦେଖିବା ୨୦୧୩-୧୪ ପ୍ରିମିୟର ଲିଗ୍‌କୁ ୧୪୫ ମିଲିଅନ ଦର୍ଶକ ଦେଖିଥିଲେ। କିନ୍ତୁ ଏବେ ଏହି ସଂଖ୍ୟା ୬୦ ମିଲିଅନ୍‌କୁ ଖସି ଆସିଛି। ୨୦୧୪, ୨୦୧୮ ଫିଫା ବିଶ୍ୱକପ୍ ଓ ୨୦୧୬ ୟୁରୋ କପ୍‌ର ପ୍ରସାରଣ ଲାଗି ୨୦୧୩ରେ ସୋନି ସ୍ପୋର୍ଟ୍ସ ୯୦ ନିୟୁତ ଡଲାରରେ ଚୁକ୍ତିବଦ୍ଧ ହୋଇଥିଲା। ଏବେ ଏହାର ମୂଲ୍ୟ ଦୁଇଗୁଣା ହୋଇଥାନ୍ତା। ୨୦୨୨ରେ ରିଲାଏନ୍ସ ୬୦ ନିୟୁତ ଡଲାରରେ ବିଶ୍ୱକପ୍ ପ୍ରସାରଣ ଅଧିକାର ହାସଲ କରିଥିଲା। କିନ୍ତୁ ଏହା ପରେ ଭାରତରେ ଏହି ଟୁର୍ଣ୍ଣାମେଣ୍ଟର ସିଧାସଳଖ ପ୍ରସାରଣ କରିବାକୁ ଆଉ କେହି ଆଗ୍ରହ ପ୍ରକାଶ କଲେ ନାହିଁ। ଏହା ପରେ ୨୦୨୬ ଓ ୨୦୩୦ ବିଶ୍ୱକପ୍‌କୁ ଭାରତରେ ସିଧାପ୍ରସାରଣ ଲାଗି ଫିଫା ୧୦୦ ନିୟୁତ ଡଲାର ଦେବାକୁ ପ୍ରସ୍ତାବ ଦେଇଥିଲା। କିନ୍ତୁ ଏହା ଉପରେ କୌଣସି ଭାରତୀୟ ପ୍ରସାରଣକାରୀ ସଂସ୍ଥା ଆଗ୍ରହ ପ୍ରକାଶ କଲେ ନାହିଁ। ଯାହା ଫଳରେ ଫିଫା ଏହାର ମୂଲ୍ୟ କମାଇ ୩୫ ମିଲିଅନ ଡଲାର ରଖିଥିଲା। ଏହା ସତ୍ତ୍ୱେ କମ୍ପାନୀମାନେ ଗ୍ରହଣ କରିବାକୁ ଆଗ୍ରହ ଦେଖାଇ ନାହାନ୍ତି।




ପ୍ରସାରଣ ଉପରେ ଆଗ୍ରହ ନ ଦେଖାଇବାର ପ୍ରମୁଖ କାରଣ ହେଲା ଦର୍ଶକଙ୍କ ସଂଖ୍ୟା ହ୍ରାସ ଓ ଏହା ପରେ ରାଜସ୍ୱ ସଂଗ୍ରହ ବହୁମାତ୍ରାରେ କମିଯିବା। ଏଥିଲାଗି ଫିଫା ବିଶ୍ୱକପ୍‌ର 'ଖେଳ ସମୟ' ମୁଖ୍ୟତଃ ଦାୟୀ। ୨୦୨୬ ଫିଫା ବିଶ୍ୱକପ୍‌ରେ ୧୦୪ଟି ମ୍ୟାଚ୍ ଖେଳାଯିବ। ଏହା ମଧ୍ୟରୁ କେବଳ ୧୪ଟି ମ୍ୟାଚ୍ ଭାରତରେ ମଧ୍ୟରାତ୍ର ପୂର୍ବରୁ ଖେଳାଯିବ। ୨୦୨୨ କତାରରେ ୬୪ଟି ମଧ୍ୟରୁ ୪୪ଟି ଓ ୨୦୧୮ ରୁଷିଆରେ ୬୩ଟି ମ୍ୟାଚ୍ ଭାରତରେ ପ୍ରାଇମ୍ ଟାଇମ୍‌ରେ ଖେଳାଯାଇଥିଲା। ଏହା ସତ୍ତ୍ୱେ ଦର୍ଶକଙ୍କ ସଂଖ୍ୟା କମିଥିଲା। ଏବେ ମାତ୍ର ୧୪ଟି ମ୍ୟାଚ୍ ଭାରତୀୟ ପ୍ରାଇମ୍ ଟାଇମ୍‌ରେ ହେଉଥିବାରୁ ଏହାକୁ ପ୍ରସାରଣ କରିବାକୁ କୌଣସି ଭାରତୀୟ ପ୍ରସାରଣକାରୀ ସଂସ୍ଥା ଆଗ୍ରହ ପ୍ରକାଶ କରୁନାହାନ୍ତି।

ଜିଓଷ୍ଟାର ଓ ସ୍ପୋର୍ଟ୍ସ୧୮ ଏଚ୍‌ଡିର ବିପୁଳ ପରିମାଣରେ କ୍ଷତି ହେବା ପରେ ଏବେ କୌଣସି ସଂସ୍ଥା ଆଗ୍ରହ ପ୍ରକାଶ ନ କରିବା ସ୍ୱାଭାବିକ୍। ୨୦୨୨ରେ ପ୍ରସାରଣ ଅଧିକାର ମିଳିବା ପରେ ଜିଓଷ୍ଟାରରେ ମାଗଣା ଓ ସ୍ପୋର୍ଟ୍ସ୧୮ ରେ ୧୨ ଟଙ୍କା ନିଆଯାଇଥିଲା। ଫଳରେ ଦର୍ଶକମାନେ ମାଗଣାରେ ଖେଳ ଦେଖିବାକୁ ଆଗ୍ରହ ପ୍ରକାଶ କରି ସ୍ପୋର୍ଟ୍ସ୧୮ ଚ୍ୟାନେଲରେ ଦେଖି ନ ଥିଲେ। ମାଗଣାରେ ଖେଳ ଦେଖାଇ ଜିଓଷ୍ଟାର କୋଟି କୋଟି ଟଙ୍କା କ୍ଷତି ସହିଥିଲା। ବିଶ୍ୱରେ ଫୁଟବଲ ଖେଳ ପ୍ରତି ଆଗ୍ରହ କମିବା ମଧ୍ୟ ଅନ୍ୟ ଏକ କାରଣ। ୨୦୨୨ରେ ଫିଫା ବିଶ୍ୱକପ୍‌ରେ ମ୍ୟାଚ୍ ପ୍ରତି ମୂଲ୍ୟ ୬.୯୪ କୋଟି ଟଙ୍କା ଥିଲା। ଏଥର ୧.୫୬ କୋଟି ଟଙ୍କାକୁ ଖସି ଆସିଛି। ଏଣୁ ଭାରତରେ ଫୁଟବଲର ବଜାର କମିବା ସ୍ୱାଭାବିକ୍। ଏହା ସତ୍ତ୍ୱେ ଭାରତରେ କିପରି ୨୦୨୬ ଫିଫା ବିଶ୍ୱକପ୍ ପ୍ରସାରଣ ହୋଇ ପାରିବ ସେଥିପ୍ରତି ଫିଫା ପକ୍ଷରୁ ସ୍ୱତନ୍ତ୍ର ଯୋଜନା କରାଯାଉଛି। ବିଶେଷ କରି ପ୍ରସାର ଭାରତୀ ଉପରେ ଏବେ ଫିଫାର ନଜର ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS